
ISSN: 2583-147X (P)
ISSN: 3048-8958 (O)

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ ପତ୍ରିକା



The Official Journal of
Prachee Centre for
Cultural Relations

Prachee
Patrika

ଅକ୍ଟୋବର ୨୦୨୫
ମୂଲ୍ୟ : ୨୫ ଟଙ୍କା

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଗଛ ଲଗାନ୍ତୁ
## ଜୀବନ ବଞ୍ଚାନ୍ତୁ



**ଗଛ ଲଗାନ୍ତୁ ❋ PLANT TREE**

# Prachee Centre for Cultural Relations(PCCR)
Niladri Vihar
Naya Bazar, Cuttack-753004


Culture consists of the beliefs, behaviours, objects and other characteristics common to the members of a particular group or society. Through culture, people and groups define themselves, conform to society's shared values, and contribute to society. Prachee Centre for Cultural Relations (PCCR) was founded in 2015 by Voice for Voiceless society, for the cultural promotion and participation, fostering of different literature and language and its contribution for society. The literary personalities of different literature, journalist, editor, artist, singer, dancer, photographer, spiritual leader, sports & game personalities, poet, story writer, novelist, dramatist, essayist, columnist, writers, authors, are part of this society. This organization publishes a monthly literature magazine is "Bastabatara Pariprakash Prachee" and different social relevant books in different language.

## Prachee Centre for Cultural Relations (PCCR) aims to:

- To foster and strengthen cultural relations and mutual understanding among different region of India;
- To promote cultural exchanges among different communities and people, and to develop relations with each other's;
- To promote peace, harmony and nonviolence through cultural programme and literature;
- To promote classical music, dance, song, traditional culture and social values;
- To support the needy people to pursue their education in arts and literature;
- To promote interest in contemporary literature and genres of creative writing;
- To organize cultural functions and competition;
- To serve as a major resource Centre for the arts, literature, especially written, oral and visual source materials;
- To undertake research and publication programmes of reference works, glossaries, dictionaries and encyclopedia concerning the arts and the humanities;
- To establish a tribal and folk arts division with a core collection for conducting systematic scientific studies and for live presentations;
- To provide a forum for a creative and critical dialogue through performances, exhibitions, multi-media projections, conferences, seminars and workshops between and amongst the diverse arts, traditional and contemporary;
- To foster dialogue between arts and current ideas in philosophy, science and technology, with a view toward bridging the gap in intellectual understanding between modern sciences and arts and culture;
- To evolve models of research programmes and arts administration more pertinent to the Indian ethos;
- To elucidate the formative and dynamic factors in the complex web of interactions between diverse social strata, communities and regions;
- To promote a network with national and international institutions;
- To conduct related research in the arts, humanities and culture.



ପ୍ରେରଣାର ଉତ୍ସ
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା, ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ  ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ଆଗାମୀ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

– ସଂପାଦକ

# ଓଁ 'ପ୍ରାଚୀ'ର କଲମ ୫ଠ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଐତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତ୍ତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟାବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରୁ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୂନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦୀନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟୋପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

## ଉପଦେଷ୍ଟା ମଣ୍ଡଳୀ

**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ନଟବର ଶତପଥୀ**
ଅବସରପ୍ରାପ୍ତ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର
ଓଡ଼ିଆ ବିଭାଗ

**ପ୍ରଫେସର ନାରାୟଣ ମହାନ୍ତି**
ଅବସରପ୍ରାପ୍ତ ପ୍ରାଧ୍ୟାପକ
ଦର୍ଶନ ବିଭାଗ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ଅବସରପ୍ରାପ୍ତ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ

**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ**
କୁଳପତି
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର

## ମୁଖ୍ୟ ସଂପାଦିକା

**ପ୍ରଫେସର ମନ୍ଦାକିନୀ ଦାସ**
ଅବସରପ୍ରାପ୍ତ ପ୍ରଫେସର
ସଭାପତି, ପ୍ରାଚୀ ସେଣ୍ଟର ଫର କଲଚରାଲ ରିଲେସନ୍ସ

## ସମ୍ପାଦନା ସହଯୋଗୀ

**ପ୍ରଫେସର ବିକ୍ରମ କେଶରୀ ମିଶ୍ର**
ସମାଜ ବିଜ୍ଞାନ ବିଭାଗ
ରେଭେନ୍‌ସା ବିଶ୍ୱବିଦ୍ୟାଳୟ

**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର
ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ

**ଡକ୍ଟର ଆଲୋକ ବରାଳ**
ବରିଷ୍ଠ ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ

**ଡକ୍ଟର ଦୀପକ କୁମାର ଦାଶ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ସହାୟକ ପ୍ରଫେସର
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ସହାୟକ ପ୍ରଫେସର
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ

**ଡକ୍ଟର ସଂଜିତା ମିଶ୍ର**
ସହାୟକ ପ୍ରଫେସର
ଶୈଳବାଳା ମହିଳା ସ୍ୱୟଂଶାସିତ
ମହାବିଦ୍ୟାଳୟ, କଟକ

**ପ୍ରଫେସର ରାମକୃଷ୍ଣ ପ୍ରଧାନ**
ରାଜନୀତିବିଜ୍ଞାନ ବିଭାଗ
ଗୁରୁ ଘାସିଦାସ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡ଼

**ଡକ୍ଟର ଭିନୀତ ସାହୁ**
ଆସୋସିଏଟ୍ ପ୍ରଫେସର
ଦର୍ଶନ ବିଭାଗ, ଆଇ.ଆଇ.ଟି, କାନପୁର

## ସଂପାଦକ

ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ

## ସଂପାଦକ ମଣ୍ଡଳୀ

**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର
ରେଭେନ୍ସା ବିଶ୍ୱବିଦ୍ୟାଳୟ

**ପ୍ରଫେସର ବବ୍ରୁବାହାନ ମହାପାତ୍ର**
ଓଡ଼ିଆ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ
ବିଶ୍ୱବିଦ୍ୟାଳୟ

**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
ଶିକ୍ଷାବିତ

**ଡ଼କ୍ଟର ସୁମନ୍ତ ନାଏକ**
ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ଧରଣୀଧର ବିଶ୍ୱବିଦ୍ୟାଳୟ

**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସେମିଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର କମଳ ମାହୁନ୍ତ**
ଅଧ୍ୟାପକ
ଓଡ଼ିଆ ବିଭାଗ

**ଡକ୍ଟର ନାକୁ ହାଁସଦାଃ**
ସହାୟକ ପ୍ରଫେସର
ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ସମ୍ବଲପୁର ବିଶ୍ୱବିଦ୍ୟାଳୟ

**ଡକ୍ଟର ଲୋପାମୁଦ୍ରା ସ୍ୱାଇଁ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ସରକାରୀ ମହାବିଦ୍ୟାଳୟ, କୋରାପୁଟ

**ଡକ୍ଟର ପଲ୍ଲିଶ୍ରୀ ପଟ୍ଟନାୟକ**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ
ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ

**ଡକ୍ଟର ମମତା ଖଣ୍ଡାୟତରାୟ**
ସହାୟକ ପ୍ରଫେସର
ପାରାଦୀପ କଲେଜ, ପାରାଦୀପ

**ଡକ୍ଟର ପ୍ରତୀଚୀ ନନ୍ଦ**
ଅଧ୍ୟାପିକା
ଓଡ଼ିଆ ବିଭାଗ

# ପ୍ରାଚୀର ନିୟମାବଳୀ

1. ବାସ୍ତବତାର ପରିପ୍ରକାଶ 'ପ୍ରାଚୀ' ଏକ ମାସିକ ଗବେଷଣାଧର୍ମୀ ସମାଲୋଚନାମୂଳକ ପତ୍ରିକା । ଏଥିରେ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ଲୋକ ଜୀବନ, ଇତିହାସ, ସମାଜ, ସଂସ୍କୃତି, କଳା, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
2. 'ପ୍ରାଚୀ' ଯୁବପିଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ତେଣୁ ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସଂରଚନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ।
3. ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକଲେଖିକାମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ।
4. ପୂର୍ବରୁ ଅନ୍ୟ ପତ୍ର-ପତ୍ରିକା କିମ୍ବା ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଲେଖା 'ପ୍ରାଚୀ' ପତ୍ରିକା ପାଇଁ ଗ୍ରହଣୀୟ ନୁହେଁ।
5. 'ପ୍ରାଚୀ' ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧିକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ। ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ କମ୍ପୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ।
6. ଲେଖାଟି ଆକ୍ଷେପମୂଳକ କିମ୍ବା ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ। ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ। ଲେଖାଟି ପ୍ରକାଶ ପାଇବା ପରେ ଡାକ କିମ୍ବା ଇ-ମେଲ ଯୋଗେ ଲେଖକଲେଖିକାଙ୍କୁ ଜଣାଇ ଦିଆଯିବ।
7. ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ। ତେଣୁ ଲେଖକଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ। ଲେଖକଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ।
8. କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ। ପ୍ରାଚୀ ପାଇଁ ପଠାଉଥିବା ଲେଖାଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ ପତ୍ରିକା, ନୀଳାଦ୍ରି ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିବେ।
9. ଲେଖାଗୁଡ଼ିକ ପେଜ୍ ମେକର୍ ଫର୍ମାଟ୍ ଓ ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ।
10. ପ୍ରବନ୍ଧ ପଠାଇବାର ଚାରିମାସ ମଧ୍ୟରେ ପତ୍ରିକାରେ ପ୍ରକାଶିତ ନହେଲେ ଲେଖକ ନିଜର ପ୍ରବନ୍ଧକୁ ଅନ୍ୟତ୍ର ପ୍ରକାଶ କରିପାରିବେ। ଲେଖାଟି ଅପ୍ରକାଶିତ ଓ ଏହାର ମୌଳିକତା ସମ୍ପର୍କରେ ଗବେଷକ ଏକ ସ୍ୱୀକାରୋକ୍ତି ପତ୍ର ଲେଖା ସହିତ ସଂଲଗ୍ନ କରି ପଠାଇବେ। ପ୍ରକାଶିତ ଲେଖାର ମୌଳିକତା ନେଇ ପ୍ରଶ୍ନ ଉପୁଜିଲେ ଏଥିପାଇଁ ସଂପୃକ୍ତ ଲେଖକ ଉତ୍ତରଦାୟୀ ହେବେ । ପତ୍ରିକାକୁ ପଠାଇଥିବା ଲେଖା ପ୍ରକାଶିତ ନହେଲେ ସଂପାଦକ ବା ସମ୍ପାଦନା ମଣ୍ଡଳୀ ଦାୟୀ ରହିବେ ନାହିଁ ।

Voice for Voiceless

# SARVODAYA SOCIETY GOALS

1. Stop Contaminating Water
2. Stop Polluting Air
3. Stop Plastic Use
4. Save Earth
5. Stop Drug Abuse and Alcoholism
6. Stop Untouchability
7. Help Dibyanga
8. Help Mentally Disable Person
9. Help Senior Citizens
10. Help Sick Person
11. Help Poor Children
12. Help Poor Women
13. Planting Tree
14. Protecting Animals and Birds
15. Spreading Basic Education
16. Women Empowerment
17. Cleanliness Campaign
18. Satya and Ahmisha
19. Health and Hygienic
20. Communal Harmony
21. Vocational Education
22. Cottage Industries
23. Village Economy
24. Self Help Groups
25. Feed the Need
26. Farming and Agriculture

Voice for Voiceless

SARVODAYA SOCIETY GOALS

For Positive Constrictive Programme

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

Vol.- 11, October 2025, Issue No. VII
ISSN NO. 2583-147X (P)
ISSN NO. 3048-8958 (O)
RNI No. : ODIODI/2015/64435
P.R. No. : CK(C)/96/2025-2027

**ପ୍ରକାଶକ :**
ପ୍ରାଚୀ ସାହିତ୍ୟ ସମାଜ ପବ୍ଲିକେସନ୍
ନିଳାଦ୍ରୀ ବିହାର, ନୂଆବଜାର, କଟକ

**ପ୍ରଚ୍ଛଦ ଚିତ୍ର :**
ବିଜୟ କୁମାର ସାହୁ

**ଅକ୍ଷର ସଜ୍ଜା :**
ବିକ୍ରମ କିଶୋର ସାହୁ

**ଡିଟିପି :**
ଶିବ ପ୍ରସାଦ ଧଳ

**ଅଳଙ୍କରଣ :**
ବିଭୁପ୍ରସାଦ ନାୟକ

**ୱେବ ଡ଼ିଜାଇନର୍ :**
ଶୁଭ୍ରାଂସୁ ଶତପଥି

**ବିଜ୍ଞାପନ ଅଧିକାରୀ :**
ଅବିନାଶ ଦାଶ

**ବିତରଣ ଅଧିକାରୀ :**
ସନ୍ତୋଷ କୁମାର ପାଲ୍

**ମୁଦ୍ରଣ :**
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

# ଏଇ ସଂଖ୍ୟାରେ...


୧. ଏକବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକରେ ଓଡ଼ିଆ ପ୍ରବନ୍ଧ
ପରୀକ୍ଷିତ ଭୋଇ .................................. ୦୯

୨. ମହାଶକ୍ତିର ତିନି ଛାୟା: ଡକ୍ଟର ଇତି ସାମନ୍ତଙ୍କ 'ତେଜସ୍ୟା ନୁହେଁ ତେଜସ୍ୱତୀ'ର ଏକ ତୁଳନାତ୍ମକ ବିଶ୍ଲେଷଣ
ପଲ୍ଲୀଶ୍ରୀ ପଟ୍ଟନାୟକ .............................. ୧୬

୩. ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ଦାସକାଠିଆ ଶୈଳୀ
ଗୀତାଞ୍ଜଳି ସାହୁ .................................. ୨୩

୪. ଅସ୍ତିତ୍ୱ ସଂଘର୍ଷର ଦୁଇ ସମଧର୍ମା ଉପନ୍ୟାସ: 'ନିଜ ନିଜ ପାନିପଥ' ଓ 'ଦ କ୍ୟାସଲ୍'
ଚୂଳରାଜ ମେହେର ଓ ଆଲୋକ ବରାଳ .......... ୩୦

୫. ବୈଦିକ ସାହିତ୍ୟରେ ନାରୀ
ବଭ୍ରୁବାହନ ମହାପାତ୍ର .............................. ୩୬

୬. ଓଡ଼ିଶାରେ ସମ୍ପାଦନାର ପରମ୍ପରା ଓ ଏଷଣାରେ ପତ୍ରାବଳୀ ସମ୍ପାଦନା
ଲିଙ୍କୁ ବେହେରା .................................. ୪୨

୭. ବିଦ୍ର ମିଶ୍ରଙ୍କ 'ମଣିଷ ଭାଲୁ' ରମ୍ୟରଚନାରେ ସାମାଜିକ ମୂଲ୍ୟବୋଧ
କାମାକ୍ଷୀ ବେହେରା ................................ ୪୯

୮. ଏଭାରତୀୟ ବାଙ୍ମୟରେ ଆଦର୍ଶ ଓ ମହନୀୟତାର ସମୀକ୍ଷଣ: ଶିଳାପଦ୍ମ ଏକ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ
ମମତା ରାଣୀ ବାରିକ୍ .............................. ୫୩

୯. ଉତ୍ତର ଓଡ଼ିଶାରେ ଦଧିନାଟର ପ୍ରଭାବ
ଦମୟନ୍ତୀ ଜେନା .................................. ୬୧

୧୦. କଳାହାଣ୍ଡିଜିଲ୍ଲାର ପ୍ରସିଦ୍ଧ ଛତର ଯାତ୍ରା
ମମୀ ମାଝୀ ........................................ ୬୫

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE


Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ସମସ୍ତଙ୍କର ପେଟ ପୁରୁଛି,
## କ'ଣ ଗୋଟିଏ ପେଟ ଭୋକିଲା ରହିଯିବ ?



**ମାନସିକ ରୋଗୀଟିକୁ ଖାଦ୍ୟ ଦିଅନ୍ତୁ * FEED THE MENTALLY SICK**



# ବାଲିଯାତ୍ରା : ଐତିହ୍ୟ ପରମ୍ପରା ଓ ଆନନ୍ଦର ନିଆରା ପରିପ୍ରକାଶ

ନୌବାଣିଜ୍ୟ ମାଧ୍ୟମରେ କଳିଙ୍ଗ ବା ଓଡ଼ିଶା ରାଜ୍ୟକୁ ସମୃଦ୍ଧଶାଳୀ କରିଥିବା ସାଧବମାନଙ୍କ ମହାନ ଗାଥାର ସ୍ମାରକୀ କଟକ ବାଲିଯାତ୍ରା ଓଡ଼ିଶାବାସୀଙ୍କର ଏକ ବାର୍ଷିକ ମହୋତ୍ସବ । ବାଲିଯାତ୍ରାର ନାମକରଣକୁ ନେଇ ଭିନ୍ନ ଭିନ୍ନ ଆଖ୍ୟାନମାନ ରହିଛି । କୁହାଯାଏ ନୌବାଣିଜ୍ୟିକ ଯାତ୍ରାକାଳରେ ଦକ୍ଷିଣ ପୂର୍ବ ଏସିଆସ୍ଥିତ ଇଣ୍ଡୋନେସିଆର ଅନ୍ତିମ ଦ୍ୱୀପ ବାଲିରେ ଏହିଦିନ ସାଧବମାନେ ପାଦ ଥାପିଥିଲେ । ବାଲି ଦ୍ୱୀପରେ ସେମାନଙ୍କର ପ୍ରଥମ ପଦାର୍ପଣର ସ୍ମାରକୀ ରୂପେ ବାଲିକୁ ଯାତ୍ରା ବା ବାଲିଯାତ୍ରାର ଆୟୋଜନ କରାଯାଉଛି । ଅନ୍ୟ ଏକ ମତ ଅନୁସାରେ ବଡ଼ଠାକୁର ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ଓଡ଼ିଶା ଆଗମନ କାଳରେ ମହାନ ଭକ୍ତ ଶ୍ରୀ ଶ୍ରୀ ଚୈତନ୍ୟ ଦେବ କାର୍ତ୍ତିକ ପୂର୍ଣ୍ଣମୀ ଦିନ ମହାନଦୀର କଟକସ୍ଥିତ ଗଡ଼ଗଡ଼ିଆ ଘାଟରେ ଡଙ୍ଗାରୁ ଓହ୍ଲାଇ ନଦୀ ବାଲିପଠାରେ ଭକ୍ତି ଗଦ୍‌ଗଦ୍ ଚିତ୍ତରେ ଗଡ଼ି ଯାଇଥିଲେ। ଆଧ୍ୟାତ୍ମିକତାର ଏ ନିଆରା ପରିପ୍ରକାଶକୁ ସ୍ମୃତିରେ ସାଇତି ଏହି ଦିନଟିକୁ ବାଲିଯାତ୍ରାର ଆରମ୍ଭ ଦିନ ରୂପେ ପାଳନ କରାଯାଉଛି । ନାମକରଣର ଅନ୍ୟ ଏକ ସହଜ ଆଖ୍ୟାନ ହେଲା ମହାନଦୀର ବିସ୍ତୀର୍ଣ୍ଣ ବାଲିପଠାରେ ଏହି ମୁକ୍ତ ବାଣିଜ୍ୟ ମେଳାଟି ଆୟୋଜିତ ହେଉଥିବାରୁ ଜନମୁଖରେ ଏହା ବାଲି ଉପରେ ଯାତ୍ରା ବା ବାଲିଯାତ୍ରା ରୂପେ କଥିତ ହେଉଛି । କିନ୍ତୁ ଭାଦ୍ରବ ମାସରେ ଓଡ଼ିଆ ଝିଅ, ବୋହୂମାନେ ପାଳନ କରୁଥିବା ଖୁଦୁରୁକୁଣୀ ଓଷା ଓ କାର୍ତ୍ତିକ ପୂର୍ଣ୍ଣମୀର ବୋଇତ ବନ୍ଦାଣ ପରମ୍ପରାକୁ ଅନୁଧ୍ୟାନ କଲେ ସାଧବପୁଅଙ୍କ ନୌବାଣିଜ୍ୟର ସ୍ମାରକୀ ରୂପେ ବାଲିଯାତ୍ରାର ନାମକରଣରୁ ଯଥାର୍ଥତା ପ୍ରତିପାଦିତ ହୁଏ ।

ଓଡ଼ିଆ ସାଧବମାନଙ୍କ ନୌବାଣିଜ୍ୟର ସ୍ମୃତିଚିହ୍ନ ଇଣ୍ଡୋନେସିଆ, ଥାଇଲାଣ୍ଡ, ମାଲେସିଆ, ଭିଏତନାମ, ମିଆଁମାର, ଶ୍ରୀଲଙ୍କା ଆଦି ଅନେକ ଦେଶରେ ଦେଖିବାକୁ ମିଳେ । ଓଡ଼ିଶାବାସୀଙ୍କ ଭାଷା, ସଂସ୍କୃତି, ପ୍ରଥା, ପରମ୍ପରା, କଳା, ଭାସ୍କର୍ଯ୍ୟ ଓ ଜୀବନଶୈଳୀ ସହ ବାଲିଦ୍ୱୀପର ଅନେକ ସାମଞ୍ଜସ୍ୟ ରହିଛି । ଅର୍ଥନୈତିକ ସଂପର୍କର ଭିତ୍ତିଭୂମି ଉପରେ ଗଢ଼ି ଉଠିଥିବା ସାଂସ୍କୃତିକ ଐକ୍ୟର ଏହି ଅପୂର୍ବ ପରିପ୍ରକାଶ ଓଡ଼ିଶାବାସୀଙ୍କର ଏକ ମହାନ ଉପଲବ୍ଧି । କେତେକ ଓଡ଼ିଆ ସାଧବ ସେଠିକାର ରାଜକୀୟ ପରିବାରରେ ବିବାହ କରି ସ୍ଥାୟୀ ଭାବରେ ବାସ କରିବାର ପ୍ରମାଣ ମଧ୍ୟ ରହିଛି। ଇଣ୍ଡୋନେସିଆର 'କ୍ଲିଙ୍ଗ' ଜାତିଙ୍କର କଳିଙ୍ଗ ସହ ଆନୁବଂଶିକ ସଂପର୍କ ରହିବା ମଧ୍ୟ ଦାବି କରାଯାଏ । ସାଧବ ପୁଅଙ୍କ ନୌବାଣିଜ୍ୟିକ ପ୍ରାଧାନ୍ୟ ଯୋଗୁଁ, ଏକଦା ବଙ୍ଗୋପସାଗର 'କଳିଙ୍ଗ ସାଗର' ରୂପେ ପରିଚିତ ହୋଇଥିବାର ପ୍ରମାଣ ମଧ୍ୟ ରହିଛି । କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟରେ କଳିଙ୍ଗ ସାମୁଦ୍ରିକ ଜଳଯାତ୍ରାର ପରମ୍ପରା ଓ ବିଶ୍ୱର ବିଭିନ୍ନ ଅଂଚଳ ସହ ଥିବା ସଂପର୍କ ବିଷୟରେ ବିସ୍ତୃତ ବିବରଣୀ ମାନ ପ୍ରଦର୍ଶିତ ହୋଇଛି । ଏଠାରେ ଥିବା ଗ୍ୟାଲେରୀରୁ ନୌବାଣିଜ୍ୟରେ ବ୍ୟବହୃତ ଜଳଯାନ ଗୁଡ଼ିକର କ୍ରମିକ ବିକାଶ କିପରି ଘଟିଥିଲା ତାହା ଜଣାପଡ଼େ । ସାଧାରଣ ନୌକାରୁ ଆରମ୍ଭ କରି ବଡ଼ ବଡ଼ ପଣ୍ୟବାହୀ ବୋଇତ ପର୍ଯ୍ୟନ୍ତ ସମସ୍ତ ନିର୍ମାଣ କାର୍ଯ୍ୟ ଆମ ରାଜ୍ୟର ଶିଳ୍ପୀକୁଳ ସଂପାଦନା କରି ଆସୁଥିଲେ । ସେମାନେ ସେଥିନିମନ୍ତେ ଉପଯୁକ୍ତ କାଷ୍ଠ ଚୟନ ଠାରୁ ଆରମ୍ଭ କରି, କାଠପଟାକୁ ଗରମ କରି ଚାପ ପ୍ରଦାନ ପୂର୍ବକ ମାପ ଅନୁଯାୟୀ ନିର୍ଦ୍ଧାରିତ ଆକାର ଓ ରୂପ ପ୍ରଦାନ କରୁଥିଲେ । ବୃହତ ଓ ମଜଭୁତ ଅଝାଳ ବାଘାଳ ଖଞ୍ଜା ବୃହତ ବୋଇତଗୁଡ଼ିକ, ଟନ ଟନ ମାଲ୍ ସାଧବମାନଙ୍କୁ ନେଇ ସମୁଦ୍ରର ଉଚ୍ଚ ଲହଡ଼ିକୁ ଉପେକ୍ଷା କରି ନିର୍ବିଘ୍ନରେ ଗତି କରିପାରୁଥିଲା ।

ଏହି ଦୀର୍ଘ ଜଳଯାତ୍ରା କାଳରେ କେବେକେବେ ସାଧବ ମାନଙ୍କୁ ସାମୁଦ୍ରିକ ଝଡ଼ର ସାମ୍ନା କରିବାକୁ ପଡୁଥିଲା; ଲହଡ଼ି ମାଡ଼ରେ ବୋଇତ ବି କ୍ଷତିଗ୍ରସ୍ତ ହୋଇଯାଉଥିଲା; ଜଳପଥରେ ବାଟ ହୁଡ଼ିଯିବାର ଭୟ ମଧ୍ୟ ଥିଲା, ଜଳଦସ୍ୟୁଙ୍କ ଆକ୍ରମଣ ଯୋଗୁ ଧନଜୀବନ ହାନିର ଆଶଙ୍କା ମଧ୍ୟ ରହୁଥିଲା । କିନ୍ତୁ ସବୁ ବିପଦର ସମ୍ମୁଖୀନ ହୋଇ ମଧ୍ୟ ଏହି ବଣିକମାନେ ନିଜ ଅଭିଯାନରେ ସଂକଳ୍ପନିଷ୍ଠ ରହିପାରୁଥିଲେ। ଚତୁର୍ଦ୍ଦଶ ଶତାବ୍ଦୀର ବିଶିଷ୍ଟ ବିଦ୍ୱାନ ଓ କବି ବିଶ୍ୱନାଥ କବିରାଜ ତାଙ୍କ ପୁସ୍ତକ 'ସାହିତ୍ୟ ଦର୍ପଣ'ରେ କଳିଙ୍ଗର ସାଧବମାନଙ୍କୁ 'କଳିଙ୍ଗାଃ ସାହସୀକଃ' ରୂପେ ବର୍ଣ୍ଣନା କରିଛନ୍ତି । ସାରଳା ଦାସଙ୍କ ମହାଭାରତର ଆଦ୍ୟପର୍ବରୁ ଏହି ସାଧବମାନେ କାର୍ତ୍ତିକ ପୂର୍ଣ୍ଣମୀ ଦିନ, ପୂର୍ବଦିଗସ୍ଥିତ ପୁରାଣ ପ୍ରସିଦ୍ଧ ସୁବର୍ଣ୍ଣ ଦ୍ୱୀପକୁ ଯାତ୍ରା କରୁଥିବାର ପ୍ରମାଣ ମିଳେ । ସେ ସମୟରେ ଇଣ୍ଡୋନେସିଆ ଓ ମାଲେସିଆ ଦ୍ୱୀପ ଦ୍ୱୟ ସୁବର୍ଣ୍ଣ ଦ୍ୱୀପ ରୂପେ ପରିଚିତ ଥିଲେ । ସେ ଦ୍ୱୀପଦ୍ୱୟ ସହ ବାଣିଜ୍ୟିକ କାରବାର କରି ଅନେକ ମୂଲ୍ୟବାନ ଦ୍ରବ୍ୟ ଓ ଆକର୍ଷଣୀୟ ବସ୍ତୁମାନ ସାଧବମାନେ ନିଜ ରାଜ୍ୟକୁ ଆଣିପାରୁଥିଲେ ।

ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ-୧୧ । ସଂଖ୍ୟା-ଛ । ଅକ୍ଟୋବର-୨୦୨୫ । ISSN-2583-147X(P), ISSN-3048-8958(O)

ସେ ସମୟରେ ଦୀର୍ଘ ଜଳଯାତ୍ରା ନିମନ୍ତେ ଉନ୍ନତ ଜ୍ଞାନ କୌଶଳ ବା ବିକଶିତ ଯନ୍ତ୍ରପାତି ନଥିଲା । ପାରମ୍ପରିକ କୌଳିକ ପେଷାରେ ନିୟୋଜିତ ଶିଳ୍ପୀକୁଳ ସମୁଦ୍ରରେ ଭାସମାନ ରହିପାରିଲା ପରି ବୃହତ ବୋଇତମାନ ନିର୍ମାଣ କରି ଦେଉଥିଲେ । ସେହି ବୋଇତରେ ଯତ୍ ସାମାନ୍ୟ ହାତ ତିଆରି ସରଞ୍ଜାମ / ଯନ୍ତ୍ରପାତି ଧରି, ଗଭୀର ସମୁଦ୍ରରେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରପୁଞ୍ଜ ବିଶେଷତଃ ଧ୍ରୁବତାରା ଆଉ ପାହାନ୍ତି ତାରା ଦେଖି, ସାଧବମାନେ ନିଜର ଗତିପଥ ନିର୍ଦ୍ଧାରଣ କରୁଥିଲେ । ସେମାନେ ମଧ୍ୟ ସମୟ ଜାଣିପାରୁଥିଲେ, ଲକ୍ଷ୍ୟସ୍ଥଳ ଦୂରତାର ସଠିକ୍ ଆକଳନ କରିପାରୁଥିଲେ । ଅନୁଭବ, ଅନୁଭୂତି ଆଉ ପର୍ଯ୍ୟବେକ୍ଷଣ କରିପାରିବାର ଜ୍ଞାନ ହିଁ ସେମାନଙ୍କୁ ସଫଳ ସାମୁଦ୍ରିକ ବଣିକ ରୂପେ ଗଢ଼ି ତୋଳିଥିଲା । ଏ ରାଜ୍ୟକୁ ସମୃଦ୍ଧିଶାଳୀ କରିପାରିଥିବା ସାଧବମାନଙ୍କ କୃତି ଓ କୀର୍ତ୍ତିର କାହାଣୀ ଏବେ ମଧ୍ୟ ଓଡ଼ିଆ ଜାତିକୁ ଗର୍ବିତ କରିପାରୁଛି ।

ପ୍ରତିବର୍ଷ ଏହି ସ୍ମୃତିକୁ ଉଜାଗର କରି ରଖିପାରିଛି କାର୍ତ୍ତିକ ପୂର୍ଣ୍ଣମୀରେ ବାଲିଯାତ୍ରାର ଶୁଭାରମ୍ଭ ଓ ବୋଇତ ବନ୍ଦାଣ ମହୋତ୍ସବ ପ୍ରାୟତଃ ନଭେମ୍ବର ମାସରେ ପଡୁଥିବା କାର୍ତ୍ତିକ ପୂର୍ଣ୍ଣମୀ ଦିନ ବାଲିଯାତ୍ରାର ଆରମ୍ଭ ପଛରେ ଧାର୍ମିକ ଓ ଭୌଗୋଳିକ କାରଣ ନିହିତ ରହିଛି । ସମସ୍ତ ହିନ୍ଦୁ ମାନଙ୍କ ନିମନ୍ତେ କାର୍ତ୍ତିକ ମାସ ଏକ ଧାର୍ମିକ ମାସ ରୂପେ ପରିଗଣିତ । ଏହାଛଡ଼ା ଏହି ସମୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହୋଇଯିବା ସହିତ, ଉତ୍ତର-ପୂର୍ବ ମୌସୁମୀ ପ୍ରବାହ ଆରମ୍ଭ ହୋଇଯାଇଥାଏ । ସେ ସମୟରେ ପାଣିପାଗ ଉତ୍ତମ ରହିବା ସହିତ ଅନୁକୂଳ ବାୟୁର ଗତି ପାଲଟଣା ବୋଇତକୁ ବାହୀ ନେବାରେ ସହାୟତା କରିଥାଏ । ତେଣୁ ନୌବାଣିଜ୍ୟର ଶୁଭାରମ୍ଭ ନିମନ୍ତେ କାର୍ତ୍ତିକ ପୂର୍ଣ୍ଣମୀକୁ ସର୍ବୋତ୍କୃଷ୍ଟ ଦିନ ରୂପେ ଓଡ଼ିଆ ସାଧବମାନେ ବିଚାର କରୁଥାଇ ପାରନ୍ତି ବୋଲି ବିଶ୍ୱାସ କରାଯାଏ ।

ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକ ଯୁଗରେ ଓଡ଼ିଆ ସାଧବ ବଣିକମାନେ ଆମଦାନୀ ଓ ରପ୍ତାନୀ କରୁଥିବା ଦ୍ରବ୍ୟମାନଙ୍କର ଏକ ତାଲିକା କଟକ ନୌବାଣିଜ୍ୟ ସଂଗ୍ରହାଳୟରେ ପ୍ରଦର୍ଶିତ ହେଉଛି । ଖ୍ରୀ.ପୂ. ୭ମ ଶତାବ୍ଦୀଠାରୁ ୯ମ ଖ୍ରୀଷ୍ଟାବ୍ଦରେ ପ୍ରାଚୀନ କାଳଖଣ୍ଡରେ ସାଧବମାନେ ରପ୍ତାନୀ କରୁଥିବା ଜୀବନ୍ତ ପ୍ରାଣୀ ଓ ବସ୍ତୁମାନଙ୍କ ମଧ୍ୟରେ ରହିଛି ହାତୀ ପରି ବିଶାଳ ଜନ୍ତୁ, ମୟୂର, କୁକୁଡ଼ା, କୋଇଲି ପରି ପକ୍ଷୀ, ସୂକ୍ଷ୍ମ କାର୍ପାସ ବସ୍ତ୍ର, ହୀରା, ମୂଲ୍ୟବାନ ପଥର, ଗୋଲମରିଚ, ଗୁଆ, ଅତର, ତୈଳବୀଜ, ଆଖୁ, ହାତୀଦାନ୍ତ, କର୍ପୂର, ଚନ୍ଦନ କାଠ, କସ୍ତୁରୀ, ମସଲା ଆଦି ଦ୍ରବ୍ୟ । ସେହିପରି ଓଡ଼ିଶାର ସାଧବମାନେ ଶଙ୍ଖ, ସୁନା, ରୂପା, ତମ୍ବା, କାଚ ନିର୍ମିତ ପଦାର୍ଥ, ସିଲ୍କ, ଡାଲଚିନି, ଅଳେଇଚ ପରି ଅନେକ ପଦାର୍ଥ ଆମଦାନୀ କରୁଥିଲେ । କଥାରେ ଅଛି 'ବାଣିଜ୍ୟ ବସତେ ଲକ୍ଷ୍ମୀ' । ଏହି ନୌବାଣିଜ୍ୟର କାରବାର ଦ୍ୱାରା ବଣିକ ଜାତିର ଆର୍ଥିକ ଉନ୍ନତି ସହିତ କଳିଙ୍ଗ ଭୂଖଣ୍ଡର ବିକାଶ ମାର୍ଗ ପ୍ରଶସ୍ତ ହୋଇପାରିଥିଲା ।

ଏବେ ଭୁବନେଶ୍ୱର, ପାରାଦ୍ୱୀପ ପରି କେତେକ ସ୍ଥାନରେ ବାଲିଯାତ୍ରାର ଆୟୋଜନ କରାଯାଉଥିଲେ ମଧ୍ୟ, ବାଲିଯାତ୍ରା କହିଲେ ଆଖିରେ ଭାସିଉଠେ କଟକ ମହାନଦୀ କୂଳର ଉପର ଓ ତଳ ପଠାରେ ଆୟୋଜିତ ସାତଦିନ ବ୍ୟାପି ଏକ ବିଶାଳ, ଭବ୍ୟ ଓ ମୁକ୍ତ ବାଣିଜ୍ୟିକ ମେଳା । ଏହାକୁ ଏସିଆର ସର୍ବବୃହତ ମେଳା ରୂପେ ବିଚାର କରାଯାଉଛି । ଏକ ଛୋଟିଆ ପରମ୍ପରାଗତ ଉତ୍ସବରୁ ଆରମ୍ଭ ହୋଇ ଏହା ଏବେ ବିରାଟ ଏକ ସାଂସ୍କୃତିକ ମହୋତ୍ସବରେ ପରିଣତ ହୋଇଯାଇଛି । ଭାରତର ବିଭିନ୍ନ ପ୍ରାନ୍ତରରୁ ଆସି ଏଠାରେ ପସରା ମେଲାନ୍ତି ବିଭିନ୍ନ ସାମଗ୍ରୀର ବ୍ୟବସାୟୀ ଗଣ । ବାଲିଯାତ୍ରାର ଖାଦ୍ୟପଦାର୍ଥ, ପାରମ୍ପରିକ ହସ୍ତକଳା, ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ତବିନୋଦନର ବିଭିନ୍ନ ସାଧନ କେବଳ ଓଡ଼ିଶାବାସୀଙ୍କୁ ନୁହେଁ, ଦେଶ ବିଦେଶର ଅନେକ ପର୍ଯ୍ୟଟକଙ୍କୁ ଆକର୍ଷିତ କରେ । ୨୦୨୨ ମସିହାରେ କଟକ ସହରର ୨୨ଟି ବିଦ୍ୟାଳୟର ଏକୋଇଶ ଶହ ଛାତ୍ରଛାତ୍ରୀ ମାତ୍ର ୩୫ ମିନିଟ୍‌ରେ ବାଇଶ ହଜାର କାଗଜଡଙ୍ଗା ପ୍ରସ୍ତୁତ କରି ଗିନିଜ୍ ବୁକ୍ ଅଫ୍ ଓ୍ୱାର୍ଲ୍ଡ ରେକର୍ଡ଼ରେ କଟକ ବାଲିଯାତ୍ରାର ନାମ ଦରଜ କରିପାରିଥିଲେ । ସେହିବର୍ଷ ବାଲିଯାତ୍ରା ସମୟରେ ଇଣ୍ଡୋନେସିଆର ବାଲିରେ ଆୟୋଜିତ ଜି-୨୦ ସମ୍ମିଳନୀରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣ ସମଗ୍ର ଓଡ଼ିଶାବାସୀଙ୍କ ନିମନ୍ତେ ଏକ ମହାନ୍ ଉପଲବ୍ଧିର ଅବକାଶ ସୃଷ୍ଟି କରିପାରିଥିଲା । ପ୍ରବାସୀ ଭାରତୀୟମାନଙ୍କ ଏକ ସଭାକୁ ଉଦ୍‌ବୋଧିତ କଲାବେଳେ ଉତ୍କଳର ନୌବାଣିଜ୍ୟ ସହ ଉତ୍କଳ ଓ ବାଲିର ସାଂସ୍କୃତିକ ସମ୍ବନ୍ଧକୁ ସେ ଦର୍ଶାଇବାକୁ ଯାଇ ସେ କଟକ ବାଲିଯାତ୍ରାର ନାମ ଉଲ୍ଲେଖ କରିଥିଲେ ।

ପ୍ରାଚୀନ ନୌବାଣିଜ୍ୟର ଗୌରବୋଜ୍ଜ୍ୱଳ ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପ୍ରଚ୍ଛଦପଟରେ ଆନନ୍ଦ, ଉଲ୍ଲାସ ଓ ମନୋରଂଜନର ଫେଣ୍ଟାଫେଣ୍ଟି ଏକ ରଙ୍ଗୀନଚିତ୍ର ହିଁ କଟକର ବାଲିଯାତ୍ରା ।

**ଡକ୍ଟର ମନ୍ଦାକିନୀ ଦାସ**

ଭୁବନେଶ୍ୱର



# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ମୋର ପାଠ ପଢ଼ିବାରେ ଦାୟିତ୍ୱ ନିଅନ୍ତୁ,
## ମୁଁ ଦେଶ ଗଢ଼ିବାରେ ସାହାଯ୍ୟ କରିବି



**ଗରିବ ପିଲାଟିକୁ ପାଠ ପଢ଼ାନ୍ତୁ * TEACH A POOR CHILD**

DOI : https://doi.org/10.5281/zenodo.17552318 ମୂଳ ପ୍ରବନ୍ଧ

# ଏକବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକରେ ଓଡ଼ିଆ ପ୍ରବନ୍ଧ

**ପରୀକ୍ଷିତ ଭୋଇ**

**ସଂକ୍ଷିପ୍ତସାର :**

ଏକବିଂଶ ଶତକର ଦୁଇ ଦଶକରେ ଯୁଗ ଚେତନା ସହିତ ବକ୍ତବ୍ୟଶୈଳୀ ଓ ବିଷୟ ଚୟନ ପରିବର୍ତ୍ତନ ପ୍ରବନ୍ଧ ସାହିତ୍ୟ ପାଇଁ ଶୁଭଙ୍କର ସମ୍ବାଦ । ଏହି ଦୁଇ ଦଶକରେ ପ୍ରବନ୍ଧ ଉପସ୍ଥାପନାରେ କ୍ଲିଷ୍ଟତା ନାହିଁ କିନ୍ତୁ ଲେଖକଙ୍କର ସ୍ୱଭାବ ରହିଛି । ତେଣୁ ଏହି ଶତକରେ ପାଠକ ଓ ପ୍ରାବନ୍ଧିକ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ସୃଷ୍ଟି ହୋଇଛି । ମଣିଷର ଚିନ୍ତାଧାରା, ଜଗତୀକରଣ, ଅତ୍ୟାଧୁନିକତାର ଶିଳ୍ପାୟନ, ବୈଜ୍ଞାନିକ ଚିନ୍ତନ, ବ୍ୟକ୍ତିତ୍ୱର ବିଚ୍ଛେଦ ଭାବବୋଧ ଇତ୍ୟାଦି ଏ ଯୁଗର ପ୍ରବନ୍ଧକୁ କରିଛି ସରଳ ସତ୍ୟ ପ୍ରିୟତା ଓ ମୁକ୍ତ ବିଚାର । ଗଣତନ୍ତ୍ର, ମାନବିକ ଅଧିକାର, ସମାଜକରଣ, ନୂତନ ମୂଲ୍ୟବୋଧ, ଜାତିପ୍ରଥା ଓ ବଞ୍ଚିବାର ଶୈଳୀ ଏକବିଂଶ ଶତାବ୍ଦୀର ଏହି ଦୁଇ ଦଶକର ସାହିତ୍ୟକୁ ଏକ ନୂତନ ରୂପ ପ୍ରଦାନ କରିଛି । ସାଧାରଣତଃ ଲେଖକଙ୍କ ପ୍ରବନ୍ଧଗୁଡ଼ିକ ବଳରେ ଭାଷା ସରଳ, ଜ୍ଞାନଦୀପ୍ତ, ବ୍ୟକ୍ତିତ୍ୱର ବିଜ୍ଞତା ଏବଂ ପାଠକର ଚିନ୍ତାଧାରାର ସ୍ୱଚ୍ଛତା ସୁସ୍ପଷ୍ଟ ପରିସ୍ଫୁଟ ହୋଇଛି ।

**ପ୍ରମୁଖ ଶବ୍ଦାବଳୀ :**

ବିଜ୍ଞାନ, ସମାଜ, ରାଜନୀତି, କ୍ଷୋଭପ୍ରକାଶ, ମୌଳବାଦ, ବଞ୍ଚିବା,ବିମୁଦ୍ରାୟନ, ସାମ୍ୟବାଦ, ଗବାକ୍ଷ, ପ୍ରଯୁକ୍ତି ।

## ଉପକ୍ରମ :

ଦୀର୍ଘକାଳ ପରେ ପ୍ରବନ୍ଧ ଜଟିଳତା ଭିତରୁ ମୁକୁଳି ସରସ ସୁନ୍ଦର ଏବଂ ମାର୍ମିକ ଆଡ଼କୁ ଗତି କରିଛି। ଏକବିଂଶ ଶତକ ପ୍ରଥମ ଦୁଇ ଦଶକର ପ୍ରବନ୍ଧଗୁଡ଼ିକରେ କେବଳ ରହିଛି ମଣିଷର ଚିନ୍ତା ଓ ଚେତନା । ଏହି ଚିନ୍ତା ଚେତନା ବ୍ୟକ୍ତିର ବ୍ୟକ୍ତିତ୍ୱ ଠାରୁ ବିଚ୍ଛେଦ ହୋଇ ପୁଣି କେନ୍ଦ୍ରକୁ ଫେରି ପାରୁନାହିଁ। ତେଣୁ ପାଠକର ଦିଗବଳୟ ଏକବିଂଶ ଶତାବ୍ଦୀରେ ଅନେକ ପ୍ରସାରିତ । ଓଡ଼ିଶା ଓ ଭାରତର ଭୌଗଳିକ ସୀମାର ସରହଦକୁ ପାରିହୋଇ ପାଖରେ ଥିବା ବୃହତ୍ ବିଶ୍ୱରେ ପରିଚୟ ଦେବାର ଗୌରବ ମୂଳତବି ଦାବି କରେ। ଗୋଟିଏ ଅର୍ଥରେ ଆମେ କହିପାରିବା ଚଳିତ ଶତାବ୍ଦୀରେ ପ୍ରବନ୍ଧ ବିଶ୍ୱଚେତନା ଦ୍ୱାରା ପ୍ରଭାବିତ ଅର୍ଥାତ୍ ଆଜିର ପ୍ରବନ୍ଧ ବାସ୍ତବିକ ଜୀବନର ରହସ୍ୟ କଥା ଉନ୍ମୋଚନ କରେ। ଏଣୁ ମନସ୍ତତ୍ତ୍ୱ ଠାରୁ ଆରମ୍ଭ କରି ଦର୍ଶନ ଓ ବିଜ୍ଞାନ ପର୍ଯ୍ୟନ୍ତ ସବୁ ବିଷୟରେ ପ୍ରବନ୍ଧ ଲେଖାଯାଇଛି । ସାମ୍ୟବାଦୀ ଶାସନର ପତନ, ସମାନତା, ମୁକ୍ତ ଅର୍ଥନୀତି, ବଜାରର ଶକ୍ତି ନିୟନ୍ତ୍ରଣ, ବିମୁଦ୍ରାୟନ ଓ ସାଧାରଣ ମଣିଷ ଭାଗ୍ୟ ପରୀକ୍ଷା କରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରବନ୍ଧର ପ୍ରତିକୂଳତା ସୃଷ୍ଟି କରିପାରିଛି ।

ପ୍ରାବନ୍ଧିକ ସହଦେବ ସାହୁ ଦେଶ ଅଗ୍ରଗତି, ମାନବିକ ମୂଲ୍ୟବୋଧ ଓ ବିଜ୍ଞାନର ବ୍ୟବହାରକୁ ନେଇ ସୁନ୍ଦର ସରସ ଭାବରେ ପ୍ରବନ୍ଧ ରଚନା କରନ୍ତି। ତାଙ୍କର 'ବିଜ୍ଞାନ ଓ ସମାଜ' ପ୍ରବନ୍ଧ ପୁସ୍ତକରେ ସ୍ଥାନିତ ପ୍ରତ୍ୟେକ ପ୍ରବନ୍ଧର ସତ୍ୟତା ହେଉଛି ଏକବିଂଶ ଶତକର ଚିନ୍ତାଧାରା। ବିଜ୍ଞାନର ସତ୍ୟକୁ ସାହିତ୍ୟିକ ଭାବାଦେଶ ଏବଂ ସାହିତ୍ୟିକ ସୌନ୍ଦର୍ଯ୍ୟବୋଧରେ ରସାଣିତ କରିବାରେ ସେ ଜଣେ ବିଶିଷ୍ଟ ପ୍ରାବନ୍ଧିକ

**ଯୋଗାଯୋଗ : ଡକ୍ଟର ପରୀକ୍ଷିତ ଭୋଇ,**
ସହକାରୀ ପ୍ରଫେସର , ଓଡ଼ିଆ ଓ ଭାଷା ସାହିତ୍ୟ ବିଭାଗ,
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**E-mail.ID :** parikhitabhoi@gmail.com
**ORCID ID :** https://orcid.org/0009-0004-6261-6019

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୭.୨୦୨୫ | ୧୧.୦୮.୨୦୨୫ | ୨୫.୦୯.୨୦୨୫ | ୧.୧୦.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଭୋଇ, ପରିଖିତ; ୨୦୨୫। ଏକବିଂଶ ଶତାବ୍ଦୀର ପ୍ରଥମ ଦୁଇ ଦଶକରେ ଓଡ଼ିଆ ପ୍ରବନ୍ଧ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଛ ; ପୃଷ୍ଠା :୯-୧୫।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.17552318
Article No - BPP00342

। ବିଜ୍ଞାନର ଉପଯୋଗିତା ଓ ଏହାର ବ୍ୟବହାରିକ ଦିଗ ପ୍ରତି ପ୍ରାବନ୍ଧିକ ସଚେତନଶୀଳ । ବିଶ୍ୱଜଗତର ରହସ୍ୟମୟତା ନିଜ ନିଜ ଭାବନାର ଉନ୍ମେଷ, ବିଜ୍ଞାନର ଅପୂର୍ବ ଉନ୍ନତି ଓ ଏସବୁର ମାନବ ସମାଜ ପ୍ରତି ଉପକାରିତା ଓ ଅପକାରିତା ବିଷୟରେ ପ୍ରାବନ୍ଧିକଙ୍କ ପ୍ରବନ୍ଧ ଗୁଡ଼ିକର ଯୁକ୍ତିମାନ ରହିଛି । ଶିକ୍ଷା ବ୍ୟବସ୍ଥାରେ ସାଂପ୍ରତିକ ଦୁର୍ନୀତି; ପ୍ରଶାସନିକ ଓ ରାଜନୈତିକ ହସ୍ତକ୍ଷେପ ସର୍ବୋପରି ଶିକ୍ଷାବ୍ୟବସ୍ଥା ଓ ଆନ୍ତର୍ଜାତିକ ଜୀବନରେ ବ୍ୟାପକ ବିଶୃଙ୍ଖଳାକୁ ତାଙ୍କ ପ୍ରବନ୍ଧ ଗୁଡ଼ିକରେ ଗଭୀର କ୍ଷୋଭପ୍ରକାଶ କରିଛନ୍ତି ।

'ସାହିତ୍ୟ ଓ ସମାଜବାଦ', 'ସାହିତ୍ୟ ସମାଜ ଓ ଅର୍ଥନୀତି', 'ସମାଜ ଓ ଜୀବନ', 'ନାନା ରୂପେ ନାରୀ', 'ସମାଜ ଓ ସଂପ୍ରତି' ଭଳି ପ୍ରବନ୍ଧ ଗ୍ରନ୍ଥର ସ୍ରଷ୍ଟା ହେଉଛନ୍ତି ବାସୁଦେବ ସାହୁ (ଅର୍ଥନୀତି) । ବର୍ତ୍ତମାନ ସମୟରେ ସେ ଜଣେ ଆଗ ଧାଡ଼ିର ପ୍ରାବନ୍ଧିକ, ତାଙ୍କର ପ୍ରବନ୍ଧ ଗୁଡ଼ିକ ସାଂପ୍ରତିକ ଜୀବନ ଜିଜ୍ଞାସାକୁ ଉଦ୍‌ଘାଟନ କରିଛି । ଜନସାଧାରଣଙ୍କ ଜୀବନର ଅବବୋଧର ଧାରଣାକୁ ତୀବ୍ରତର କରିବାରେ ପଛାଇ ନାହାନ୍ତି । ଶାରୀରିକ ଶ୍ରମଠାରୁ ମାନସିକ ଶ୍ରମକୁ ଅଧିକ ପ୍ରାଧାନ୍ୟ ଦେବା ଅଧୁନାତନ ସଂସ୍କୃତିର ଏକ ବୈଶିଷ୍ଟ୍ୟ । ଲେଖକ ମାନବିକତା ଓ ବ୍ୟକ୍ତିସତ୍ତାର କଥା କହିବା ବେଳକୁ ସମାଜର କଥାକୁ ବଖାଣିଛନ୍ତି । ସେଥିପାଇଁ ସମାଜ, ସାହିତ୍ୟ ଓ ଅର୍ଥନୀତିକୁ ନେଇ ତାଙ୍କର ପ୍ରବନ୍ଧଗୁଡ଼ିକ ସମନ୍ୱୟ ରକ୍ଷା କରିଛି । ଅନ୍ୟ ପଟରେ କଳା ଓ ବିଜ୍ଞାନ ମଧ୍ୟରେ ଥିବା ସୂକ୍ଷ୍ମ ପ୍ରଭେଦ ସୂଚାଇଦେବା ପ୍ରାସଙ୍ଗିକ ହେବ ବୋଲି ପ୍ରାବନ୍ଧିକଙ୍କ ଧାରଣା । କାରଣ ବିଜ୍ଞାନ ଜୀବନର ଲକ୍ଷ୍ୟ ପ୍ରଣୟନ ଓ ବ୍ୟାଖ୍ୟା କରିପାରେ । ଏପରି କି ବର୍ତ୍ତମାନର ବିମୁଦ୍ରୀକରଣ ବିଷୟରେ ଗଭୀର ଚିନ୍ତାଶୀଳ ପ୍ରବନ୍ଧ ରଚନା କରିଛନ୍ତି । "ବିମୁଦ୍ରାୟନ କଳାଧନ ବନ୍ଦ କରିବାରେ ବିଶେଷ ବାଧା ସୃଷ୍ଟି କରିବ ନାହିଁ । ଏହାର ପ୍ରଭାବ ସାମୟିକ କାରଣ କଳା ଧନର ସ୍ୱତନ୍ତ୍ର ଅଂଶ ଏ ବାଟ ଆକାରରେ ଥାଏ । ମୁଖ୍ୟାଂଶ ଜମିବାଡ଼ି, ସୁନା ରୂପାରେ ଥାଏ । ଏହା ଦ୍ୱାରା ରାଜନୈତିକ ଫାଇଦା ଉଠାଇବାର ଚେଷ୍ଟା କରାଯାଇଛି । ସାଧାରଣ ଖଟିଖିଆ କ୍ଷୁଦ୍ର ବ୍ୟବସାୟୀ ଓ ମଧ୍ୟବିତ୍ତ ବିଶେଷତଃ ଗ୍ରାମାଞ୍ଚଳ ଲୋକେ ହଇରାଣ ହେଉଛନ୍ତି ।" (ବାସୁଦେବ ସାହୁ, ସମାଜ, ୮-୧୯-୨୦୧୬)

'ଏକ ବିଚାର ବିହୀନ ଶତାବ୍ଦୀ', 'ହିନ୍ଦୁଧର୍ମ ଓ ଭାରତୀୟ ରାଷ୍ଟ୍ର', 'ସାମାଜିକ ବୈଷମ୍ୟ', 'ଦଳିତ ରାଜନୀତି ଓ ଶୁଦ୍ର ସଂସ୍କୃତି', 'ବର୍ଣ୍ଣାଶ୍ରମରୁ ନବ ବ୍ରାହ୍ମଣବାଦ', 'ନାରୀର ଦାସତ୍ୱ ଓ ମୁକ୍ତି', 'ଭାରତୀୟ ରାଷ୍ଟ୍ରର ଦୁର୍ଗତି', 'ଜଳର ଭବିଷ୍ୟତ' ଇତ୍ୟାଦି ପ୍ରବନ୍ଧ ରଚନା ଦ୍ୱାରା ପ୍ରବନ୍ଧ ସାହିତ୍ୟକୁ ନୂତନ ଏକ ପନ୍ଥା ଦେଖାଇବାରେ ସକ୍ଷମ ହୋଇଛି । ଏହା ହିଁ ହେଉଛି ତାଙ୍କର ନମ୍ର ଓ ନିରହଂକାରୀ ବ୍ୟକ୍ତିତ୍ୱର ନିବିଡ଼ ପରିଚୟ । ସେଥିପାଇଁ ତାଙ୍କର ହିନ୍ଦୀ ରଚନା ପାଇଁ ୧୯୯୯ରେ ବିହାର ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଏକଲକ୍ଷ ଟଙ୍କାର ପୁରସ୍କାରକୁ ସେ ପ୍ରତ୍ୟାଖ୍ୟାନ କରି ଦେଇଥିଲେ । ବିଶେଷତଃ ସରକାରଙ୍କ ନୀତି ଉପରେ ଆଧାରିତ ପ୍ରବନ୍ଧ ବହୁ ଉଚ୍ଚକୋଟିର ଭାବକୁ ପରିପ୍ରକାଶ କରିପାରିଛି ।

ଅଧ୍ୟାପକ ବିଶ୍ୱରଞ୍ଜନ 'ସମ୍ବାଦ', 'ସମୟ' ଖବର କାଗଜରେ ସ୍ତମ୍ଭକାର ଭାବରେ ସୁପ୍ରତିଷ୍ଠିତ । ତାଙ୍କର ଦୈନିକ ଖବର କାଗଜରେ ବାହାରିଥିବା ପ୍ରବନ୍ଧ ସବୁକୁ ଏକତ୍ରୀତ କରି ପ୍ରବନ୍ଧ ଗ୍ରନ୍ଥ ଆକାରରେ ପ୍ରକାଶ ପାଇଥିବା 'ପଦ୍ମାବତୀର ପ୍ରଶ୍ନ' ଓ 'ସମୟର ସ୍ୱର' ଗ୍ରନ୍ଥରେ ସ୍ଥାନିତ ପ୍ରବନ୍ଧ ଗୁଡ଼ିକ ବେଶ୍ ଉଚ୍ଚ ପ୍ରଶଂସିତ । 'ପରମାଣରୁ ପିଆଜ', 'ଧନ୍ୟ ପ୍ରଜାତନ୍ତ୍ର', 'ଧନ୍ୟ ଏ ରାଜ୍ୟ', 'ବନ୍ଦେ ମାତରମ', 'ଲଳିତାଙ୍କ ପଣତକାନିରେ ଲୋକତନ୍ତ୍ର', 'ବାବୁମାନେ ଏଥର ପଦାକୁ ଆସ ପରଦା ଖୋଲ' ଇତ୍ୟାଦି ପ୍ରବନ୍ଧ ସଂପୂର୍ଣ୍ଣ ଜ୍ଞାନଦୀପ୍ତ ଓ ଯୁକ୍ତିସିଦ୍ଧ ହେଲେ ମଧ୍ୟ ଯେହେତୁ ଦୈନିକ ଖବର କାଗଜରେ ପ୍ରକାଶ ପାଉଥିଲା, ତେଣୁ ମନନଶୀଳତାର ଧର୍ମ ବହନ କରିଛି । ଏହାକୁ ବର୍ତ୍ତମାନ ପ୍ରବନ୍ଧର ଗୋଟିଏ ମୌଳିକ ଦିଗ କୁହାଯାଇପାରେ । ଏଭଳି ପ୍ରବନ୍ଧର ଗଠନ ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ପ୍ରବନ୍ଧଗୁଡ଼ିକରେ ଅନେକାଂଶରେ ଦେଖିବାକୁ ମିଳେ । 'ଦୀର୍ଘ ଦିନର ଅପେକ୍ଷା', 'ଦୀର୍ଘ ଶ୍ୱାସରେ ଉପେକ୍ଷା', 'ଦୃଶ୍ୟ ବିପରୀତ', 'ଆମ ଗଣତନ୍ତ୍ରର ଚାଲି ଓ ଚଳଣି', 'ଲୋକେ ଆଉ ଅନ୍ଧାରରେ ନାହାନ୍ତି', 'ଶାସନର ସମବାହୁ ତ୍ରିଭୁଜ', 'ଆମ ଶିକ୍ଷା ଓ ସଂସ୍କୃତି ବ୍ୟଥା' ଇତ୍ୟାଦି ପ୍ରବନ୍ଧ ପ୍ରାବନ୍ଧିକଙ୍କୁ ମୌଳିକ ପ୍ରାବନ୍ଧିକ ତଥା ଜଣେ ସଚ୍ଚୋଟ ବ୍ୟକ୍ତିର ପରିଚୟ ପ୍ରଦାନ କରେ । ଈଶ୍ୱରୀୟ କରୁଣା, ଶୁଭାକାଂକ୍ଷୀ, ଗୁରୁଜନମାନଙ୍କ ସ୍ନେହାଶୀର୍ବାଦ ଏବଂ ପାଠକଙ୍କ ଦ୍ୱାରା ତାଙ୍କ ସୃଷ୍ଟି ଗୁଡ଼ିକ ଆହୁରି ଦୀପ୍ତିମନ୍ତ । ତତ୍‌କାଳୀନ ଘଟଣା ଓ ସମସ୍ୟା ଆଧାରିତ ଏପରି ଅନେକ ଘଟଣା ଅଘଟଣା କଥାକୁ ଉନ୍ମୋଚନ କରିଛନ୍ତି ପ୍ରାବନ୍ଧିକ । ଏଗୁଡ଼ିକରେ ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ଘଟିଥିବା କଥା ଉଲ୍ଲେଖ କରାଯାଇଛି ।

ଗୋଟିଏ ଦୃଶ୍ୟମୟ ଜଗତକୁ ନେଇ ମଣିଷ ମନର କଳ୍ପନା, ବିଚାର ଓ ବିଶ୍ୱାସ ରୂପ ଦେଇଥିବା ପ୍ରାବନ୍ଧିକ ହେଉଛନ୍ତି ସୌଦାମିନୀ ନନ୍ଦ । ତାଙ୍କର 'ପ୍ରଶ୍ନାଙ୍କିତ', 'ରାହୁର ମୁକ୍ତି', 'ଶାପଗ୍ରସ୍ତ ଈଶ୍ୱର', 'ଜାତକ ଲଗ୍ନ', 'ନଟଭୈରବ', 'ଆତ୍ମୀଦପ', 'ଶବ୍ଦ ସାଧନା' ଇତ୍ୟାଦି ପ୍ରବନ୍ଧଗୁଡ଼ିକରେ ଉପଲବ୍ଧି ଓ ବାସ୍ତବତାର ଚିତ୍ର ପ୍ରତିପାଦନ କରିଛନ୍ତି । 'ଓଲଟ ବୃକ୍ଷ ଓ ଲୋଟଣୀପାରା' ପ୍ରବନ୍ଧରେ ଅବଶ୍ୟ ସତ୍ୟ ଆଉ ଦୃଶ୍ୟମୟ ବାସ୍ତବତାର ସଂଯୋଗ କେଉଁଠାରେ, ତାହାର ପୂର୍ଣ୍ଣ ଚିତ୍ରକୁ ପ୍ରାବନ୍ଧିକଙ୍କ ପ୍ରବନ୍ଧରୁ ବୁଝାପଡେ । ଜଳଜ୍ୟୋସ୍ନାର ମାୟାଲୋକରେ ଭରି ହୋଇଯାଇଥିବା ରଂଗିନି ଭାବସମ୍ମୋହର ନଟଛନ୍ଦ ଉଲ୍ଲସିତ ସୃଜନଗାନ ବୋଲି ସେ ତାଙ୍କର 'ଚନ୍ଦ୍ରାବଳୀର ପାହାନ୍ତି' 'ଅହଲ୍ୟାର ରାତ୍ରି', 'ବଜ୍ରଧରାର ଗାଥା', 'ତପସ୍ୱିନୀର ପତ୍ର' ଇତ୍ୟାଦି

ପ୍ରବନ୍ଧରେ ଜୀବନ ସହିତ ମଣିଷର ଅବସ୍ଥା କିପରି ଜଡ଼ିତ ତାହା ବର୍ଣ୍ଣନା କରାଯାଇଛି । ସୁଧୀ ପାଠକ ତାର ମାନ ଓ ସ୍ତରରେ ଏହାର ସତ୍ୟାସତ୍ୟ ଦ୍ୱନ୍ଦ୍ୱଜଡ଼ିତ ରହିବ ନାହିଁ ବୋଲି ପ୍ରାବନ୍ଧିକାଙ୍କର ଉଚ୍ଚାଙ୍ଗ ଭାବନା । ତାଙ୍କର ଆଉ କିଛି ପ୍ରବନ୍ଧ ଅଛି ଯେଉଁଥିରେ କି ବର୍ତ୍ତମାନ ସମୟରେ ଘଟିଯାଇଥିବା ଦ୍ୱନ୍ଦ୍ୱାତ୍ମକତା ପରିସ୍ଥିତି ଉପରେ ଉଲ୍ଲେଖ ରହିଛି । ପ୍ରାବନ୍ଧିକାଙ୍କ ପ୍ରବନ୍ଧଗୁଡ଼ିକ ମୁଖ୍ୟତଃ ଶୂନ୍ୟ-ଦର୍ଶନରେ ସବୁ ଅସତ୍ କହି ଏକମାତ୍ର ଶୂନ୍ୟ ହିଁ ସତ୍‌ତତ୍ତ୍ୱ ବୋଲି ସ୍ୱୀକାର କରିବାର ଦେଖିବାକୁ ମିଳେ । କାରଣ ପ୍ଲାଟୋନୀୟ ଦେଖାରେ ସଦୃଶ୍ୟ ଆଦର୍ଶ ଓ ଏକକ ପରାସତ୍ୟର ପ୍ରତିଭାସ, ପ୍ରତିବିମ୍ବ ଏ ଦାର୍ଶନିକ ପ୍ରାବନ୍ଧିକଙ୍କ ସୃଷ୍ଟିରେ ରହିଛି ।

ପ୍ରାବନ୍ଧିକ ରବୀନ୍ଦ୍ର ମୋହନ ସେନାପତି ଆମ ସମାଜର ଧରାଧରି ବାବୁମାନଙ୍କ ସଂପର୍କରେ ତାଙ୍କର ଅଭିମତ ପ୍ରକାଶ କରିବାକୁ ଭୁଲି ନାହାନ୍ତି । ଆମ ସମାଜରେ, ଆମ ଶାସନରେ ଏବେ ଧରାଧରି ବାବୁମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି । ପଦୋନ୍ନତି ବ୍ୟବସାୟ, ରାଜନୀତି, ଶିକ୍ଷା, ସାହିତ୍ୟ, କଳା, ଖବର କାଗଜ ସବୁର ଏଇ ଧରାଧରିର ପ୍ରବଳ ପ୍ରଭାବକୁ ସେ ତାଙ୍କର 'ନାନା ପ୍ରସଙ୍ଗ' ପ୍ରବନ୍ଧ ପୁସ୍ତକରେ 'ଧରାଧରିବାବୁ' ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି । ଆଉ କେତେକ ପ୍ରବନ୍ଧରେ ସେ ତରୁଣ ଛାତ୍ରମାନଙ୍କୁ ସାହାସୀ ଆତ୍ମମର୍ଯ୍ୟାଦାବନ୍ତ ହୋଇ ବଂଚିବାକୁ ଢ଼େର ଆହ୍ୱାନ ଦେଇଛନ୍ତି । 'ଓଡ଼ିଶା ଗେଜେଟିୟର', 'ଓଡ଼ିଶାରେ ପଲ୍ଲୀ ପାଠାଗାର', 'ଓଡ଼ିଶାରେ ପ୍ରତ୍ନତାତ୍ତ୍ୱିକ କାର୍ଯ୍ୟ', 'କାମଳ ସାମ୍ବାଦିକତାର ନଗ୍ନରୂପ', 'ଡ଼ଡ଼ାର ମଣିଷ', 'ବିଲୁଆ ବିଚାର', 'ଉତ୍କଳ ଦିବସର ଅନୁଚିନ୍ତା', 'ମଠରେ ଖାଏ ଖଟରେ ସୁଏ' ଓ 'ଗଣମାଧ୍ୟମ ଓ ସମ୍ବାଦ' ଇତ୍ୟାଦି ପ୍ରବନ୍ଧରେ ମଣିଷର ଚିନ୍ତା ଓ ଚେତନାର ଗତି ବେଶ୍ ବ୍ୟାପକ ଭାବରେ ରହିଛି । ଏଗୁଡ଼ିକରୁ ସୁସ୍ପଷ୍ଟ ଯେ ସେ ଜୀବନରେ ବିଭିନ୍ନ ସ୍ତରରେ କାର୍ଯ୍ୟ କରି ବିପୁଳ ଅଭିଜ୍ଞତା ଅର୍ଜିଛନ୍ତି । ସାଧାରଣ ମଣିଷଠାରୁ ଆରମ୍ଭ କରି ନେତା, ସମାଜସେବୀ, ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ନାନା କିସମର ମଣିଷକୁ ସେ ଆପଣାର କର୍ମ ପରିସରରେ ଜାଣିବାର ସୁବିଧା ସୁଯୋଗ ପାଇଛନ୍ତି । ଏତଦ୍ ବ୍ୟତୀତ ତାଙ୍କର ବିଜ୍ଞାନ, ଅର୍ଥନୀତି, ଇତିହାସ, ସମାଜ ବିଜ୍ଞାନ, ପରିବେଶ ବିଜ୍ଞାନ ପ୍ରଭୃତିରେ ଯଥେଷ୍ଟ ଜ୍ଞାନ ଏବଂ ସମକାଳୀନ ଜୀବନ ଓ ଜଗତକୁ ଦେଖିବାକୁ ତାଙ୍କର ପ୍ରଖର ଦୃଷ୍ଟିଶକ୍ତି ରହିଛି । ଏଭଳି ରଚନା ହେତୁରୁ ପ୍ରାବନ୍ଧିକ ରବୀନ୍ଦ୍ର ମୋହନ ସେନାପତି ଜଣେ ବୁଦ୍ଧିଦୀପ୍ତ ପ୍ରାବନ୍ଧିକ ଭାବରେ ପରିଚୟ ଲାଭ କରିଛନ୍ତି ।

ତତ୍‌କାଳୀନ ପରସ୍ଥିତିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସାମାଜିକ ପରିସ୍ଥିତିର ଟଳମଳ କାରଣକୁ ଉନ୍ମୋଚନ କରି ପ୍ରାବନ୍ଧିକ ରବି ନାରାୟଣ ସେନାପତି ଉଚିତ ପନ୍ଥା ତାଙ୍କର ପ୍ରବନ୍ଧ ଗୁଡ଼ିକରେ ଦେଖାଇ ଯାଇଛନ୍ତି । କଳା ଧନ ଠାରୁ ଆରମ୍ଭ କରି ବ୍ୟକ୍ତି ବ୍ୟକ୍ତିତ୍ୱର କଥା ଉଲ୍ଲେଖ ରହିଛି ତାଙ୍କ ପ୍ରବନ୍ଧରେ । ଏହି କ୍ଷେତ୍ରରେ ତାଙ୍କର 'ଦାରିଦ୍ର୍ୟ ସୀମାରେଖା ଏକ ବିଚାର ଆଲୋଚନା' ପ୍ରବନ୍ଧଟି ବେଶ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପ୍ରାବନ୍ଧିକମାନଙ୍କୁ କୌଣସି ବିଷୟରେ ଲେଖାଟିଏ ମାଡ଼ିଲେ ସେଥିପ୍ରତି ଯେଉଁ ସଚେତନତା ଅବଲମ୍ବନ କରିବାକୁ ପଡ଼େ ସେ ଦିଗ ପ୍ରତି ପ୍ରାବନ୍ଧିକ ରବି ନାରାୟଣ ସେନାପତି ବେଶୀ ସଚେତନତା ନ ରହି ସ୍ୱପ୍ନବୃତ୍ତିରେ ପ୍ରବନ୍ଧଗୁଡ଼ିକର କଳେବର ପୃଷ୍ଟ କରିଥାନ୍ତି । ସେଥିପାଇଁ ତାଙ୍କର ପ୍ରବନ୍ଧଗୁଡ଼ିକ ସୂକ୍ଷ୍ମ ହେଲେ ମଧ ବ୍ୟଞ୍ଜନା ସୃଷ୍ଟି କରିପାରେ ।

ବୈଜ୍ଞାନିକ ଚିନ୍ତାଧାରା ଭାରତୀୟ ଚିନ୍ତାଧାରାର ପ୍ରତିକୂଳ ନୁହେଁ । ତେଣୁ ପାଶ୍ଚାତ୍ୟ ବିଜ୍ଞାନର କେତୋଗୋଟି ତତ୍ତ୍ୱ ଭାରତୀୟ ଦୃଷ୍ଟିକୋଣ ସହ ସାମଞ୍ଜସ୍ୟ ନ ରହିବା ସ୍ୱାଭାବିକ । ସେ ପାଶ୍ଚାତ୍ୟ ଚିନ୍ତାନାୟକ ହୁଅନ୍ତୁ ବା ପ୍ରାଚ୍ୟ, ଉଭୟଙ୍କ ପାଇଁ ହିଁ ବିଜ୍ଞାନ । ଏହା ସତ୍ୟ ଯେ, ବିଜ୍ଞାନ ଦ୍ୱାରା ସୃଷ୍ଟିର ଉନ୍ମେଷ ହୋଇଥାଏ । ବହୁ ବର୍ଷ ଧରି ଆମେ ଶାସ୍ତ୍ରୋକ୍ତି ଲିଖନକୁ ବାରମ୍ବାର ପଠନ କରି ସତ୍ୟ ବୋଲି ଏକ ପ୍ରକାର ମାନି ଆସିଛୁ । ଅପର ପକ୍ଷରେ ବିଜ୍ଞାନ ବିଭିନ୍ନ ତତ୍ତ୍ୱ ମତବାଦ ଓ ସିଦ୍ଧାନ୍ତକୁ ପରୀକ୍ଷା ନିରୀକ୍ଷା କରି ଅନେକ ଗ୍ରହଣୀୟ ସତ୍ୟର ଅବଧାରଣା କରିପାରିଛି । ପାଶ୍ଚାତ୍ୟ ବିଜ୍ଞାନ ଓ ପ୍ରାଚ୍ୟର ବିଜ୍ଞାନ କୌଶଳକୁ ନେଇ ପ୍ରାବନ୍ଧିକ ଶିଶିଭୂଷଣ ରଥ ଅନେକ ବୈଜ୍ଞାନିକ ପ୍ରବନ୍ଧ ସୃଷ୍ଟି କରି ଯାଇଛନ୍ତି । ବର୍ତ୍ତମାନ ଅନେକ ବୈଜ୍ଞାନିକ ପ୍ରବନ୍ଧ ସୃଷ୍ଟି ହେବାରେ ଲାଗିଛି, ସେଥିରୁ ବିଭିନ୍ନ ଧରଣର ବୈଜ୍ଞାନିକ ପ୍ରବନ୍ଧ ସୃଷ୍ଟି କରିଛନ୍ତି ପ୍ରାବନ୍ଧିକ ଶଶୀଭୂଷଣ ରଥ । ଦିନେ ଓଡ଼ିଆ ସାହିତ୍ୟରେ ହାତଗଣତି କେତେଜଣ ବୈଜ୍ଞାନିକ ପ୍ରବନ୍ଧ ଲେଖୁଥିଲେ । ଆଜି ଅନେକ ପ୍ରାବନ୍ଧିକ ବୈଜ୍ଞାନିକ ପ୍ରବନ୍ଧ ଲେଖି ଓଡ଼ିଆ ପ୍ରବନ୍ଧକୁ ଲୋକପ୍ରିୟ କରିବା ପାଇଁ ଅଙ୍ଗୀକାରବଦ୍ଧ । ପ୍ରାବନ୍ଧିକ ଶଶିଭୂଷଣ ରଥଙ୍କ 'ବିଜ୍ଞାନ ମଣିଷ', 'ପ୍ରକୃତିର ଗତି', 'ସଂଶ୍ଲେଷଣାତ୍ମକ ଚିନ୍ତାଧାରା', 'ନିତ୍ୟ ପରିବର୍ତ୍ତନ ତଥ୍ୟରୂପ', 'ବିଜ୍ଞାନର ଉପଲବ୍ଧୀ' ଇତ୍ୟାଦି ପ୍ରବନ୍ଧଗୁଡ଼ିକ ଓ 'ବିଜ୍ଞାନ ଦୃଶ୍ୟପଟ' ପୁସ୍ତକରେ ସ୍ଥାନୀତ ପ୍ରବନ୍ଧଗୁଡ଼ିକ ଆଗ୍ରହୀ ପାଠକମାନଙ୍କୁ ଅନେକ ଉତ୍ସାହ ସୃଷ୍ଟି କରିଛି । ଚେତନାର ପ୍ରକୃତି ତଥା ଈଶ୍ୱରଙ୍କ ରହସ୍ୟକୁ ଆବିଷ୍କାର କରିବା ପାଇଁ ଆଜିର ବିଜ୍ଞାନର ପ୍ରୟୋଗ ନିଶ୍ଚିତ ରୂପେ ଗତାନୁଗତି ଚିନ୍ତାଧାରାରୁ ଏକ ବ୍ୟତିକ୍ରମ ।

ରୁଦ୍ର ନାରାୟଣ ପୃଷ୍ଟି ମୌଳିକ ପ୍ରବନ୍ଧ ରଚନାରେ ସିଦ୍ଧହସ୍ତ । ସମକାଳୀନ ପତ୍ର ପତ୍ରିକାଗୁଡ଼ିକରେ ପ୍ରକାଶ ପାଉଥିବା ତାଙ୍କର ପ୍ରବନ୍ଧ ଗୁଡ଼ିକ ଏହାର ଦୃଷ୍ଟାନ୍ତ । ପ୍ରାବନ୍ଧିକଙ୍କ ପ୍ରବନ୍ଧରେ ରାଜନୀତି କଥା ବିଶେଷ ପ୍ରତିଫଳିତ ହେଉଥିଲେ ସୁଦ୍ଧା ପ୍ରବନ୍ଧର ରଚନା କୌଶଳ ପାଇଁ ତାଙ୍କର ପ୍ରବନ୍ଧ ଗୁଡିକ ବାରି ହୋଇ ପଡ଼େ । 'ସନ୍ଧ୍ୟା ପୁଣି ତ୍ରିକାଳ ସନ୍ଧ୍ୟା', 'ବୃହତ୍ତର ଜାତୀୟ ସ୍ୱାର୍ଥରେ ସୂକ୍ଷ୍ମ ଭାବନା', 'ଜୀବନ ଓ ଜନମତ', 'ପଂଚାୟତି ରାଜର ଅସଲ ସ୍ୱରୂପ', 'ସ୍ୱାର୍ଥକୁ ନେଇ ଆଲୋଚନା', 'ଗଣମାଧ୍ୟମ ଦ୍ୱାରା ପ୍ରଭାବିତ ଯୁବମାନବ',

'ସ୍ୱାଭିମାନର ଉଜ୍ଜଳ ଜ୍ୟୋତିଷ୍କ' ଓ 'ଶବ୍ଦର ସଂକ୍ଷିପ୍ତ ଅବଲୋକନ' ଇତ୍ୟାଦି ପ୍ରବନ୍ଧର ନାମକରଣରୁ ସୂଚିତ ହେଉଛି ଯେ ଲେଖକ ଆମ୍ଭମାନଙ୍କୁ ଏକବିଂଶ କାଳର ଜ୍ୱଳନ୍ତ ସମସ୍ୟା ଗୁଡ଼ିକର ଚିତ୍ର ପ୍ରଦାନ କରିଛନ୍ତି । ଓଡ଼ିଆ ମାନଙ୍କର ଗତିବିଧି, ଆଚରଣ, ସତ୍ୟନିଷ୍ଠତା ପୁଣି କୌଣସି ଭଲ କଥାକୁ ଡ଼ିଣ୍ଡିମମାରି ଉଡ଼େଇ ଦେଇ ଖରାପ ବା ଅଶୋଭନୀୟ କଥା ପାଇଁ ଏକଜୁଟ ହେବା ଆଦିକୁ ଅନୁଧାନ କଲେ ଏହାହିଁ ପ୍ରତିପାଦିତ ହେବ । ସେହିପରି 'ବିକାଶ ଓ ଗଣତନ୍ତ୍ର' ରେ ସେ ଦର୍ଶାଇଛନ୍ତି ଯେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିକାଶ ତ୍ୱରାନ୍ୱିତ ହେବାକଥା, ମାତ୍ର ତାହା ହୋଇପାରିନାହିଁ । ଯେଉଁମାନଙ୍କ ହାତରେ ଏହା ନ୍ୟସ୍ତ ସେମାନେ ଏହାର ସଦୂପଯୋଗ କରୁନାହାନ୍ତି । ପୁଣି ଲୋକଶକ୍ତି ମଧ୍ୟ ଦୁର୍ବଳ, ବିଭେଦଗ୍ରସ୍ତ, ସ୍ୱୀକୃତ, ସହନୀୟତା, ଅଙ୍ଗୀକାର ବଦ୍ଧତା, ସୁସ୍ଥ ଓ ବ୍ୟାପ୍ତ ଆର୍ଥିକ ବ୍ୟବସ୍ଥା ଯାହା ସାମାଜିକ ଉନ୍ନତିର ଲକ୍ଷଣ, ତାର ଘୋର ଅସଦ୍‌ଭାବ ଉପୁଜୁଛି । ତେଣୁ ବିକାଶ ହେବ କେମିତି ? ତାହା ବିନାଶର ଅନ୍ୟନାମ ? ଏପରି ଅନେକ ପ୍ରଶ୍ନ ଉଠାଇଛନ୍ତି ଓ ତାହାର ସମାଧାନ ପାଇଁ କ୍ଷମତାସୀନ ମଣିଷ ଉପରେ ନ୍ୟସ୍ତ କରିଛନ୍ତି ।

ଗଣତନ୍ତ୍ରର ମୁଖ୍ୟ ଭୂମିକାରେ ରହିଥାନ୍ତି ଜନତା । ସଚେତନତା ଅଭାବରେ ବୃହତ ଗଣତନ୍ତ୍ର ରାଷ୍ଟ୍ର ସ୍ୱେଚ୍ଛାଚାରୀ ହୋଇ ଯାଇଥାଏ । ସ୍ୱେଚ୍ଛାଚାରୀ ହୋଇଯାଏ ଶାସକ ଓ ପ୍ରଶାସନ । ମନମୁଖୀ ଓ ଦୁର୍ନୀତି ପରାୟଣ ହୋଇଯାଆନ୍ତି ଜନନେତାମାନେ । ପ୍ରଶାସନ ଜନତାଙ୍କୁ ସେମାନଙ୍କର ନାର୍ଯ୍ୟପ୍ରାପ୍ୟ ଦିଅନ୍ତି ନାହିଁ । ପ୍ରଜା ଦୁଃଖକଷ୍ଟରେ କାଳାତିପାତ କରିବାକୁ ବାଧ ହୁଅନ୍ତି । ଏଭଳି ଚିନ୍ତା ଓ ଚେତନା ଭିତରେ ବୁଡ଼ିରହି ପ୍ରବନ୍ଧ ରଚନା କରନ୍ତି ପ୍ରାବନ୍ଧିକ ବିଭୂତି ମିଶ୍ର । ତାଙ୍କ 'ଗଣତନ୍ତ୍ରର ଅନ୍ତରାଳେ' ପୁସ୍ତକରେ ସଂକଳିତ ୬୪ଟି ପ୍ରବନ୍ଧ କେବଳ ରାଜନୀତି ସମ୍ବନ୍ଧିତ ତାତ୍ତ୍ୱିକ ପ୍ରବନ୍ଧ ରହିଛି । ଆଉ କେତେକ ରହିଛି ସଂସ୍କୃତି ଭିତ୍ତିକ ସେଗୁଡ଼ିକ ମଧ୍ୟରୁ 'ପଣାସଂକ୍ରାନ୍ତି', 'ମୃତ୍ୟୁ ସହ ଭେଟ', 'ଜାତିର ନାତି', 'ଓଡ଼ିଆ ଓ ଓଡ଼ିଆମି', 'ଭୀରୁ ଭାରତୀୟ', 'ସଂସ୍କୃତି-ପୁଲିସ', 'କଳିଙ୍ଗ ଭୀରୁ', 'ଋଣ କର ପିଜ୍ଜାଖାଅ', 'ବିଚାର ଭଗତସିଂ', 'ପତି, ପତ୍ନୀ ଔର ମେଁ' ଇତ୍ୟାଦି ଅନ୍ୟତମ । ବ୍ୟକ୍ତି ଜୀବନରେ ଓ ସମାଜ ଭିତରେ ଯେଉଁ ଚରିତ୍ର ଘଟଣା ଭାଷାଭାବ ଜନଜୀବନକୁ ଆକ୍ରାନ୍ତ କରିଛି । ଏହି ଭିତରେ ରାଜନୀତି ମୁଖ୍ୟ ଭୂମିକା ଗ୍ରହଣ କରିଛି । ସେ ସବୁ ସର୍ଜନଶୀଳ ସାହିତ୍ୟର ଆଧାର ହେବା ଆବଶ୍ୟକ ଏବଂ ତହିଁରେ ଗଣତନ୍ତ୍ରର ସୁଫଳ ବା ଦୁର୍ବଳ ବିଷୟରେ ଆଲୋଚନା ହେବା ସ୍ୱାଭାବିକ ।

ଏକବିଂଶ ଶତକରେ ପ୍ରବନ୍ଧ ସାହିତ୍ୟର ଉନ୍ନତି ନିମନ୍ତେ ପ୍ରାବନ୍ଧିକ ବୈକୁଣ୍ଠନାଥଙ୍କର ପଦକ୍ଷେପ ଅଭିନନ୍ଦନୀୟ । ଗଦ୍ୟ ସାହିତ୍ୟର ପ୍ରବନ୍ଧ ବିଭାଗକୁ ଅଭିବୃଦ୍ଧି କରିବାରେ ତାଙ୍କର ଅବଦାନ ଏକାନ୍ତ ସ୍ୱୀକାର୍ଯ୍ୟ । ଲୋକ ଚରିତ୍ର, ସାଂସ୍କୃତିକ, ଧର୍ମୀୟ ଶିକ୍ଷା ଜାତୀୟ ନାନା ଦୃଷ୍ଟିକୋଣରୁ ପ୍ରବନ୍ଧ ସୃଷ୍ଟି କରିବାରେ ଧୂରୀଣ । ତାଙ୍କ ଛଅ ଖଣ୍ଡ ଗ୍ରନ୍ଥ ମଧ୍ୟରୁ 'ସାହିତ୍ୟର ଆକାଶ', 'ବିନ୍ଦୁ ଓ ବିସ୍ତାର', 'ଚର୍ଯ୍ୟା ଓ ଚର୍ଚ୍ଚା', ଗବାକ୍ଷରେ ଘଟଣା ପରିବେଷଣ ଓ ବିଷୟବସ୍ତୁ ନିର୍ବାଚନ କ୍ଷେତ୍ରରେ ଅଭିନବତ୍ୱ ପରିଲକ୍ଷିତ ହୁଏ । ସମାଜର ଦୃଷ୍ଟିଭଙ୍ଗୀ, ଦାର୍ଶନିକ ଚିନ୍ତାଧାରା, ଶିକ୍ଷାୟତନ ତଥା ଆଦର୍ଶ ଶିକ୍ଷକତାର ପରିପ୍ରଚାର କରିବାରେ ଅଗ୍ରଣୀ ଥିଲେ । 'ବିନ୍ଦୁ ଓ ବିସ୍ତାର' ପୁସ୍ତକଟି ପ୍ରାବନ୍ଧିକ ଯାହା ଦେଖିଛନ୍ତି, ଯାହା ଅନୁଭବ କରିଛନ୍ତି, ସେଗୁଡ଼ିକୁ ହିଁ ସେ ଏଠାରେ ଲିପିବଦ୍ଧ କରିଛନ୍ତି । 'ପ୍ରଚାର ଓ ପ୍ରତିଷ୍ଠା', 'ବଂଚିବାର କଳା ଓ କଳାକାର', 'ତିନୋଟି ଛାୟାମୂର୍ତ୍ତି', 'ଶୁଖିଲା ଭୂଇଁ', 'ଦଲକାଏ ଝାଞ୍ଜି, ଭାଷା ଓ ସଂସ୍କୃତି' ଏହି ପ୍ରବନ୍ଧ ସଂକଳନରେ ସ୍ଥାନିତ ହୋଇଛି । 'ଚର୍ଯ୍ୟା ଓ ଚର୍ଚ୍ଚା' ପୁସ୍ତକ ସଂକଳନରେ ଚଉଦ ଗୋଟି ପ୍ରବନ୍ଧ ସ୍ଥାନିତ ହୋଇଛି । ଏଥିରେ ମଣିଷର ବିଭିନ୍ନ ଦିଗ ଅର୍ଥାତ୍ ତାର ରୂପ, ଗୁଣ, ଗର୍ବ, ଗାରିମା, ସୁଖ, ଦୁଃଖ, ଭାବ, ଆବଶ୍ୟକତା, ମୌଳିକ ଓ ଧର୍ମୀୟ ରୂପ ଅତି ସରଳ ଓ ସାର୍ଥକ ଭାବରେ ରୂପାୟିତ ହୋଇପାରିଛି । ତହିଁ ମାନବୀୟ ଗୁଣାବଳୀକୁ ନେଇ ଈର୍ଷା, ଭୟ, ଜ୍ଞାନ ଓ ଯନ୍ତ୍ରଣା ପରି କେତେକ ପ୍ରବନ୍ଧ ପାଠକକୁ ଆକର୍ଷିତ କରେ । ପ୍ରତ୍ୟେକ ପ୍ରବନ୍ଧ ତାର ନାମକରଣ ଓ ଭାବ ବସ୍ତୁକୁ ଯଥାର୍ଥ ଭାବେ ପ୍ରଦର୍ଶନ କରିଛି ।

କୁଳମଣି ସାମଲ କେବଳ ବୈଜ୍ଞାନିକ ମାନଙ୍କ ଜୀବନୀକୁ ନେଇଲେଖି ନାହାନ୍ତି, ସେ ପ୍ରକୃତି ରହସ୍ୟମୟୀ, ବିଜ୍ଞାନର କୁହୁକ ପ୍ରସାରକୁ ଉଦ୍‌ଘାଟନ କରିଛନ୍ତି । ତାଙ୍କର 'ବିଜ୍ଞାନର ବିଜୟ ଯାତ୍ରା' ଏବଂ 'ତୁମ ପାଇଁ ବିଜ୍ଞାନ କଥା' ଗ୍ରନ୍ଥ ଦ୍ୱୟରେ ସ୍ଥାନିତ ପ୍ରବନ୍ଧଗୁଡ଼ିକୁ ଚାରି ଭାଗରେ ବିଭକ୍ତ କରିଛନ୍ତି । ଏହି ଚାରିଭାଗ ହେଲା – ପ୍ରଗତି ପଥେ ବିଜ୍ଞାନ, ପ୍ରଶ୍ନ ଘେରରେ ବିଜ୍ଞାନ, ସମାଧାନ ସୂତ୍ରରେ ବିଜ୍ଞାନ, ସମସ୍ୟା ବଳୟରେ ବିଜ୍ଞାନ । ଏହି ଚାରି ବିଭାଗରେ ପ୍ରାୟ ୮୦ ରୁ ଉର୍ଦ୍ଧ୍ୱ ପ୍ରବନ୍ଧ ସ୍ଥାନ ପାଇଛି । ସେଥିରେ ଏକବିଂଶ ସଭ୍ୟତାର ସନ୍ତକ-କଂପ୍ୟୁଟର ବିଷୟକୁ ନେଇ ବୁଦ୍ଧିଦୀପ୍ତ ପ୍ରବନ୍ଧ ଲେଖାଯାଇଛି ।

ଦାସ ବେନହୁରଙ୍କର 'କ୍ଲାସିକ କାହାଣୀ' ଗ୍ରନ୍ଥରେ ସଂକଳିତ ୧୩ଟି ପ୍ରବନ୍ଧ ଓଡ଼ିଆ ସାହିତ୍ୟକୁ ଭିନ୍ନ ସ୍ୱାଦ ଦେଇଛି । ସେଥିରେ କେତେକ ପ୍ରବନ୍ଧ ଗୋଟିଏ ଗୋଟିଏ କାହାଣୀଠାରୁ ଆରମ୍ଭ କରି ଥିଲେ ମଧ୍ୟ ବୌଦ୍ଧିକତାର ପରିଚୟ ଦେଇଛି । 'ହତ ଭାଗ୍ୟ', 'ଛଳନାର ମେଳା', 'ଅହମିକାର ଅନ୍ତରାଳେ', 'ଘନଘୋର ବାଦଲ', 'ବିରାଟ', 'ମିଷ୍ଟର ଗୋରିଓ', ମିଂଟିକ୍ରିଷ୍ଟୋର ଧନପତି, 'ରବିନ୍‌ସନ୍ କ୍ରୁସୋ', 'ଇଲିୟାଡ' ପ୍ରଭୃତି ପ୍ରବନ୍ଧ ଗୁଡ଼ିକ ପ୍ରାବନ୍ଧିକଙ୍କୁ ବହୁ ଲୋକପ୍ରିୟ ଦେଇପାରିଛି । କିଛି ବିଶିଷ୍ଟ ଲୋକଙ୍କ ଜୀବନୀର କିଛି ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ବିଷୟ ଉଲ୍ଲେଖ କରି ତହିଁ ସେମାନଙ୍କ ସମାଜ ପ୍ରତି ଜୀନ ଦୃଷ୍ଟି ଓ ବିଶ୍ୱ-ଦୃଷ୍ଟିକୁ ମିଳାଇ ଦେଖିବାରେ ରହସ୍ୟ ଉନ୍ମୋଚନ

କରିଛି, ତାହା ପ୍ରବନ୍ଧ ସାହିତ୍ୟ ପାଇଁ ନୂତନ ଧାରା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଠାରେ ସମସ୍ତଙ୍କ ଜୀବଦଶାରେ ଘଟୁଥିବା ଅନେକ କଥାକୁ ଲିପିବଦ୍ଧ କରିଛନ୍ତି ଏବଂ ସେମାନେ କେମିତି ସାଧାରଣ ମଣିଷରୁ ଉତ୍ତରୋତ୍ତର ଚେତନାକୁ ସ୍ପର୍ଶ କରିବାରେ ସାମର୍ଥ, ସେସବୁ ଉକ୍ତ ପ୍ରବନ୍ଧଗୁଡ଼ିକ ଚିନ୍ତାଶୀଳ ହେଲେ ମଧ ପାଠକର ମନକୁ ସ୍ପର୍ଶ କରିଛି । ସେ ଜଣେ ଶିକ୍ଷାବିତ୍ ଭାବରେ ବିପୁଳ ସମ୍ମାନର ଅଧିକାରୀ । ଜଣେ ଆଦର୍ଶ ଓ ନିଷ୍ଠାପର ଶିକ୍ଷକ ହିସାବରେ ତାଙ୍କର ପ୍ରବନ୍ଧ ତାଙ୍କୁ ପରିଚିତ କରାଏ ।

ପ୍ରାବନ୍ଧିକ ଦେବକାନ୍ତ ମିଶ୍ର ବିଂଶ ଶତାବ୍ଦୀରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଏକବିଂଶ ଶତକରେ କିଭଳି ପ୍ରଭାବ ପକାଇଛି ତାହାର ଭାବନା ସ୍ମରଣୀୟ ଘଟଣା ପ୍ରବାହ ସଂପର୍କରେ 'ବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା' ପ୍ରବନ୍ଧ ପୁସ୍ତକରେ ସ୍ଥାନିତ ଆଠଟି ପ୍ରବନ୍ଧ ବିଭାଗ ଜ୍ଞାତବ୍ୟ ତଥ୍ୟରାଜି ବୌଦ୍ଧିକତା ସହ ମାର୍ମିକ ଶୈଳୀରେ ଉପସ୍ଥାପନ କରିଛନ୍ତି । ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରର ସଂଭାବ୍ୟ ଅଗ୍ରଗତି ସଂପର୍କରେ ଏଥିରେ ପ୍ରାକ୍ ସୂଚନା ପ୍ରଦତ୍ତ ରହିଛି । 'ଏକବିଂଶ ଶତାବ୍ଦୀର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ସାମ୍ଭାବ୍ୟ ଅଗ୍ରଗତି' ପ୍ରାବନ୍ଧିକଙ୍କ ଏକ ଦୀର୍ଘ ପ୍ରବନ୍ଧ । ଏଥିରେ ଏକବିଂଶ ଶତାବ୍ଦୀର ବିଜ୍ଞାନର ଅଗ୍ରଗତି ସମ୍ବନ୍ଧରେ ରହି ଏହି ଶତକର ଶେଷ ବେଳକୁ କେମିତି ହେବ ତାହାର ତଥ୍ୟ ଭିତ୍ତିକ ଯୁକ୍ତି ରହିଛି । ଏହି ବିଜ୍ଞାନର ଜ୍ଞାନ ପାଠକ ମାନଙ୍କ ମଧ୍ୟରେ ବିସ୍ତିର୍ଣ୍ଣ ରୂପ ଧାରଣ କରିଛି ।

'ଅନ୍ଧ ଓଡ଼ିଶା', 'ଅରକ୍ଷିତ ଓଡ଼ିଆ ଭାଷାପାଇଁ କୁମ୍ଭୀର କାନ୍ଦଣା', 'ସେମାନେ କୁଆଡେ ଯିବେ ?', 'ଲୋକେ ଖୁସି ହେବେ କାହିଁକି ?', 'ଦାୟି କିଏ', 'ଚତୁର ଚାଣକ୍ୟ', 'ଖେଳର ନାମ ଦଳବଦଳ', 'ସମସ୍ତେ ପରିବାରକୁ ଭଲ ପାଆନ୍ତି', 'ଗୋଟିଏ ଗରିବ ଝିଅର କଥା' ଇତ୍ୟାଦି ପ୍ରବନ୍ଧ ଗୋଟିଏ ଗୋଟିଏ ସମସ୍ୟାକୁ ଉତ୍ଥାପନ କରି ତାହାର ସମାଧାନ ପାଇଁ ନୂତନ ତଥ୍ୟ ରହିଛି । ମୁଖ୍ୟତଃ ପ୍ରାବନ୍ଧିକ ଗୌରହରି ଦାସ ଓଡ଼ିଶାର ବୁଦ୍ଧିଜୀବି ଓ ସମାଜ ସେବୀ ମାନଙ୍କୁ ଦାୟି କରିଛନ୍ତି । କାରଣ ଏମାନଙ୍କ ହାତରେ ହିଁ ସବୁକିଛି ଶକ୍ତି ଅଛି ଯାହା ଭାରତର ଭାଗ୍ୟକୁ ବଦଳାଇ ଦେଇ ପାରିବ । ସବୁଥିର ମୂଳ ହେଉଛି ପଇସା ଓ ଆସନ । ଭାରତର ଭାଗ୍ୟ ଏହି ଦୁଇ ବସ୍ତୁ ଉପରେ ନିର୍ଭର କରେ । ତେଣୁ ମଣିଷ ପାଖରେ ସ୍ୱାଧୀନତା ପୂର୍ବର ଦୁଃଖ ଓ ତା ଠାରୁ କମ୍ ହୋଇଯାଇଛି । ସିଧାସଳଖ କହିଲେ ବୁଝାପଡ଼ିବ ଯେ ଆମ ପ୍ରଶାସନର ଚେହେରା ଏତେ ନିର୍ମମ ଏବଂ ହୃଦୟଶୂନ୍ୟ ଯେ ତା'ତୁଳନାରେ ବିଦେଶୀ ଶାସନ ବରଂ ଭଲ ଥିଲା ବୋଲି ପ୍ରାବନ୍ଧିକ କହିଛନ୍ତି ।

ହରପ୍ରସାଦ ଦାସ ଏ ଜାତିର ଜୀବନୀକାର ଓଡ଼ିଶାର ଜଣେ ପ୍ରମୁଖ ଚିନ୍ତକ ଓ ସଂପୂର୍ଣ୍ଣ ସାହିତ୍ୟିକ ଭାବେ ବିପୁଳ ପ୍ରତିଷ୍ଠାର ଅଧିକାରୀ । ବହୁମୁଖୀ ବୃତ୍ତିଗତ ଜୀବନରେ ପ୍ରଶାସକ ନ୍ୟାୟାଧୀଶ, ଜାତି ସଂଘର ବିଶେଷଜ୍ଞ ଓ ବିଶ୍ୱବିଦ୍ୟାଳୟର ପ୍ରୋ-ଚାନ୍‌ସେଲର ଭାବରେ ରହିଥିବାର ଅଭିଜ୍ଞତା ପ୍ରାବନ୍ଧିକଙ୍କୁ ଅନେକ ବିଷୟରେ ପ୍ରବନ୍ଧ ଲେଖିବାର ପ୍ରୟାସ ଯୋଗାଇଛି । ପ୍ରଥମେ ତାଙ୍କର କେତେକ ପ୍ରବନ୍ଧରେ ରାଜନୀତିକ ଚିନ୍ତା ଚେତନା ପ୍ରତିଫଳିତ ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଓଡ଼ିଶାର ଇତିହାସକୁ ନେଇ ଲେଖିଲେ । ଏହାର ଫଳଶ୍ରୁତି ତାଙ୍କ ପ୍ରବନ୍ଧ ଗ୍ରନ୍ଥ ହେଉଛି 'ଓଡ଼ିଆ ଜାତିର ଜୀବନ କଥା' ଏବଂ 'ଓଡ଼ିଆ ଜାତିର ଜୀବନ ଚିନ୍ତା' । ଏଥିରେ ଓଡ଼ିଆ ଜାତିର ଉତ୍‌ଥାନ ପତନର କଥା ରହିଛି ।

ପ୍ରାବନ୍ଧିକ ନିତ୍ୟାନନ୍ଦ ସ୍ୱାଇଁ ପ୍ରାଣୀ ଜଗତର ସବୁ ଜୀବଙ୍କୁ ନେଇ ପ୍ରବନ୍ଧ ଲେଖିଛନ୍ତି ସତ, କିନ୍ତୁ ତାହାର ସଭ୍ୟତାକୁ ମଧ ଦର୍ଶାଇଛନ୍ତି କେତେଗୁଡ଼ିଏ ପ୍ରବନ୍ଧରେ । ସେଥିମଧ୍ୟରୁ 'ଚଢ଼େଇ କରେ ସିଲେଇ', 'ଉଇହୁଙ୍କା ବା ରାଜପ୍ରସାଦ', 'ପିମ୍ପୁଡ଼ି କରଇ ପତର ଘର', 'ପ୍ରାଣୀ ରାଇଜର ଇଞ୍ଜିନିୟର', 'କାଉ କଲାଣି କୋଠା', 'ପ୍ରଜାପତି ପାଇଁ ବିପତ୍ତି' ଇତ୍ୟାଦି ପ୍ରବନ୍ଦ ତାଙ୍କୁ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ନୂତନ ପ୍ରବର୍ତ୍ତକ ହିସାବରେ ପରିଚୟ ଦେଇଛି । କାରଣ ଏଭଳି ପ୍ରାଣୀ ଜଗତକୁ ନେଇ ପୂର୍ବରୁ କେହି ପ୍ରବନ୍ଧ ଲେଖି ନଥିଲେ । କେବଳ ଲେଖାଥିଲାତାର ଜୀବନ ଶୈଳୀ ଓ ଉପକାର ବିଷୟରେ । 'ଭବିଷ୍ୟଚିନ୍ତା' ପ୍ରବନ୍ଧଟିରେ ପ୍ରାଣୀମାନଙ୍କ ବ୍ୟବହାର ପ୍ରାକୃତିକ ସମସ୍ୟାମାନ କେମିତି ନିର୍ଦ୍ଧାରଣ କରାଯିବ ତାହାର ଅନେକ ଯୁକ୍ତି ସହିତ ଦର୍ଶାଇଛନ୍ତି । ଏହି 'ଭବିଷ୍ୟବକ୍ତା' ପ୍ରବନ୍ଧଟି ମୁଖ୍ୟତଃ କୀଟ ପତଙ୍ଗ ଭଳି ଅନେକ ଜୀବଙ୍କ ଉଦାହରଣରେ ବୌଦ୍ଧିକ ଓ ଜ୍ଞାନଦୀପ୍ତ ଯୁକ୍ତି କରିଛନ୍ତି ।

'ଅସମାନତା ସର୍ବତ୍ର', 'ଜାତିବାଦର ପ୍ରସାର', 'ଓଡ଼ିଆ ଭାଷା ଓ ଓଡ଼ିଶା ସରକାର', 'ପ୍ରଶାସକ ବନାମ ବିଧାୟକ', 'ମୌଳବାଦର ଉନ୍ମେଷ ଓ ପ୍ରସାର' (୧,୨,୩,୪), 'ଅଖଣ୍ଡ ଭାରତ' ପ୍ରଭୃତି ପ୍ରବନ୍ଧରେ ସାହିତ୍ୟ ମାଧମରେ ମୂଲ୍ୟବୋଧ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକାନ୍ତ ସମୟୋପଯୋଗୀ ପ୍ରବନ୍ଧମାନ ରଚନାକରି ନିଜ ସାମାଜିକ ପ୍ରତିବଦ୍ଧତାର ପରିଚୟ ଦିଅନ୍ତି ପ୍ରାବନ୍ଧିକ ସାତକଡ଼ି ହୋତା । ତାଙ୍କର 'ସାମାଜିକ ବିଚାର' ପ୍ରବନ୍ଧ ଗ୍ରନ୍ଥରେ ସ୍ଥାନିତ ୩୭ଗୋଟି ପ୍ରବନ୍ଧ ସମାଜ ଜୀବନର କଥାକୁ ଉଲ୍ଲେଖ ରହିଛି । ସେଥିରେ ପ୍ରକାଶ ପାଇଛି ଜୀବନ ଯନ୍ତ୍ରଣା, ଅନିଶ୍ଚୟତା ଓ ଅସ୍ଥିରତା । ପ୍ରାବନ୍ଧିକଙ୍କର ପ୍ରବନ୍ଧଗୁଡ଼ିକ ମୁଖ୍ୟତଃ ସମାଜ ବାସ୍ତବତାର ଚିତ୍ର ପ୍ରତିପାଦନ କରେ । ତାଙ୍କର ପ୍ରବନ୍ଧ ଗୁଡ଼ିକ ୬୦ରୁ ଉର୍ଦ୍ଧ୍ୱ ପ୍ରକାଶିତ । ପ୍ରତ୍ୟେକ ପ୍ରବନ୍ଧରେ ସାମାଜିକ ପ୍ରତିକ୍ରିୟା ସମ୍ବନ୍ଧରେ ସଚେତନ ରହିବା କଥା ସମସ୍ତ ପାଠକ ଓ ଜନସାଧାରଣ ବର୍ଗକୁ କହିଛନ୍ତି । ବୃହତ୍ତର ରାଷ୍ଟ୍ରିୟ ଜୀବନର ସମସ୍ତେ

ସମାନ ଅଂଶୀଦାର ହୋଇ ମଧ୍ୟ ବାସ୍ତବରେ ଧର୍ମ, ସଂପ୍ରଦାୟ ଜାତି ଓ ଗୋଷ୍ଠୀ ମଧ୍ୟରେ ପ୍ରାୟ ସବୁ କ୍ଷେତ୍ରରେ ବୈଷମ୍ୟ, ଜାତି, ଧର୍ମ, ଭାଷା, ଓ ଅଂଚଳର ସୁଷମ ଅର୍ଥନୈତିକ ଉନ୍ନୟନ, ସାମାଜିକ ବିକାଶ ଘଟି ନଥିବାରୁ ଏକୀକରଣ ପାଇଁ ପ୍ରାବନ୍ଧିକଙ୍କ ପଦକ୍ଷେପ ସାହାସର ପରିଚୟ ଦିଏ ତାଙ୍କର 'ବୁଦ୍ଧିମାନ, ବୁଦ୍ଧିଜୀବୀ ଓ ବୁଦ୍ଧିଜୀବୀ' ପ୍ରବନ୍ଧରେ ।

'ଓଡ଼ିଶାରେ ସାଂସ୍କୃତିକ ପରମ୍ପରା ଓ ଅନ୍ୟାନ୍ୟ ପ୍ରବନ୍ଧ', 'ଆମ ଓଡ଼ିଶାର ଗର୍ବ ଓ ଗୌରବ' ପ୍ରଭୃତି ପ୍ରବନ୍ଧ ପୁସ୍ତକରେ ସ୍ଥାନିତ ଯଥାକ୍ରମେ ଉଣେଇଶ ଓ ଛବିଶଟି ପ୍ରବନ୍ଧକୁ ମୁଖ୍ୟତଃ ସାହିତ୍ୟ, ସମାଜ-ସଂସ୍କୃତି ଏବଂ ସାଧାରଣ ପ୍ରବନ୍ଧ ଭାବରେ ତିନିଭାଗରେ ବିଭକ୍ତ କରାଯାଇପାରେ । ଆମ ସାହିତ୍ୟ, ସମାଜକୁ ସାଧାରଣ ପାଠକ ବୁଝିବା ଭଳି ଭାବ ଓ ଭାଷାରେ ପ୍ରାବନ୍ଧିକ ପଠାଣି ପଟ୍ଟନାୟକ ଜଣେ ଚଳନ୍ତି ସମୟର ସୁପ୍ରାବନ୍ଧିକ ହିସାବରେ ଅନେକ ପ୍ରବନ୍ଧ ଲେଖି ଯାଇଛନ୍ତି । ଏହି ଲେଖିବା ଭିତରେ ବିଜ୍ଞାନର ପ୍ରଗତି, ରାଜନୈତିକ ଅନୁଷ୍ଠାନ ଓ ସାମରିକ ଜୟ ପରାଜୟ ଗୋଟିଏ ଜାତିର କେବଳ ବାହ୍ୟ ପରିଚୟ ମାତ୍ର ବୋଲି ଅନେକ ପ୍ରବନ୍ଧରେ ଦେଖିବାକୁ ମିଳେ । ସଂସ୍କୃତି ସମାଜକୁ ସଂଯତ କରେ, ନିୟନ୍ତ୍ରଣ କରେ ଏବଂ ସତ୍ୟ ପଥରେ ସହଯୋଗୀ ହୁଏ । ଏହା ଭିତର ଦେଇ ବିଜ୍ଞାନର ପ୍ରୟୋଗ ଫଳରେ ବର୍ତ୍ତମାନର ସାମାଜିକ ଅବସ୍ଥା ଅନେକ ଗୁଣରେ ସୁଧୁରି ଯାଇଛି ।

ସମାଜର ଗତି ଓ ପ୍ରଗତିକୁ ନେଇ ପ୍ରାବନ୍ଧିକ ସୁରେନ୍ଦ୍ର ନାୟକ ଅନେକ ପ୍ରବନ୍ଧ ଲେଖିଛନ୍ତି । ସେ ଜଣେ ଇଞ୍ଜିନିୟର ହିସାବରେ ସମାଜକୁ ଦେଖିଛନ୍ତି ଓ ତାହାର ମୂଲ୍ୟାୟନ କରିଛନ୍ତି । ପ୍ରାବନ୍ଧିକଙ୍କ ସାମାଜିକ ପ୍ରବନ୍ଧରେ ରହିଛି ପରିବେଶ, ଶକ୍ତି, ବିକାଶ, କୃଷି, ଖାଦ୍ୟ ଏବଂ ଅନ୍ୟାନ୍ୟ ବିଷୟ । ତାଙ୍କର 'ମାନବ ଜାତିର ସୁରକ୍ଷା', 'ପରିବେଶ ନିୟନ୍ତ୍ରଣ କାର୍ଯ୍ୟକ୍ରମ', 'ଖାଦ୍ୟ ଜୀବିକାର ସୁରକ୍ଷା', 'ସହରର ଭିତ୍ତିଭୂମିର ଆବଶ୍ୟକତା' ଓ 'ଚିର ସବୁଜ ବିପ୍ଳବ' ଇତ୍ୟାଦି ପ୍ରବନ୍ଧ ବର୍ତ୍ତମାନର ସାମାଜିକ ଅବସ୍ଥାକୁ ବହୁ ଦୃଢ଼ିଭୂତ କରିଛି । ସମାଜରେ ପରିବେଶ, ଶକ୍ତି, କୃଷି ଓ ଅନ୍ୟାନ୍ୟ ବିକାଶ ସଂଘଟିତ ହେଲେ ହେଁ ବିଶ୍ୱସମାଜରେ ମଙ୍ଗଳମୟ ହେବ । ଏଥିପ୍ରତି ପ୍ରାବନ୍ଧିକ ସୁରେନ୍ଦ୍ର ନାୟକ ଯଥା ତତ୍ପର । ସେହିଭଳି ବିଧୁଭୂଷଣ ଦାସଙ୍କ 'ସାହିତ୍ୟ ଓ ପ୍ରଜ୍ଞା', ଭାଗୀରଥି ନେପାକ 'ଆମ ସାହିତ୍ୟ ଓ ସଂସ୍କୃତିର ମାଛ', ଜଗନ୍ନାଥ ପଟ୍ଟନାୟକଙ୍କ 'ରକ୍ତତୀର୍ଥ ଇରମ', 'ଓଡ଼ିଶା ଇତିହାସରେ କେତୋଟି ରୋମାଂଚକର କାହାଣୀ', ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କର 'ସୁଖ ସନ୍ଧାନରେ ମଣିଷ','ଲକ୍ଷ୍ୟ ପାଇଁ', ସୌରିବନ୍ଧୁଙ୍କର 'ଗାନ୍ଧୀ ଓ ବେଦାନ୍ତ', ଭାଗୀରଥି ମହାସୁଆରଙ୍କ 'ବିଜ୍ଞାନ ତର୍କଣ' 'ପାଠପଢ଼ାର ସୁଖ ଦୁଃଖ' ଇତ୍ୟାଦି କେତେକ ରଚନାରେ ଏକବିଂଶ ଶତାବ୍ଦୀର ପ୍ରତିଭାଧର ପ୍ରାବନ୍ଧିକର ସ୍ୱାକ୍ଷର ଉପଲବ୍ଧି କରିହୁଏ ।

### ଉପସଂହାର :

ଉପରୋକ୍ତ ପ୍ରାବନ୍ଧିକ ଓ ପ୍ରବନ୍ଧ ବ୍ୟତୀତ ଅନେକ ପ୍ରାବନ୍ଧିକ ବର୍ତ୍ତମାନ ସମୟରେ ବିଭିନ୍ନ ବିଭାଗକୁ ନେଇ ଲେଖି ଏକବିଂଶ ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ସମୃଦ୍ଧି କରିଛନ୍ତି । ପୂର୍ବ ଅପେକ୍ଷା ପ୍ରବନ୍ଧ ରଚନା ଆଜି ବଢ଼ିଛି । ତେଣୁ ପ୍ରବନ୍ଧର ଗୁଣାତ୍ମକମାନ ବଢ଼ିବା ସହିତ ପରିମାଣ ମଧ୍ୟ ବଢ଼ି ଚାଲିଛି । ସେମାନଙ୍କର ପ୍ରତ୍ୟେକ ପ୍ରବନ୍ଧରେ ବିଦ୍ୟମାନ ପାଣ୍ଡିତ୍ୟ, ସୂକ୍ଷ୍ମତା, ବ୍ୟଞ୍ଜନା ଓ ତୁଳନାତ୍ମକ ଦୃଷ୍ଟିଭଙ୍ଗୀ । ଏହା ସହିତ ସେମାନଙ୍କର ପ୍ରବନ୍ଧରେ ଚିନ୍ତାର ମୌଳିକତା, ସୂକ୍ଷ୍ମ ବିଚାର ଧାରା ଓ ବହୁଶାସ୍ତ୍ର ଦର୍ଶିତା ବିଶେଷ ଭାବରେ ପ୍ରକାଶିତ । ପ୍ରକୃତି ଓ ପରବେଶକୁ ଉପଯୋଗ କରି ଯେଉଁ ସଭ୍ୟତା ଗଢ଼ି ଉଠିବା ପାଇଁ ହଜାର ହଜାର ବର୍ଷ ଲାଗିଛି ସେଇ ପରିବେଶ ଓ ପ୍ରାକୃତିକ ସମ୍ପଦକୁ ବର୍ତ୍ତମାନର ସ୍ୱାର୍ଥପର ମଣିଷ ଯଥେଷ୍ଟ ଉପଭୋଗ କରୁଛି । ଫଳରେ ସମାଜ ତା ଦ୍ୱାରା ପ୍ରଭାବିତ ହୋଇଛି । ଶିଳ୍ପ ଓ କୃଷି ବିକାଶ ସାହିତ୍ୟ ସଭ୍ୟତାର କ୍ରମବିକାଶ ଓ ଅଗ୍ରଗତିରେ ଶକ୍ତି ପୂର୍ଣ୍ଣ ବିକାଶ ଏ ପର୍ଯ୍ୟନ୍ତ ସମାଜର ଅପେକ୍ଷାରେ ରହିଛି । ଲୋକଲୋଚନର ଅନ୍ତରାଳରେ ଥିବା ବହୁ ତଥ୍ୟକୁ ଏକବିଂଶର ପ୍ରାବନ୍ଧିକମାନେ ସହଜ ଓ ସରଳ ଭାଷାରେ ପରିବେଷଣ କରିବା, ତାଙ୍କ କୁଶଳୀ ହାତର ପରିଚୟ ଦେଇଛନ୍ତି । ଏହି ଦୁଇ ଦଶକରେ ଆରମ୍ଭ ହୋଇଥିବା ପ୍ରବନ୍ଧର ଗତି କେତେଦୂର ଯଥାର୍ଥ ତାହା ଏକବିଂଶ ଶତକର ପରିଣତିକୁ ଅପେକ୍ଷା ରଖେ ।

### ସହାୟକ ଗ୍ରନ୍ଥସୂଚୀ :


୧. ଅଧ୍ୟାପକ ବିଶ୍ୱରଞ୍ଜନ - ସମୟର ସ୍ୱର, (୨୦୦୮), ବିଜୟନୀ ପବ୍ଲିକେଶନ, କଟକ ।

୨. ଅନ୍ୱେଷା (ସଂ) - ନାରୀମୁକ୍ତି (୨୦୧୨), ଅନ୍ୱେଷା, ବୁଢ଼ାରଜା, ସମ୍ବଲପୁର, ଓଡ଼ିଶା ।

୩. କର ବିଜୟାନନ୍ଦ-ଧର୍ମ,ଦର୍ଶନଓ ମାନବତାବାଦ(୨୦୦୬)ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ

୪. କର, ସୌରିବନ୍ଧୁ - ଗାନ୍ଧୀ ଓ ବେଦାନ୍ତ (୨୦୧୦), ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ ।

୫. ଦାଶ, ବେନହୁର – କ୍ଲାସିକ କାହାଣୀ (୨୦୧୦), ଗ୍ରନ୍ଥ ମନ୍ଦିର, କଟକ ।

୬. ଦାସ ଗୌରହରି – କାହାର ଓଡ଼ିଶା (୨୦୧୨), ପକ୍ଷୀଘର ପ୍ରକାଶନୀ, ଗୌରୀନଗର, ଭୁବନେଶ୍ୱର ।

୭. ଦାସ, ଚିତ୍ତରଞ୍ଜନ - ଭିନ୍ନ ଜଣେ ବିବେକାନନ୍ଦ (୨୦୧୫), ପଥିକ ପ୍ରକାଶନୀ, ଭୁବନେଶ୍ୱର ।

୮. ଦାସ, ହରପ୍ରସାଦ - ଓଡ଼ିଆ ଜାତିର ଜୀବନ ଚିନ୍ତା (୨୦୧୫), ପଶ୍ଚିମା ପବ୍ଲିକେଶନ, ଭୁବନେଶ୍ୱର ।

୯. ନାୟକ ସୁରେନ୍ଦ୍ର – ଗତି ଓ ପ୍ରଗତି (୨୦୦୬) ମହାବୀର ପ୍ରକାଶନ, ମ୍ୟୁନିସିପାଲ ମାର୍କେଟ, ଭୁବନେଶ୍ୱର ।

୧୦. ପଟ୍ଟନାୟକ, ପଠାଣୀ – ଓଡ଼ିଶାର ସାଂସ୍କୃତିକ ପରମ୍ପରା ଓ ଅନ୍ୟାନ୍ୟ ପ୍ରବନ୍ଧ (୨୦୦୮), ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ।

୧୧. ପଟ୍ଟନାୟକ,କିଶନ-ବିଚାରରଟିପାଖାତା(୨୦୦୪), ବିକଳ୍ପ ପ୍ରକାଶନ, ସମତାଭବନ, ବରଗଡ ।

୧୨. ପୁଷ୍ଟି,ରୁଦ୍ରନାରାୟଣ–ଜୀବନ ଓ ଜନମତ(୨୦୧୩),ଜୟନ୍ତୀ ପାଠାଗାର,ସାହାପଡା,ଯାଜପୁର

୧୩. ମହାନ୍ତି, ଶରତ କୁମାର – ସୂର୍ଯ୍ୟପରିବାର (୨୦୧୦), ଅଗ୍ରଦୂତ, କଟକ ।

୧୪. ମହାପାତ୍ର ସୀତାକାନ୍ତ - ସଂଭୋଗ, ନିର୍ଜନତା ଓ ଅନ୍ୟାନ୍ୟ ପ୍ରବନ୍ଧ (୨୦୧୨), କଟକ ।

୧୫. ମିଶ୍ର, ବିଭୂତି – ଗଣତନ୍ତ୍ରର ଅନ୍ତରାଳେ (୨୦୦୩), କଟକ ଷ୍ଟୁଡେ଼ଣ୍ଟ ଷ୍ଟୋର, କଟକ ।

୧୬. ରଥ, ଶଶିଭୂଷଣ – ବିଜ୍ଞାନ ଦୃଶ୍ୟପଟ (୨୦୧୪), କଟକ ଷ୍ଟୁଡେ଼ଣ୍ଟ ଷ୍ଟୋର, କଟକ ।

୧୭. ସାହୁ, ବାସୁଦେବ (ଅର୍ଥନୀତି) – ସାହିତ୍ୟ, ସମାଜ ଓ ଅର୍ଥନୀତି (୨୦୦୦) ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ ।

୧୮. ସେନାପତି, ରବୀନ୍ଦ୍ର ମୋହନ - ଓଡ଼ିଶା ରାଜନୀତିର ଗଣତାନ୍ତ୍ରିକ ପରମ୍ପରା (୨୦୦୬), ବିଦ୍ୟାଭାରତୀ, ଆଲାମଚାନ୍ଦ ବଜାର, କଟକ ।

୧୯. ସ୍ୱାଇଁ, ନିତ୍ୟାନନ୍ଦ - ଜୀବ ସମାଜରୁ ଶିକ୍ଷା (୨୦୦୩) କଟକ ଷ୍ଟୁଡେ଼ଣ୍ଟ ଷ୍ଟୋର, କଟକ ।

୨୦. ହୋତା, ସାତକଡ଼ି – ସାମାଜିକ ବିଚାର (୨୦୦୨), ଓଡ଼ିଶା ବୁକ୍‌ଷ୍ଟୋର, କଟକ ।

❖ ❖ ❖

DOI : https://doi.org/10.5281/zenodo.17553306 ମୂଳ ପ୍ରବନ୍ଧ

# ମହାଶକ୍ତିର ତିନି ଛାୟା: ଡକ୍ଟର ଇତି ସାମନ୍ତଙ୍କ 'ତେଜସ୍ୱୀ ନୁହେଁ ତେଜସ୍ୱତୀ'ର ଏକ ତୁଳନାତ୍ମକ ବିଶ୍ଳେଷଣ

**ପଲ୍ଲୀଶ୍ରୀ ପଟ୍ଟନାୟକ**

**ସଂକ୍ଷିପ୍ତସାର :**

ଏହି ପୁସ୍ତକ ଡକ୍ଟର ଇତି ସାମନ୍ତଙ୍କ ଉପନ୍ୟାସିକା ସଂଗ୍ରହ 'ତେଜସ୍ୱୀ ନୁହେଁ ତେଜସ୍ୱତୀ'କୁ ସମାଲୋଚନାତ୍ମକ ଭାବରେ ପରୀକ୍ଷା କରେ, ଯେଉଁଥିରେ ତେଜସ୍ୱୀ ନୁହେଁ ତେଜସ୍ୱତୀ, କଥା: ଏକ ନିରବ ସନ୍ଧ୍ୟାର ଏବଂ ରଙ୍ଗହୀନ ହୋଲି ଅନ୍ତର୍ଭୁକ୍ତ। ପ୍ରତ୍ୟେକ କାହାଣୀ ମହିଳାମାନଙ୍କର ସଂଘର୍ଷ , ବ୍ୟକ୍ତିଗତ ଓ ସାମାଜିକ ନିର୍ଯାତନା ଏବଂ ପରିଚୟର ପୁନଃନିର୍ମାଣ ଉପରେ ଏକ ଅନନ୍ୟ ଦୃଷ୍ଟିକୋଣ ପ୍ରଦାନ କରେ। ଡକ୍ଟର ସାମନ୍ତ, ଏକ ଦୃଢ ଏବଂ ସହାନୁଭୂତିଶୀଳ ସାହିତ୍ୟିକ ସ୍ୱର ମାଧ୍ୟମରେ, ଲିଙ୍ଗଗତ ଭେଦଭାବ, ଭାବପ୍ରବଣ ଆଘାତ, ଗଣଦୁଷ୍କର୍ମ ,ଏସିଡ ଆକ୍ରମଣ ,ଭିକାରି ବୃତ୍ତି ଏବଂ ଘରୋଇ ହିଂସା ଭଳି ଅନ୍ତର୍ନିହିତ ବିଷୟବସ୍ତୁକୁ ଉପସ୍ଥାପିତ କରିଛନ୍ତି , ଶେଷରେ ପରିବର୍ତ୍ତନର ସୁଦୃଢ ସ୍ୱର । ଏହା ବିଶ୍ଳେଷଣ କରିଛି ଯେ ସାମନ୍ତ କିପରି ବାସ୍ତବ ଜୀବନର ଅସୁବିଧାଗୁଡ଼ିକୁ ଏକ ନାରୀବାଦୀ ସାହିତ୍ୟିକ ଢାଂଚାରେ ଢାଳିଛନ୍ତି ଯାହା ସମସାମୟିକ ଓଡ଼ିଆ ସାହିତ୍ୟରେ ନାରୀତ୍ୱର ପାରଂପରିକ ବର୍ଣ୍ଣନାକୁ ପୁନଃପରିଭାଷିତ କରେ। ଦୁଇ ଭାଗରେ ଏହା ବର୍ଣ୍ଣିତ । ପ୍ରଥମ ଭାଗ ସଂପୂର୍ଣ ପୁସ୍ତକର ସମ୍ୟକ ଆଲୋଚନା ଓ ଦ୍ୱିତୀୟ ଭାଗରେ ତିନୋଟି ପୁସ୍ତକସହ ତୁଳନାତ୍ମକ ବିଶ୍ଳେଷଣ ରହିଛି ।

**ପ୍ରମୁଖ ଶବ୍ଦାବଳୀ :**

ନାରୀବାଦ, ସଂଘର୍ଷ, ଲିଙ୍ଗଗତ, ଦଳିତ, ପିତୃତନ୍ତ୍ର, ଅତ୍ୟାଚାର, ପରିତ୍ୟକ୍ତ, ଆତ୍ମସାକ୍ଷାତ, ନ୍ୟାୟ, ସ୍ୱାଭିମାନ।

## ପରିଚୟ :

ଓଡ଼ିଆ ସାହିତ୍ୟ ଦୀର୍ଘଦିନ ଧରି ଲିଙ୍ଗ, ଜାତି ଏବଂ ପରିଚୟର ସାମାଜିକ ସାଂସ୍କୃତିକ ଜଟିଳତାରେ ଏକ ଆତ୍ମନିରୀକ୍ଷଣ ଦୃଷ୍ଟିକୋଣ ପ୍ରଦାନ କରିଆସିଛି। ଏହାର ସବୁଠାରୁ ସମ୍ଭ୍ରାନ୍ତ ସମସାମୟିକ ସ୍ୱର ହେଉଛନ୍ତି ଡକ୍ଟର ଇତି ସାମନ୍ତ, ଯାହାଙ୍କର ଓଡ଼ିଆ ଲେଖାରେ ନାରୀବାଦୀ ଚିନ୍ତାଧାରାର ଅବଦାନ ଉଲ୍ଲେଖନୀୟ ଭାବେ ସ୍ୱତନ୍ତ୍ର । ତାଙ୍କର ସଂକଳନ 'ତେଜସ୍ୱୀ ନୁହେଁ ତେଜସ୍ୱତୀ' ତିନୋଟି ଉପନ୍ୟାସିକାକୁ ଏକତ୍ରିତ କରି ଏକ ନୂତନ ପ୍ରକାରର ସାହିତ୍ୟିକ ଆଂଦୋଳନର ପ୍ରଖର ସ୍ୱର ଶୁଣାଇଛି - ତେଜସ୍ୱୀ ନୁହେଁ ତେଜସ୍ୱତୀ, କଥା : ଏକ ନିରବ ସନ୍ଧ୍ୟାର ଏବଂ ରଙ୍ଗହୀନ ହୋଲି - ଯାହା ପରିତ୍ୟକ୍ତ କିମ୍ବା ନୀରବ କରାଯାଇଥିବା ମହିଳାମାନଙ୍କର ଭାବପ୍ରବଣତା (ପ୍ରେମ), ଶାରୀରିକ ,ମାନସିକ ଏବଂ ସାମାଜିକ ସଂଘର୍ଷ ଉପରେ ଆଧାରିତ।

ପ୍ରକାଶ୍ୟ ବିଦ୍ରୋହର କାହାଣୀ ପ୍ରସ୍ତୁତ କରିବା ପରିବର୍ତ୍ତେ, ସାମନ୍ତଙ୍କ ମହିଳାମାନେ ସ୍ଥିରତା, ଆଭ୍ୟନ୍ତରୀଣ ଶକ୍ତି ଏବଂ ନୀରବ ପ୍ରତିରୋଧ ମାଧ୍ୟମରେ ପିତୃତାନ୍ତ୍ରିକତାକୁ ଆହ୍ୱାନ କରନ୍ତି, ଏହାଦ୍ୱାରା ସଶକ୍ତିକରଣର ଏକ ସ୍ୱଦେଶୀ ମଡେଲ ସେ ପ୍ରଦାନ କରନ୍ତି ଯାହା ଓଡ଼ିଆ ଘରର ସଂସ୍କୃତି ଓ ଚଳଣିକୁ ବେଖାତିର ନକରି ମଧ୍ୟ ନିଜକୁ

**ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ**

Quick Response Code:

**Available online at :**
https://pracheenews.com/

**DOI:**
https://doi.org/10.5281/zenodo.16919373
Article No - BPP00343

**ଯୋଗାଯୋଗ :**
**ଡକ୍ଟର ପଲ୍ଲୀଶ୍ରୀ ପଟ୍ଟନାୟକ,** ବିଭାଗ ମୁଖ୍ୟ (ଓଡ଼ିଆ)
ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି
**Email :** pallipriyanka20@gmail.com
**ORCID ID:** https://orcid.org/0009-0007-3467-3763

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୬.୨୦୨୫ | ୧୧.୦୭.୨୦୨୫ | ୨୫.୦୯.୨୦୨୫ | ୧.୧୦.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ପଟ୍ଟନାୟକ, ପଲ୍ଲୀଶ୍ରୀ ; ୨୦୨୫। ମହାଶକ୍ତିର ତିନି ଛାୟା: ଡକ୍ଟର ଇତି ସାମନ୍ତଙ୍କ 'ତେଜସ୍ୱୀ ନୁହେଁ ତେଜସ୍ୱତୀ'ର ଏକ ତୁଳନାତ୍ମକ ବିଶ୍ଳେଷଣ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଛ; ପୃଷ୍ଠା :୧୬-୨୨।

ବେଶ ପ୍ରତିପାଦିତ କରିପାରେ । ତେଜ୍ୟା ନୁହେଁ ତେଜସ୍ୱୀ: ଆତ୍ମ-ସାକ୍ଷାତର ଦିବ୍ୟ ଆଭା ସହିତ ଗଭୀର ଭାବରେ ପ୍ରତିଧ୍ୱନିତ ହୁଏ ଦୀପିକା ମାଧ୍ୟମରେ ପ୍ରାୟ ପ୍ରତିଟି ଆଧୁନିକ ଅତ୍ୟାଚାରିତ ମହିଳାଙ୍କ ସ୍ୱର ଭାବରେ ।

ଶୀର୍ଷକ ଉପନ୍ୟାସଟି ସାମାଜିକ ଭାବରେ 'ତେଜ୍ୟା' ଭାବରେ ଲେବଲ୍ ହୋଇଥିବା ଜଣେ ମହିଳା ଦୀପିକାଙ୍କୁ କେନ୍ଦ୍ରିତ କରେ,ଏହା ଏକ ଶବ୍ଦ ଯାହା ପରିତ୍ୟକ୍ତତାକୁ ବୁଝାଏ - ସାଧାରଣତଃ ତାଙ୍କ ପିତା, ସ୍ୱାମୀ ବା ସମାଜ ଦ୍ୱାରା ଝିଅଟିଏ ବା ସ୍ତ୍ରୀଲୋକଟିଏ, ଡ. ସାମନ୍ତ ଏହି ଲେବଲ୍‌କୁ ବିରୋଧ କରନ୍ତି, ନାୟିକାକୁ ଏକ ଦୁଃଖଦ ବ୍ୟକ୍ତି ଭାବରେ ନୁହେଁ ବରଂ ଏକ ଆଲୋକିତ ପ୍ରାଣୀ ଭାବରେ ଚିତ୍ରଣ କରନ୍ତି ଯିଏ ବୈବାହିକ ବୈଧତା ବାହାରେ ନାରୀମାନଙ୍କର ମର୍ଯ୍ୟାଦାକୁ ଆବିଷ୍କାର କରନ୍ତି । ସେଥିପାଇଁ ହିଁ ତାଙ୍କର ନାରୀ ଚରିତ୍ରମାନେ ସ୍ୱାବଲମ୍ବୀ, ପ୍ରଥମରୁ। ପ୍ରଥମ ଉପନ୍ୟାସିକାର କାହାଣୀଟି ବହୁତ ଭାବରେ ନିଆରା। ପ୍ରଥମତଃ ଆଜି ଯୁଗର ସୋସିଏଲ ମିଡିଆର ପ୍ରଭାବ, ଫେସବୁକ ପ୍ରେମ ଓ ତାର ପରିଣତି ଉପରେ ଏହା ଆଲୋକପାତ କରିଛି, ଦ୍ୱିତୀୟରେ ଏକ ସାମାଜିକ ବ୍ୟାଧି ଏସିଡ ଆକ୍ରମଣର ଶିକାର ହେଉଥିବା ଝିଅ ମାନଙ୍କର କରୁଣ କାହାଣୀର ଅବତାରଣା କରିଛି । ଓଡିଆ ଉପନ୍ୟାସରେ ଏହିପରି କାହାଣୀକୁ ଆଧାର କରି ଏବେ ହାତଗଣତି କିଛି ଲେଖାଯାଉଛି। ସେ ଦୃଷ୍ଟିରୁ ଏହା ସଫଳ ଉପନ୍ୟାସ ଏହି ଧାରଣାକୁ ଚ୍ୟାଲେଞ୍ଜ କରେ ଯେ ଜଣେ ମହିଳାଙ୍କ ମୂଲ୍ୟ ତାଙ୍କ ଘରୋଇ ପରିଚୟ ସହିତ ଜଡିତ। ଡ. ସାମନ୍ତ ଜଣେ ଏସିଡ ପୀଡିତା ,ଭଗ୍ନ ହୃଦୟ ମହିଳାଙ୍କୁ ପୁନରୁତ୍ଥାନ କରନ୍ତି ଓ ପରିବର୍ତିତ କରନ୍ତି ଜଣେ ସମାଜସେବୀ, ଅନ୍ୟ ଏସିଡ ପୀଡିତଙ୍କୁ ସାହାଯ୍ୟ କରୁଥିବା ନାରୀ ଭାବେ ଯାହା ଏକ ପ୍ରେରଣା ହୋଇ ହୁଏତ ଆଜିର ସମୟରେ ଅନେକଙ୍କ ଜୀବନରେ ପରିବର୍ତନ ଆଣିପାରେ ।

**ପ୍ରଥମ ଭାଗ**

**ବିଷୟବସ୍ତୁ ଭାବରେ, ଉପନ୍ୟାସିକାଟି ଏହିପରି ବର୍ଣ୍ଣନା କରେ:**

କଳଙ୍କ ଏବଂ ସାମାଜିକ ଲେବଲ୍: ଏସିଡ ଆକ୍ରମଣର ଶିକାର ମହିଳାଙ୍କର ।

ଆତ୍ମ-ସମ୍ବୋଧନ ମାଧ୍ୟମରେ ସ୍ୱାୟତ୍ତତା : ପ୍ରୋଟାଗୋନିଷ୍ଟ ଦୀପିକାର ତିନି ମୁହଁ ମାଧ୍ୟମରେ ।

ମନୋବିଜ୍ଞାନ ଚିକିତ୍ସା: ଦୀପିକା ଓ ମାଧବଦାସ ଚରିତ୍ରର ପରିବର୍ତନ ମାଧ୍ୟମରେ ।

ଡ. ସାମନ୍ତ ମହିଳାଙ୍କ ଆଭ୍ୟନ୍ତରୀଣ ଯାତ୍ରାକୁ ନାଟକୀୟ ଓ ପ୍ରତୀକାତ୍ମକ କରିବା ପାଇଁ ରୂପକ ଅନ୍ଧାର ଓ ଆଲୁଅର ବ୍ୟବହାର କରିଛନ୍ତି। ଶେଷ ଦୃଶ୍ୟ, ଯେଉଁଠାରେ ନାୟକକୁ କୁହନ୍ତି ନାୟିକା :

"ଭାଙ୍ଗିପଡି ପଳାୟନପନ୍ଥୀ ସାଜିଲେ କେମିତି ଶାସ୍ତି ପାଇବେ ନରରାକ୍ଷସମାନେ ? କିଏ ଦଣ୍ଡଦେବ ଏମାନଙ୍କୁ ? ନାରୀକୁ ନିଜପାଇଁ ଲଢେଇ କରିବାକୁ ପଡେ ଏ ସମାଜରେ ମାଧବ ଦାସ ! ନ୍ୟାୟ ପାଇବା ପାଇଁ ସଂଘର୍ଷ କରିବାକୁ ପଡେ ଆମକୁ । ନହେଲେ କେହିବି ତାଙ୍କ ଆଡୁ ଆସି ନ୍ୟାୟ ଦେଇଯିବେନାହିଁ ଆମକୁ।"

ତାଙ୍କର ନାରୀ ଚରିତ୍ର ଏହିପରି କୌଣସି ଦେବତା ପାଇଁ ନୁହେଁ ବରଂ ନିଜ ପାଇଁ ଦୀପ ଜାଳିଥାଏ, ତାହା ମହିଳାଙ୍କ ଆତ୍ମ-ଆବିଷ୍କାରର ଗଭୀର ପ୍ରତୀକାତ୍ମକ —ଏକ ସ୍ୱୟଂସଂପୂର୍ଣ ମହାଶକ୍ତି ।

**କଥା : ଏକ ନିରବ ସନ୍ଧ୍ୟାର: ଏକ ଗଭୀର ନୀରବ ଦୃଢ ଉତ୍‌ଥାନର ସ୍ୱର ।**

କଥା :ଏକ ନିରବ ସନ୍ଧ୍ୟାର, ନୂଆ ଢାଂଚାରେ ଜଣେ ମହିଳାଙ୍କ ଆଭ୍ୟନ୍ତରୀଣ ଦୁଃଖକୁ ଅନୁସନ୍ଧାନ କରନ୍ତି। ନାୟକ ଏଠି ଜଣେ କାହାଣୀ ଶୁଣୁଥିବା କରୋନା ଯୋଦ୍ଧା ଡାକ୍ତର, କମ୍ କଥା କୁହନ୍ତି, ତଥାପି ତାଙ୍କର ନୀରବତା ସମର୍ପଣର ସୂଚକ ନୁହେଁ। ବରଂ, ଏହା ପ୍ରତିରୋଧର ଏକ ରୂପ ହୋଇଯାଏ - ବଂଚିବା ଏବଂ ପର୍ଯ୍ୟବେକ୍ଷଣ ପାଇଁ ଏକ ରଣନୀତି ।ବର୍ଷା ବିଧୌତ ରଜନୀରେ ଜଣେ ସୁନ୍ଦରୀ ରମଣୀ ଯିଏ ହୁଏତ ନିଜକୁ ଯାଚି ଦେଉଛନ୍ତି ସେଇ ସୁପୁରୁଷଙ୍କ ପାଖରେ ଅଥଚ ସେ ବ୍ୟାକୁଳ ନୁହନ୍ତି ତାଙ୍କର ଏକାକିତ୍ୱ ,ନିର୍ଜନତା ବା ରୋମାଂଟିକ ପରିବେଶର ସୁଯୋଗ ନେବାକୁ ।

ଡକ୍ଟର ସାମନ୍ତଙ୍କ ଶକ୍ତି ନୀରବତାକୁ ସୌନ୍ଦର୍ଯ୍ୟକରଣ କରିବାର, ତାଙ୍କର କ୍ଷମତା ତାହାକୁ ଶବ୍ଦ ଦେବାରେ ନିହିତ। ଉପନ୍ୟାସିକାର ସନ୍ଧ୍ୟା ସେଟିଂ (ସନ୍ଧ୍ୟା) ପରିବର୍ତ୍ତନର ପ୍ରତୀକ ଏବଂ ଜଣେ ମହିଳାଙ୍କ ଜୀବନରେ ଦୃଶ୍ୟମାନତା ଏବଂ ଅଦୃଶ୍ୟତା ମଧ୍ୟରେ ଥିବା ଅସ୍ପଷ୍ଟ ରେଖା ପାଇଁ ଏକ ରୂପକ ଭାବରେ କାର୍ଯ୍ୟ କରୁଚି ।ସେଥିପାଇଁ ନାୟିକା ଶିଉଳି କହେ, "ଜୀବନ ରାସ୍ତାରେ ଚାଲୁଚାଲୁ ମଣିଷକୁ କେତେବେଳେ କେଉଁ ପରିସ୍ଥିତି ଦେଇ ଗତିକରିବାକୁ ପଡିବ ,ସେକଥା କିଏ କହିପାରିବା ସାର ? ଆଉ ଆମେ ଝିଅମାନେ ଯେତେବେଳେ ଯାହାକରୁ, ସବୁ କମ କ'ଣ ଆମ ଇଚ୍ଛା ଅନୁସାରେ ହୋଇଥାଏ ? ଇଚ୍ଛା ନଥିଲେ ବି ବହୁତ କମ କରିବାକୁ ପଡିଥାଏ ଆମକୁ ।" ଏଇ କିଛିପଦ ଯେପରି ସମଗ୍ର ନାରୀଜାତିର ଅସହାୟତା ,ପୁରୁଷତନ୍ତ୍ରର ଆଧିପତ୍ୟକୁ ପ୍ରତିନିଧିତ୍ୱ କରେ , ପ୍ରତିପାଦିତ କରେ ,ବଳିଷ୍ଠ ଭାବରେ।

**ବିଷୟବସ୍ତୁ ଭାବରେ, ଉପନ୍ୟାସିକା ଟି ଏହିପରି ବର୍ଣ୍ଣନା କରେ:**

ନାରୀବାଦୀଙ୍କ ସ୍ୱର ସୂକ୍ଷ୍ମ କିନ୍ତୁ ଶକ୍ତିଶାଳୀ:ଝିଅଟି ପ୍ରତିକୂଳ ପରିସ୍ଥିତିରେ ବି ହାର ମାନିନାହିଁ ।

ମହିଳାଙ୍କ ଭାବପ୍ରବଣ ଶ୍ରମ ଦୟାଜନକ ନୁହେଁ ବରଂ ମର୍ଯ୍ୟାଦାଜନକ: ଦେହଜୀବି ହେଲେବି ସେ ସ୍ୱାଭିମାନୀ ।

ଏଠି ସହ୍ୟ କରିବାର, ନିଜର ନୀରବତା ବାଛିବାର ଏବଂସେ ଭିତରୁ ଅର୍ଥ ଅର୍ଜନ କରିବାର କ୍ଷମତା ଭାବରେ ସଶକ୍ତିକରଣକୁ ପୁନଃପରିଭାଷିତ କରାଯାଇଛି।

ଗାୟତ୍ରୀ ସ୍ପିଭାକଙ୍କ ଭଳି ବିଦ୍ୱାନମାନେ 'ଦଳିତ ମହିଳାଙ୍କ ନୀରବତା' ଧାରଣାକୁ ଅନୁପସ୍ଥିତି ଭାବରେ ନୁହେଁ ବରଂ ଜ୍ଞାନଶାସ୍ତ୍ରୀୟ ବିଭ୍ରାଟ ଭାବରେ ଆଲୋଚନା କରିଛନ୍ତି । ସାମନ୍ତଙ୍କ ଉପନ୍ୟାସକୁ ଏହି ପ୍ରକାରରେ ଦେଖାଯାଇପାରେ - ସ୍ୱରହୀନଙ୍କ ଭିତରେ ସ୍ୱର ଉପରେ ଏକ ପ୍ରତୀକ ।

## ରଙ୍ଗହୀନ ହୋଲି: ନିଜ ଜୀବନକୁ ନିଜଭାବରେ ଚିତ୍ରିତ କରିବା

ସମ୍ଭବତଃ ତିନୋଟି ମଧ୍ୟରୁ ସବୁଠାରୁ ଅନନ୍ୟ (ଓଡିଆ ସାହିତ୍ୟରେ ଭିକାରୁଣୀଙ୍କୁ ଏପରି ଢଙ୍ଗରେ ଉପସ୍ଥାପିତ ହେବା ଏହି ପ୍ରବନ୍ଧ ଲେଖିକା ଆଖିରେ ପଡିନି), ରଙ୍ଗହୀନ ହୋଲିଏହାରନାୟିକାକୁ ଏକ ବିରୋଧାଭାସ ଭିତରେ ଦୃଢ ଭାବରେ ଦଣ୍ଡାୟମାନ କରେ - ରଙ୍ଗର ଏକ ପର୍ବ ହୋଲି ଏଠି ରୂପକ ଭାବେ ବ୍ୟବହୃତ ହୋଇଛି। ଯେଉଁଠି ମଣିଷ ଜୀବନ ଭାବପ୍ରବଣ ଭାବରେ ରଙ୍ଗହୀନ, ସଂଘର୍ଷରେ ଭରପୁର, ପଇସାକର ମୂଲ୍ୟ ନାହି ,ପୋକମାଛିର ଜୀବନ ସେଠି ହୋଲି କଣ ରଙ୍ଗହୀନ ନୁହେଁ ? ହୋଲିର ସାମାଜିକ ଚମକ ଏମାନଙ୍କ ଆଭ୍ୟନ୍ତରୀଣ ନୀରବ ଜୀବନ ବିରୁଦ୍ଧରେ ଏକ ସଂପୂର୍ଣ୍ଣ ବିପରୀତ ଉତ୍ସବ, ଯାହା ବିଶ୍ୱାସଘାତକତା, ଅବହେଳା, କ୍ଷତି ଓ କ୍ଷତ ଦ୍ୱାରା ଚିହ୍ନିତ ବୋଲି ନିଜେ ଡ।ସାମନ୍ତ ଅନୁଭବ କରନ୍ତି ।ସମାଜର ନିମ୍ନତମ ଶ୍ରେଣୀର ଦୁଃଖ,ସଂଘର୍ଷ, ଜୀବନଯାପନ ଶୈଳୀକୁ ନିଖୁଣ ଭାବେ ମାଇକ୍ରୋସ୍କୋପିକ ପର୍ଯ୍ୟବେକ୍ଷଣ ନକଲେ ଜଣେ ଏପରି ବର୍ଣନା କରିବା ଅସମ୍ଭବ। ଏକ ସଂବେଦନଶୀଳ ହୃଦୟଧାରୀ ମୋନିକା ହୁଏତ ଲେଖିକା ଡା ସାମନ୍ତ ନିଜେ । ଏକ ସମାଜସେବୀ ଭାବେ ସେ ସେଇ ସମାଜର ଅବହେଳିତ ବର୍ଗଙ୍କ ସଂସ୍ପର୍ଶରେ ଆସିଛନ୍ତି ,ବ୍ୟଥିତ ହୋଇଛନ୍ତି ଓ ଏ କାହାଣୀ ତାଙ୍କ କଲମମୁନରୁ ଝରିଛି । ଲକ୍ଷଣୀୟ ଏହାଯେ ଏଠି ବି ଭିକାରୁଣୀ ହୋଇ ମଧ୍ୟ ସେ ଝିଅଟି ବେଶ ଆତ୍ମଅଭିମାନୀ ଓ ଶକ୍ତିଶାଳୀ, ଦୁର୍ବଳ ତ ଆଦୌ ନୁହେ ।

ଏହି ଯାତ୍ରା ଆତ୍ମ-ଲେଖକତ୍ୱକୁ ପ୍ରତିଫଳିତ କରେ, ନାରୀବାଦୀ ସାହିତ୍ୟିକ ସମାଲୋଚନାରେ ଅନୁସନ୍ଧାନ କରାଯାଇଥିବା ଏକ ଧାରଣା। ସାଣ୍ଡ୍ରା ଗିଲବର୍ଟ ଏବଂ ସୁସାନ ଗୁବାରଙ୍କ ଅନୁସାରେ, ମହିଳା ଲେଖକମାନେ ପ୍ରାୟତଃ ନିଜ ସତ୍ୟ ଲେଖିବା ପାଇଁ ପ୍ରବର୍ତ୍ତିତ କାହାଣୀ ପାଇଁ ହିଁ ସଂଘର୍ଷ କରନ୍ତି ।ଡ.ସାମନ୍ତ ବହୁ ଭାବରେ ଯୋଡି ହେଇଥାନ୍ତି ବାସ୍ତବ ଜୀବନ ମାନଙ୍କ ସହ ଯାହା ତାଙ୍କର ଅନନ୍ୟ ପର୍ଯ୍ୟବେକ୍ଷଣକୁ ରଚନମାନଙ୍କରେ ପ୍ରତିଫଳିତ କରେ ।

ବିଷୟବସ୍ତୁ ଭାବରେ, ଉପନ୍ୟାସିକାଟି ଏହିପରି ବର୍ଣ୍ଣନା କରେ:

ପ୍ରତୀକାତ୍ମକତା ପ୍ରଚୁର:କୁଷ୍ଠ ରୋଗାକ୍ରାନ୍ତ ବୋଉ ଠାରୁ ଝିଅର ସ୍କୁଲଯିବା ,ଛୁଆ ଜନ୍ମ କରିବା ଇତ୍ୟାଦି ।

ଧୂସର: ଭାବପ୍ରବଣ ସ୍ଥିରତା, ଗ୍ୟାଙ୍ଗରେପ ପରେବି ଉଠି ଠିଆହେବା ।

ହୋଲିର ରଙ୍ଗ : ନବୀକରଣ ଏବଂ ଶକ୍ତି,ସବୁ ସଂଘର୍ଷ ସହ ନିଜ ଦୁଇ ଛୁଆଙ୍କ ପାଇଁ ପ୍ରଶାନ୍ତିର ସହ ବୋଉ ହେବାର ଅଭିଳାଷ ।

ଉପନ୍ୟାସିକାର ଏକ ଗୁରୁତ୍ୱପୂର୍ଣ୍ଣ ପଂକ୍ତିରେ ଲେଖା ଅଛି: 'ପ୍ରତିଦିନ କେତେକେତେ ଲୋକଙ୍କୁ ଭେଟିଥାଉ ଆମେ । ନାରୀପୁରୁଷ ପିଲାବୟସ୍କ ଆଦି ସେମାନେ ସମସ୍ତେ ଭିନ୍ନ ଭିନ୍ନ ଧରଣର ।ସମସ୍ତଙ୍କ ଜୀବନ କାହାଣୀ ଭିନ୍ନଭିନ୍ନ ।କିନ୍ତୁ ଆମେ କେତେ ବା ଜାଣୁ କାହାର ଜୀବନ କାହାଣୀ କେମିତି ! ଏଇ ଭିକାରୀମାନଙ୍କୁ ଦେଖିଥାଉ ଆମେ ଭିନ୍ନଭିନ୍ନ ଜାଗାରେ ।ଯାହାର ଯେମିତି ସକ୍ଷମ ,ପଇସା ପକେଇ ଦେଇ ଯାନ୍ତି ସେମାନଙ୍କ ଟାଟିଆରେ ।ଅନେକ ଖରାପ କୁହନ୍ତି ,ମୁହଁ ଛିଂଚାଡି କୁହନ୍ତି ,ସାହାଜିଆ ଉପାୟ ପଇସା ରୋଜଗାର ବୋଲି ଆସି ବସିଯାଉଛନ୍ତି ।କିନ୍ତୁ କେତେଥର ବା ଆମେ ପଚାରି ବୁଝିଛେ କେଉଁ ପରିସ୍ଥିତି ବାଧ୍ୟ କଲା ତାଙ୍କୁ ଟାଟିଆ ଧରି ବସି ' ମା କିଛି ଦିଅ ,ବାବୁ କିଛି ଦିଅ କହିବା ପାଇଁ ? "ହୃଦୟକୁ ଦ୍ରବିଭୂତ କଲାବେଳେ ପୁଣି କିଛି ପଂକ୍ତି: " ଯୋଉ ଜୀବନରେ ଯନ୍ତ୍ରଣା ନାହି ,ସଂଘର୍ଷ ନାହି ,କଷ୍ଟ ନାହି ,ସେ କି ଜୀବନ !ଆଲୋ ତୋ ବାଟଟା ସବୁବେଳେ ସିଧାହେଇ ରହିବ ,ସିଧାସିଧା ଯାଇ କୋଉଠି ପହଂଚି ପାରିବୁ ? ଯଦି ତୁ ବାଟରେ ବାଙ୍କ ନ ମୋଡିବୁ ; ତାହେଲେ ତୁ କେମିତି ପହଂଚିପାରିବୁ ତୁ ଇଚ୍ଛା କରିଥିବା ସେଇ ନିର୍ଦ୍ଦିଷ୍ଟ ଜାଗାରେ ? ତୋ ଲକ୍ଷସ୍ଥଳ ରେ ?

ଏହି ବାକ୍ୟ ଉପନ୍ୟାସର ଶେଷ କିଛି ଧାଡି , ସଶକ୍ତୀକରଣ ଏକ ସଶକ୍ତମୋଡ଼କୁ ବର୍ଣ୍ଣନା କରେ ଯେଉଁଠି ମଣିଷ ଆହୁରି ସାହସୀ ହେଇ ଠିଆ ହେବାକୁ ରାହା ପାଏ ,ହାର ମାନେନି ପ୍ରତିକୂଳ ପରିସ୍ଥିତିରୁ ,ଆଗେଇ ଚାଲେ ଆଉ ଜିତେ ମଧ୍ୟ ,ଏଇତ କଲମର ସାହସ ?

## ପ୍ରାଚ୍ୟ ସଂସ୍କୃତିର ମୂଳ ଏକ ନାରୀବାଦୀ ଦୃଷ୍ଟିକୋଣ

ପାଶ୍ଚାତ୍ୟ ନାରୀବାଦୀ କାହାଣୀ ଯାହା ଦାବି ଏବଂ ସାର୍ବଜନୀନ ପ୍ରତିରୋଧକୁ ବିଶେଷ ଭାବେ ଉପସ୍ଥାପିତ କରେ, ଡକ୍ଟର ଇତି ସାମନ୍ତ ଏକ ସ୍ଥାନୀୟ (ପ୍ରାଚ୍ୟ) ନାରୀବାଦ ଉପସ୍ଥାପନ କରନ୍ତି - ଯାହା ପାରିବାରିକ ଗଠନ ମଧ୍ୟରେ କାର୍ଯ୍ୟ କରେ, ସାଂସ୍କୃତିକ ମୂଲ୍ୟବୋଧକୁ ସମ୍ମାନ କରେ, କିନ୍ତୁ ନାରୀଶକ୍ତିର ଗତିଶୀଳତାକୁ ସୂକ୍ଷ୍ମ ଭାବରେ ପ୍ରତିଷ୍ଠିତ କରେ।ଓଡିଆ ସାହିତ୍ୟରେ ଏହା ଏକ ମୌଳିକ ଓ ଅନନ୍ୟ ନାରୀବାଦ ।

**ଏହି ଉପନ୍ୟାସିକାଗୁଡ଼ିକର ପ୍ରତ୍ୟେକ ନାୟିକା ଏଇ ତିନୋଟି ଗୁଣ ବହନ କରନ୍ତି:**

୧. ଗଭୀର ଭାବପ୍ରବଣତା,ସ୍ୱାଭିମାନ ଏବଂ ସମ୍ବେଦନଶୀଳତା।

୨. ଅନ୍ୟାୟ ପ୍ରତି ସଚେତନତା।

୩. ବ୍ୟକ୍ତିଗତ ସଂଘର୍ଷ , ପ୍ରାୟତଃ ବିନା ସାମାଜିକ ଅନୁମୋଦନରେ ।

ଏହା ସେମାନଙ୍କୁ ସମସ୍ତ ପିଢ଼ି ଏବଂ ଭୌଗୋଳିକ ସ୍ତରରେ ବିଶ୍ୱର ପାଠକମାନଙ୍କ ସହିତ ସଂପର୍କୀତ କରିଥାଏ। ଚନ୍ଦ୍ରା ତାଲପଦେ ମହାନ୍ତି ଯୁକ୍ତି କରନ୍ତି ଯେ, ନାରୀବାଦରେ ପ୍ରକୃତରେ ଅନ୍ତର୍ଭୁକ୍ତ ହେବା ପାଇଁ ସ୍ଥାନୀୟ ଅଭିଜ୍ଞତାର ମୂଳ ହେବା ଆବଶ୍ୟକ । ସାମନ୍ତଙ୍କ ଚରିତ୍ରଗୁଡ଼ିକ ବିଶ୍ୱସ୍ତରୀୟ ଆର୍କେଟାଇପ ନୁହଁନ୍ତି – ସେମାନେ ଓଡ଼ିଆ ସମାଜରେ ପ୍ରତିପାଳିତଜଣେ ଜଣେ ପ୍ରକୃତ ମହିଳା, ତଥାପି ସେମାନେ ନିଜ ନିଜ ଉପାୟରେ ଏହାର ମୂଳ ମାନଦଣ୍ଡକୁ ଚ୍ୟାଲେଞ୍ଜ କରନ୍ତିଓ ସଶକ୍ତ ହୋଇ ନିଜକୁ ଗଢନ୍ତି ।

## କଥା ଶୈଳୀ ଏବଂ କୌଶଳ

ସାମନ୍ତଙ୍କ ବର୍ଣ୍ଣନା ଭାଷା ସରଳ କିନ୍ତୁ ଦୃଷ୍ଟିକୋଣ ନୁହେଁ, ତାଙ୍କର ପ୍ରଥମ ପୁରୁଷର ବ୍ୟବହାର ଆଭ୍ୟନ୍ତରୀଣ ଏକକ କୁ ପ୍ରତିଫଳିତ କରେ। ସାଂସ୍କୃତିକ ରୂପକ (ହୋଲି, ଆଲୁଅ, ଖାଦ୍ୟ, ମନ୍ଦିର, ଟ୍ରାଫିକ) ଏକ ସମୃଦ୍ଧ ଭାବପ୍ରବଣତା ଗଠନ ସୃଷ୍ଟି କରେ। ତାଙ୍କର ଚରିତ୍ରଗୁଡ଼ିକ ଦୂର ସାହିତ୍ୟିକ ବ୍ୟକ୍ତି ନୁହଁନ୍ତି ବରଂ ପରିଚିତ, ଅନୁଭବ କରୁଥିବା ଆମ ଚାରିକଡର ମଣିଷ । ଓଡ଼ିଆ ଲୋକମୁଖ କଥା ଏବଂ ସ୍ଥାନୀୟ ଅଭିବ୍ୟକ୍ତିର ବ୍ୟବହାର କାହାଣୀଗୁଡ଼ିକ ସେମାନଙ୍କର ଭାଷାଗତ ପ୍ରସଙ୍ଗରେ ଦୃଢତା ପ୍ରଦାନ କରି , ସତ୍ୟତା ବୃଦ୍ଧି କରେ।

ସେ ଭାବପ୍ରବଣ ଉତ୍ତେଜନାକୁ ତୀକ୍ଷ୍ଣ କରିବା ପାଇଁ ବିପରୀତାତ୍ମକ (dualtheory) – ନୀରବତା ବନାମ ସ୍ୱର, ଛାୟା ବନାମ ଆଲୋକ, ଶୂନ୍ୟତା ବନାମ ପ୍ରଚୁରତା – ମଧ୍ୟ ବ୍ୟବହାର କରନ୍ତି।

ତେଜ୍ୟା ନୁହେଁ ତେଜସ୍ୱତୀରେ, ଡକ୍ଟର ଇତି ସାମନ୍ତ ସଶକ୍ତିକରଣକୁ ଏକ ନୀରବ, ନିରନ୍ତର ଜାଗରଣ ଭାବରେ ପୁନଃକଳ୍ପନା କରିଛନ୍ତି, ଯାହା ଉଚ୍ଚ ସ୍ୱରରେ ବିଦ୍ରୋହରେ ନୁହେଁ ବରଂ ଆତ୍ମ-ଜ୍ଞାନ, ସହନଶୀଳତା ଏବଂ ଭାବପ୍ରବଣ ସ୍ପଷ୍ଟତାକୁ ଆଧାର କରିଛି। ତାଙ୍କର ମହିଳାମାନେ ସର୍ବଦା ବିଶ୍ୱକୁ ପରିବର୍ତ୍ତନ କରନ୍ତି ନାହିଁ, କିନ୍ତୁ ସେମାନେ ନିଜକୁ ପରିବର୍ତ୍ତନ କରନ୍ତି, ଏବଂ ଏହା କରି, ସେମାନଙ୍କ ଚାରିପାଖରେ ଆଲୋଚନାକୁ ସୂକ୍ଷ୍ମ ଭାବରେ ପରିବର୍ତ୍ତନ କରନ୍ତି।

## ଦ୍ୱିତୀୟ ଭାଗ

## ଗଭୀର କ୍ଷତ ଠାରୁ ଅନନ୍ତ ଶକ୍ତି ଯାଏ :ଡକ୍ଟର ଇତି ସାମନ୍ତଙ୍କ 'ତେଜ୍ୟା ନୁହେଁ ତେଜସ୍ୱତୀ' ଏବଂ ଲକ୍ଷ୍ମୀ ଅଗ୍ରବାଲଙ୍କ 'ବିଇଂ ଲକ୍ଷ୍ମୀ' (Being Lakshmi)ର ଏକ ତୁଳନାତ୍ମକ ଅଧ୍ୟୟନ।

ଡକ୍ଟର ଇତି ସାମନ୍ତଙ୍କ ପୁସ୍ତକର ନାମକରଣ ସଂକଳନର ପ୍ରଥମ ଉପନ୍ୟାସିକା 'ତେଜ୍ୟା ନୁହେଁ ତେଜସ୍ୱତୀ' ନାମରେ, ଆମେ ଦୀପିକାଙ୍କୁ ଭେଟିଛୁ, ଜଣେ ପ୍ରାଣବନ୍ତ ଯୁବତୀ ଯିଏ ସୋସିଆଲ ମିଡିଆ ମାଧ୍ୟମରେ ପ୍ରେମରେ ପଡ଼ିଥାନ୍ତି, କିନ୍ତୁ ତାଙ୍କ ଜୀବନ ଏକ ଏସିଡ୍ ଆକ୍ରମଣ ଦ୍ୱାରା ଭାଙ୍ଗି ପଡ଼ିଥାଏ – ଏହା ଏକ ରୋମାଂଟିକ ବିଶ୍ୱାସଘାତକତା ଏବଂ ସାମାଜିକ ମହିଳା ବିଦ୍ରୋହର ପରିଣାମ। ତଥାପି, ତାଙ୍କ କାହାଣୀ କେବଳ ପୀଡିତାର ନୁହେଁ। ପ୍ଲାଷ୍ଟିକ୍ ସର୍ଜରୀ ଏବଂ ମାନସିକ ଆଘାତ ପରେ, ଦୀପିକା ଏକ ପରିତ୍ୟକ୍ତ ଆତ୍ମା ଭାବରେ ନୁହେଁ ବରଂ ସ୍ଥିରତାର ପ୍ରତୀକ ଭାବରେ ଉଭା ହୋଇଛନ୍ତି, ଅନ୍ୟ ଏସିଡ୍ ଆକ୍ରମଣରୁ ବଂଚିଥିବା ଲୋକଙ୍କୁ ସମର୍ଥନ କରିବା ପାଇଁ ଏକ ଏନଜିଓ ପ୍ରତିଷ୍ଠା କରିଛନ୍ତି ।

ଦୀପିକାଙ୍କ କାଳ୍ପନିକ କାହାଣୀ ଏବଂ ପନ୍ଦର ବର୍ଷ ବୟସରେ ଏକ ନୃଶଂସ ଏସିଡ୍ ଆକ୍ରମଣରୁ ବଂଚିଥିବା ଲକ୍ଷ୍ମୀ ଅଗ୍ରବାଲଙ୍କ ଦ୍ୱାରା ଲିଖିତ 'ବିଇଂ ଲକ୍ଷ୍ମୀ' (୨୦୨୦) ମଧ୍ୟରେ ଏକ ଆକର୍ଷଣୀୟ ସାହିତ୍ୟିକ ଏବଂ ବିଷୟଗତ ସମାନ୍ତର ଆଙ୍କିହେବ। ଦୀପିକାଙ୍କ ପରି, ଲକ୍ଷ୍ମୀଙ୍କୁ ଜଣେ ପୁରୁଷର ଆହତ ଅହଂକାର ଯୋଗୁଁ ଆକ୍ରମଣ କରାଯାଇଥିଲା, ଏବଂ ତାଙ୍କର ଆଘାତରୁ ସକ୍ରିୟତା ପର୍ଯ୍ୟନ୍ତ ଯାତ୍ରା ହିଂସା ପର ଆତ୍ମ ବିଶ୍ୱାସର ଆବିର୍ଭାବକୁ ପ୍ରତିଫଳିତ କରେ। ଉଭୟ ଲେଖା ଏସିଡ୍ ଆକ୍ରମଣ ପୀଡିତାଙ୍କୁ ଦୟାର ବସ୍ତୁ ଭାବରେ ନୁହେଁ ବରଂ ସାମାଜିକ ପରିବର୍ତ୍ତନର ସ୍ୱର ଭାବରେ ଅବସ୍ଥାପିତ କରେ।

ଦୀପିକାଙ୍କ କାଳ୍ପନିକ କାହାଣୀ ଆଭ୍ୟନ୍ତରୀଣ ଦ୍ୱନ୍ଦର କଥା ଏବଂ ପ୍ରତୀକାତ୍ମକ ରୂପକ ବର୍ଣ୍ଣନା କରିବା ପାଇଁ ଉପନ୍ୟାସିକା ର ମାଧ୍ୟମ ବ୍ୟବହାର କରିଥିବା ବେଳେ, ଲକ୍ଷ୍ମୀଙ୍କ ସ୍ମୃତିକଥା ତଥ୍ୟଗତ ବିବରଣୀ, କୋର୍ଟରୁମ୍ କାହାଣୀ ଏବଂ ଆଇନଗତ ବ୍ୟବସ୍ଥା ଏବଂ ସାଂସ୍କୃତିକ କଳଙ୍କୀକରଣର ସିଧାସଳଖ ସମାଲୋଚନା ପ୍ରଦାନ କରେ (ଅଗରବାଲ ୨୦୨୦)। ତଥାପି, ଉଭୟରେ, ଆଧୁନିକ ନାରୀର ସଂଘର୍ଷ , ଅତ୍ୟାଚାର ,ନିଜସ୍ୱ ପରିଚୟ ସୃଷ୍ଟି ଏବଂ ଦାୟ ବଦ୍ଧତା ଉପରେ ଗୁରୁତ୍ୱ ହି କେନ୍ଦ୍ରବିନ୍ଦୁ। ମୁହଁକୁ କ୍ଷୁର୍ଣ୍ଣ କରୁଥିବା ଏସିଡ୍ ଏକ ସମାଜର ରୂପକ ହୋଇଯାଏ ଯାହା ସ୍ୱାୟତ୍ତତା ଦାବି କରିବା ପାଇଁ ମହିଳାଙ୍କୁ ଦଣ୍ଡ ଦିଏ। ତଥାପି, ଉଭୟ ମହିଳା ଅପରାଧକୁ ପ୍ରତିରୋଧ କରନ୍ତି ଏବଂ ବଦଳରେ ସେମାନଙ୍କର କ୍ଷତକୁ ସଶକ୍ତିକରଣର ପ୍ରତୀକରେ ପରିଣତ କରନ୍ତି।

ଡକ୍ଟର ସାମନ୍ତଙ୍କ କାହାଣୀବିଶ୍ୱାସଘାତକର ଭାବପ୍ରବଣ ସ୍ତରଗୁଡ଼ିକୁ ଅନୁସନ୍ଧାନ କରି ମନସ୍ତତ୍ୱର ଗଭୀରତା ବୃଦ୍ଧି କରେ, ବିଶେଷକରି ଦୀପିକାଙ୍କ ପ୍ରେମିକ ମାଧବଙ୍କ ଦ୍ୱାରା, ଯିଏ ଶେଷରେ ଫେରି ଆସେ – ଏକ କାହାଣୀ ଯାହା ପ୍ରେମ , କ୍ଷମା ଏବଂ ବ୍ୟକ୍ତିଗତ ସଂପର୍କର ଧାରଣାକୁ ସରଳ କରିଥାଏ। ଅନ୍ୟପକ୍ଷରେ, ଲକ୍ଷ୍ମୀ ଅଗ୍ରବାଲ ବ୍ୟକ୍ତିଗତ ସମାଧାନ ଅପେକ୍ଷା ନୀତି ପରିବର୍ତ୍ତନକୁ ଗୁରୁତ୍ୱ ଦେଇ ଆଇନଗତ ନ୍ୟାୟ ଏବଂ ସାମାଜିକ ସଂସ୍କାରକୁ ତାଙ୍କର ପଥ ଭାବରେ ବାଛନ୍ତି ।

ଉଭୟ କାହାଣୀ ମହିଳା ସଂହତିକୁ ଉଜ୍ଜୀବିତ କରେ। ଦୀପିକାଙ୍କ ଏନଜିଓ ,ଲକ୍ଷ୍ମୀଙ୍କ ନିଜସ୍ୱ ଭିତ୍ତିଭୂମି, ‘ ଏସିଡ୍’ ଆକ୍ରମଣର ପ୍ରତିରୋଧକୁ ହି ପ୍ରତିଫଳିତ କରେ, ଯାହା ପୁନଃ ଥଇଥାନରେ ସମାଜର ଭୂମିକାକୁ ଓ ଗୁରୁତ୍ୱକୁ ପ୍ରତିପାଦିତ କରେ। ଚନ୍ଦ୍ର ମହାନ୍ତି ଉଲ୍ଲେଖ କରିଛନ୍ତି ଯେ, ଉତ୍ତର ଔପନିବେଶିକ ନାରୀବାଦୀ ସଶକ୍ତିକରଣ ସିଦ୍ଧାନ୍ତ ପ୍ରାୟତଃ ବ୍ୟକ୍ତିଗତ ଇଚ୍ଛା ଉପରେ ନୁହେଁ ବରଂ ସାମାଜିକ ସାମୂହିକ ଯତ୍ନ ଉପରେ ନିର୍ଭର କରେ (ମହାନ୍ତି ୨୦୦୩)।

ସଂକ୍ଷେପରେ, ତେଜ୍ୟା ନୁହେଁ ତେଜସ୍ୱତୀ ଏବଂ ବିଇଂ ଲକ୍ଷ୍ମୀ ଉଭୟ ଏକ ଦୁଃଖଦ ବ୍ୟକ୍ତିତ୍ୱ ଭାବରେ ବିକୃତ ମହିଳାଙ୍କ ଧାରଣାଭାଙ୍ଗି ଦିଅନ୍ତି। ଏହା ବଦଳରେ, ସେମାନେ ଆଘାତକୁପୁନର୍ଜନ୍ମର ସଂସ୍ଥାପକ ଭାବରେ ପ୍ରାପ୍ତ କରନ୍ତି, ପୀଡା ଉପରେ ମର୍ଯ୍ୟାଦା ଏବଂ ପରାଜୟ ଉପରେ ସଶକ୍ତିକରଣକୁ ପ୍ରତିଷ୍ଠା କରନ୍ତି।

**ନୀରବ ଗରିମା ଏବଂ ଭଙ୍ଗା ସ୍ୱପ୍ନ: ଡକ୍ଟର ଇତି ସାମନ୍ତଙ୍କ କଥା:ଏକ ନୀରବ ସନ୍ଧ୍ୟାରଟୋନି ମୋରିସନଙ୍କ ଦି ବ୍ଲୁଏଷ୍ଟ ଆଇ (The Bluest eye)ଏକ ତୁଳନାତ୍ମକ ବିଶ୍ଳେଷଣ:**

ଡକ୍ଟର ଇତି ସାମନ୍ତଙ୍କ ‘ତେଜ୍ୟା ନୁହେଁ ତେଜସ୍ୱତୀ’ର ଦ୍ୱିତୀୟ ଉପନ୍ୟାସିକା ‘କଥା: ଏକ ନୀରବ ସନ୍ଧ୍ୟାରେ, ଜଣେ ମହିଳା କୋଭିଡ-୧୯ ମହାମାରୀ ସମୟରେ ଏକ ବର୍ଷା ରାତିରେ ଜଣେ ଡାକ୍ତରଙ୍କ ଗାଡିରେ ନାଟକୀୟ ଭାବେ ଲିଫ୍ଟ ନିଅନ୍ତି । ଭାବପ୍ରବଣ ସଂଯମତା ଏବଂ ରୋମାଂଟିକ ମୌସୁମୀ ବିଷାଦରେ ପରିପୂର୍ଣ୍ଣ ଏକ କାହାଣୀ ଭିତରେ , ସେ ତାଙ୍କର କାହାଣୀ ପ୍ରକାଶ କରନ୍ତି – ପ୍ରେମ, ବିଶ୍ୱାସଘାତକତା ଏବଂ ଧୈର୍ଯ୍ୟର ଏକ କାହାଣୀ। ନାୟିକାଙ୍କ ନାମ, ଗଙ୍ଗ ଶିଉଳି , ଯାହାକୁ ସ୍ନେହରେ ଶିଉଳି କହିହେବ , ଫୁଲଟିଏ ଯିଏ ରାତିରେ ଫୁଟି ସକାଳେ ଝରିଯାଏ , କେବଳ ଶେଷରେ ପ୍ରକାଶିତ ହୁଏ, ଯାହା ତାଙ୍କର ବଂଚିବା ଏବଂ ଆତ୍ମସମ୍ମାନ ପୁନରୁଦ୍ଧାର ଯାତ୍ରାକୁ ଏକ ଗଭୀରତମ ଆତ୍ମ ଉଦ୍ଧାର ସହ ଯୋଡେ ।

ଗ୍ରାମାଂଚଳର ଏକ ଗାଁରେ ଦାରିଦ୍ର୍ୟରେ ଜନ୍ମଗ୍ରହଣ କରିଥିବା ଶିଉଳି ସୋସିଆଲ ମିଡିଆ ମାଧ୍ୟମରେ ରବି ନାମକ ଜଣେ ବ୍ୟକ୍ତିଙ୍କ ପ୍ରେମରେ ପଡ଼ିଯାଏ। ଆଶାବାଦୀ ଏବଂ ବିଶ୍ୱାସୀ ହୋଇ, ସେମାନେ ସହରରେ ଏକ ଲିଭ୍-ଇନ୍ ସଂପର୍କରେ ପ୍ରବେଶ କରନ୍ତି ଏବଂ ଏକ ଚାକିରି ପାଏ । କିନ୍ତୁ ରବିର ବନ୍ଧୁମାନେ ତାଙ୍କୁ ଗଣବଳାତ୍କାର କରିବା ପରେ ତାଙ୍କର ସ୍ୱପ୍ନ ଭାଙ୍ଗିଯାଏ, ଏବଂ ରବି ତାର ଅସହ୍ୟ ବେଦନା ସହି ନପାରି ମନସ୍ତାପରେ ଛାଡି ଚାଲିଯାଏ । ମହିଳାମାନଙ୍କୁ ଏମିତି ହିଁ ସୁରକ୍ଷା କିମ୍ବା ମର୍ଯ୍ୟାଦା ବିନା ଛାଡ଼ି ଦେଇ, ତାଙ୍କୁ ଯୌନ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଏ। ସେ ହୋଇଯାନ୍ତି ଗଣିକା । ମହାମାରୀ ସମୟରେ, ଆୟର ଏହି ଉତ୍ସ ମଧ୍ୟ ବନ୍ଦ ହୋଇଯାଏ। ସେ ଡାକ୍ତରଙ୍କ ଗାଡିରେ ଯାଆନ୍ତି, ବଳପୂର୍ବକ ନୁହେଁ, ବରଂ ଦେହ ସୁଖ ବିନିମୟରେ କିଛି ଟଙ୍କା ତାଙ୍କଠାରୁ ଚାହାନ୍ତି । ଡାକ୍ତର, ଗଭୀର ଭାବରେ ପ୍ରଭାବିତ କିନ୍ତୁ ସଂଯମ, ତାଙ୍କୁ ଟଙ୍କା ପ୍ରଦାନ କରନ୍ତି କିନ୍ତୁ ତାଙ୍କୁ ସ୍ପର୍ଶ ମଧ୍ୟ କରନ୍ତି ନାହିଁ । ଝିଅଟି ନୀରବରେସେଇ ଟଙ୍କା ବିଡାକୁ ଗାଡି ସିଟ ଉପରେ ଛାଡି ଡାକ୍ତରଙ୍କର ସେଇ ଦୟା ଓ ସହାନୁଭୂତିକୁ ପ୍ରତ୍ୟାଖ୍ୟାନ କରନ୍ତି, ଏହା ଏକ ନାରୀର – ଗଭୀର ଆତ୍ମସମ୍ମାନ ଏବଂ ପ୍ରତିରୋଧର ଏକ ବିରଳ ଉଦାହରଣ ।

ଏହି ଶକ୍ତିଶାଳୀ ଚରିତ୍ରଟି ଟୋନି ମୋରିସନଙ୍କ ଦି ବ୍ଲୁଏଷ୍ଟ ଆଇ (୧୯୭୦) ସହ ଏକ ବିଷୟଗତ ସାମ୍ୟତା ପାଏ , ଯାହା ଯୌନ ହିଂସା, ଜାତିଗତ ହୀନମନ୍ୟତା ଓ ଜଟିଳତା ଏବଂ ପାରିବାରିକ ଅବହେଳା ଦ୍ୱାରା ନଷ୍ଟ ହୋଇଥିବା ଏକ ଯୁବ କଳା ଝିଅ ପେକୋଲା ବ୍ରିଡଲଭଙ୍କ ପରି ମନେହୁଏ । ଶିଉଳି ଏବଂ ପେକୋଲା ଉଭୟ ଆର୍ଥିକ ଦୁର୍ବଳତା , ଲିଙ୍ଗଗତ ନିର୍ଯାତନା ,ପ୍ରେମ ଏବଂ ସାମାଜିକ ଗ୍ରହଣଶିଳତାର ଭଗ୍ନ ସ୍ୱପ୍ନ ଦ୍ୱାରା ପ୍ରଭାବିତ ।

ତଥାପି, ଯେତେବେଳେ ପେକୋଲା ହିଂସାକୁ ଆନ୍ତରିକ ଭାବରେ ଗ୍ରହଣ କରନ୍ତି, ମନସ୍ତାତ୍ତ୍ୱିକ ବିଖଣ୍ଡନ ଏବଂ ନୀରବତାରେ ଅବତରଣ କରନ୍ତି, ଶିଉଳି ନୀରବତାକୁ ଶକ୍ତିରେ ପରିଣତ କରନ୍ତି। ଟଙ୍କା ନେବାକୁ ତାଙ୍କର ମନା କରିବା ନିଷ୍କ୍ରିୟ ନୁହେଁ ବରଂ ଆତ୍ମନିର୍ଣ୍ଣୟର ଏକ ସକ୍ରିୟ ଦୃଢତା । ଯେପରି ସ୍ପିଭାକ୍ ତାଙ୍କର ପ୍ରବନ୍ଧ କ୍ୟାନ୍ ଦି ସବଲର୍ଟର୍ଣ୍ଣ ସ୍ପିକ୍(Can the subaltern speak ?)ରେ ଦାବି କରନ୍ତି, ସ୍ୱରହୀନମାନେ କିପରି ଧ୍ୱଂସକାରୀ ନୀରବତା ଏବଂ ପ୍ରତୀକାତ୍ମକ କାର୍ଯ୍ୟ ମାଧ୍ୟମରେ ଦୃଢତା ଜାହିର କରିପାରିବେ (ସ୍ପିଭାକ୍ ୧୯୮୮)।

ଅଧିକନ୍ତୁ, ଉଭୟ କାହାଣୀ ଅନୁସନ୍ଧାନ କରନ୍ତି ଯେ କିପରି ମହିଳା ଶରୀର ସାମାଜିକ ହିଂସାର ସ୍ଥାନ ହୋଇଯାଏ – ବଳାତ୍କାର, ପରିତ୍ୟକ୍ତତା ଏବଂ ସାମଗ୍ରୀକରଣ/ବାସ୍ତୁକରଣ ମାଧ୍ୟମରେ। ତଥାପି ଶିଉଳିଙ୍କ କାହାଣୀ ନିରନ୍ତର ସଂଘର୍ଷରେ ମଧ୍ୟ ପୁନଃପ୍ରାପ୍ତ ମର୍ଯ୍ୟାଦାର ଏକ ଉତ୍ଥାନାତ୍ମକ ପରିଣତିରେ ଶେଷ ହୋଇ ଭିନ୍ନ ହୁଏ ବିପରୀତରେ, ମୋରିସନଙ୍କ ପାଠ୍ୟ କିପରି ସାଂରଚନିକ ଅତ୍ୟାଚାର କିପରି ନିର୍ଦୋଷତାକୁ ଗ୍ରାସ କରେ ତାହାର ଏକ ସମାଲୋଚନା ପ୍ରଦାନ କରେ।

ଶେଷରେ ଶିଉଳିଙ୍କ ନାମ ପ୍ରକାଶ କରିବାର ସାହିତ୍ୟିକ କୌଶଳ କାହାଣୀକୁ ଅତିରିକ୍ତ ମର୍ଯ୍ୟାଦା ପ୍ରଦାନ କରେ। ଏହା ଯେପରି ତାଙ୍କ ପରିଚୟ – ଦୀର୍ଘଦିନ ଧରି ଅପବ୍ୟବହାର ଏବଂ ସାମାଜିକ କଳଙ୍କ ଦ୍ୱାରା ଲିଭାଇ ଦିଆଯାଇଥିଲା – ଶେଷରେ ପୁନର୍ବାର ଜାହିର ହୋଇଛି, ବ୍ୟବସ୍ଥା ଦ୍ୱାରା ନୁହେଁ, ବରଂ ନିଜ ଦ୍ୱାରା , ଟଙ୍କା ପ୍ରତି ତାଙ୍କର ମୁହଁ ଫେରାଇବା କାର୍ଯ୍ୟକୁ ଅମୌଖିକ ପ୍ରତିବାଦ ଏବଂ ନୈତିକ ସ୍ୱାୟତ୍ତତାର ଏକ ରୂପ ଭାବରେ ପଢ଼ାଯାଇପାରେ, ଯାହା ପେକୋଲା ଭୋଗୁଥିବା ଲଜ୍ଜାର ଅସହାୟ ଆନ୍ତରିକ ବେଦନାର ବିପରୀତ।

ତେଣୁ, ବିଭିନ୍ନ ଭୌଗୋଳିକ ଏବଂ ପ୍ରସଙ୍ଗରେ ବୈଷମ୍ୟ ଥିବା ସତ୍ତ୍ୱେ, କଥା: ଏକା ନିରବ ସନ୍ଧ୍ୟାର ଏବଂ ଦି ବ୍ଲୁଷ୍ଟ ଆଇ ଉଭୟ ଲିଙ୍ଗ, ହିଂସା, ଦାରିଦ୍ର୍ୟ ଏବଂ ନୀରବତାର ସାମ୍ୟତାକୁ ପ୍ରତିପାଦନ କରନ୍ତି, ଶେଷରେ ପଦ୍ଧତିଗତ ଅନ୍ୟାୟକୁ ନେଇ ନାରୀମାନଙ୍କର ବିରୋଧ ଓ ଭୟଙ୍କର ଶକ୍ତି ବିଷୟରେ ଶକ୍ତିଶାଳୀ ଅର୍ନ୍ତଦୃଷ୍ଟି ପ୍ରଦାନ କରନ୍ତି।

## ଅଦୃଶ୍ୟ ତଥାପି ଅଖଣ୍ଡ: ଡକ୍ଟର ଇତି ସାମନ୍ତଙ୍କ ରଙ୍ଗ ହୀନ ହୋଲି ଏବଂ କ୍ୟାଥରିନ ବୁଙ୍କ 'ବିହାଇନ୍ଡ ଦି ବିଉଟିଫୁଲ ଫୋରେଭରସ'(Behind the beautiful forevers)ଏକ ତୁଳନାତ୍ମକ ଅଧ୍ୟୟନ

ଡକ୍ଟର ଇତି ସାମନ୍ତଙ୍କ ଉପନ୍ୟାସିକା ରଙ୍ଗ ହିନ ହୋଲିରେ, ଯାହା ତେଜ୍ୟା ନୁହେଁ ତେଜସ୍ୱୀ (୨୦୨୩) ସଂଗ୍ରହରେ ଅନ୍ତର୍ଭୁକ୍ତ, ନାୟିକା – ଜଣେ ଯୁବତୀ ଭିକାରୀ ଏବଂ ଦୁଇ ପିଲାଙ୍କ ମା – ଜଣେ ଦୟାଳୁ ମଧ୍ୟବିତ୍ତ ମହିଳା ମୋନିକାଙ୍କ ଆଗରେ ତାଙ୍କର ଦୁଃଖଦ ଜୀବନ ଯାତ୍ରା ବର୍ଣ୍ଣନା କରିଛନ୍ତି। ସେ ବାରମ୍ବାର ଗଣବଳାତ୍କାରର ଶିକାର ହୋଇଥିଲେ ସାମାଜିକ ବ୍ୟବସ୍ଥା , ଭିକାରୀ ସମାଜ ଦ୍ୱାରା ପରିତ୍ୟକ୍ତ ହୋଇଥିଲେ ଏବଂ ଭୁବନେଶ୍ୱରର ରାସ୍ତାରେ ଦୁଇଟି ପିଲାଙ୍କୁ ପାଳନ କରିବାକୁ ଭିକାରି ବୃତ୍ତି ଆପଣେଇ ନେଇଥିଲେ,ଯାହାକୁ ମହିଳା ଜଣକ ଜୁଡିଥ୍ ବଟଲ "precarious life" 'ଅନିଶ୍ଚିତ ଜୀବନ' ବୋଲି କୁହନ୍ତି ତାହା ପ୍ରତିପାଦନ କରନ୍ତି – ଏପରି ଅସ୍ତିତ୍ୱ ଯାହା ଦୁଃଖପୂର୍ଣ୍ଣ , ଗଣମାଧ୍ୟମ ଏବଂ ଆଇନ ଦ୍ୱାରା ଅଣଦେଖା ଏବଂ ମାନବ ଜୀବନ ଭାବରେ ପୂର୍ଣ୍ଣ ସ୍ୱୀକୃତିରୁ ବଂଚିତ (ବଟଲ୍, ୨୦୦୪)।

ନିଜର ଅସ୍ତିତ୍ୱର ଆଘାତ ଏବଂ ବେଦନା ସତ୍ତ୍ୱେ ନିଜ ପିଲାମାନଙ୍କୁ ଏକ ଉନ୍ନତ ଜୀବନ ଦେବା ପାଇଁ ତାଙ୍କର ଦୃଢ଼ ସଂକଳ୍ପ, ପୀଡିତତ୍ୱକୁ ଅତିକ୍ରମ କରୁଥିବା ଏକ ଗଭୀର ମାତୃତ୍ୱର ସ୍ଥିତପ୍ରଜ୍ଞତାକୁ ପ୍ରତିଫଳିତ କରେ। ମୋନିକା, ଯିଏ ପ୍ରଥମେ ତାଙ୍କୁ ସହରୀ ଦାରିଦ୍ର୍ୟର ଅନ୍ୟ ଏକ ବ୍ୟକ୍ତି ଭାବରେ ଦେଖନ୍ତି, ତାଙ୍କ କାହାଣୀ ଶୁଣି ସଂବେଦନଶୀଳ ହୁଅନ୍ତି – ନୈତିକ ଶ୍ରବଣ ଏବଂ ଶ୍ରେଣୀ-ବିପରୀତ ସହାନୁଭୂତିର ଆବଶ୍ୟକତାକୁ ସୂଚାଏ ।

ମୁମ୍ବାଇର ଆନ୍ନାବାଡିରେ ସହରାଞ୍ଚଳ ବସ୍ତି ଜୀବନର ଏକ କାହାଣୀ, କ୍ୟାଥେରିନ୍ ବୁ'ଙ୍କ ବିହାଇଣ୍ଡ୍ ଦି ବିଉଟିଫୁଲ୍ ଫରେଭର୍ସ (୨୦୧୨) ରେ ଏକ ଶକ୍ତିଶାଳୀ ସମାନ୍ତରତା ଦେଖାଯାଏ। ବୁ'ଙ୍କ ଚରିତ୍ରମାନଙ୍କ ମଧ୍ୟରେ, ଜଣେ ବିକଳାଙ୍ଗ ମହିଳା ଫାତିମା, କେବଳ ତାଙ୍କ ଦୁର୍ବଳତା ପାଇଁ ନୁହେଁ ବରଂ ସଂପୂର୍ଣ୍ଣ ଦାରିଦ୍ର୍ୟ ପରିସ୍ଥିତିରେ ତାଙ୍କର ଯୌନତା ଏବଂ ମାତୃତ୍ୱକୁ କିପରି ଦେଖାଯାଏ ସେଥିପାଇଁ ମଧ୍ୟ କେନ୍ଦ୍ରବିନ୍ଦୁ ହୋଇଯାଆନ୍ତି। ବ୍ୟବସ୍ଥାଗତ ଅବହେଳା ଏବଂ ଅପମାନ ପରେ ଫାତିମାଙ୍କୁ ଉପହାସ କରାଯାଏ, ବ୍ୟବହାର କରାଯାଏ ଏବଂ ଶେଷରେ ଏକ ଆତ୍ମଦାହ ଘଟଣାରେ ମୃତ୍ୟୁବରଣ କରେ (ବୁ, ୨୦୧୨, ପୃଷ୍ଠା ୧୧୭-୧୩୦)।

ସାମନ୍ତଙ୍କ ଭିକାରୀ ନାୟିକା ପରି, ଫାତିମାଙ୍କୁ ମଧ୍ୟ ମୁଖ୍ୟଧାରାର ସମାଜ ଏବଂ ଦଳିତ -ସଂପ୍ରଦାୟ ଉଭୟରୁ ବାହାର କରିଦିଆଯାଏ, ଦର୍ଶାଏ ଯେ କିପରି ଶ୍ରେଣୀ, ଲିଙ୍ଗ ଏବଂ ଶାରୀରିକ ପାର୍ଥକ୍ୟ ହିଂସା - ଅବହେଳିତ ସ୍ଥାନ ମଧ୍ୟରେ ବି କାର୍ଯ୍ୟ କରେ।

ଉଭୟ ଲେଖା ଦର୍ଶାଏ ଯେ ଭାରତରେ ସହରାଂଚଳ ସ୍ଥାନଗୁଡ଼ିକ ଲିଙ୍ଗ-ନିରପେକ୍ଷ ନୁହେଁ, ବିଶେଷକରି ଗରିବ ମହିଳାମାନଙ୍କ ପାଇଁ। ସାମନ୍ତଙ୍କ ରାଉରକେଲା ଓ ଭୁବନେଶ୍ୱର ଏବଂ ବୁଙ୍କ ମୁମ୍ବାଇ ଉଭୟ ମହିଳାମାନଙ୍କ ଦୁଃଖ ଏବଂ ବଂଚିବାର ପୃଷ୍ଠଭୂମି ଭାବରେ କାର୍ଯ୍ୟ କରେ। କିନ୍ତୁ , ହତାଶାର ଶିକାର ହେଉଥିବା ଫାତିମାଙ୍କ ପରି, ସାମନ୍ତଙ୍କ ନାୟିକା ଭାଙ୍ଗିପଡିନାହାନ୍ତି ବରଂ ତାଙ୍କ ମାଆଙ୍କ ପରି ହେବା ଏବଂ ତାଙ୍କ ପିଲାମାନଙ୍କୁ ମର୍ଯ୍ୟାଦା ପ୍ରଦାନ କରିବାର ତାଙ୍କର ସ୍ୱପ୍ନ ତାଙ୍କୁ ପୀଡିତା ଭାବରେ ନୁହେଁ ବରଂ ନୈତିକ ସହନଶୀଳତାର ଏକ ଆଲୋକବର୍ତ୍ତିକା ଭାବରେ ଦଣ୍ଡାୟମାନ କରେ । ଚନ୍ଦ୍ର ତାଳପଦେ ମହାନ୍ତି ଉତ୍ତର ଉପନିବେଶବାଦ ପ୍ରସଙ୍ଗରେ ଯେପରି ଲେଖିଛନ୍ତି,ତାହା ଏଠି ସତ୍ୟ ପ୍ରତିପାଦିତ ହୁଏ ।ନାରୀବାଦୀ କାହାଣୀ ସ୍ପଷ୍ଟ ପରାଜୟ ଓ ସଂଘର୍ଷରେ ମଧ୍ୟ ସଂସ୍ଥା ମାନଙ୍କର ଗ୍ରହନଶୀଳତା ପାଇବା ଉଚିତ (ମହାନ୍ତି, ୨୦୦୩)।

ଉଭୟ ରଚନାରେ , ଦୃଶ୍ୟମାନତାର ରାଜନୀତି(the politics of visibility) ଗୁରୁତ୍ୱପୂର୍ଣ୍ଣ: ମହିଳାମାନଙ୍କୁ ଦେଖାଯାଏ କିନ୍ତୁ ଶୁଣାଯାଏ ନାହିଁ, ବିଚାର କରାଯାଏ କିନ୍ତୁ ସୁରକ୍ଷିତ କରାଯାଏ ନାହିଁ। ଯେତେବେଳେ ମୋନିକା ଶୁଣନ୍ତି – ପ୍ରକୃତରେ ଶୁଣନ୍ତି – ସେତେବେଳେ ପୁନଃ ମାନବୀକରଣ ପାଇଁ ଏକ ସ୍ଥାନ ସ୍ୱତଃ ଖୋଲିଯାଏ।

## ପରିଶେଷରେ

ପ୍ରତି ଉପନ୍ୟାସିକାରେ ଏକ ଅନନ୍ୟ ସ୍ୱର – ପ୍ରତିଫଳିତ, ନୀରବ ଅଥଚ ଦୃଢ଼ ଯାହା ଏକ ସାଧାରଣ କାହାଣୀର ବର୍ଣ୍ଣନାକରେ

କିନ୍ତୁ ଅସାଧାରଣ ଭାବେ, ପ୍ରତ୍ୟାଖ୍ୟାନର ସାମ୍ନାରେ ନାରୀ ପରିଚୟ(female identity)ର ପୁନରୁଦ୍ଧାର। ସାଂସ୍କୃତିକ ଭାବରେ ନିର୍ଦ୍ଦିଷ୍ଟ କିନ୍ତୁ ସାର୍ବଜନୀନ ଭାବରେ ପ୍ରତିଧ୍ୱନିତ, କାହାଣୀ ମାଧ୍ୟମରେ, ଡକ୍ଟର ସାମନ୍ତ ପାଠକମାନଙ୍କୁ କେବଳ ସହାନୁଭୂତି ପାଇଁ ଚରିତ୍ର ନୁହେଁ, ବରଂସଂଘର୍ଷ ମଧ୍ୟରେ ପ୍ରଶାନ୍ତି ଏବଂ ଆଶାର ଆଲୋକ ପ୍ରଦାନ କରନ୍ତି।

ତେଣୁ ତାଙ୍କର ସଂକଳନ କେବଳ ଏକ ସାହିତ୍ୟିକ ସଫଳତା ନୁହେଁ ବରଂ ଓଡ଼ିଆ ସାହିତ୍ୟ ପରଂପରାରେ ଏକ ନୀରବ ନାରୀବାଦୀ ଘୋଷଣାପତ୍ରରେ ପରିଣତ ହୁଏ - ଯେଉଁଠାରେ ମହିଳାମାନେ ଦୀର୍ଘ ସମୟ ଧରି ନୀରବ ରହି ଅନେକ ସ୍ୱରରେ କଥା ହୁଅନ୍ତି ଏବଂ ଶେଷରେ ସେମାନଙ୍କର ନିଜସ୍ୱ ଯଥାର୍ଥ ଆଲୋକରେ ଝଲସନ୍ତି।

**ସହାୟକ ଗ୍ରନ୍ଥସୂଚୀ :**

**ପ୍ରାଥମିକ ଉତ୍ସ:**


୧. ସାମନ୍ତ, ଇତି, ତେଜ୍ୟା ନୁହେଁ ତେଜସ୍ୱତୀ, ଭୁବନେଶ୍ୱର: କାଦମ୍ବିନୀ ପ୍ରକାଶନ, ୨୦୨୩।


**ଦ୍ୱିତୀୟ ଉତ୍ସ:**


1. Gilbert, Sandra M., and Susan Gubar. The Madwoman in the Attic: The Woman Writer and the Nineteenth-Century Literary Imagination. Yale University Press, 1979.
2. Mohanty, Chandra Talpade. Feminism Without Borders: Decolonizing Theory, Practicing Solidarity. Duke University Press, 2003.
3. Spivak, Gayatri Chakravorty. "Can the Subaltern Speak?" Marxism and the Interpretation of Culture, edited by Cary Nelson and Lawrence Grossberg, University of Illinois Press, 1988, pp. 271–313.
4. Agarwal, Laxmi. Being Lakshmi: The Inspiring Story of a Girl Who Survived an Acid Attack and Became a Voice for Change. Penguin Random House India, 2020.
5. Morrison, Toni. The Bluest Eye. New York: Holt, Rinehart and Winston, 1970.
6. Boo, Katherine. Behind the Beautiful Forevers: Life, Death, and Hope in a Mumbai Undercity. Random House, 2012.
7. Butler, Judith. Precarious Life: The Powers of Mourning and Violence. Verso, 2004.


❖ ❖ ❖

DOI : https://doi.org/10.5281/zenodo.17553326

ମୂଳ ପ୍ରବନ୍ଧ

# ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ଦାସକାଠିଆ ଶୈଳୀ

**ଗୀତାଞ୍ଜଳି ସାହୁ**

**ସଂକ୍ଷିପ୍ତସାର :**

୧୯୫୦ ମସିହା ପରବର୍ତ୍ତୀ ସମୟରେ ଓଡ଼ିଆ ନାଟକକୁ ବିଶ୍ୱ ନାଟ୍ୟ ସହ ସମକକ୍ଷ କରିବାର ଲାଳସାରେ ନାଟକ କ୍ଷେତ୍ରରେ ଅନେକ ପରୀକ୍ଷା-ନିରୀକ୍ଷା କରାଯାଇଛି, ଯାହା ନାଟକକୁ ବୌଦ୍ଧିକ ସ୍ତରକୁ ନେଇଯିବା ସହ ସାଧାରଣ ଦର୍ଶକଙ୍କ ପାଇଁ ଅବୋଧ ହୋଇଯାଇଛି। ନାଟକର କାହାଣୀ ଓ ସେଥିରେ କରାଯାଉଥିବା ପରୀକ୍ଷାକୁ ବୁଝି ନପାରିବାରୁ ଦର୍ଶକ ନାଟ୍ୟ ମଂଚଠାରୁ ଦୂରେଇଯାଇଛନ୍ତି। ଦର୍ଶକ ଓ ନାଟକ ମଧ୍ୟରେ ଦେଖାଯାଇଥିବା ଏହି ଦୂରତାକୁ କମ୍ କରିବା ପାଇଁ ନାଟ୍ୟକାରମାନେ ଏକ ନୂତନ ନାଟ୍ୟ ଶୈଳୀର ସନ୍ଧାନ କରିଛନ୍ତି। ଯାହାହେଉଛି ତୃତୀୟ ନାଟ୍ୟ ବା ଥାର୍ଡ଼ ଥିଏଟର। ଏଥିରେ ପ୍ରଥମ ନାଟ୍ୟ ଅର୍ଥାତ୍ ପାରମ୍ପରିକ ଲୋକନାଟ୍ୟ ଓ ଦ୍ୱିତୀୟ ନାଟ୍ୟ ଅର୍ଥାତ୍ ନଗରକୈନ୍ଦ୍ରିକ ବୌଦ୍ଧିକ ନାଟକକୁ ମିଶାଇ ଦିଆଯାଇଅଛି। ବୌଦ୍ଧିକ କଥାବସ୍ତୁକୁ ଯାତ୍ରା, ପାଲା, ଦାସକାଠିଆ ଆଦି ଲୋକ ନାଟକର ଆଙ୍ଗିକ ଓ ଆତ୍ମିକ ଦିଗକୁ ପ୍ରୟୋଗ କରାଯାଇ ଯେତେବେଳେ ପରିବେଷଣ କରାଯାଉଛି ସେତେବେଳେ ତାହା ଦର୍ଶକଙ୍କ ବୋଧଗମ୍ୟ ହେବା ସହ ତାଙ୍କୁ ମନୋରଞ୍ଜନ ଦେବାରେ ସମର୍ଥ ହୋଇଛି। ଯାହା ଦର୍ଶକ ଓ ନାଟ୍ୟ ମଂଚ ମଧ୍ୟରେ ସୃଷ୍ଟି ହୋଇଥିବା ଦୂରତାକୁ ଅନେକ ପରିମାଣରେ କମ୍ କରିପାରିଛି।

**ପ୍ରମୁଖ ଶବ୍ଦାବଳୀ:**

ଲୋକନାଟ୍ୟ ଶୈଳୀ, ଦାସକାଠିଆ ଶୈଳୀ, ମହାନାଟକ, ଗୋଟିଏ ବୁଲା କୁକୁରର ଜନ୍ମ ବୃତ୍ତାନ୍ତ, ସ୍ୱର୍ଗାରୋହଣ, ପୃଥିବୀ ଶରଶଯ୍ୟା, ଆହେ ଆପଣେ।

## ଆଲୋଚନା:

ଲୋକନାଟକର ଏକ ବଳିଷ୍ଠ ବିଭବ ହେଉଛି ଦାସକାଠିଆ। ରାମାୟଣ ଯୁଗରୁ ଏହାର ଆରମ୍ଭ ବୋଲି ଆଲୋଚକମାନେ ମତ ଦିଅନ୍ତି। ଲକ୍ଷ୍ମଣ ଦୁଇ ଖଣ୍ଡ କାଠିକୁ ବାଦ୍ୟ ଯନ୍ତ୍ର ଭାବରେ ବ୍ୟବହାର କରି ରାମନାମ ଗାନ କରୁଥିଲେ। ସେ ରାମଙ୍କ ଦାସ ହୋଇଥିବାରୁ ଏହି ବାଦ୍ୟର ନାମ ଦାସକାଠି ବା ଦାସକାଠିଆ ବୋଲି କିମ୍ବଦନ୍ତୀ ଲୋକମାନସରେ ପ୍ରଚଳିତ। ଦାସକାଠିଆରେ ମାତ୍ର ଦୁଇ ଜଣ ଚରିତ୍ର ଥାନ୍ତି, ଜଣେ ଗାୟକ ଓ ଅନ୍ୟ ଜଣେ ପାଳିଆ। ଦାସକାଠିଆ ବଜାଇ ଗୀତଗାଇ, ନାଚିନାଚି କୌଣସି ଏକ ପୌରାଣିକ କାହାଣୀକୁ ଏଥିରେ ଉପସ୍ଥାପନା କରାଯାଏ। ଗାୟକ ନାଟକର ମୂଳ କାହାଣୀକୁ ଗୀତ ଆକାରରେ ପ୍ରକାଶ କଲାବେଳେ ପାଳିଆ ପଦର ଶେଷ ଅଂଶଟିକୁ ପାଳି ଧରିଥାଏ। ବେଳେ ବେଳେ ଗାୟକକୁ ବିଶ୍ରାମ ଦେବା ଉଦ୍ଦେଶ୍ୟରେ ପାଳିଆ ହାସ୍ୟରସାତ୍ମକ କଥାଦ୍ୱାରା ଦର୍ଶକଙ୍କ ମନକୁ ବାନ୍ଧି ରଖିବାକୁ ଚେଷ୍ଟାକରେ। ଏହି ଚରିତ୍ରମାନେ କେବଳ ଯେ କାହାଣୀକୁ ଆଗେଇ ନିଅନ୍ତି ତାହା ନୁହେଁ, ପ୍ରସଙ୍ଗକ୍ରମେ ଆସୁଥିବା

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI : https://doi.org/10.5281/zenodo.17553326
Article No - BPP00344

**ଯୋଗାଯୋଗ : ଡ଼କ୍ଟର ଗୀତାଞ୍ଜଳି ସାହୁ,**
ବିଭାଗୀୟ ମୁଖ୍ୟା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହିମା ମହାବିଦ୍ୟାଳୟ, ଯୋରନ୍ଦା, ଢେଙ୍କାନାଳ।
**Email :** drgeetanjalisahoo@gmail.com
**ORCID ID :** https://orcid.org/0009-0002-2878-5447

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୬.୨୦୨୫ | ୧୦.୦୭.୨୦୨୫ | ୨୮.୦୯.୨୦୨୫ | ୧.୧୦.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ସାହୁ, ଗୀତାଞ୍ଜଳି; ୨୦୨୫। ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ଦାସକାଠିଆ ଶୈଳୀ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଛ; ପୃଷ୍ଠା :୨୩-୨୯।

ବିଭିନ୍ନ ଚରିତ୍ର ଭୂମିକାରେ ମଧ୍ୟ ଅଭିନୟ କରିଥାନ୍ତି। ମୁଣ୍ଡରେ ପଗଡ଼ି, କାନରେ କୁଣ୍ଡଳ, ପାଦରେ ଘୁଙ୍ଗୁର, ଧୋତିକୁ ପାଇକଚ୍ଛା ମାରି ପିନ୍ଧିବା ସହ, ଚିତ୍ରବିଚିତ୍ର ଜରିଦିଆ ପୋଷାକ ଏମାନଙ୍କର ପରିଧାନ। ଗାଁ ଦାଣ୍ଡର ମୁକ୍ତାକାଶ ତଳେ ଏହା ପରିବେଷଣ କରାଯାଏ। ମନୋରଞ୍ଜନ ଯୋଗାଇବା ସହ ସ୍ୱଳ୍ପ ଖର୍ଚ୍ଚରେ ଏହା ମଞ୍ଚସ୍ଥ ହେବାର ସୁବିଧା ଥିବାରୁ ସ୍ୱାଧୀନତା ପରବର୍ତ୍ତୀ କାଳର ବହୁ ନାଟକରେ ଏହା ପରିବେଷଣ ଶୈଳୀ ଭାବରେ ଗ୍ରହଣ କରିଛନ୍ତି। ସ୍ୱାଧୀନତା ପରବର୍ତ୍ତୀ ଯେଉଁସବୁ ନାଟକରେ ଏହି ଶୈଳୀର ପ୍ରୟୋଗ କରାଯାଇଛି ସେ ସମସ୍ତ ଯଥା- ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ମହାନାଟକ', ପ୍ରମୋଦ ତ୍ରିପାଠୀଙ୍କ 'ଗୋଟିଏ ବୁଲା କୁକୁରର ଜନ୍ମ ବୃତ୍ତାନ୍ତ', ନିଳାଦ୍ରି ଭୂଷଣ ହରିଚନ୍ଦନଙ୍କ 'ସ୍ୱର୍ଗାରୋହଣ', ଶଙ୍କର ପ୍ରସାଦ ତ୍ରିପାଠୀଙ୍କ 'ପୃଥିବୀ ଶରଶଯ୍ୟା', ରତ୍ନାକର ଚଇନିଙ୍କ 'ଆହେ ଆପଣେ' ଆଦି ପ୍ରମୁଖ ।

'ମହାନାଟକ' ଏକ ମୁକ୍ତଧାରାର ନାଟକ ଏବଂ ଏଥିରେ ସମସାମୟିକ ସମସ୍ତ ନାଟ୍ୟଶୈଳୀ ଓ ଜୀବନ ଦର୍ଶନକୁ ଉପେକ୍ଷା କରାଯାଇ ଲୋକନାଟ୍ୟ ଶୈଳୀର ପ୍ରୟୋଗ କରାଯାଇଛି। ଏହା ପ୍ରଥମେ କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ବ୍ରହ୍ମପୁରଠାରେ ୧୯୭୨ ମସିହାରେ ମଞ୍ଚସ୍ଥ ହୋଇଥିଲା। ଦାସକାଠିଆ ଶୈଳୀ ମାଧ୍ୟମରେ ଏକ କ୍ଲାସିକାଲ ଥିମ୍‌କୁ ନାଟ୍ୟକାର ପରିବେଷଣ କରିଛନ୍ତି। ସମଗ୍ର ସମାଜ ଜୀବନର ବିଘଟନ ଏଥିରେ ସ୍ପଷ୍ଟ। ଜଣେ ସ୍ୱେଚ୍ଛାଚାରୀ ଶାସକର ଶାସନ ବ୍ୟବସ୍ଥା ଏହାର ମୁଖ୍ୟ କଥାଭାଗ। ଦୁଇ ଅଙ୍କରେ ଏହା ଦୃଶାୟିତ। ନାଟକର ଆରମ୍ଭରେ ଦାସକାଠି ଶବ୍ଦ ଭିତରେ ପରଦା ଖୋଲିଛି ଏବଂ ଗାୟକ ଓ ପାଳିଆ ଦାସକାଠି ବଜାଇ ନାଚି ନାଚି ମଞ୍ଚକୁ ପ୍ରବେଶ କରିଛନ୍ତି। ସେମାନେ ବଜ୍ରବାହୁ ପୁରାଣ ଗାଇବେ ବୋଲି ଦର୍ଶକମାନଙ୍କୁ ସୂଚନା ଦେଇଛନ୍ତି। ଦାସକାଠି ବଜାଇ ଦାସକାଠିଆ ଶୈଳୀରେ ଗାୟକ ଓ ପାଳିଆ ବିଷୟ ପ୍ରବେଶ କରିବା ସହ, ରାଜା ବ୍ରଜବାହୁଙ୍କ ଖିଆଲି ମନୋଭାବ ଓ ଅବାସ୍ତବ ଚିନ୍ତାକୁ ଗୀତ ଆକାରରେ ପ୍ରକାଶ କରିଛନ୍ତି, ଏହିପରି-

"ଦାସକାଠି ଗୀତ ଭାଇ ଆରମ୍ଭ ହୋଇଲା // ତୁ ଗାୟକ ମୁଁ ପାଳିଆ

ନାଇଁ, ନାଇଁ, // ମୁଁ ଗାୟକ ତୁ ପାଳିଆ ଯିଏ ଯାହା ହେଲା।

ସଭାଜନେ ଆସିଛନ୍ତି ବଡ଼ ଆଶା କରି // ଆରମ୍ଭ କର ପୁରାଣ ନମସ୍କାର କରି।

ହେ ଜୟରାମ ନବୀନ ସୁନ୍ଦର ଶ୍ୟାମ ହେ // ଆଜି ପାଇଁ ଏ ପୁରାଣ କରୁଛି ବର୍ଣ୍ଣନ ହେ।

ପ୍ରଥମ- ଆଜି କୋଉ ପୁରାଣ ?

ଦ୍ୱିତୀୟ- ବଜ୍ରବାହୁ ପୁରାଣ।

ପ୍ରଥମ- ବଜ୍ରବାହୁ ପୁରାଣ ? ହଇଏ ସାଙ୍ଗ ! ଇଏ ବଜ୍ରବାହୁ ପୁରାଣ କିସ ହେ ? ନାକ ଉଠିବା

ଦିନଠୁ ତ ଆମେ ଏମିତିକା ପୁରାଣ ଶୁଣିନୁ ?

ଦ୍ୱିତୀୟ- ଯଦି ଶୁଣିବ ତା ହେଲେ ଆଉ ହଳେ କାନ ଲଗେଇ ଶୁଣ। ପ୍ରଥମ- କ'ଣ ଶୁଣିବି ?

(ଗୀତ) ହସ୍ତିନା ନାମେ ନଗର ରାଜା ବଜ୍ରବାହୁ // ମହିମା କୀରତି ତାଙ୍କ କି କହିବି ଆଉ।

ତାଙ୍କ ଶାସନରେ ପ୍ରଜା ଅତି ଗଦଗଦ // ରାତି ହେଲେ ପିଇବାକୁ ମିଳୁ ଅଛି ମଦ।xxx

ଆଜି ତାଙ୍କ ଶାସନର ପଚିଶି ବରଷ // ରାଜାଙ୍କର ମନ ତେଣୁ ଅତି ହସ ହସ।

ଏଣିକି ଶାସନ ହବ ପ୍ରମୋଦ ଶାଳାରେ // ରାତି ହେଲେ ରାଜକାର୍ଯ୍ୟ, ଶୋଇବେ ଦିନରେ।

କ୍ଷିରୀ ପିଠା ଭାସୁଅଛି ନଳାରେ ନଳାରେ // ରସଗୋଲାମାନଙ୍କର ପାହାଡ଼ ରାସ୍ତାରେ।

ଦେଶସାରା କିଏ ଆଉ ନାହାନ୍ତି ବେକାର // ତାଙ୍କ ଶାସନରେ ନାହିଁ ମୃତ୍ୟୁ ଅନାହାର।

ଏମନ୍ତ ସମୟେ ଆଜି ରଜତ ଜୟନ୍ତୀ // ନୃତ୍ୟ-ଗୀତ, ସଙ୍ଗୀତରେ ପ୍ରଜାଗଣ ମାତି

ଅତି ଆନନ୍ଦରେ କାଳ କରନ୍ତି ଯାପନା// ଚାଲ ଭାଇ ଦେଖିବାକୁ ଯିବା ସେହି ସ୍ଥାନ।"[୧]

ରାଜାଙ୍କ ଉଦ୍ଭଟ ଶାସନ ବ୍ୟବସ୍ଥାକୁ ଉପସ୍ଥାପନା କରାଯାଇଛି। ରାଜାଙ୍କ ଖିଆଲି ମନୋଭାବ ପାଇଁ ରାଜ୍ୟ ମହାମାରି, ବନ୍ୟା, ବାତ୍ୟା ଓ ମରୁଡ଼ିର ଶିକାର ହୋଇଛି, କିନ୍ତୁ ରାଜାଙ୍କର ତାହାପ୍ରତି ଦୃଷ୍ଟି ନାହିଁ ବରଂ ନିଜର କ୍ଷୌରଉତ୍ସବ ପାଳନରେ ସେ ମସଗୁଲ। ଏହି କାହାଣୀକୁ ଦାସକାଠିଆ ଶୈଳୀ ମାଧ୍ୟମରେ ନାଟ୍ୟକାର ଦ୍ୱିତୀୟ ଅଙ୍କର ଆରମ୍ଭରେ ପ୍ରକାଶ କରିଛନ୍ତି, ଉଦାହରଣ ସ୍ୱରୂପ-

"ଶୁଣ ଶୁଣ ସୁଜ୍ଞଜନେ ଦେଇ ମନ କର୍ଣ୍ଣ // ମହାରାଜାଙ୍କର କଥା କରିବା ବର୍ଣ୍ଣନ

ହସ୍ତିନା ପୁର ସମ୍ରାଟ ବଜ୍ରବାହୁ ରାଜା, // ତାଙ୍କ ରଜ୍ୟେ ରହି ଆମ୍ଭେ ମାରୁଅଛୁ ମଜା।x x x

ରାମ ଯେ ରାମ.....// ଏ ସମୟେ ଶାସନର ପଚିଶ ବରଷ // ପୂରଣ ହୋଇଲା ଆମ୍ଭେ ହୋଇଲୁ ହରଷ

ରଜତ ଜୟନ୍ତୀ ଆସି ଉପସ୍ଥିତ ହେଲା xxx

ଖିଅର ହେବାକୁ ରାଜା କରିଲେ ପସନ୍ଦ//ସେଥିପାଇଁ ଏ ଉତ୍ସବ ହେଲା ଆୟୋଜନ

କ୍ଷୌରୋତ୍ସବ ବୋଲି ଯାର ଦିଆଯିବ ନାମ।// ରାମ ଯେ ଜୟ ରାମ.....”[9]

ଦାସକାଠିଆର ଆଙ୍ଗିକ ମାଧ୍ୟମରେ ନାଟ୍ୟକାର ଏକ ଅବହେଳିତ ରାଜ୍ୟ ଶାସନ, ଖିଆଲି ଶାସକ ଓ ତା'ର ଶାସନ ବ୍ୟବସ୍ଥାର କୁପରିଣାମ ସଂପର୍କରେ କହିବାକୁଯାଇ ସାମ୍ପ୍ରତିକ ଶାସନ ବ୍ୟବସ୍ଥାକୁ ବ୍ୟଙ୍ଗାତ୍ମକ ଭାବେ ଉପସ୍ଥାପନ କରିଛନ୍ତି।

ସେହିପରି ଦାସକାଠିଆ ଶୈଳୀର ପ୍ରୟୋଗ ହୋଇଥିବା ଅନ୍ୟ ଏକ ନାଟକ ହେଉଛି ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ 'ଗୋଟିଏ ବୁଲା କୁକୁରର ଜନ୍ମ ବୃତ୍ତାନ୍ତ'। ଏହା ରାଉରକେଲାର କଲଚରାଲ ଏକାଡ଼େମୀ ଆନୁକୂଲ୍ୟରେ ଆୟୋଜିତ ନିଖିଳ ଉତ୍କଳ ଷଷ୍ଠ ଲୋକନାଟକ ମହୋତ୍ସବରେ ବରଗଡ଼ ସୌଖିନ କଳାକାର ସଂଘଦ୍ୱାରା ସିଭିକ୍ ସେଣ୍ଟର ଠାରେ ୨୩ ଡିସେମ୍ବର ୧୯୮୧ରେ ପ୍ରଥମେ ମଞ୍ଚସ୍ଥ ହୋଇଥିଲା। ଓଡ଼ିଶାରେ ପାଶ୍ଚାତ୍ୟ ସଭ୍ୟତା ଓ ସଂସ୍କୃତିର ଆଗମନ ପରେ ଲୋକସଂସ୍କୃତି ଓ ଲୋକନାଟକ ପ୍ରତି ଲୋକମାନଙ୍କର ଆଗ୍ରହ କମିବାରେ ଲାଗିଲା। ଫଳରେ ଲୋକନାଟକକୁ ଜୀବିକା ଭାବେ ଗ୍ରହଣକରି ଜୀବନ ବଞ୍ଚୁଥିବା କଳାକାରମାନଙ୍କର ସ୍ଥିତି ହୋଇଗଲା ଶୋଚନୀୟ। ସେମାନେ ସମାଜ ପାଇଁ ହୋଇଗଲେ ଅଲୋଡ଼ା। ଆର୍ଥିକ ଅଭାବ ତାଙ୍କ ପରିବାରର ସ୍ୱପ୍ନକୁ ଭାଙ୍ଗି ଚୁରମାର କରିଦେଲା। ଏହିଭଳି ଜଣେ କଳାକାର ରାମକାଠିଆର ଜୀବନରେ ଆସିଥିବା ଅଭାବ ଓ ଅସୁବିଧାର କାହାଣୀ ହେଉଛି ନାଟକ 'ଗୋଟିଏ ବୁଲା କୁକୁରର ଜନ୍ମ ବୃତ୍ତାନ୍ତ'।

ରାମକାଠିଆ ଜଣେ ଦାସକାଠିଆ ଗାୟକ। ସେ ଓ ତା'ର ପୁତୁରା ଘନଶ୍ୟାମ ଗାଁ ଗାଁ ବୁଲି ଦାସକାଠିଆ ବଜାଇ ଅନେକ ପୌରାଣିକ କାହାଣୀକୁ ଉପସ୍ଥାପନ କରି ଲୋକମାନଙ୍କର ମନୋରଞ୍ଜନ କରାଉଥିଲେ। ଦାସକାଠିଆ ହିଁ ସେମାନଙ୍କର ପରିବାର ପୋଷଣର ଏକମାତ୍ର ଜୀବିକା। କିନ୍ତୁ ଯେଉଁ ଦିନ ଗାଁରେ ସହରରୁ ବାଇସ୍କୋପ ଧରି ରାଜୁ ଆସି ପହଞ୍ଚିଲା ସେହି ଦିନଠାରୁ ରାମକାଠିଆର ନାଟକ ଦେଖିବାକୁ ଲୋକଙ୍କର ଆଉ ଭିଡ଼ ଜମିଲା ନାହିଁ। ପିଲାଠାରୁ ବୁଢ଼ା ଯାଏଁ ସମସ୍ତେ ବାଇସ୍କୋପ ପାଖେ ଠୁଳ ହେଲେ। ରାଜୁର ବ୍ୟବସାୟ ବଢ଼ିଲା, ସେ ହେଲା ରାଜୁ ବାଇସ୍କୋପ ବାଲାରୁ ଚଳଚ୍ଚିତ୍ର ନିର୍ମାତା ରାଜ ମାଲ୍‌ହୋତ୍ରା। କିନ୍ତୁ ରାମକାଠିଆ ଅଭିନେତାରୁ ପାଲଟିଗଲା ଭିକାରି ରାମ। ଅଭିନୟ କରିବା ପାଇଁ ସେ ଗାଁଠାରୁ ସହର ସବୁ ଆଡ଼େ ଗଲା, ସମସ୍ତଙ୍କ ପାଖରେ ଅନେକ କାକୁତି ମିନତି କଲା ହେଲେ କେଉଁଠି ବି ତା' କଳାକୁ ସମ୍ମାନ ମିଳିଲା ନାହିଁ। ଚାହା ଟିକେ ମାଗିବାରୁ ତାକୁ ଅପଦସ୍ତ ହେବାକୁ ପଡ଼ିଲା। ନିଜ ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ନ ପାରିବାରୁ ତା ପୁଅ ମାନସ ଘର ଛାଡ଼ି ସହରକୁ ଚାଲିଯାଏ ଓ ସେଠାରେ ପ୍ରେମିକାର ସହାୟତାରେ ନିଜ ପାଠ ଶେଷ କରି ଚାକିରୀ କରେ ରାଜ୍ ମାଲହୋତ୍ରା ପାଖରେ। ରାଜ୍ ମାଲହୋତ୍ରାର ସିନା ଉନ୍ନତି ହୁଏ, ବ୍ୟବସାୟ ବଢ଼େ, କିନ୍ତୁ ଯେତେ ଖଟିଲେ ମଧ୍ୟ ମାନସର ଆର୍ଥିକ ସ୍ଥିତିରେ କୌଣସି ସୁଧାର ଆସେ ନାହିଁ। ରାମକାଠିଆ ଏହା ଭିତରେ ସମାଜର ଅପମାନ, କଳାର ଅପମାନ, କଳାକାରର ଅପମାନ ଓ ଦାରିଦ୍ର୍ୟର ପଶାଘାତରେ ଭାଙ୍ଗିପଡ଼ି ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୁଏ। ମାନସ ବାପାର ଏହିଭଳି ଅବସ୍ଥା ଦେଖି ନିଜ ବାପାଙ୍କୁ ବଞ୍ଚାଇବା ପାଇଁ ଚୋରି କରେ। ହେଲେ ରାମକାଠିଆକୁ ଏହା ବହୁତ ଆଘାତ ପହଞ୍ଚାଏ। ନିଜ ବାପାଙ୍କୁ ବଞ୍ଚାଇବା ପାଇଁ ସେ ଖଟିଖଟି କଙ୍କାଳ ହେବାକୁ ମଧ୍ୟ ପ୍ରସ୍ତୁତ। କିନ୍ତୁ ବାପାକୁ ବଞ୍ଚାଇବା ପାଇଁ ଯେତେ ପ୍ରଚେଷ୍ଟା କଲେ ମଧ୍ୟ ହଜିଯାଇଥିବା, ମଉଳିଯାଇଥିବା ରାମକାଠିଆକୁ ଫେରିପାଇବା ଆଉ ସମ୍ଭବ ହୋଇନାହିଁ। କେବଳ ରାମକାଠିଆ ନୁହେଁ ବରଂ ରାମକାଠିଆ ଭଳି ଲୋକକଳାକୁ ଜୀବନ ଓ ଜୀବିକାଭାବେ ଗ୍ରହଣ କରି ଜୀବନ ବଞ୍ଚୁଥିବା ପ୍ରତ୍ୟେକ ମଣିଷଙ୍କ ଅବସ୍ଥା ଏହା। ରାମକାଠିଆର ପୁଅମାନେ ଏମିତି ନିଜର ଗାଁ ମାଟି ଛାଡ଼ି ଅନ୍ୟ ପାଖରେ ଚାକର ଭଳି କାମ କରିବା ପାଇଁ ବାଧ୍ୟ। ଏଥିପାଇଁ ଦାୟି କେବଳ ଆମେମାନେ, ଯେ କି ନିଜ ସଂସ୍କୃତି ଓ ପରମ୍ପରାକୁ ହେୟ ମନେକରି ଅନ୍ୟର ସଂସ୍କୃତିକୁ ଆପଣେଇ ନେଉଛେ। ଏହିଭଳି ଏକ ଦୁଃଖଦ ଓ ବାସ୍ତବ କାହାଣୀକୁ ପରିବେଷଣ କରିବା ସମୟରେ ନାଟ୍ୟକାର ମିଶ୍ରିତ ଲୋକନାଟ୍ୟ ଶୈଳୀର ପ୍ରୟୋଗ କରିଛନ୍ତି।

ନାଟକର ମୁଖ୍ୟ କାହାଣୀ ମଧ୍ୟରେ ଆଉ ଏକ କାହାଣୀ ଗୁମ୍ଫନ କରାଯାଇଛି। ଅର୍ଥାତ୍ ନାଟକ ମଧ୍ୟରେ ଆଉ ଏକ ନାଟକ ଅଭିନିତ କରିଛନ୍ତି ନାଟ୍ୟକାର। ନାଟକର ଆରମ୍ଭରେ ଦେଖାଯାଇଛି ନିର୍ଦ୍ଦେଶକ ଅଭ୍ୟାସ କକ୍ଷରେ ଗୋଟିଏ ନାଟକ ବହି ପଢୁଛନ୍ତି ଏବଂ କୋଠରୀ ଭିତରେ ଅଭିନେତା ଓ ଅଭିନେତ୍ରୀଙ୍କ ସ୍ଥାନ ନିରୂପଣ ତଥା ଗତିବିଧି କଥା ମନେ ମନେ ଭାବୁଛନ୍ତି। ବାହାରେ ବର୍ଷା ହେଉଛି, କିନ୍ତୁ ସେଥିପ୍ରତି ଧ୍ୟାନ ନ ଦେଇ ନିଜେ ନାୟକ ଓ ନାୟିକା ହୋଇ ଅଭିନୟ କରି ଚାଲିଛନ୍ତି। ଏହି ସମୟରେ ରାମ ଓ ଘନଶ୍ୟାମ ସେଠାରେ ପହଞ୍ଚିଛନ୍ତି। ସେମାନେ ଠିକ୍ ଦାସକାଠିଆର ଗାୟକ ଓ ପାଳିଆଙ୍କ ଭଳି ପୋଷାକ ପରିଧାନ କରି ପହଂଚିଛନ୍ତି। ନିର୍ଦ୍ଦେଶକ ସେମାନଙ୍କୁ ପରିଚୟ ପଚାରନ୍ତେ ସେମାନେ ଦାସକାଠିଆ ସ୍ୱରରେ ନିଜ ପରିଚୟ ଦେଇଛନ୍ତି, ଏହିପରି-

“ନିର୍ଦ୍ଦେଶକ- ତୁମେ ଦୁହେଁ କ'ଣ ?

ରାମ- (କାଠିଆ ବଜାଇ)- ଠିକ୍ ଧଇଲେ ଆଜ୍ଞା... ବାବୁରେ...

ଘନଶ୍ୟାମ- (କାଠିଆ ବଜାଇ)- ହଁ, କଇେଲ...

ନିର୍ଦ୍ଦେଶକ- ତୁମ ନାଁ... ?

ରାମ- (ଦାସକାଠିଆ ସ୍ୱରରେ)- "ଆହା ରାମ ଯେ..."

ନିର୍ଦ୍ଦେଶକ- ଏ ବାବୁ ତୁମର

ଘନଶ୍ୟାମ- "ନବୀନ ସୁନ୍ଦର ଘନଶ୍ୟାମ ଯେ..."[୩]

ଏହା ପରେ ନିର୍ଦ୍ଦେଶକ ଅଭିନେତା ଓ ଅଭିନେତ୍ରୀ ଆସିବା ପର୍ଯ୍ୟନ୍ତ କିଛି ଗୋଟିଏ କରିବା ପାଇଁ ଦୁଇ ଜଣଙ୍କୁ କହିଛି। ରାମ ଗୋଟିଏ ଚରିତ ବୟାନ କରିବା କଥା ନିର୍ଦ୍ଦେଶକଙ୍କୁ ଜଣାଇଛି। ଏହାକୁ ଦାସକାଠିଆ ବଜାଇ ରାମ ଓ ଘନଶ୍ୟାମ ଯଥାକ୍ରମେ ଗାୟକ ଓ ପାଳିଆ ଭୂମିକାରେ ରହି ପରିବେଷଣ କରିଛନ୍ତି, ଏହିପରି-

"ରାମ- ଠିକ୍ ଅଛି... ଆଜ୍ଞା... ଆମେ ଗୋଟିଏ ଚରିତ୍ର ବୟାନ କରିବୁ...

ନିର୍ଦ୍ଦେଶକ- ଠିକ୍ ଅଛି... ଆରମ୍ଭ କର...

(ନିର୍ଦ୍ଦେଶକ ସୂଚିତ ସ୍ଥାନକୁ ଚାଲିଗଲେ। ରାମ ଓ ଘନଶ୍ୟାମ କିଛି ସମୟ କାଠିଆ ବଜାଇଲେ। ରାମ ବନ୍ଦନା ପଦେ ଆରମ୍ଭ କଲା ଓ ତା'ପରେ)

ରାମ- ବାବୁରେ...

ଘନଶ୍ୟାମ- କହ ଗୋସାଇଁ...

ରାମ – "ବହୁ କାଳ କଥା ଆମେ କରିବୁ ବୟାନ..."

ଘନଶ୍ୟାମ- "ବୋଇଲା କରିବୁ ବୟାନ..."

ରାମ – "ମନକର୍ଣ୍ଣ ଦେଇ ସର୍ବେ ଶୁଣ ସୁଧୀଜନ..."

ଘନଶ୍ୟାମ- "ଶୁଣ ସୁଧୀଜନ"

ରାମ – "ଆହା ଶୁଣ ସୁଧୀଜନ..." ବୋଇଲା...

ଘନଶ୍ୟାମ- କିସ ବୋଇଲା ? xxx

ରାମ- "ଏଥୁ ଅନ୍ତେ ଯାହା ହେଲା ଶୁଣ ସୁଧୀଜନେ..."

ଘନଶ୍ୟାମ- "ମନ କର୍ଣ୍ଣ ଦେଇ ସର୍ବେ ଶୁଣ ସୁଧୀଜନେ... ରାମ ଯେ..."

ରାମ- "ନବୀନ ସୁନ୍ଦର ଘନଶ୍ୟାମ ଯେ..."[୪]

ଏହିପରି ନାଟକର ଦ୍ୱିତୀୟ ଦୃଶ୍ୟର ପୂର୍ବାଭାସରେ ରାଜା ବିଶିଙ୍କ କାହାଣୀକୁ ଦାସକାଠିଆ ଶୈଳୀରେ ନାଟ୍ୟକାର ପରିବେଷଣ କରିଛନ୍ତି। ରାଜା ଥରେ ଉଆସରେ ଥିବାବେଳେ ଜଣେ ଆହାତ କପୋତୀ ଛଞ୍ଚାଣ କବଳରୁ ରକ୍ଷା ପାଇବା ପାଇଁ ରଜାଙ୍କ ପାଖରେ ଆଶ୍ରୟ ନେଲା ଏବଂ ନିଜ ଜୀବନ ବଞ୍ଚାଇବା ପାଇଁ ରାଜାଙ୍କ ପାଖରୁ ସତ୍ୟ କରି ନେଲା। ରାଜା ସତ୍ୟ କରିସାରିବା ପରେ ଛଞ୍ଚାଣ ଆସି ରାଜାଙ୍କୁ କପୋତୀଟିକୁ ଫେରେଇବା ପାଇଁ କହିଲା। ରାଜା ମନା କରିବାରୁ କପୋତୀ ଓଜନର ମାଂସ ନିଜ ଶରୀରରୁ ରାଜାଙ୍କୁ ଦେବା ପାଇଁ ସତ୍ୟ କରିନେଲା। ଏହି କାହାଣୀକୁ ଦାସକାଠିଆ ଶୈଳୀରେ ନାଟ୍ୟକାର ଏହିପରି ପ୍ରକାଶ କରିଛନ୍ତି –

"ରାମ- ଦିନେ ରାଜା ଉଆସରେ ଆନନ୍ଦିତ ମନେ ॥
ଚାହିଁ ରହିଥିଲେ ବାଟ ପାରିଷଦ ଜନେ

ରାଜାଙ୍କ ମୁଖରେ ଆହା କି ସୁନ୍ଦର ଜ୍ୟୋତି ॥
ନ ଥିଲା ତ ମନରେ ଯେ ଦକା, ଶଙ୍କା, ଭୀତି।

ଘନଶ୍ୟାମ- ଦକା, ଶଙ୍କା, ଭୀତି... ଇ...ଇ...ଇ

ରାମ- କିସ ହେଲା କିସ ହେଲା ଉଆସ ଭିତରେ ॥
ଆହାତ କପୋତୀ ଏକ ପଶିଲା ଭୟରେ

କହିଲେ ରାଜନ କିମ୍ପା ଆସିଛ କପୋତୀ ॥
ବାଟଘାଟ ଭୁଲିଛ କି ହରାଇଛ ମତି xxx

ରାମ- ତ୍ରିବାର ସତ୍ୟ କରନ୍ତୁ ରାଜନ ମୋଠାରେ ॥
ତୁମ୍ଭ ଦେହ ମାଂସ ଦେବ ତୁମ୍ଭେ ଓଜନରେ

କରୁଛି ତ୍ରିବାର ସତ୍ୟ ଧରମ ନାଆଁରେ ॥
କପୋତୀ ଓଜନ ମାଂସ ଦେବି ଓଜନରେ

ଘନଶ୍ୟାମ- ଦେବି ଓଜନରେ...ଏ...ଏ...ଏ xxx"[୫]

ଏହିଭଳି ପ୍ରଥମ ଦୃଶ୍ୟରେ ଦାସକାଠିଆ ଶୈଳୀରେ ପଦ୍ମତୋଳା, ଜାନୁଘଣ୍ଟ, ସମ୍ବଲପୁରୀ ଢଗ ମହାଭାରତ ଏବଂ ପାଲା ଆଦି ବିଭିନ୍ନ ନାଟ ଦେଖାଇବା ପରେ ମଧ୍ୟ ରାମକାଠିଆ ନିଜ ଦାସକାଠିଆର ଦର୍ଶକମାନଙ୍କୁ ପୁଣି ପୂର୍ବଭଳି ନାଟକ ଦେଖିବାକୁ ଫେରାଇ ଆଣିପାରି ନାହିଁ। ରେଡ଼ିଓ ଓ ଚଳଚ୍ଚିତ୍ରର ଆଗମନ ପରେ ଓଡ଼ିଆ ଲୋକକଳାର କଳାକାରମାନଙ୍କର ଦୁରବସ୍ଥାକୁ ନାଟ୍ୟକାର ଉକ୍ତ ନାଟକରେ ଦେଖାଇ ଦେବାପାଇଁ ଚେଷ୍ଟା କରିଛନ୍ତି। ପ୍ରକୃତରେ ଦାସକାଠିଆ ଶୈଳୀରେ ନାଟକର ପରିବେଷଣ ନାଟକଟିକୁ ଚିତ୍ତାକର୍ଷକ କରିପାରିଛି।

ସେହିପରି ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ 'ସ୍ୱର୍ଗାରୋହଣ' (୧୯୮୭) ନାଟକରେ ଗୋଟିଏ ଥର ମାତ୍ର ଦାସକାଠିଆ ଶୈଳୀର ପ୍ରୟୋଗ କରାଯାଇଛି। ମହାଭାରତର ପାଣ୍ଡବମାନଙ୍କର ସ୍ୱର୍ଗାରୋହଣ ବିଷୟ ହିଁ ଏହାର ମୁଖ୍ୟ ପ୍ରସଙ୍ଗ। ଦୁର୍ଯ୍ୟୋଧନଙ୍କୁ ଯୁଦ୍ଧରେ ପରାସ୍ତ

କରି ସାରିବା ପରେ ରାଜ୍ୟକୁ ଉପଭୋଗ କରିବା ପରିବର୍ତ୍ତେ ପାଣ୍ଡବମାନେ ସ୍ୱର୍ଗାରୋହଣ ନିମନ୍ତେ ଅଗ୍ରସର ହୋଇଛନ୍ତି। ଏହି ଦୃଶ୍ୟକୁ ନାଟ୍ୟକାର ବେଶ୍ ଚମତ୍କାର ଓ ବ୍ୟଙ୍ଗାତ୍ମକ ଶୈଳୀରେ ପ୍ରକାଶ କରିଛନ୍ତି। ଧର୍ମ ନାମରେ ଯେଉଁ ଯୁଦ୍ଧ କରାଯାଇଥିଲା ତାହା ଥିଲା କେବଳ ଆତ୍ମବଡ଼ିମା ସ୍ଥାପନ କରିବାର ଇଚ୍ଛା, ନିଜକୁ ଅନ୍ୟଠାରୁ ଶକ୍ତିଶାଳୀ ପ୍ରମାଣିତ କରିବା ଛଡ଼ା ଅନ୍ୟ କିଛି ନୁହେଁ। ତେଣୁ ନାଟ୍ୟକାରଙ୍କ ଦୃଷ୍ଟିରେ ସମାଜ ଯେଉଁ କାରଣ ପାଇଁ ଦୁର୍ଯ୍ୟୋଧନକୁ ଦୋଷୀ ଘୋଷଣା କରିଛି ଠିକ୍ ସମାନ କାରଣ ପାଇଁ ଯୁଧିଷ୍ଠିର ମଧ୍ୟ ଦୋଷୀ ହେବାପାଇଁ ଯୋଗ୍ୟ। ରାଜ୍ୟ ଲାଭର ଲାଳସା ଦୁର୍ଯ୍ୟୋଧନର ଯେପରି ଥିଲା, ସେମିତି ପଞ୍ଚୁପାଣ୍ଡବ ଓ ପାଣ୍ଡବ ଶ୍ରେଷ୍ଠ ଯୁଧିଷ୍ଠିରଙ୍କର ମଧ୍ୟ ଥିଲା। ପୃଥିବୀବାସୀଙ୍କ କଥା ଚିନ୍ତା ନକରି ସେମାନେ ଏ ଯୁଦ୍ଧ ହେବାକୁ ଦେଲେ। ସେମାନେ ଚାହିଁଥିଲେ ଏହି ଯୁଦ୍ଧକୁ ଅଟକାଇ ଦିଆଯାଇଥାନ୍ତା, ଏହି ଅଭିଯୋଗ ଆଣିଛନ୍ତି ନାଟ୍ୟକାର।

ଏଭଳି ଏକ ମିଥ୍‌ଧର୍ମୀ କାହାଣୀର ପରିସମାପ୍ତି ବେଳକୁ ନାଟ୍ୟକାର ଦାସକାଠିଆ ଶୈଳୀରେ ଏକ ଦୃଶ୍ୟ ସଂଯୋଜିତ କରିଛନ୍ତି, ଯାହାକୁ ଅଭିନୟ କରିଛନ୍ତି ସଞ୍ଜୟ, ୧ମ ଲୋକ, ୨ୟ ଲୋକ ଓ ୩ୟ ଲୋକ। ସଞ୍ଜୟ ଦାସକାଠିଆ ଗାୟକ ଭଙ୍ଗୀରେ ଠିଆ ହୋଇଛି ଓ ଅନ୍ୟମାନେ ପାଳିଆ ହୋଇ ତିନିଆଡୁ ଘେରି ନାଚିଛନ୍ତି, ଏହିପରି-

"ସଞ୍ଜୟ – ବୁଝିଲ ପାଳିଆ ଭାଇ! ଏକାମ୍ର ପୁରାଣର ଷଷ୍ଠ ଅଧ୍ୟାୟରେ କବି କହୁଛନ୍ତି-

ସମସ୍ତେ- କ'ଣ କହୁଛନ୍ତି ? xxx

ସଞ୍ଜୟ- ଏ ଭୂମିରେ ଧର୍ମ ଯେତେ ସ୍ୱର୍ଗପୁରେ ନାହିଁ ଯେ-

ସମସ୍ତେ- ଭଜ ଗୋବିନ୍ଦ ରାମ।

ସଞ୍ଜୟ- ଧନ, ପୁଣ୍ୟ, ଶକ୍ତି, ଶସ୍ୟ ପୂରିଅଛି ଯଦି ଯେ-

ସମସ୍ତେ- ଭଜ ଗୋବିନ୍ଦ ରାମ।

ସଞ୍ଜୟ- ସମସ୍ତଙ୍କ ଜନନୀ ଅଟନ୍ତି ତ ଏହି ଯେ....

ସମସ୍ତେ- ଭଜ ଗୋବିନ୍ଦ ରାମ।

ନବୀନ ସୁନ୍ଦର ହରି ଗରବ ଗଞ୍ଜନ ହେ।।"[୭]

ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କ 'ପୃଥିବୀ ଶରଶଯ୍ୟା' ନାଟକଟି ମଧ୍ୟ ଦାସକାଠିଆ ଶୈଳୀରେ ପରିବେଷିତ। ଶିକ୍ଷାଳୟରେ ରାଜନୀତିର ପ୍ରବେଶଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେଉଁଭଳି ଏହା ପରୀକ୍ଷା କରିବା ପାଇଁ ପୃଥିବୀ ପୃଷ୍ଠର ଯେକୌଣସି ଏକ ବିଦ୍ୟାଳୟରେ ପ୍ରବେଶ କରିବାର ନିଷ୍ପତି ନେଇଛନ୍ତି। ଏହାପରେ ସୂତ୍ରଧାରଦ୍ୱୟ ପୁଣି ମଞ୍ଚକୁ ଆସି ଦାସକାଠିଆ ଶୈଳୀରେ ବିଷୟ ପ୍ରବେଶ କରାଇଛନ୍ତି, ଏହିପରି-

"୨ୟ- ଗୁରୁଦେବ, ତାହେଲେ ଆମେ କ'ଣ ଖାଲି ପୁରାଣ ଶୁଣିବୁ।

୧ମ- ହଁ।

୨ୟ- ଏ ତ ଭଡ଼ାଟିଆ ଦର୍ଶକମାନଙ୍କ ପୁରାଣ।

୧ମ- ନା, ଏ ପୁରାଣ ତମମାନଙ୍କର। ଏ ପୁରାଣ କଂସ କି ରାବଣର ନୁହେଁ, ସେମାନଙ୍କ ବଂଶଧରମାନଙ୍କର। ବସ୍ ! ତମେ ଖାଲି ପୁରାଣ ଶୁଣିବନି, ପୁରାଣର ସେଇ ଚରିତ୍ରମାନଙ୍କର ଅଭିନୟ କରିବ।

୨ୟ- ଆମେ ହେଲୁ ଶ୍ରୋତା।

୧ମ- ଆମେ ହେଲୁ ବକ୍ତା।

୨ୟ- ଆମେ ହେଲୁ ଅଭିନେତା।"[୮]

ଏହିଭଳି ଭାବରେ ଦାସକାଠିଆ ଶୈଳୀରେ ବିଷୟ ପ୍ରବେଶ ପରେ ନାଟକର ମୁଖ୍ୟ କାହାଣୀ ଅଭିନୀତ ହୋଇଛି। ପ୍ରାଚୀନ କାଳରେ ଗୁରୁକୁଳାଶ୍ରମ ପବିତ୍ର ଥିଲା, କିନ୍ତୁ ସାଂପ୍ରତିକ ସମୟରେ ଏହା ଅବକ୍ଷୟମାଣ ଅବସ୍ଥାରେ ଆସି ପହଞ୍ଚିଛି। କପି କରିବାକୁ ବାରଣ କରିବାରୁ ଜଣେ ଛାତ୍ର(ବାଦଲ) ନିଜ ଶିକ୍ଷକଙ୍କୁ ହତ୍ୟା କରିବାକୁ ପଛାଉ ନାହିଁ। ଦଣ୍ଡ ସ୍ୱରୂପ ଜେଲ ହୋଇଥିବା ଛାତ୍ରକୁ ମୁକୁଳେଇବା ପାଇଁ ଛାତ୍ର ସମାଜ ମହାବିଦ୍ୟାଳୟରେ ଧର୍ମଘଟ କରିଛି। ମନ୍ତ୍ରୀ ଚନ୍ଦ୍ରଭାନୁ ପ୍ରିନ୍‌ସିପାଲଙ୍କୁ ଛାତ୍ରମାନଙ୍କୁ ଭୁଲ ମାଗିବାକୁ କହିଛି। ଏହା ଶିକ୍ଷକ ସମାଜ ପ୍ରତି ଅପମାନ। ନିଜ ସ୍ୱାର୍ଥ ପାଇଁ ରାଜନେତାମାନେ ଛାତ୍ରସମାଜର ଭୁଲକୁ ଠିକ୍ ବୋଲି ଦର୍ଶାଇଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକଙ୍କର ଆଦର୍ଶର କୌଣସି ମୂଲ୍ୟ ନାହିଁ। ଗାଁରୁ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାର ସ୍ୱପ୍ନ ନେଇ ସହରକୁ ପାଠ ପଢ଼ିବାକୁ ଆସିଥିବା ଭୁତନାଥ ମିଥ୍ୟା ଅଭିଯୋଗରେ ଜେଲ ଯାଇଛି। ବାଦଲ ନିଜ ଭୁଲ ବୁଝିପାରି ପଶ୍ଚାତାପ ସ୍ୱରୂପ ଆତ୍ମହତ୍ୟା କରିଛି। ବାଦଲର ମୃତ୍ୟୁପରେ ଭୁତନାଥ ଛାତ୍ରନେତା ସାଜିଛି। ବିଭିନ୍ନ ଦଳରୁ ତା' ପାଖକୁ ଛୁଟି ଆସିଛି ଅନେକ ସମ୍ବର୍ଦ୍ଧନା। କିନ୍ତୁ ଭୁତନାଥ ଏ ସବୁକୁ ଗ୍ରହଣ କରିନାହିଁ। ସେ ଏହି ଦୁଇ ମୁଖାଧାରି ସମାଜର ନେତାମାନଙ୍କୁ ଚେତାଇ ଦେଇଛି ଯେ, ଏହି ହିପୋକ୍ରାଟ ଦଳଙ୍କର ଧ୍ୱଂସ ସୁନିଶ୍ଚିତ। ପୁଞ୍ଜିପତିଙ୍କଦ୍ୱାରା ପରିଚାଳିତ ଗଣତନ୍ତ୍ରର ଧ୍ୱଂସାବଶେଷରେ ଗଢ଼ାଯିବ ଏକ ନୂତନ ସମାଜ। ଯାହାର ନେତୃତ୍ୱ ନେବେ ଆଜିର ଯୁବପିଢ଼ି। ଦାସକାଠିଆ

ଶୈଳୀରେ ପରିବେଷିତ ଏହି ନାଟକଟି ଛାତ୍ର ସମାଜର ଅବକ୍ଷୟକୁ ଦେଖାଇବାରେ ବେଶ୍ ସଫଳ ହୋଇପାରିଛି ।

ରତ୍ନାକର ଚଇନିଙ୍କର ୧୯୯୭ ମସିହାରେ ପ୍ରକାଶିତ ଭୀମ ଭୋଇଙ୍କ ଜୀବନୀ ଆଧାରିତ ନାଟକ 'ଆହେ ଆପଣେ' ଦାସକାଠିଆ ଶୈଳୀରେ ପରିବେଷିତ । ଏଥିରେ ଜାତିରେ କନ୍ଧ ହୋଇ ଭୀମ ଭୋଇ ବେଦଜ୍ଞାନ ଚର୍ଚ୍ଚା କରିଥିବାରୁ ବ୍ରାହ୍ମଣ ସମାଜ ଏବଂ ରାଜାଙ୍କଦ୍ୱାରା ଅପମାନିତ ହୋଇ ରେଢ଼ାଖୋଲରୁ ବହିଷ୍କାର ହେବା ଏବଂ ପରବର୍ତ୍ତୀ ସମୟରେ ସୋନପୁର ରାଜାଙ୍କ ଆନୁଗତ୍ୟ ପ୍ରାପ୍ତ ହୋଇ ପୁନଶ୍ଚ ନିନ୍ଦାକାରୀଙ୍କଦ୍ୱାରା ସମ୍ମାନିତ ହେବା ପ୍ରସଙ୍ଗ ବର୍ଣ୍ଣିତ । ମୋଟ ଉପରେ ଭୀମ ଭୋଇଙ୍କ ସଙ୍ଘର୍ଷମୟ ଜୀବନୀ ଏହି ନାଟକର ମୁଖ୍ୟ କଥାବସ୍ତୁ ।

ନାଟକରେ ସଂସ୍କୃତ ନାଟକ ଭଳି ପ୍ରସ୍ତାବନା ଦୃଶ୍ୟର ସଂଯୋଜନା କରାଯାଇଛି । ଏହି ଦୃଶ୍ୟରେ ଦାସକାଠିଆ ବେଶରେ ଦୁଇ ଗାୟକ ଓ ପାଳିଆ ମଞ୍ଚକୁ ଆସି ଦାସକାଠିଆ ବଜାଇ ନାଟକର ବିଷୟ ପ୍ରବେଶ ପୂର୍ବକ ଶୂନ୍ୟ ବ୍ରହ୍ମଙ୍କ ଗୁଣଗାନ କରିବା ସହ ଭୀମଭୋଇଙ୍କ କଥା ନାଟକର ମୁଖ୍ୟ କଥାବସ୍ତୁ ବୋଲି ସୂଚନା ପ୍ରଦାନ କରିଛନ୍ତି, ଏହିପରି-

"ଗାୟକ- ଆହେ, ଶୁଣୁଥିବ ସଭାଜନେ ଦେଇ ମନ କର୍ଣ୍ଣ !

ପାଳିଆ- ବୋଲ ରାମ ହେ, ନବୀନ ସୁନ୍ଦର ଘନଶ୍ୟାମ ହେ-xxx

ଗାୟକ- ଭାଇମାନେ ! ଗତ ଶତାବ୍ଦୀରେ, ଓଡ଼ିଶାରେ, ଏକ ସାଂସ୍କୃତିକ ବିଦ୍ରୋହ, ଝଡ଼ ରୂପ ଧରି ଦେଖାଦେଇଥିଲା । ସେ ଝଡ଼ର ଅନ୍ୟନାମ ଭୀମଭୋଇ ।

ପାଳିଆ- ହଉ ହଉ...

ଗାୟକ- ଭୀମଭୋଇ କେବଳ ଗୋଟିଏ ନାଁ ନୁହେଁ- ଦଳିତ ମାନବାତ୍ମାର ପୁଞ୍ଜିଭୂତ ବେଦନାର ସ୍ୱର ।xxx

ଗାୟକ- ଏବେ, ଶୁଣୁଥିବ ସୁଜ୍ଞ ଜନେ ଅନ୍ଧମୁନି କଥା...

ପାଳିଆ- ଆହେ ଆପଣେ..."[୯]

ଏହାପରେ ନାଟକର ମୁଖ୍ୟ କାହାଣୀ ଆରମ୍ଭ ହୋଇଛି ଓ ଶେଷ ଦୃଶ୍ୟ (ଦଶମ)ରେ ପୁନଶ୍ଚ ଦାସକାଠିଆ ଶୈଳୀର ପ୍ରୟୋଗ କରାଯାଇ ନାଟକର ପରିସମାପ୍ତି ଘଟିଛି । ଦାସକାଠିଆ ଶୈଳୀର ପ୍ରୟୋଗ ନାଟକଟିକୁ ବେଶ୍ ଚିତ୍ତାକର୍ଷକ କରିପାରିଛି ।

## ଉପସଂହାର:

ସତୁରୀ ପରବର୍ତ୍ତୀ ସମୟରେ ଦାସକାଠିଆ ଶୈଳୀର ପ୍ରୟୋଗଦ୍ୱାରା ମଂଚ ଓ ଦର୍ଶକ ମଧ୍ୟରେ ସୃଷ୍ଟି ହୋଇଥିବା ଦୂରତ୍ୱ ଅନେକ ପରିମାଣରେ କମ୍ ହୋଇପାରିଛି । ଯାହାର ପ୍ରମାଣ ହେଉଛି ନାଟକଗୁଡ଼ିକ ବାରମ୍ବାର ସଫଳତାର ସହ ମଂଚସ୍ଥ ହେବା । ଉଦାହରଣ ସ୍ୱରୂପ 'ମହାନାଟକ' (୧୯୭୨ ମସିହାରେ କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ବ୍ରହ୍ମପୁରଠାରେ ଏକାଦି କ୍ରମେ ଚାରିଥର ଅଭିନିତ, ସଙ୍ଗୀତ ନାଟକ ଏକାଡ଼େମୀ ରାଉରକେଲା ଉତ୍ସବରେ ୧୯୭୩ ମସିହାରେ, ସେହିବର୍ଷ ୧୮ ଜୁଲାଇ ଗଞ୍ଜାମ କଳାପରିଷଦଦ୍ୱାରା, ୧୯୭୫ରେ ସାମନ୍ତ ଚନ୍ଦ୍ରଶେଖର ପୁରୀଠାରେ ନାଟ୍ୟସଂସଦଦ୍ୱାରା, ୧୯୭୮ରେ ଭଞ୍ଜବିହାର ନାଟ୍ୟସଂସଦ ଆନୁକୂଲ୍ୟରେ ଓ ୧୯୭୯ରେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟଠାରେ, ବର୍ତ୍ତମାନ ସମୟରେ ମଧ୍ୟ ଏହା ଅଭିନିତ ହେଉଅଛି), 'ଗୋଟିଏ ବୁଲା କୁକୁରର ଜନ୍ମ ବୃତ୍ତାନ୍ତ' (ପ୍ରଥମେ ୨୩ ଡିସେମ୍ବର ୧୯୮୧ରେ ରାଉରକେଲାର କଲଚରାଲ ଏକାଡ଼େମୀ ଆନୁକୂଲ୍ୟରେ ଆୟୋଜିତ ନିଖିଳ ଉତ୍କଳ ଷଷ୍ଠ ଲୋକନାଟକ ମହୋତ୍ସବରେ ବରଗଡ଼ ସୌଖିନ କଳାକାର ସଂଘଦ୍ୱାରା ସିଭିକ୍ ସେଣ୍ଟର ଠାରେ ମଞ୍ଚସ୍ଥ, ପୁନଶ୍ଚ ୧୯୮୨ ମସିହା ଫେବୃଆରୀ ୧୩ ଓ ୧୪ ତାରିଖରେ ବରଗଡ଼ରେ, ଏପ୍ରିଲ ୧୮ରେ ଓଁ ନାଟ୍ୟ-ସଂସ୍ଥାଦ୍ୱାରା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଏବଂ ଅକ୍ଟୋବର ୨୦-୨୧ରେ ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ) । ଏହା କୁହାଯାଇପାରିବ ଯେ, ଯେଉଁ ଉଦ୍ଦେଶ୍ୟ ନେଇ ନାଟ୍ୟକାରମାନେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ ନାଟକରେ ଦାସକାଠିଆ ଶୈଳୀର ପ୍ରୟୋଗ କରିଥିଲେ ତାହା ପୂର୍ଣ୍ଣ ହୋଇଛି ।

## ସଙ୍କେତ ସୂଚୀ :

୧. ପାଣିଗ୍ରାହୀ, ରମେଶ ପ୍ରସାଦ । ମହାନାଟକ । ୨ୟ ମୁଦ୍ରଣ, ଓଡ଼ିଶା ବୁକ୍ଷ୍ଟୋର, ୨୦୧୭, ପୃ. ୧-୨ ।

୨. ତତ୍ରୈବ, ପୃ. ୫୦-୫୧ ।

୩. ତ୍ରିପାଠୀ, ପ୍ରମୋଦ କୁମାର । 'ଗୋଟିଏ ବୁଲା କୁକୁରର ଜନ୍ମ ବୃତ୍ତାନ୍ତ' । ୨ୟ ମୁଦ୍ରଣ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୨୦୧୭, ପୃ. ୪ ।

୪. ତତ୍ରୈବ, ପୃ. ୮-୯ ।

୫. ତତ୍ରୈବ, ପୃ. ୧୦-୧୩ ।

୬. ହରିଚନ୍ଦନ, ନୀଳାଦ୍ରି ଭୂଷଣ । ୨ୟ ପ୍ରକାଶ, ସ୍ୱର୍ଗାରୋହଣ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ,

୨୦୧୯, ପୃ. ୬୫-୬୬ ।

୭. ତ୍ରିପାଠୀ, ଶଙ୍କର ପ୍ରସାଦ। ପୃଥିବୀ ଶରଶଯ୍ୟା। ୧ମ ସଂସ୍କରଣ, ସାଥୀ ପ୍ରକାଶନ, ଓଡ଼ିଆ ବଜାର, କଟକ, ୧୯୮୮, ପୃ. ୧-୩।

୮. ତତ୍ରୈବ, ପୃ. ୪।

୯. ଚଇନି, ରତ୍ନାକର। ଆହେ ଆପଣେ। ୧ମ ପ୍ରକାଶ, ଆର୍ଯ୍ୟ ପ୍ରକାଶନ, କଟକ, ୧୯୯୭, ପୃ- ୩-୪।

**ସହାୟକ ଗ୍ରନ୍ଥସୂଚୀ :**

(ଓଡ଼ିଆ, ଇଂରାଜୀ ପୁସ୍ତକ ଓ ପତ୍ରପତ୍ରିକା)

୧. ମହାପାତ୍ର, ଡ. ଶ୍ୟାମସୁନ୍ଦର। ଲୋକ ସାହିତ୍ୟ ତତ୍ତ୍ୱ। ୨ୟ ପ୍ରକାଶ, ଓଡ଼ିଶା ବୁକ୍ ଷ୍ଟୋର, କଟକ, ୨୦୧୧।

୨. ଦାସ, ଡ. ହେମନ୍ତ କୁମାର। ଓଡ଼ିଆ ଲୋକ ନାଟକ। ୧ମ ସଂସ୍କରଣ, ଗ୍ରନ୍ଥମନ୍ଦିର, କଟକ, ୧୯୮୩।

୩. ପାଣିଗ୍ରାହୀ, ପ୍ରଫେସର କୁମୁଦ ରଞ୍ଜନ। ଲୋକଧାରା, ଲୋକସଂସ୍କୃତି ଓ ଲୋକସାହିତ୍ୟ। ୨ୟ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୯।

୪. ମିଶ୍ର, ଡ. ଅଜୟ କୁମାର। ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି। ୨ୟ ସଂସ୍କରଣ, ବିଜୟିନୀ ପବ୍ଲିକେଶନ୍ସ, କଟକ, ୨୦୧୭।

୫. ମିଶ୍ର, ଡ. ମହେନ୍ଦ୍ର କୁମାର। ଲୋକ ସଂସ୍କୃତି ପରିକ୍ରମା। ପୁନଃମୁଦ୍ରଣ, ଗ୍ରନ୍ଥମନ୍ଦିର, କଟକ, ୨୦୧୭।

୬. ରଥ, କାର୍ତ୍ତୀକ ଚନ୍ଦ୍ର। ଓଡ଼ିଶାର ଲୋକ-ନାଟ୍ୟ ପରମ୍ପରା। ୧ମ ସଂସ୍କରଣ, ସାହିତ୍ୟ ପ୍ରତିଷ୍ଠାନ, କଟକ, ୨୦୦୧।

୭. ହରିଚନ୍ଦନ, ନୀଳାଦ୍ରି ଭୂଷଣ। ଭାବନା-ବିଭାବନା। ୧ମ ପ୍ରକାଶ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, କଟକ, ୨୦୦୫।

୮. Das, K.B. Folklore of Orissa. Reprint, N.B.T., New Delhi, 2014.

❖ ❖ ❖

DOI : https://doi.org/10.5281/zenodo.17553363

ମୂଳ ପ୍ରବନ୍ଧ

# ଅସ୍ତିତ୍ୱ ସଂଘର୍ଷର ଦୁଇ ସମଧର୍ମା ଉପନ୍ୟାସ: 'ନିଜ ନିଜ ପାନିପଥ' ଓ 'ଦ କ୍ୟାସଲ୍'

**ଚୂଳରାଜ ମେହେର ଓ ଆଲୋକ ବରାଳ**

**ସଂକ୍ଷିପ୍ତ ସାର :**

ଫ୍ରାଞ୍ଜ୍ କାଫ୍‌କା ଓ ଜଗଦୀଶ ମହାନ୍ତି ଉଭୟ ନିଜ ସାହିତ୍ୟିକ ପରିବେଷ୍ଟନୀରେ ଜଣେ ଜଣେ ଜାଜ୍ୱଲ୍ୟମାନ ପ୍ରତିଭା ଅଟନ୍ତି । ଜର୍ମାନ୍ ଭାଷାର ସାହିତ୍ୟିକ ହୋଇ ସମଗ୍ର ୟୁରୋପରେ ଜଣେ ପ୍ରତିଷ୍ଠିତ କଥାକାର ଭାବରେ କାଫ୍‌କା ଯେପରି ସମ୍ମାନିତ, କେବଳ ଓଡ଼ିଆ ଭାଷାରେ କାହିଁକି ବରଂ ଭାରତୀୟ ସାହିତ୍ୟରେ ଜଣେ ପ୍ରବୀଣ କଥାକାର ଭାବରେ ଜଗଦୀଶ ମହାନ୍ତି ମଧ୍ୟ ସୁପରିଚିତ ଅଟନ୍ତି । କାଫ୍‌କା ହୁଅନ୍ତୁ କିମ୍ବା ଜଗଦୀଶ ମହାନ୍ତି ଉଭୟଙ୍କ ସାହିତ୍ୟ ସୃଷ୍ଟିର କେନ୍ଦ୍ର ହେଉଛି ବ୍ୟକ୍ତିଗତ ଅନୁଭୂତିର ସର୍ଜନାତ୍ମକ ପରିପ୍ରକାଶ । ବାସ୍ତବ ଅନୁଭୂତିକୁ କିପରି ପାଠକ ସମ୍ମୁଖରେ ଉପସ୍ଥିତ କରାଯାଇପାରିବ ଏବଂ ସେହି ପ୍ରହେଳିକା ମଧ୍ୟରେ ପ୍ରଚଳିତ ସମାଜର ଏକ ପ୍ରତିଛବି ପ୍ରଦାନ କରିବାରେ ସିଦ୍ଧହସ୍ତ ଥିଲେ କାଫ୍‌କା ଓ ଜଗଦୀଶ । ନାନ୍ଦନିକତା ଅପେକ୍ଷା ଜୀବନ, କଳ୍ପନା ଅପେକ୍ଷା ବାସ୍ତବତା, ସଂଗୋପନ ଅପେକ୍ଷା ଅଭିବ୍ୟକ୍ତିରେ ଉଭୟ ଔପନ୍ୟାସିକଙ୍କ ଉପନ୍ୟାସର କଳେବର ପରିପୁଷ୍ଟ ହୋଇଛି । ଏଣୁ ସମଚେତନା ବିଶିଷ୍ଟ ଦୁଇ ସ୍ରଷ୍ଟା ମଧରେ ତୁଳନାତ୍ମକ ଅଧ୍ୟୟନ ଉଭୟ ଜଗଦୀଶ ଓ କାଫ୍‌କାଙ୍କ କୃତିଗୁଡ଼ିକ (ବିଶେଷତଃ ଉପନ୍ୟାସ)ର ବିଶ୍ଳେଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଉକ୍ତ ଅଲେଖ୍ୟରେ ଉଭୟଙ୍କ ସମଧର୍ମୀ ଦୁଇଟି ଉପନ୍ୟାସକୁ ଅସ୍ତିତ୍ୱଗତ ସଂଘର୍ଷର ପରିପ୍ରେକ୍ଷୀରେ ବିଚାର କରାଯାଇଛି, ଯହିଁରେ ଜଗଦୀଶ ମହାନ୍ତିଙ୍କ 'ନିଜ ନିଜ ପାନିପଥ' ଓ ଫ୍ରାଞ୍ଜ୍ କାଫ୍‌କାଙ୍କ 'ଦ କ୍ୟାସଲ୍'କୁ ଆଲୋଚନା କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

ନିଜ ନିଜ ପାନିପଥ, ଦ କ୍ୟାସଲ୍, ଦୁର୍ଗ, ଜଗଦୀଶ ମହାନ୍ତି, ଫ୍ରାଞ୍ଜ୍ କାଫ୍‌କା, ପରିଚୟ ସଙ୍କଟ, ଆତ୍ମାନୁସନ୍ଧାନ, ବିସ୍ଥାପନ ସମସ୍ୟା

ଆଭ୍ୟନ୍ତରୀଣ ଦୃଷ୍ଟିରେ ମଣିଷର ସ୍ୱଭାବ ନିଶ୍ଚିତ ଭାବରେ ସମଗ୍ର ବିଶ୍ୱରେ ସମାନ । ସେଥିପାଇଁ ସମସ୍ତ ସାହିତ୍ୟ କୃତିରେ ମାନବିକ ଅଭିବ୍ୟକ୍ତିର ଗଭୀର ସାମଞ୍ଜସ୍ୟ ରହିବା ସୁନିଶ୍ଚିତ । ତେଣୁକରି ବିଭିନ୍ନ ଜାତିର ବିଭିନ୍ନ ସାହିତ୍ୟିକ କଳାକୃତି ମଧ୍ୟରେ ସାମଞ୍ଜସ୍ୟ ଦୃଷ୍ଟିଗୋଚର ହୁଏ । ଏହି ପରିପ୍ରେକ୍ଷୀରେ ଜର୍ମାନ୍ କଥାକାର ଫ୍ରାଞ୍ଜ୍ କାଫ୍‌କା ଓ ଓଡ଼ିଆ କଥାକାର ଜଗଦୀଶ ମହାନ୍ତି ଉଭୟଙ୍କ ସାଂସ୍କୃତିକ ପରିବେଶ ଭିନ୍ନ ହୋଇଥିଲେ ମଧ୍ୟ ଏକ ସାହିତ୍ୟିକ ଦୃଷ୍ଟିକୋଣ ଦ୍ୱାରା ସେମାନେ ଏକ ସୂତ୍ରରେ ଆବଦ୍ଧ । ପ୍ରାୟ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ପ୍ରାଗ୍‌ର ଲେଖକ କାଫ୍‌କା ଆଧୁନିକତାବାଦୀ ଉଦ୍‌ବେଗ ମଧ୍ୟରେ ସମୁଦାୟ ଚାରିଗୋଟି ଉପନ୍ୟାସ ରଚନା କରିଥିଲେ ହେଁ ଅମଲାତାନ୍ତ୍ରିକ ଏକଛତ୍ରବାଦକୁ ବ୍ୟାଖ୍ୟା କରିବା ପାଇଁ ଏକ କୃତି ରଚନା କରିଥିଲେ,

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI : https://doi.org/10.5281/zenodo.17553363

Article No - BPP00345

**ଯୋଗାଯୋଗ :**
**ଚୂଳରାଜ ମେହେର,**
ଗବେଷକ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା, କୋରାପୁଟ
**Email** : chularajmeher123@gmail.com
**ORCID ID** : https://orcid.org/0009-0006-9318-5121

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୭.୦୬.୨୦୨୫ | ୦୯.୦୭.୨୦୨୫ | ୨୦.୦୭.୨୦୨୫ | ୧.୦୯.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମେହେର, ଚୂଳରାଜ; ବରାଳ, ଆଲୋକ; ୨୦୨୫ । ଅସ୍ତିତ୍ୱ ସଂଘର୍ଷର ଦୁଇ ସମଧର୍ମା ଉପନ୍ୟାସ: 'ନିଜ ନିଜ ପାନିପଥ' ଓ 'ଦ କ୍ୟାସଲ୍' । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଛ; ପୃଷ୍ଠା : ୩୦-୩୫ ।

ଯାହା ତାଙ୍କ ଦ୍ୱିତୀୟ ଉପନ୍ୟାସ ଭାବରେ ୧୯୨୬ରେ 'ଦ କ୍ୟାସଲ୍'(ଉବସ୍ଖ ଝମଷକ୍ଷକ୍ଷ) ନାମରେ ପ୍ରକାଶ ପାଇଥିଲା । ଅପର ପକ୍ଷରେ ବିଂଶ ଶତାବ୍ଦୀର ଅଶୀ ଦଶକରେ ଓଡ଼ିଆରେ ଲେଖନୀ ଚାଳନା କରିଥିବା ଜଗଦୀଶ ମହାନ୍ତି ସମାନ ଅସ୍ତିତ୍ୱଗତ ପ୍ରଶ୍ନବାଚୀକୁ ଉତ୍ତର-ପଶ୍ଚିମ ଭାରତର ଶିଳ୍ପ ଖଣିରେ ପ୍ରଥମ କରି ଉପସ୍ଥାପିତ କରିଥିଲେ । ପଶ୍ଚିମ ଓଡ଼ିଶାର କୋଇଲା ଖଣିରେ ଆଧାରିତ ଏବଂ ଜାତି, ଶ୍ରେଣୀ ଓ ରାଜନୈତିକ ଷଡ଼ଯନ୍ତ୍ର ଦ୍ୱାରା ନିର୍ମିତ ଚରିତ୍ରମାନଙ୍କ ଦ୍ୱାରା ପରିଚାଳିତ ଭାରତୀୟ ଶିଳ୍ପ ଉପନ୍ୟାସର ଏକ ବିରଳ ଉଦାହରଣ ହେଉଛି ୧୯୯୦ରେ ପ୍ରକାଶିତ ତାଙ୍କ ଉପନ୍ୟାସ 'ନିଜ ନିଜ ପାନିପଥ'। 'ଦ କ୍ୟାସଲ୍' ଏବଂ 'ନିଜ ନିଜ ପାନିପଥ'କୁ ତୁଳନାର ସୂତ୍ରରେ ବାନ୍ଧିବା ପାଇଁ ଉଭୟ ଉପନ୍ୟାସରେ ବିଷୟବସ୍ତୁଗତ ଅନ୍ତର୍ଦୃଶ୍ୟ ଭାବରେ ପରିଚୟ ସଙ୍କଟ, ଆତ୍ମାନୁସନ୍ଧାନ, ବିସ୍ଥାପନ ସମସ୍ୟା ଆଦି ମୁଖ୍ୟ ଏକକ ଭାବରେ ସାମ୍ନାକୁ ଆସେ । ଉଭୟ କାଫ୍‌କା ଓ ମହାନ୍ତି ନିଜର କଥାସାହିତ୍ୟରେ ଏପରି ଏକ ଜଗତ ନିର୍ମାଣ କରିଛନ୍ତି ଯେଉଁଥିରେ ବ୍ୟକ୍ତିର ପରିଚୟ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଅଂଚଳ, ଅଦୃଶ୍ୟ, ଉଦାସୀନ ବିରୋଧୀ ଶକ୍ତି ଦ୍ୱାରା ପରିଚାଳିତ। ଏହାର ଉପଯୁକ୍ତ ସାକ୍ଷ୍ୟ ହେଉଛି ଉଭୟଙ୍କ ଏହି ଉପନ୍ୟାସ ଦ୍ୱୟ ।

କାଫ୍‌କାଙ୍କ 'ଦ କ୍ୟାସଲ୍' ଆରମ୍ଭ ହୁଏ ଜମି ସର୍ବେକ୍ଷକ ଭାବରେ ଉପନ୍ୟାସର ପ୍ରୋଟାଗୋନିଷ୍ଟ୍ କେ'ଙ୍କ ଏକ ଗ୍ରାମରେ ଆକସ୍ମିକ ପ୍ରବେଶରୁ, ଯିଏ ଉକ୍ତ ଗ୍ରାମକୁ ଶାସନ କରୁଥିବା ଦୁର୍ଗ କର୍ତ୍ତୃପକ୍ଷଙ୍କ ଦ୍ୱାରା ଡକାଯାଇଥିବାର ଦାବି କରନ୍ତି। ଉପନ୍ୟାସରେ ଆରମ୍ଭରୁ ତାଙ୍କ ପରିଚୟକୁ ନେଇ ପ୍ରଶ୍ନ ଉଠିଛି। ଗ୍ରାମବାସୀ ତାଙ୍କୁ ସନ୍ଦେହ କରନ୍ତି କାରଣ ସେ ଅମଲାତାନ୍ତ୍ରିକ ବ୍ୟବସ୍ଥାର ଅଂଶ ଭାବରେ କୌଣସି ସ୍ପଷ୍ଟ ପ୍ରମାଣ ଦେବାରେ ସକ୍ଷମ ହୋଇପାରନ୍ତି ନାହିଁ। କେ'ଙ୍କ ସମଗ୍ର ଅସ୍ତିତ୍ୱ ପ୍ରମାଣିକତାର ବିଚାର ମଧ୍ୟରେ ଫସି ରହେ । ତାଙ୍କୁ ଯେତେବେଳେ ଗାଁ ଅଧିକାରୀ କୁହନ୍ତି, "You are not from the Castle, you are not a surveyor, you are nothing…" (The Castle, p.45)ଏହା କାଫ୍‌କାଙ୍କ ନାୟକ ସାମ୍ନା କରିଥିବା ପରିଚୟର ସଙ୍କଟକୁ ବର୍ଣ୍ଣନା କରେ । କେ'ଙ୍କ ସଙ୍କଟ କେବଳ ଚାକିରି ମଧ୍ୟରେ ସୀମିତ ରହେ ନାହିଁ; ବରଂ ଏହା ବ୍ୟକ୍ତିତ୍ୱ ଭାବରେ ତାଙ୍କର ସ୍ୱୀକୃତିକୁ ମଧ୍ୟ ଆହ୍ୱାନ କରେ । ତାଙ୍କର ଅମିନ୍ ହେବାର ପରିଚୟ କୌଣସି ବାହ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରମାଣିତ ହୁଏ ନାହିଁ। ଏହାକୁ ସାବ୍ୟସ୍ତ କରିବା ପାଇଁ ତାଙ୍କର ପ୍ରତ୍ୟେକ ପ୍ରୟାସ ଅମଲାତାନ୍ତ୍ରିକ ଉଦାସୀନତାର ସମ୍ମୁଖୀନ ହୁଏ । ଏଣୁ କେ'ଙ୍କ ସଂଘର୍ଷ କେବଳ ଦୁର୍ଗ ଭିତରକୁ ପ୍ରବେଶ କରିବା ପାଇଁ ନୁହେଁ ବରଂ ଏହା ଦ୍ୱାରା ଜଣେ ଅମିନ୍ ଭାବରେ ସ୍ୱୀକୃତି ପାଇବା ଓ ନିଜର ଅସ୍ମିତାକୁ ସାବ୍ୟସ୍ତ କରିବା ପାଇଁ ଆବଶ୍ୟକ ହୋଇପଡ଼େ।

ଜଗଦୀଶ ମହାନ୍ତିଙ୍କ 'ନିଜ ନିଜ ପାନିପଥ'ରେ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ସମାନ ଭାବେ ପରିଚୟ ସଙ୍କଟ ସହ ସଂଘର୍ଷ କରୁଥିବାର ଚିତ୍ରିତ କରାଯାଇଛି। ପୁରୀର ବ୍ରାହ୍ମଣ ହୋଇଥିବାରୁ ସେ ତରବାହାର କୋଲିୟରୀରେ ଚାକିରି ପାଇବା ପାଇଁ ଅନୁସୂଚିତ ଜନଜାତି ଶ୍ରମିକ ସମାରୁ ଖଡ଼ିଆଙ୍କ ପରିଚୟ ଗ୍ରହଣ କରନ୍ତି। ଆତ୍ମହୀନତାର ଏହି କାର୍ଯ୍ୟ ଉଭୟ ଯେତିକି ରଣନୈତିକ ତାଙ୍କ ପାଇଁ ସେତିକି ଦୁଃଖଦାୟକ ପାଲଟିଛି। ତାଙ୍କର ପରିଚୟ ସଙ୍କଟ ସାମାଜିକ ରାଜନୈତିକ, ଜାତିଗତ ଭେଦଭାବ ଏବଂ ଅର୍ଥନୈତିକ ବଂଚିବାର ନିଷ୍ଠୁର ବାସ୍ତବତାକୁ ଚିତ୍ରିତ କରିଛି। କେ'ଙ୍କ ପରି, ଯାହାଙ୍କ ପରିଚୟକୁ ଅନ୍ୟମାନେ ଅସ୍ୱୀକାର କରନ୍ତି, ପ୍ରଦ୍ୟୁମ୍ନ ଜାତି ଏବଂ ଶ୍ରେଣୀଗତ ପ୍ରତିକ୍ରିୟାରେ ନିଜର ପ୍ରକୃତ ପରିଚୟକୁ ଲୁପ୍ତହେବାର ବିଚାର କରନ୍ତି। "ହୁଏତ ଖାଲି ଏତିକି ଜାଣେ ଯେ ପ୍ରଦ୍ୟୁମ୍ନ ମିଶ୍ରର ସମାରୁ ଖଡ଼ିଆ ହୋଇଯିବା ଭିତରେ ତା'ର ମନେ ହେଉଚି, କେଉଁଠି କେମିତି ତା'ର ନିଜତ୍ୱ ହଜିଯାଇଚି, ତା'ର ସ୍ଥିତି ମରିଯାଇଚି' ପ୍ରଦ୍ୟୁମ୍ନ ମିଶ୍ରର କେଉଁଠି ଗୋଟେ ମୃତ୍ୟୁ ହୋଇଯାଇଚି।" (ନିଜ ନିଜ ପାନିପଥ, ପୃଷ୍ଠା ୩୮)ଏହି ନାମ ତାଙ୍କ ପାଇଁ ଏକ ଅଦୃଶ୍ୟ ଘା' ପାଲଟିଯାଏ, ଯାହା ତାଙ୍କ ପ୍ରକୃତ ପରିଚୟ ହରାଇବାର ଦୈନିକ ସ୍ମରଣ କରାଉଥାଏ। ପ୍ରଦ୍ୟୁମ୍ନର ପରିବର୍ତ୍ତନ କେବଳ ନାମ ପରିବର୍ତ୍ତନ ନୁହେଁ; ଏହା ଆତ୍ମବିଚ୍ଛିନ୍ନତାର ଗ୍ଲାନି ଭାବକୁ ମଧ୍ୟ ବହନ କରେ। ସେ ଏକ ଛଦ୍ମ ପରିଚୟ ସହ ବଂଚିବାକୁ ବାଧ୍ୟ ହୁଅନ୍ତି, ଯାହା ତାଙ୍କୁ ଶ୍ରମର ସୁବିଧା ପ୍ରଦାନ କରେ କିନ୍ତୁ ତାଙ୍କୁ ପ୍ରକୃତ ସମ୍ମାନରୁ ବଂଚିତ କରିଦିଏ। କାଫ୍‌କାଙ୍କ ଦୁର୍ଗ ଅଧୀନରେ ଥିବା ଗାଁ ଭଳି କୋଇଲା ଖଣି ହେଉଛି ଏପରି ଏକ ସ୍ଥାନ ଯେଉଁଠାରେ ଭଙ୍ଗୁର ପରିଚୟ ସହ ପ୍ରଦ୍ୟୁମ୍ନଙ୍କୁ ବଂଚିବାକୁ ପଡିଛି।

ଉଭୟ ଉପନ୍ୟାସରେ ଅନୁସନ୍ଧାନର ପ୍ରକୃତି ଭିନ୍ନ ହୋଇଥିଲେ ମଧ୍ୟ ଉଭୟ ନାୟକଙ୍କ ପରିଚୟ ସଙ୍କଟକୁ ସଫଳ ଭାବରେ ଚିତ୍ରିତ କରେ । କାଫ୍‌କାଙ୍କ କ୍ୟାସଲ ହେଉଛି ଅଦୃଶ୍ୟ ଅଧିକାରଙ୍କ ପ୍ରତୀକ। ଦୁର୍ଗକୁ ପ୍ରବେଶ ଓ ନିଜର ଅମିନ୍ ହେବାର ପ୍ରମାଣ ପାଇଁ କେ' କ୍ଲାମ୍, ଏର୍ଲାଙ୍ଗର ଏବଂ ଅନ୍ୟ ଦୁର୍ଗ ଅଧିକାରୀମାନଙ୍କ ପାଖରେ ପହଂଚିବା ପାଇଁ ନିରନ୍ତର ଚେଷ୍ଟା କରନ୍ତି କିନ୍ତୁ ସେମାନେ କେବେହେଲେ ତାଙ୍କ ସାମ୍ନାକୁ ଆସନ୍ତି ନାହିଁ। ଅସ୍ପଷ୍ଟ, ଏବଂ ପରସ୍ପର ବିରୋଧୀ ସୂଚନା ପ୍ରଦାନ କରୁଥିବା ମଧ୍ୟସ୍ଥିମାନଙ୍କ ମାଧ୍ୟମରେ ଦୁର୍ଗ ଓ କେ' ମଧ୍ୟରେ ଯୋଗାଯୋଗ ହୁଏ । "The officials are inaccessible, and the paths to them are tortuous" (The Castle, p. 112) ସନ୍ଦେହ ଓ ଗୁଜବ ଆଳରେ ତାଙ୍କ କାର୍ଯ୍ୟକୁ ବ୍ୟାଖ୍ୟା କରି ଗ୍ରାମବାସୀମାନେ ମଧ୍ୟ ଏହି ବ୍ୟବସ୍ଥାରେ ସାମିଲ୍ ଥା'ନ୍ତି । ଏହା

ଅମଲାତାନ୍ତ୍ରିକ ଉଦାସୀନତା ମାଧ୍ୟମରେ କେ'ଙ୍କ ଆତ୍ମକ୍ଷୟକୁ ପ୍ରକାଶ କରେ । ସମାନ ଭାବରେ ମହାନ୍ତିଙ୍କ କୋଇଲା ଖଣି ମଧ୍ୟ ଏକ ଭିନ୍ନଧରଣର କର୍ତ୍ତୃପକ୍ଷଙ୍କ ଦ୍ୱାରା ପରିଚାଳିତ ହୁଏ । "ଶ୍ରମିକମାନଙ୍କୁ ଯଦିକେହି ଶୋଷଣ କରିଥାଏ ସବୁଠାରୁ ବେଶୀ, ମାଲିକମାନଙ୍କ ଅପେକ୍ଷା ବି ବେଶୀ, ତେବେ ସେମାନେ ଏହିଟ୍ରେଡ୍ ୟୁନିଅନ୍ ବାଲାଏ ହିଁ, ଏଇଟା ଯେମିତି ଶୀଘ୍ର ପଇସା କମେଇବାର ଗୋଟେ ଶସ୍ତା ଉପାୟ।" (ନିଜ ନିଜ ପାନିପଥ, ଜଗଦୀଶ ମହାନ୍ତି, ପୃଷ୍ଠା ୫୯) କୋଇଲା ଖଣି ହେଉଛି ଆଦର୍ଶ ଆଦର୍ଶ ମଧ୍ୟରେ ସଂଘର୍ଷର ଏକ ସ୍ଥାନ, ଯେଉଁଠାରେ ପ୍ରତ୍ୟେକ କାର୍ଯ୍ୟକୁ ଆନୁଗତ୍ୟ କିମ୍ବା ବିଶ୍ୱାସଘାତକତାର ସଙ୍କେତ ଭାବରେ ବ୍ୟାଖ୍ୟା କରାଯାଏ। ପ୍ରଦ୍ୟୁମ୍ନଙ୍କ ଛଦ୍ମ ପରିଚୟ ତାଙ୍କୁ କେବଳ ସନ୍ଦେହର ନୁହେଁ ବରଂ ରାଜନୈତିକ ଅନ୍ୟାୟର ଅପରାଧି ଭାବରେ ଭୟଭୀତ କରି ରଖିଛି। ସେ ଗୋଷ୍ଠୀ ମଧ୍ୟରେ ଫସି ରହିଛନ୍ତି ଠିକ୍ କେ'ଙ୍କ ପରି । ସମସ୍ତେ ନିଜ ସ୍ୱାର୍ଥପାଇଁ ତାଙ୍କୁ ବ୍ୟବହାର କରିବାକୁ ଚେଷ୍ଟା କରନ୍ତି। ଏଣୁ ଚରିତ୍ରମାନଙ୍କର ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱକୁ ମଧ୍ୟ ଉଭୟ ଉପନ୍ୟାସ ସମାନ ଭାବରେ ବହନ କରିଛି।

ପ୍ରସଙ୍ଗଗତ ଦୃଷ୍ଟିକୋଣରୁ ଉଭୟ ଉପନ୍ୟାସ ପରିଚୟଗତ ସ୍ୱୀକୃତିକୁ ନେଇ ଗଭୀର ଚିନ୍ତିତ। କେ' ଜଣେ ଜମି ସର୍ବେକ୍ଷକ ଭାବରେ ସ୍ୱୀକୃତି ପାଇବାକୁ ଚାହୁଁଛନ୍ତି, ଯିଏ କି କ୍ୟାସଲ୍ ଦ୍ୱାରା ଡକାଯାଇଛନ୍ତି । ଅପରପକ୍ଷରେ ପ୍ରଦ୍ୟୁମ୍ନ କେବଳ ଜଣେ ଶ୍ରମିକ କିମ୍ବା ଜାତିବାଦୀ ନୁହଁନ୍ତି, ଜଣେ ମଣିଷ ଭାବରେ ପରିଚିତ ହେବାକୁ ଚାହିଁଛନ୍ତି। ତଥାପି ଉଭୟଙ୍କ ସ୍ୱୀକୃତିକୁ ସର୍ବଦା ସ୍ଥଗିତ ରଖାଯାଇଥାଏ । କାଫ୍‌କାଙ୍କ ଦୁନିଆରେ ଏହା କାଗଜପତ୍ର ଏବଂପ୍ରୋଟୋକଲ୍‌ରେ ହଜିଯାଏ। ମହାନ୍ତିଙ୍କ ଦୁନିଆଁରେ ଏହା ଜାତି ଓ ଶ୍ରେଣୀରେ ହଜିଯାଏ। ଏହି ସ୍ଥଗିତତା କେବଳ ଏକ ବର୍ଣ୍ଣନାତ୍ମକ ଉପକରଣ ନୁହେଁ ବରଂ ଏହା ଏକ ଦାର୍ଶନିକ ଆଭିମୁଖ୍ୟ। ଉଭୟ ଲେଖକଙ୍କ ମତରେ ଆଧୁନିକ ବ୍ୟବସ୍ଥାରେ ମାନ୍ୟତା ଏକ ସ୍ୱର୍ଣ୍ଣମୃଗ ପରି। ଉପନ୍ୟାସରେ ଏହାର ପ୍ରତିଶ୍ରୁତି ଦିଆଯାଇଛି କିନ୍ତୁ କେବେ ପୂରଣ ହୋଇନାହିଁ । ଉପନ୍ୟାସ ଦ୍ୱୟରେ କେ' ଏବଂ ପ୍ରଦ୍ୟୁମ୍ନ ପାରମ୍ପରିକ ଅର୍ଥରେ ନାୟକ ନୁହଁନ୍ତି, କାରଣ ନିଜ ସଂଘର୍ଷରେ ସେମାନେ କେବେହେଲେ ବିଜୟୀ ହୁଅନ୍ତି ନାହିଁ; ସେମାନେ ପରିସ୍ଥିତିର ପ୍ରତି ପ୍ରହାର ଓ ଯାତନାକୁ ସହ୍ୟ କରିଚାଲନ୍ତି । ଅଧିକନ୍ତୁ ସେମାନଙ୍କର ଲଢ଼େଇ ଆଭ୍ୟନ୍ତରୀଣ ଏବଂ ବାହ୍ୟ, ପରିଚୟ ସଙ୍କଟ, ଅନୁଷ୍ଠାନିକ ଅନୁସନ୍ଧାନ ଏବଂ ବିସ୍ଥାପିତତା ଦ୍ୱାରା ଆକାର ପ୍ରାପ୍ତ ହୋଇଥାଏ । ଉଭୟ ଉପନ୍ୟାସରେ ନାୟକମାନଙ୍କର ବୈଧତା, ସମ୍ପୃକ୍ତି ଏବଂ ଅର୍ଥର ଅନୁସନ୍ଧାନ ଅସମାଧାନ ହୋଇ ରହିଛି, ଯାହା ଏହି ଉପନ୍ୟାସଗୁଡ଼ିକୁ ସଫଳ ଅସ୍ତିତ୍ୱବାଦୀ ସାହିତ୍ୟର ଚିତ୍ର ପ୍ରଦାନ କରେ।

ପୁନଶ୍ଚ ଉଭୟ ଉପନ୍ୟାସରେ ବିସ୍ଥାପନ ହେଉଛି ଅନ୍ୟ ଏକ ପ୍ରମୁଖ ବିଷୟବସ୍ତୁ । 'ଦ କ୍ୟାସଲ'ରେ କେ' ଭୌଗୋଳିକ, ସାମାଜିକ ଏବଂ ଭାବନାତ୍ମକ ଭାବରେ ସର୍ବଦା ବିସ୍ଥାପିତ ଭାବରେ ଚିତ୍ରିତ ହୋଇଛନ୍ତି । ସେ ଅମିନ୍ ହେବା ପରେ ମଧ୍ୟ ହୋଟେଲ୍‌ରେ ରୁହନ୍ତି, କର୍ମହୀନ ଭାବରେ ଗାଁରେ ବୁଲନ୍ତି କିନ୍ତୁ ଦୁର୍ଗକୁ ପ୍ରବେଶ କରିବାରୁ ବଂଚିତ ହୁଅନ୍ତି। ତାଙ୍କର ବିସ୍ଥାପନ ଆଧ୍ୟାତ୍ମିକ ଢଙ୍ଗରେ ପ୍ରକାଶ ପାଏ, "It was as if he were standing outside the door of the Castle, looking in, but never able to enter." (The Castle, p. 89) ଦୁର୍ଗକୁ ପ୍ରବେଶ କରିବାରେ କେ'ଙ୍କ ଅସମର୍ଥତା ଆଧୁନିକ ମଣିଷର ଅସ୍ତିତ୍ୱଗତ ବିଚ୍ଛିନ୍ନତାକୁ ପ୍ରତିଫଳିତ କରେ । ସେ କେବଳ ଭୁଲ୍ ସ୍ଥାନରେ ନୁହଁନ୍ତି; ସେ ଏପରି ଏକ ସ୍ଥାନରେ ଅର୍ଥର ଅନୁସନ୍ଧାନ କରନ୍ତି ଯାହା ତାଙ୍କ ଉପସ୍ଥିତିକୁ ସ୍ୱୀକାର କରିବାକୁ ମଧ୍ୟ ଅପ୍ରସ୍ତୁତ । ତାଙ୍କର ବିସ୍ଥାପନ କେବଳ ସ୍ଥାନଗତ ନୁହେଁ ବରଂ ଅଭ୍ୟନ୍ତରୀଣ ମଧ୍ୟ । ସେ ସ୍ଥାନ, ନାମ କିମ୍ବା ଉଦ୍ଦେଶ୍ୟବିହୀନ ଜଣେ ବ୍ୟକ୍ତି ପାଲଟିଯା'ନ୍ତି । ଦୁର୍ଗ ଭଳି ଗାଁ ମଧ୍ୟ ତାଙ୍କ ଅସ୍ତିତ୍ୱ ପ୍ରତି ଉଦାସୀନ ରୁହେ । ତାଙ୍କୁ ସେଠି ଆଶ୍ରୟ ଦିଆଯାଏ କିନ୍ତୁ ଅମିନ୍ ଭାବରେ କରାଯାଏ ନାହିଁ ।

ଅପର ପକ୍ଷରେ ପ୍ରଦ୍ୟୁମ୍ନଙ୍କ ବିସ୍ଥାପନ ଅଧିକ ଶାବ୍ଦିକ । ସେ ପୁରୀ ଛାଡ଼ି ଏପରି ଏକ ଦୁନିଆରେ ପ୍ରବେଶ କରନ୍ତି ଯେଉଁଠି ଜାତି, ଭାଷା ଓ ସଂସ୍କୃତି ଖଣ୍ଡବିଖଣ୍ଡିତ । ତରବାହାର କୋଲିୟାରୀରେ ସମଗ୍ର ଭାରତରୁ ଆସିଥିବା ପ୍ରବାସୀମାନେ ବସବାସ କରନ୍ତି, ଯେଉଁମାନଙ୍କର ନିଜସ୍ୱ ଏକ ଏକ ଭଙ୍ଗୁର ଇତିହାସ ରହିଛି । ପ୍ରଦ୍ୟୁମ୍ନର ସମାରୁ ଖଡ଼ିଆରେ ରୂପାନ୍ତର କେବଳ ନାମ ପରିବର୍ତ୍ତନ ନୁହେଁ; ଏହା ତାଙ୍କ ଆତ୍ମବିଚ୍ଛିନ୍ନତାର ମଧ୍ୟ ସଂକେତ । ସେ ମାନସିକ ସ୍ତରରେ ନା ସମରୁ ଖଡିଆ ନା ପ୍ରଦ୍ୟୁମ୍ନ ମିଶ୍ର। "ସମାରୁ ଖଡିଆ ନାଁଟା ଯେମିତି ତା'ର ମୁଖା। ସେ ଯେ ସେଇ ମୁଖାଟା ପିନ୍ଧି ଏଠି ଅଭିନୟ କରୁଛି ଓ ମୁଖାତଳର ଲୋକଟା ଅଲଗାଲୋକ, ଏଇଟା ବି ସମସ୍ତେ ଜାଣୁଛନ୍ତି, ତେବେ ପ୍ରଦ୍ୟୁମ୍ନର ଏତେ ଦୁଃଖ କରିବାର କ'ଣ ଥାଇପାରେ ? କାହିଁକି ସେ ଭାବୁଛି ତା'ର ଆତ୍ମ ପରିଚୟ ହଜି ଯାଇଚି ବୋଲି ?" (ନିଜ ନିଜ ପାନିପଥ, ପୃଷ୍ଠା ୧୦୨) କୋଲିୟାରୀ ତାଙ୍କ ବିସ୍ଥାପିତ ଶ୍ରମର ଏକ କ୍ଷୁଦ୍ର ଅଂଶ ପାଲଟିଯାଏ, ଯେଉଁଠାରେ ପରିଚୟ ତରଳ ଏବଂ ସମ୍ପୃକ୍ତି ସର୍ତ୍ତମୂଳକ ମନେହୁଏ । ଶ୍ରମିକମାନଙ୍କୁ ସେମାନଙ୍କ ଜନ୍ମସ୍ଥାନରୁ ଉଚ୍ଛେଦ କରାଯାଇ ଏକ ଶିଳ୍ପ ଖଣିରେ ଠେଲି ଦେଉଥିବା କାରକ ଭାବରେ କୋଇଲା ଖଣି ଚିତ୍ରିତ ହୋଇଛି। ପ୍ରଦ୍ୟୁମ୍ନଙ୍କ ବିସ୍ଥାପନ ତାଙ୍କ ଜାତିଗତ ପରିଚୟ ଦ୍ୱାରା ଆହୁରି ଜଟିଳ ହୋଇପଡ଼େ, ଯାହା ତାଙ୍କୁ ତାଙ୍କ ଅତୀତ ଏବଂ ବର୍ତ୍ତମାନ

ଉଭୟରୁ ବିଚ୍ଛିନ୍ନ କରିଦିଏ । ସେ ନା ବ୍ରାହ୍ମଣ ନା ଆଦିବାସୀ, ନା ଆଭ୍ୟନ୍ତରୀଣ ନା ବାହାର ଲୋକ । ତାଙ୍କର ବିସ୍ଥାପନ ସମ୍ପୂର୍ଣ୍ଣ- ସାମାଜିକ, ସାଂସ୍କୃତିକ ଏବଂ ମାନସିକ ରୂପରେ ଗଭୀର ହେବାରେ ଲାଗେ ।

ଉଭୟ ଉପନ୍ୟାସର ପ୍ରତୀକାତ୍ମକ ସ୍ଥାପତ୍ୟ (ଦୁର୍ଗ ଓ କୋଇଲା ଖଣି) ସେମାନଙ୍କ ଦାର୍ଶନିକ ଗଭୀରତାକୁ ଗୁରୁତ୍ୱପୂର୍ଣ୍ଣ ଢଙ୍ଗରେ ବର୍ଣ୍ଣନା କରେ । କାଫ୍‌କାଙ୍କ କ୍ୟାସଲ ହେଉଛି ଅସମ୍ଭବ କର୍ତ୍ତୃପକ୍ଷଙ୍କ ଏକ ରୂପକ, ଏପରି ଏକ ସ୍ଥାନ ଯାହା ବିନା ଅଦୃଶ୍ୟ ଭାବରେ ଗ୍ରାମକୁ ଶାସନ କରେ । ଉପନ୍ୟାସର ପ୍ରାରମ୍ଭରେ ବରଫ, କୁହୁଡ଼ି, କରିଡର- ଏସବୁ ସ୍ଥାନଗତ ବିଶୃଙ୍ଖଳାର ଭାବନା ସୃଷ୍ଟି କରିଥାଏ । "The Castle was hidden in mist, and the mist was impenetrable" (The Castle, p. 23) କାଫ୍‌କାଙ୍କ ବାକ୍ୟଗୁଡ଼ିକ ପ୍ରାୟତଃ ଏକ ଅସ୍ପଷ୍ଟ ବନ୍ଧନର ତାଳ ସୃଷ୍ଟି କରିଥାଏ । କେ'ଙ୍କ ଭଳି ପାଠକ ମଧ୍ୟ ଭାଷା ଓ ଅର୍ଥର ଭୁଲ ବୁଝାମଣାରେ ଫସିଯା'ନ୍ତି । ଦୁର୍ଗ ଏକ ଗନ୍ତବ୍ୟ ସ୍ଥଳ ନୁହେଁ ବରଂ ଏକ ମୃଗଜ, ଯାହା ସର୍ବଦା ଦୃଶ୍ୟମାନ ହୁଏ କିନ୍ତୁ ସେଠାକୁ କେବେ ବି ପହଂଚି ହେବନାହିଁ। ଏହା କେବଳ ଅମଲାତନ୍ତ୍ର ନୁହେଁ ବରଂ ବ୍ୟକ୍ତିର ଆଧ୍ୟାତ୍ମିକ ଇଚ୍ଛାକୁ ଏହା ପ୍ରତିନିଧିତ୍ୱ କରେ । ପ୍ରତୀକାତ୍ମକ ଭାବରେ ଦୁର୍ଗ ଭଗବାନ, ରାଜ୍ୟ କିମ୍ବା ଆଧୁନିକ ଜୀବନର ଅଯଥାତାକୁ ପ୍ରକାଶ କରେ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ସର୍ବଦା ଅପହଂଚ ଏବଂ ଏହାର ଅପହଂଚତା ନାୟକଙ୍କ ଅସ୍ତିତ୍ୱକୁ ନିର୍ଦ୍ଧାରଣ କରୁଥାଏ ।

ଏଣିକି ଜଗଦୀଶଙ୍କ କୋଲିୟାରୀ ଏକ ଭିନ୍ନ ପ୍ରକାରର ଦୁର୍ଗ। ଏହା ଦୃଶ୍ୟମାନ ହେଉଥିଲେ ହେଁ, ଏକ ଅତ୍ୟାଚାରୀ ପରିବେଶକୁ ପ୍ରତିନିଧିତ୍ୱ କରେ । ଯନ୍ତ୍ରପାତି, ୟୁନିୟନ ଅଫିସ୍, କୋଇଲା ଖଣି ଆଦି ବ୍ୟକ୍ତି ନିୟନ୍ତ୍ରଣ ଏବଂ ପ୍ରତିରୋଧର ଏକ ଦୃଶ୍ୟ ସୃଷ୍ଟି କରନ୍ତି । କୋଇଲା ଖଣି ଈଶ୍ୱରୀୟ କୃପାର ରୂପକ ନୁହେଁ ବରଂ ବ୍ୟବସ୍ଥାଗତ ଶୋଷଣର ରୂପକ ଭାବରେ ଚିତ୍ରିତ । "ଏକ ଛୋଟିଆ ଜାଗାରେ, ସହରଠୁ ଦୂରରେ ଗୋଟେ ନିଛାଟିଆ କୋଇଲା ଖଣି, ତା'ର ଆହୁରି ଆଗକୁ ନିଛାଟିଆ କଲୋନି ତା'ଭିତରେ ସୀମାବଦ୍ଧ ହୋଇ ରହିଯିବ ପ୍ରଦ୍ୟୁମ୍ନ ମିଶ୍ର।" (ନିଜ ନିଜ ପାନିପଥ, ପୃଷ୍ଠା ୫୯) ଏହି ଶିଳ୍ପ ପରିବେଶ କ୍ରମଶଃ ଅସ୍ତିତ୍ୱ କ୍ଷୟର ରୂପକ ପାଲଟିଯାଏ । ଏହା ଜଗଦୀଶଙ୍କ ଭାଷା ଶ୍ରମ, ଜାତି ଓ ପ୍ରତିରୋଧର ଢାଂଚା ଉପରେ ଆଧାରିତ। ଏଥିରେ ସେ ଦାର୍ଶନିକ ବିବରଣୀ ପ୍ରଦାନ ନକରି ସେ ଜୀବନ୍ତ ଅନୁଭୂତିର ପରିପ୍ରକାଶ କରିଛନ୍ତି। ଏହି ପରିବେଶରେ ତାଙ୍କ ଚରିତ୍ରଗୁଡ଼ିକ ସେମାନଙ୍କର ଆଭ୍ୟନ୍ତରୀଣ ଅସ୍ଥିରତା ଏବଂ ସାମାଜିକ ଅସ୍ଥିରତାକୁ ପ୍ରତିଫଳିତ କରିଛନ୍ତି। କାହାଣୀଟି ଅନ୍ତରଙ୍ଗ ତଥାପି ବିସ୍ତୃତ ଭାବରେ ଉଭୟ ବ୍ୟକ୍ତିଗତ ଏବଂ ରାଜନୈତିକ ବିଷୟକୁ ତୋଳି ଧରିଥାଏ । କୋଲିୟାରୀ ରହସ୍ୟର ସ୍ଥାନ ନୁହେଁ ବରଂ ନୃଶଂସ ସ୍ୱଷ୍ଟତାର ସ୍ଥାନ। ଏଥିରେ କ୍ଷମତାର ଦୁର୍ବ୍ୟବହାର ବଂଚିବାର ମୂଲ୍ୟ ଏବଂ ବୁଝାମଣା ଉପରେ ନିର୍ମିତ ଦୁନିଆରେ ଶୁଦ୍ଧତାର ଅସମ୍ଭବତାକୁ ଦର୍ଶାଯାଇଛି।

କିନ୍ତୁ ସୂକ୍ଷ୍ମଦୃଷ୍ଟିରୁ ବିଚାର କଲେ ଉଭୟ ଉପନ୍ୟାସରେ ଅମଲାତାନ୍ତ୍ରିକ ଦୁର୍ନୀତିର ଚିତ୍ରଣ ରହିଥିଲେ ମଧ୍ୟ ଏହାର ଉତ୍ସ ଭିନ୍ନ ଅଟେ। କାଫ୍‌କାଙ୍କ ଦୁନିଆଁରେ ଅମଲାତନ୍ତ୍ରର ଅଯଥାତା ଏକ ଧାର୍ମିକ ସମସ୍ୟାରେ ପରିଣତ ହୁଏ; ଦୁର୍ଗ କେବଳ ଏକ କୋଠା ନୁହେଁ ବରଂ ଈଶ୍ୱରୀୟ ଅନୁପସ୍ଥିତିକୁ ପ୍ରତୀକିତ କରେ। କିନ୍ତୁ ଜଗଦୀଶଙ୍କ ଦୁନିଆଁରେ କୋଇଲା ଖଣି ଏକ ରାଜନୈତିକ ସମସ୍ୟା ପାଲଟିଯାଏ; ଏଠାରେ ଖଣି କେବଳ ଏକ କର୍ମଖଣି ନୁହେଁ ବରଂ ଜାତି, ବର୍ଗ ଓ ବୁଝାମଣାର ଯୁଦ୍ଧଖଣି । ଉଭୟ ଲେଖକ ଚରିତ୍ରର ସମସ୍ୟା ସମାଧାନକୁ ଅସ୍ପଷ୍ଟ ରଖିଛନ୍ତି। କାଫ୍‌କାଙ୍କ ନାୟକ କ୍ୟାସଲରେ ପହଂଚି ନାହିଁ କି ଜଗଦୀଶଙ୍କ ପ୍ରଦ୍ୟୁମ୍ନ ନିଜର ନାମ ପୁନରୁଦ୍ଧାର କରିପାରନ୍ତି ନାହିଁ । ସେମାନେ ନିଲମ୍ବିତ, ହୃଦୟ ବିଦାରକ ଏବଂ ଅସମ୍ପୂର୍ଣ୍ଣ ଭାବରେ ଝୁଲି ରହନ୍ତି ଏବଂ ସେହି ଅସମ୍ପୂର୍ଣ୍ଣତାରେ, ଆମେ ଆଧୁନିକ ଅସ୍ତିତ୍ୱର ସତ୍ୟକୁ ପାଇଥାଉ। ଏକ ପକ୍ଷରେ ଦୁର୍ଗ କେ'ଙ୍କ ଆଭ୍ୟନ୍ତରୀଣ ସମସ୍ୟା ଓ ଅନ୍ତର୍ଦ୍ୱନ୍ଦ୍ୱକୁ ଅଧିକ ପ୍ରକାଶିତ କରୁଥିବା ବେଳେ କୋଇଲା ଖଣି ପ୍ରଦ୍ୟୁମ୍ନଙ୍କ ଉଭୟ ଅନ୍ତର୍ଦ୍ୱନ୍ଦ୍ୱ ଓ ବାହ୍ୟ ଦ୍ୱନ୍ଦ୍ୱକୁ ଆଲୋକିତ କରେ।

ଉଭୟ ଉପନ୍ୟାସରେ ପ୍ରତିନିଧି ଚରିତ୍ରର ବ୍ୟକ୍ତିଗତ ଉଦ୍ୟମ ଏହାର ଚରିତ୍ର ଚିତ୍ରଣରେ ଥିବା ବୈଷମ୍ୟକୁ ପ୍ରକାଶ କରେ। କାଫ୍‌କାଙ୍କ କେ' ଯେତିକି ବିପ୍ଳବୀ 'ନିଜ ନିଜ ପାନିପଥ'ରେ ପ୍ରଦ୍ୟୁମ୍ନ ଓ ହରିଶଙ୍କର ସେତିକି ବିପ୍ଳବୀ ହୋଇପାରି ନାହାନ୍ତି। କାଫ୍‌କାଙ୍କ କେ' କ୍ୟାସଲରେ ପହଂଚିବା ପାଇଁ ତାଙ୍କ ପ୍ରୟାସରେ ସର୍ବଦା ଉତ୍ସାହ ପ୍ରକଟ କରନ୍ତି। ସେ ଅଧିକାରୀମାନଙ୍କୁ ପ୍ରଶ୍ନ କରନ୍ତି, ଦୁର୍ଗ ସମ୍ପର୍କିତ ପ୍ରତ୍ୟେକ ସର୍ତ୍ତାବଳୀକୁ ଯାଂଚ କରନ୍ତି ଏବଂ ତାଙ୍କ ସୀମାନ୍ତ ରହିବାର ଦଣ୍ଡ ଗ୍ରହଣ କରିବାକୁ ମନା କରନ୍ତି। ଉପନ୍ୟାସରେ ତାଙ୍କର ଉଦ୍ୟମର ଫଳାଫଳ ସନ୍ତୋଷଜନକ ନୁହେଁ, ତଥାପି ସେ ଅନବରତ ପ୍ରୟାଶ କରୁଥା'ନ୍ତି । ଅପରପକ୍ଷରେ ମହାନ୍ତିଙ୍କ ପ୍ରଦ୍ୟୁମ୍ନ ଅଧିକ ନିଷ୍କ୍ରିୟ । ସେ ନିଜ ଅଧିକାର ପ୍ରାପ୍ତି ପାଇଁ ବିପ୍ଳବ ପରିବର୍ତ୍ତେ ଶୋକ ପ୍ରକାଶ କରନ୍ତି । ଯଦିଓ ସେ ବେଳେବେଳେ ପ୍ରତିରୋଧ କରନ୍ତି, କିନ୍ତୁ ସେ ମୁଖ୍ୟତଃ ତାଙ୍କ ଚାରିପାଖରେ ଥିବା ଶକ୍ତିମାନଙ୍କ ଦ୍ୱାରା କେବଳ ନିୟନ୍ତ୍ରିତ ହୁଅନ୍ତି । ପ୍ରତି ଦାବି ପାଇଁ ତାଙ୍କୁ ଅଗଣି କକେଇଙ୍କ ସାହାଯ୍ୟ ନେବାକୁ ପଡେ । ଉପନ୍ୟାସର ଅନ୍ୟତମ ପ୍ରତିନିଧି ଚରିତ୍ର ହରିଶଙ୍କର, ଟ୍ରେଡ୍ ୟୁନିୟନର ପୂର୍ବତନ ସେକ୍ରେଟାରୀ, ସେ କର୍ତ୍ତୃପକ୍ଷଙ୍କୁ ଚ୍ୟାଲେଞ୍ଜ କରନ୍ତି । ତଥାପି

ହରିଶଙ୍କର ମଧ୍ୟ ଶେଷରେ ବ୍ୟବସ୍ଥା ଦ୍ୱାରା ବାଧାପ୍ରାପ୍ତ ହୋଇଛନ୍ତି । ଏକ ନୂତନ ସଂଘ ଗଠନ ପାଇଁ ତାଙ୍କର ପ୍ରୟାସ ପ୍ରତିରୋଧ, ବିଶ୍ୱାସଘାତକତା ଏବଂ ହିଂସାର ସମ୍ମୁଖୀନ ହୁଏ ।

ପୁନଶ୍ଚ ଲିଙ୍ଗଗତ ସମାଲୋଚନା ଦୃଷ୍ଟିରୁ ମଧ୍ୟ ଉଭୟ ଉପନ୍ୟାସରେ ତାରତମ୍ୟ ପରିଲକ୍ଷିତ ହୁଏ । କାଫ୍‌କାଙ୍କ 'ଦ କ୍ୟାସଲ୍'ରେ ମହିଳାମାନଙ୍କୁ ଅବହେଳିତ ଓ ନିଷ୍କ୍ରିୟ ରୂପରେ ଚିତ୍ରିତ କରାଯାଇଛି। ଫ୍ରିଡା, ଓଲଗା ଏବଂ ଅମାଲିଆ ଆଦି ନାରୀ ଚରିତ୍ର ପୁରୁଷ ଅଧ୍ୟୁଷିତ ଅମଲାତନ୍ତ୍ରର କଠୋର ସଂରଚନାଞ୍ଚ ଏବଂ ଗାଁର ସାମାଜିକ ମାନ୍ୟତା ଦ୍ୱାରା ସୀମିତ ହୋଇଛନ୍ତି । ଏକଦା କ୍ଲାମ୍ମଙ୍କ ରକ୍ଷିତା ଥିବା ଫ୍ରିଡାଙ୍କୁ ହେରେନ୍‌ହାଫ୍ ଇନ୍‌ରେ ଜଣେ ବାର୍‌ମେଡ୍ ଭାବରେ ପରିଚିତ କରାଯାଏ ଏବଂ ପରବର୍ତ୍ତୀ ସମୟରେ କେ'ଙ୍କ ସହ ତାଙ୍କର ସମ୍ପର୍କ ଅସ୍ୱଷ୍ଟତା ଏବଂ ନିର୍ଭରଶୀଳତା ଦ୍ୱାରା ଚିହ୍ନିତ ହୁଏ । କେ' ତାଙ୍କୁ ଦୁର୍ଗରେ ପହଂଚିବା ପାଇଁ ଏକ ମାଧ୍ୟମ ଭାବରେ ବ୍ୟବହାର କରନ୍ତି । "Frieda's presence was tolerated only as long as she remained useful to K.'s plans," (The Castle, p. 76) ସେହିଭଳି ଓଲ୍‌ଗା ଏବଂ ଅମାଲିଆଙ୍କୁ କ୍ୟାସଲ ଅଧିକାରୀଙ୍କ ଠାରୁ ପ୍ରତ୍ୟାଖ୍ୟାନ କରାଯାଇଥିବା ଯୌନ ଅଗ୍ରଗତି ସହିତ ଜଡ଼ିତ ଭାବରେ ଚିତ୍ରିତ କରାଯାଇଛି । ଅମାଲିଆ ଦୁର୍ଗର ଜଣେ ଅଧିକାରୀଙ୍କ ଦାବିକୁ ମାନିବାକୁ ମନା କରିବାର ଦଣ୍ଡସ୍ୱରୂପ ସାମାଜିକ ନିର୍ବାସନ ଭୋଗ କରନ୍ତି ଯାହାର ଫଳ ତାଙ୍କ ପରିବାରକୁ ମଧ୍ୟ ଭୋଗିବାକୁ ପଡ଼େ । କାଫ୍‌କାଙ୍କ ଦୁନିଆରେ ନାରୀମାନେ କ୍ଷମତାର ଅଧୀନରେ ସର୍ବଦା ନିଷ୍ପେସିତ ଭାବରେ ଚିତ୍ରିତ ହୋଇଛନ୍ତି ।

ଅପରପକ୍ଷରେ ଜଗଦୀଶ ମହାନ୍ତିଙ୍କ 'ନିଜ ନିଜ ପାନିପଥ' ଜାତି, ଶ୍ରମ ଓ ଧାର୍ମିକ ଉଲ୍ଲଂଘନ ଦୃଷ୍ଟିକୋଣରୁ ଲିଙ୍ଗଗତ ସମାଲୋଚନାକୁ ପ୍ରକାଶ କରେ । କୋଇଲା ଖଣିରେ ମହିଳାମାନେ ପ୍ରାୟତଃ ସାମାଜିକ ବ୍ୟବସ୍ଥାରେ ସ୍ୱାଭିମାନୀ ଏବଂ ସ୍ୱାଧିନ ମାନସିକତାକୁ ପ୍ରତିନିଧିତ୍ୱ କରନ୍ତି । ଉପନ୍ୟାସରେ ନାରୀ ଚରିତ୍ରଗୁଡ଼ିକର ଚିତ୍ରଣ ଏବଂ ପାରିବାରିକ ବ୍ୟବସ୍ଥାରେ ସେମାନଙ୍କ ଭୂମିକା ମାଧ୍ୟମରେ ନାରୀବାଦୀ ଦୃଷ୍ଟିକୋଣକୁ ପ୍ରକାଶ କରେ । ପ୍ରଦ୍ୟୁମ୍ନର ନିଜ ପରିବାରରେ ନାରୀମାନଙ୍କ ଭୂମିକା ବେଶ୍ ସଂସ୍କାରସମ୍ପନ୍ନ ଭାବରେ ପ୍ରତିଫଳିତ ହୋଇଛି । ସାମାଜିକ ଓ ପାରିବାରିକ ଜୀବନରେ ନାରୀର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ତାହା ପ୍ରଦ୍ୟୁମ୍ନର ପରିବାରକୁ ଅବଲୋକନ କଲେ ଜଣାପଡ଼େ । ଅପରପକ୍ଷରେ ପ୍ରଦ୍ୟୁମ୍ନ ଆଶ୍ରୟ ନେଇ ରହୁଥିବା ଘରେ ଅଗଣି କକେଇଙ୍କ ସାନଝିଅ ଝୁନୁ ପାରମ୍ପରିକ ଆଶା ଏବଂ ବ୍ୟକ୍ତିଗତ ଆକାଂକ୍ଷା ମଧ୍ୟରେ ଥିବା ତିକ୍ତତାକୁ ପ୍ରତିଫଳିତ କରିଛି । ତା'ର ଚରିତ୍ର ସାମାଜିକ ମାନଦଣ୍ଡ ଦ୍ୱାରା ନାରୀ ଉପରେ ଲଗାଯାଇଥିବା ବିଭିନ୍ନ ପ୍ରତିବନ୍ଧକ ତଥା ସୀମା ସହିତ ସଂଘର୍ଷ କରେ, ତଥାପି ସେ ସ୍ୱାଧୀନତା ଏବଂ ଆତ୍ମ-ଅଭିବ୍ୟକ୍ତି ପାଇଁ ଇଚ୍ଛା କରେ । ଦେଶମୁଖଙ୍କ ପତ୍ନୀ ଅନୀତା ମଧ୍ୟ ନାରୀତ୍ୱର ଜଟିଳତାକୁ ବର୍ଣ୍ଣନା କରିଛନ୍ତି । ମହିଳା କ୍ଲବରେ ତାଙ୍କର ସମ୍ପୃକ୍ତି ଅତ୍ୟାଚାରୀ ପରିବେଶ ମଧ୍ୟରେ ସ୍ୱର ଦୃଢ଼ କରିବା ଏବଂ ସ୍ୱାମୀଙ୍କ ପରୋକ୍ଷ ତିରସ୍କାର ପ୍ରତି ମହିଳାମାନଙ୍କ ପ୍ରୟାସର ଏକ କ୍ଷୁଦ୍ର ଅଂଶ ଭାବରେ ପ୍ରତିଫଳିତ ହୋଇଛି । ତେବେ ନିଜ ସ୍ଥିତିର କଠୋର ବାସ୍ତବତାକୁ ମଧ୍ୟ ସାମ୍ନା କରି ନିଜ ପରିଚୟ ପାଇଁ ଆଗ୍ରହୀ ଥିବା ବେଳେ ସେ ପୁଣି ପତିବ୍ରତା ନାରୀ ହେବାର ଆଶାକୁ ମଧ୍ୟ ଦର୍ଶାଇଛନ୍ତି । ନାରୀ ଚରିତ୍ରମାନେ ପ୍ରାୟତଃ ଉଭୟ ଘରେ ଏବଂ କର୍ମକ୍ଷେତ୍ରରେ ନିଜକୁ ପୁରୁଷଙ୍କ ସମକକ୍ଷ ହେବାର ଆହ୍ୱାନ ଦେଇ ଜୀବନ ବିତାନ୍ତି, ଯାହା ଦେଶମୁଖଙ୍କ ମାଆଙ୍କ ସଂଘର୍ଷର ଚିତ୍ରଣରୁ ଅନୁମାନ କରିହୁଏ ।

ପୁଣି ଶୈଳୀଗତ ଦୃଷ୍ଟିରୁ ଉଭୟଙ୍କ ଉପନ୍ୟାସଗୁଡ଼ିକରେ ବିଶେଷ ପାର୍ଥକ୍ୟ ରହିଛି । କାଫ୍‌କାଙ୍କ ଗଦ୍ୟ ଭୁଲ ବୁଝାମଣା, ବିଭ୍ରାନ୍ତି, ବିରୋଧାଭାସ ଏବଂ ପୁନରାବୃତ୍ତିରେ ପରିପୂର୍ଣ୍ଣ । ଏଥିରେ ନାୟକଙ୍କ ଦ୍ୱନ୍ଦ୍ୱ, ଦୁର୍ଗର ଅସ୍ୱଷ୍ଟତା, ଅମଲାତନ୍ତ୍ରର ଅହେତୁକତାକୁ ପ୍ରତିଫଳିତ କରାଯାଇଛି । କିନ୍ତୁ ଜଗଦୀଶଙ୍କ ଗଦ୍ୟ ପ୍ରତ୍ୟକ୍ଷ ଅନୁଭୂତି ଓ ରାଜନୈତିକ ଦୃଷ୍ଟିକୋଣରୁ ପ୍ରଶଂସିତ ମନେହୁଏ । ଏହା କୋଇଲା ଖଣିର ଦୁର୍ନୀତି, ଶ୍ରମର ବର୍ବରତା, ଜାତିଗତ ହିଂସାର ତତ୍ପରତାକୁ ପ୍ରତିଫଳିତ କରେ । ତଥାପି ଉଭୟଙ୍କ ଶୈଳୀରେ ବୈଷମ୍ୟ ରହିଥିଲେ ହେଁ, ସେମାନେ ପାଠକଙ୍କୁ ଏପରି ଏକ ଦୁନିଆରେ ବୁଡ଼ାଇ ଦିଅନ୍ତି ଯେଉଁଠାରେ ସ୍ୱଷ୍ଟତା ଅସମ୍ଭବ, ଯେଉଁଠାରେ ଅର୍ଥ ଉତ୍ତୋଳନକୁ ବିଚାର କରାଯାଏ ନାହିଁ । ଏହି ଦ୍ୱନ୍ଦ୍ୱ ଭିତରେ ନାୟକଙ୍କୁ ଉପନ୍ୟାସର ପରିଣତିରେ ମଧ୍ୟ ସମସ୍ୟାର ସମାଧାନ ମିଳେ ନାହିଁ ।

**ଉପସଂହାର :**

କାଫ୍‌କା ଏବଂ ମହାନ୍ତିଙ୍କ ଉଭୟ ଉପନ୍ୟାସକୁ ଏକାଠି କରୁଥିବା କାରକ ହେଉଛି ଆଧୁନିକ ଅମଲାତାନ୍ତ୍ରିକ ବ୍ୟବସ୍ଥାଗୁଡ଼ିକୁ ଚିତ୍ରଣ କରିବା ପାଇଁ ସେମାନଙ୍କର ପ୍ରତିବଦ୍ଧତା । କାଫ୍‌କାଙ୍କ ଅମଲାତନ୍ତ୍ର ଅସଲ, କିନ୍ତୁ ଏହା ଆଧୁନିକ ପ୍ରଶାସନର ତର୍କ ଉପରେ ଆଧାରିତ । ମହାନ୍ତିଙ୍କ କୋଇଲା ଖଣି ନିର୍ଦ୍ଦିଷ୍ଟ, କିନ୍ତୁ ଏହା ଶୋଷଣ ଏବଂ ବିସ୍ଥାପିତର ବ୍ୟାପକ ବ୍ୟବସ୍ଥାକୁ ପ୍ରତିଫଳିତ କରେ । ଉଭୟ ଲେଖକ ବୁଝନ୍ତି ଯେ କ୍ଷମତା କେବଳ ଅନୁଷ୍ଠାନ ମାଧ୍ୟମରେ ନୁହେଁ, ବରଂ ଭାଷା, ଅଭ୍ୟାସ ଏବଂ ଇଚ୍ଛା ମାଧ୍ୟମରେ କାର୍ଯ୍ୟ କରେ । ସେମାନଙ୍କର ନାୟକମାନେ ଏହି ଶକ୍ତିମାନଙ୍କ ଦ୍ୱାରା ଅନାୟାସରେ ନିୟନ୍ତ୍ରିତ ହୁଅନ୍ତି । ଆଜିର ଦୁନିଆଁରେ, ଯେଉଁଠି ପରିଚୟ ଅମଲାତନ୍ତ୍ର ଓ ରାଜନୀତି ସତ୍ତା

ଆଧାରିତ, ଯେଉଁଠାରେ ଅନୁଷ୍ଠାନଗୁଡ଼ିକ ଅସ୍ପଷ୍ଟ ଏବଂ ଯେଉଁଠାରେ ସ୍ୱୀକୃତି ସର୍ତ୍ତମୂଳକ ସେଠାରେ ଏହି ଉପନ୍ୟାସଗୁଡ଼ିକ ଗଭୀର ପ୍ରାସଙ୍ଗିକ ଅଟେ । ଅମଲାତାନ୍ତ୍ରିକ ବ୍ୟବସ୍ଥାକୁ ଅନୁଧ୍ୟାନ କରିବା, ଜାତି ଓ ଶ୍ରେଣୀ ବୈଷମ୍ୟ ବିଷୟରେ ଆଲୋଚନା କରିବା, ବିସ୍ଥାପିତ ହେବାର ମାନସିକତା ସହ ସଂଘର୍ଷ କରିବା ଏବଂ ବିଖଣ୍ଡିତ ପରିବେଶରେ ଅର୍ଥ ଖୋଜିବା ପାଇଁ ଉଭୟ ଉପନ୍ୟାସ ପାଠକକୁ ପ୍ରେରଣା ଯୋଗାଏ ।

**ସହାୟକ ଗ୍ରନ୍ଥସୂଚୀ :**

1. Brod, Max, 'Franz Kafka: A Biography, Trans. G. Humphreys Roberts and Richard Winston' New York: Schocken Books, 1973.
2. Kafka, F. The Castle (Underwood. J. A, Trans.). England: Penguin Books. 2000.
3. Mohanty, Jagdish. 'Battles of Our Own' (Himanshu Mohapatra, Trans.) Penguins Books, India. 2022.
4. Heller, Erich. "The World of Franz Kafka." Kafka: A Collection of Critical Essays. Ed. Ronald Gray. New Jersey: Prentice-Hall, 1962.

୫. ବଳ, ସରୋଜ, 'ଜଗଦୀଶ ମହାନ୍ତି ସୃଜନ ସମଗ୍ର' (ଚତୁର୍ଥ ପର୍ବ), ଟାଇମପାସ୍, ବରମୁଣ୍ଡା, ଭୁବନେଶ୍ୱର, ୨୦୨୨

୬. ମିଶ୍ର, ସୌଭାଗ୍ୟ କୁମାର, 'ଦୁର୍ଗ', ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ୧୯୮୨

୭. ମହାନ୍ତି, ଜଗଦୀଶ, 'ନିଜ ନିଜ ପାନିପଥ', ଫ୍ରେଣ୍ଡସ୍ ପବ୍ଲିଶର୍ସ୍, ବିନୋଦ ବିହାରୀ, କଟକ, ୧୯୯୦

୮. ସାହୁ, ସରୋଜିନୀ, 'ଜଗଦୀଶ ମହାନ୍ତି ଜଣେ ବୋହେମିଆନ୍‌ର କାହାଣୀ', ପଶ୍ଚିମା ପବ୍ଲିକେଶନ, ନୟାପଲ୍ଲୀ, ଭୁବନେଶ୍ୱର, ୨୦୨୨

❖ ❖ ❖

DOI :https://doi.org/10.5281/zenodo.17553389 ମୂଳ ପ୍ରବନ୍ଧ

# ବୈଦିକ ସାହିତ୍ୟରେ ନାରୀ

**ବବ୍ରୁବାହନ ମହାପାତ୍ର**

**ସଂକ୍ଷିପ୍ତସାର :**

ପ୍ରାଚୀନ ଭାରତୀୟ ସାହିତ୍ୟରେ ନାରୀ ଜୀବନର ସ୍ଥିତି ଓ ସ୍ୱରୂପକୁ ଆକଳନ କଲାବେଳେ ବେଦ, ଉପନିଷଦ, ବ୍ରାହ୍ମଣ ଓ ସ୍ମୃତି ଗ୍ରନ୍ଥ ଗୁଡ଼ିକରେ ପ୍ରତିଫଳିତ ନାରୀ ଜୀବନର ଚିତ୍ରକୁ ଅନୁସନ୍ଧାନ କରାଯାଇପାରେ । ବୈଦିକ ଯୁଗର ଏତାଦୃଶ ରଚନାଗୁଡ଼ିକରେ ନାରୀ ଓ ନାରୀତ୍ୱକୁ ନେଇ ବହୁକଥା ବିଶ୍ଳେଷିତ ହୋଇଛି । ଦାମ୍ପତ୍ୟ ଜୀବନ, ଶିକ୍ଷା ଓ ସଂସ୍କୃତି ତଥା କଳା ଓ ସାହିତ୍ୟ କ୍ଷେତ୍ରରେ ନାରୀର ଭୂମିକା ଏଥିରୁ ନିରୀକ୍ଷଣ କରିହୁଏ । ନାରୀର ଅଧିକାର, ସମ୍ପତ୍ତିଗତ ମାଲିକାନା, କୃଷିଭିତ୍ତିକ ବୈଦିକ ସଭ୍ୟତାରେ ଚାଷ ଓ ପଶୁ ପାଳନରେ ନାରୀର ଯୋଗଦାନ ମଧ୍ୟ ଅବିସ୍ମରଣୀୟ । ସେ ଯୁଗରେ ନାରୀ ପରମ ପୂଜନୀୟ ଆସନରେ ଅଧିଷ୍ଠିତା । ବେଶ ବିନ୍ୟାସ ଠାରୁ ଆରମ୍ଭକରି ଆଧ୍ୟାତ୍ମିକ କ୍ଷେତ୍ରରେ ନାରୀର ଅପରିହାର୍ଯ୍ୟ ସମ୍ପୃକ୍ତି ମଧ୍ୟ ବିଶେଷ ପ୍ରଣିଧାନଯୋଗ୍ୟ ।

**ପ୍ରମୁଖ ଶବ୍ଦାବଳୀ :**

(ନାରୀ ଶିକ୍ଷା, ସାହିତ୍ୟ ସାଧନା, ସଙ୍ଗୀତ, ବୈଦିକ ସଂସ୍କୃତି, ଧର୍ମାନୁଷ୍ଠାନ, ଗୃହପତ୍ନୀ, ବିଧବା, ପତ୍ନୀତ୍ୱ, ସତୀତ୍ୱ, ଦଣ୍ଡ ବିଧାନ, କନ୍ୟା, ସଂହିତା, ଉପନିଷଦ, ଉପନୟନ, ବ୍ରହ୍ମବାଦିନୀ, ମାତୃତ୍ୱ, ଋଗ୍ ବେଦ, ଅଥର୍ବ ବେଦ)

## ଆଲୋଚନା:

ଭାରତୀୟ ସଭ୍ୟତା ଓ ସଂସ୍କୃତିର ଆଦିମତମ ସ୍ୱରୂପ ବୈଦିକ ସାହିତ୍ୟରେ ପ୍ରକଟିତ । ପ୍ରାଚୀନ ଭାରତୀୟ ସମାଜ ଜୀବନର ଏତାଦୃଶ ପ୍ରତିବିମ୍ବ ଅନ୍ୟ କୌଣସି ସାରସ୍ୱତ ରଚନାରେ ଲକ୍ଷିତ ହୁଏ ନାହିଁ । ସୁତରାଂ 'ବେଦକୁ ସମଗ୍ର ପ୍ରାଚୀନ ଭାରତୀୟ ଜୀବନଚର୍ଯ୍ୟାର ଉଜ୍ଜ୍ୱଳ ତଥା ଉଲ୍ଲେଖନୀୟ କୃତି ରୂପେ ବିବେଚନା କରାଯାଇଥାଏ । ଭାରତବର୍ଷରେ 'ସଂସ୍କୃତ' ସର୍ବପ୍ରାଚୀନ 'କାବ୍ୟଭାଷା' । ତାର ପ୍ରାକ୍ତନ ନିଦର୍ଶନ ହେଉଛି ବେଦ । ଏଥିରେ ଭାରତୀୟ ଆର୍ଯ୍ୟମାନଙ୍କର ସାମାଜିକ, ରାଜନୈତିକ, ଆର୍ଥନୀତିକ, ଧାର୍ମିକ ତଥା ଶିକ୍ଷାଗତ ଜୀବନ ଅତ୍ୟନ୍ତ ସ୍ୱଚ୍ଛ ଓ ସୁନ୍ଦର ଭାବେ ଚିତ୍ରିତ ।'(୧) ନାରୀ ପୁରୁଷର ସାମାଜିକ ସ୍ଥିତି ଓ ସ୍ୱାତନ୍ତ୍ର୍ୟ, ସେମାନଙ୍କର ପାରିବାରିକ ତଥା ଦାମ୍ପତ୍ୟ ଜୀବନର ସ୍ୱରୂପ, ସାମାଜିକ ଚଳଣି ଓ ସାଂସ୍କୃତିକ କ୍ରିୟାକଳାପ ବୈଦିକ ସାହିତ୍ୟରେ ବିସ୍ତୃତ ଭାବରେ ବର୍ଣ୍ଣିତ । ବସ୍ତୁତଃ ତତ୍କାଳିକ ନାରୀଜୀବନର ସ୍ୱରୂପ ଓ ସ୍ୱାକ୍ଷର ବୈଦିକ ସାହିତ୍ୟରେ ଖୋଜାଯାଇପାରେ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.17553389

Article No - BPP00346

ସେ କାଳର ସମାଜରେ ନାରୀର ଏକ ସ୍ୱତନ୍ତ୍ର ଓ ସମ୍ମାନନୀୟ ସ୍ଥାନ ଯେ ରହିଥିଲା– ବେଦରୁ ହିଁ ତାର ପ୍ରମାଣ ମିଳିଥାଏ । ବେଦର ବିଭିନ୍ନ ସ୍ତୋତ୍ରରେ ନାରୀର ମହତ୍ତ୍ୱ ଓ ବୈଶିଷ୍ଟ୍ୟ ବର୍ଣ୍ଣିତ । ବୈଦିକ ଆର୍ଯ୍ୟ ସମାଜରେ ପରିବାରର ସାମ୍ରାଜ୍ଞୀ ଭାବରେ ସେ ସୁପ୍ରତିଷ୍ଠିତ । ଶିକ୍ଷା, ସଭ୍ୟତା, ସଂସ୍କୃତି ତଥା ଧାର୍ମିକ କ୍ରିୟାକର୍ମରେ ତା'ର ଉପସ୍ଥିତି ଓ ସହଯୋଗିତା ଅନିବାର୍ଯ୍ୟ ଥିଲା ।

ପାରିବାରିକ ଜୀବନରେ ନାରୀଶିକ୍ଷାର ମହତ୍ତ୍ୱ ଏକାନ୍ତ

**ଯୋଗାଯୋଗ : ପ୍ରଫେସର ବବ୍ରୁବାହନ ମହାପାତ୍ର,**
ପ୍ରାକ୍ତନ ପ୍ରଫେସର ଓ ଓଡ଼ିଆ ବିଭାଗ ମୁଖ୍ୟ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା
**Email:** dr.babrubahanmahapatra123@gmail.com
**ORCID ID:** https://0009-0009-1425-1269

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୬.୦୭.୨୦୨୫ | ୧୦.୦୭.୨୦୨୫ | ୨୦.୦୯.୨୦୨୫ | ୧.୧୦.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାପାତ୍ର, ବବ୍ରୁବାହାନ; ୨୦୨୫ । ବୈଦିକ ସାହିତ୍ୟରେ ନାରୀ । ବାସ୍ତବତାର ପରିପ୍ରକାଶ ପ୍ରାଚୀ । ଭାଗ :୧୧, ସଂଖ୍ୟା : ଛ; ପୃଷ୍ଠା : ୩୬-୪୧ ।

ଅପରିହାର୍ଯ୍ୟ। ନାରୀ ପରିବାରର ମୁଖ୍ୟ କର୍ତ୍ତୀ ହୋଇଥିବାରୁ ତା'ର ଶିକ୍ଷା ବ୍ୟବସ୍ଥା ନିମନ୍ତେ ସମସ୍ତ ପ୍ରକାର ସୁବିଧା ତଥା ଅନୁକୂଳ ପରିବେଶ ସୃଷ୍ଟି କରିବା ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ଆଜି ବିବେଚନା କରାଯାଉଛି। ସେଇ ଦୃଷ୍ଟିରୁ ବିଚାର କଲେ ବୈଦିକ ସମାଜରେ ନାରୀର ବିଦ୍ୟାଶିକ୍ଷା ଓ ବେଦଧ୍ୟାୟନ ନିମିତ୍ତ ସୁଯୋଗ ପ୍ରଦାନ କରିବା ଦୂରଦୃଷ୍ଟିର ପରିଚାୟକ ବୋଲି ମନେହୁଏ। ଯଥାର୍ଥରେ ''ବୈଦିକଯୁଗ ହେଉଛି ନାରୀଶିକ୍ଷାର ସୁବର୍ଣ୍ଣ ଯୁଗ।''(୨) ଅର୍ଥବେଦରେ ନାରୀମାନେ ବ୍ରହ୍ମଚର୍ଯ୍ୟାଶ୍ରମରେ ଶିକ୍ଷାଗ୍ରହଣ କରୁଥିବା କଥା କୁହାଯାଇଛି।(୩) ତେବେ ମହର୍ଷି ମନୁଙ୍କ ଅନୁସାରେ ନାରୀମାନେ ବେଦ ପଢୁଥିଲେ, ତାଙ୍କୁ ଗାୟତ୍ରୀର ଉପଦେଶ ପ୍ରଦାନ କରାଯାଉଥିଲା। କିନ୍ତୁ ଅଧ୍ୟାପନା କାର୍ଯ୍ୟ ପିତା କିମ୍ବା ଭାଇ ହିଁ ତୁଲାଇଥିଲେ।(୪)

ଏ ଉଭୟ ମତକୁ ବିଶ୍ଳେଷଣ କଲେ ମନେହୁଏ ସେକାଳରେ ସମ୍ଭବତଃ କୁମାରୀ କନ୍ୟାମାନଙ୍କୁ ଘରୋଇ ହିସାବରେ (ପିତା, ଭାଇ ଆଦିଙ୍କ ଦ୍ୱାରା) ଏବଂ ବ୍ରହ୍ମଚାରିଣୀମାନଙ୍କୁ ବ୍ରହ୍ମଚର୍ଯ୍ୟାଶ୍ରମରେ ଶିକ୍ଷା ପ୍ରଦାନ କରାଯାଉଥିଲା। କାରଣ ସେ କାଳରେ ନାରୀମାନଙ୍କୁ ସାଧାରଣତଃ ଦୁଇଗୋଟି ଗୋଷ୍ଠୀରେ ବିଚାର କରାଯାଉଥିଲା– ''ଏକ ବ୍ରହ୍ମବାଦିନୀ, ଦୁସ୍ରୀ ତୁରନ୍ତ ବିବାହ କରନେବାଲୀ।"(୫) ବ୍ରହ୍ମବାଦିନୀମାନେ ଗୃହସ୍ଥାଶ୍ରମରେ ପ୍ରବେଶ ନକରି ବିଭିନ୍ନ ଶାସ୍ତ୍ର ଚର୍ଚ୍ଚାରେ କାଳାତିପାତ କରୁଥିବାବେଳେ, ବିବାହୋନ୍ମୁଖୀ ନାରୀଏ ଗୃହକର୍ମରେ ଲିପ୍ତ ରହୁଥିଲେ। ସେହିପରି ଉପନିଷଦ ରଚନା କାଳରେ ବିବାହ ପୂର୍ବରୁ ନାରୀମାନଙ୍କର ଶିକ୍ଷାଗତ ସୁବିଧା ଏବଂ କନ୍ୟାମାନଙ୍କୁ ମଧ୍ୟ ଉପନୟନ ସଂସ୍କାର କରି ବେଦଧ୍ୟାୟନ ନିମନ୍ତେ ସୁଯୋଗ ପ୍ରଦାନ କରାଯାଉଥିଲା।''(୬) ଏପରିକି କଂଶୀତକି ବ୍ରାହ୍ମନ୍ (VII-୬) ରେ ବର୍ଣ୍ଣିତ ଅଛି ଯେ 'ପଥେଶ୍ୱସ୍ତି' ନାମକ ଜଣେ ମହିଳା ଶିକ୍ଷାଲାଭ ପାଇଁ ଉତ୍ତର ଭାରତକୁ ଗମନ କରିଥିଲେ ଏବଂ ସର୍ବୋଚ୍ଚ ଶିକ୍ଷାଲାଭ ପରେ ବାକ୍ (ସରସ୍ୱତୀ) ଉପାଧି ଧାରଣ କରି ପ୍ରତ୍ୟାବର୍ତ୍ତନ କରିଥିଲେ।(୭) ବସ୍ତୁତଃ ଶିକ୍ଷିତ ପୁଅ ସହିତ ଶିକ୍ଷିତ କନ୍ୟାର ବିବାହ ଉପଯୁକ୍ତ ବୋଲି 'ଯଜୁର୍ବେଦ' ରେ ଯାହା କୁହାଯାଇଛି, ସେଥିରୁ ଅନୁମିତ ହୁଏ ଯେ ନାରୀଶିକ୍ଷାର ପ୍ରଚଳନ ବୈଦିକ କାଳରେ ପ୍ରସାର ଲାଭ କରିଥିଲା ଏବଂ ସୁଗୃହିଣୀ ହେବା ନିମନ୍ତେ ନାରୀମାନଙ୍କୁ ଶିକ୍ଷା ପ୍ରଦାନ କରାଯାଉଥିଲା।

ଶିକ୍ଷା ସହିତ କଳା ଓ ସାହିତ୍ୟ ସାଧନାରେ ମଧ୍ୟ ବୈଦିକନାରୀମାନଙ୍କର ଅବଦାନ କିଛି କମ୍ ନୁହେଁ। ଶାଶ୍ୱତୀ, ବାଗଦେବୀ, ଅପାଲା, ଲୋପାମୁଦ୍ରା, ବିଶ୍ୱବରା, ଅଦିତି, ଜୁହୁ, ଘୋଷା, ବଧ୍ରିମତୀ, ଶଶୀୟସୀ ପ୍ରମୁଖ ମହୀୟସୀ ମହିଳା ବେଦର ବିଭିନ୍ନ ସୂକ୍ତ ରଚନା କରି ନିଜର ପ୍ରତିଭା ଓ କାବ୍ୟକଳା କୁଶଳତା ପ୍ରଦର୍ଶନ କରିପାରିଛନ୍ତି। ଏମାନଙ୍କ ସଂପର୍କରେ କୁହାଯାଇଛି- "In the Vedic times women had access to all branches of learning. Women like Ghose, Apala, and Visva bara were composers of outstanding Vedic hymns. The age of Upanishads produced philosophers like Gargi who challenged the invincible Yagnavalkya in debate and Maitreya who spurned wealth because it would not give her immortal light (Amrta)".(୮)

ସାହିତ୍ୟ ସାଧନା ପରି ସଂଗୀତ ଓ ନୃତ୍ୟକଳାରେ ନାରୀର ନିପୁଣତା ବୈଦିକ ସାହିତ୍ୟରେ ପରିଦୃଷ୍ଟ। ତୈତ୍ତରୀୟ ସଂହିତା(୬/୧୬/୫), ମୈତ୍ରାୟଣୀ ସଂହିତା(୩/୭/୬) ତଥା ଶତପଥ ବ୍ରାହ୍ମଣ(୧୪/୩/୧/୩୫) ଆଦିରେ ନୃତ୍ୟ ଓ ସଂଗୀତରେ ସେମାନଙ୍କର ପାରଙ୍ଗମତାର ଅନେକ ଉଦାହରଣ ମିଳେ।(୯) ସାହିତ୍ୟ ପରି ସଂଗୀତ ଓ ନୃତ୍ୟ ଏକ ଏକ ସୁକୁମାର କଳା। ଏଥିରେ ମଧ୍ୟ ରହିଛି ନିଜର ସୃଜନାତ୍ମକ ମନୋବୃତ୍ତି। ତେଣୁ ନୃତ୍ୟ ଓ ସଂଗୀତ ସାଧନାରୁ ଅନୁମିତ ହୁଏ ଯେ ସେ କାଳର ନାରୀର ଏତାଦୃଶ ମାନସିକ ବିଳାସ ଓ ବିକାଶ ନିମିତ୍ତ ବିଶେଷ କଟକଣା ନଥିଲା ।

ତେବେ ବୈବାହିକ କ୍ଷେତ୍ରରେ ବୈଦିକକାଳରେ ଦୁଇପ୍ରକାର ନାରୀମାନଙ୍କ ମଧ୍ୟରୁ ବ୍ରହ୍ମବାଦିନୀ ବା ବ୍ରହ୍ମଚାରିଣୀମାନେ ଚିରକୁମାରୀ ରହୁଥିବା କଥା ସ୍ପଷ୍ଟ । କେବଳ ବିବାହୋନ୍ମୁଖୀ ଗୋଷ୍ଠୀର ନାରୀମାନେ ବିବାହ କରି ଘର ସଂସାର କରୁଥିଲେ। ମାତ୍ର ସେ କାଳରେ ବାଲ୍ୟବିବାହ ପ୍ରଥାର ପ୍ରଚଳନ ନଥିଲା। ବିବାହ ପ୍ରାପ୍ତ ବୟସ୍କ ଯୁବକ ଓ ଯୁବତୀଙ୍କ ମଧ୍ୟରେ ହେଉଥିଲା। ପୁଣି ବିବାହ ଥିଲା ''ଯଜ୍ଞପରି ପବିତ୍ର ଓ କଳ୍ପତରୁ ପରି କାମଦ।"(୧୦) ବୈଦିକ ଆର୍ଯ୍ୟ ସମାଜରେ ମୁଖ୍ୟତଃ ଏକପତ୍ନୀ ଗ୍ରହଣରୀତି ପ୍ରଚଳିତ ଥିଲେ ମଧ୍ୟ କେତେକ କ୍ଷେତ୍ରରେ, ବହୁପତ୍ନୀ ଗ୍ରହଣର ଦୃଷ୍ଟାନ୍ତ ଦେଖିବାକୁ ମିଳେ। ବୃହଦାରଣ୍ୟକ ଉପନିଷଦରେ ଯାଜ୍ଞବଳକ୍ୟଙ୍କର ଦୁଇଟି ପତ୍ନୀ ତଥା ମୈତ୍ରାୟଣୀ ସଂହିତାରେ ମନୁଙ୍କର ଦୁଇଟି ପତ୍ନୀ ଥିବାର ସୂଚନା ମିଳୁଥିବାବେଳେ, ଋକ୍‌ବେଦରେ ଋଷି ଚ୍ୟବନ ବହୁକନ୍ୟାଙ୍କର ପତିଥିବା କଥା ବର୍ଣ୍ଣନା କରାଯାଇଛି ।

ପୁନଶ୍ଚ ରାଜାମାନଙ୍କର ମହିଷୀ, ପରିବୃକ୍ତି, ବାବାତା ଓ ପାଲାଗଲୀ ଆଦି ଚାରିଶ୍ରେଣୀର ପତ୍ନୀ ରହିଥିବା କଥା ସୂଚିତ ହୋଇଥାଏ।(୧୧) ତେବେ ଏକ ପୁରୁଷର ଏକାଧିକ ପତ୍ନୀଗ୍ରହଣ ରୀତି ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହେଉଥିଲେ ମଧ୍ୟ ବୈଦିକକାଳରେ ନାରୀର ପତ୍ନୀତ୍ୱ ବା ମାତୃତ୍ୱ ଉପେକ୍ଷିତ ହୋଇନାହିଁ। ବରଂ ବୈଦିକ ମଣିଷ ବିବେଚନା କରିଛି– ''ନାରୀ ବିଶ୍ୱଯଜ୍ଞବେଦୀ। ସେହି ବେଦୀରୁ ବିଶ୍ୱକଲ୍ୟାଣ ପାଇଁ ଜନ୍ମ ନିଅନ୍ତି ସଂକଳ୍ପବାନ୍ ପ୍ରଜା। ନାରୀର ସ୍ନେହ,

ମମତାରେ ଯଜ୍ଞଗୃହ ହୁଏ ପରିପୂର୍ଣ୍ଣ ।"(୧୨) ବିବାହ କ୍ଷେତ୍ରରେ ନାରୀର ସ୍ୱାଧୀନ ମତପୋଷଣର ସୂଚନା ମଧ୍ୟ ବୈଦିକ ସାହିତ୍ୟରୁ ମିଳିଥାଏ। ''ଗାନ୍ଧର୍ବ ବିବାହୋଁ ତଥା ବିବାହକେ ପୂର୍ବ ପରସ୍ପର ମିଲ୍‌ତେ ଜୁଲ୍‌ତେ ସ୍ୱତନ୍ତ୍ରତା ସେ ସିଦ୍ଧ ହୋତେ ହେ କି ସାଥୀକେ ଚୁନାଚ୍ ମେଁ କନ୍ୟାଓଁ କୋ ଭି ରାୟ ଲି ଜାତି ହୋଗୀ । ସାଥୀ କେ ଚୁନାଡ଼୍ କୋ ସୀମିତ କରଦେନେବାଲେ ଗୋତ୍ର, ପ୍ରବର ୟା ଜାତି ଐସେ ବନ୍ଧନ ଉସ୍ ଯୁଗ୍ ମେ ନହିଁ ଥୋ।"(୧୩) ସେ ସମୟରେ କନ୍ୟା ନିଜର ମତାନୁସାରେ ବରଣ କରିଥିବା ବରକୁ ପିତାମାତା ପ୍ରାୟତଃ ଅନୁମୋଦନ କରୁଥିଲେ। କେତେକାଂଶରେ ପିତାମାତାଙ୍କର ମନୋନୀତ ବରକୁ ମଧ୍ୟ କନ୍ୟା ସହର୍ଷରେ ବରଣ କରୁଥିଲା । ଶତପଥ ବ୍ରାହ୍ମଣରେ ସୁକନ୍ୟାଙ୍କର ଉକ୍ତିରୁ ଏହା ପ୍ରମାଣିତ ହୁଏ। ଯଥା-

''ସାହୋ ବାଚ ଯସ୍ମୈଂ ମାଂ ପିତା ଽ ଦାନୈବାହଂ
ତଂ ଜୀବନ୍ତଂ ହାସ୍ୟାମୀତି ।"

ଅର୍ଥାତ୍ ମୋର ପିତା ମୋତେ ଯାହାକୁ ପ୍ରଦାନ କରିଛନ୍ତି, ସେ ମୋର ପୂଜ୍ୟପତି: ମୁଁ କଦାପି ତାଙ୍କୁ ଜୀବନରେ ଛାଡ଼ିପାରିବି ନାହିଁ।(୧୪)

ବୈଦିକ ସାହିତ୍ୟରୁ ବିଧବା ବିବାହ ସଂପର୍କରେ ବିବିଧ ସୂଚନା ମିଳିଥାଏ। ଅର୍ଥବବେଦରେ ପୁନର୍ବିବାହ କରୁଥିବା ନାରୀ ''ପୁନରୁ'' ବୋଲି ପରିଚୟ ବହନ କରୁଥିବା କଥା ସୂଚିତ।(୧୫) ପୁନଶ୍ଚ ଋକ୍‌ବେଦର ଗୋଟିଏ ମନ୍ତ୍ରରେ ବିଧବାକୁ ସଂବୋଧିତ କରି କୁହାଯାଇଛି ଯେ– ''ହେ ନାରୀ ! ଏହି ମୃତ ସ୍ୱାମୀକୁ ଛାଡ଼ି ଜୀବିତ ସଂସାରକୁ ଆସି ଏବଂ ତୁମର ଈପ୍‌ସିତ ଭାବିପତିଙ୍କର ପତ୍ନୀତ୍ୱ ଗ୍ରହଣ କର।'' ଏତଦ୍‌ବ୍ୟତୀତ ଅଥର୍ବବେଦରେ ଉଲ୍ଲିଖିତ ଅଛି ଯେ ଯଦି ବିଧବା ସ୍ତ୍ରୀ ଦ୍ୱିତୀୟପତି ଗ୍ରହଣ କରେ ଏବଂ ସ୍ୱାମୀ ସ୍ତ୍ରୀ ଉଭୟେ ମିଳିତ ଭାବେ ଅଗ୍ନିରେ ପଞ୍ଚୌଦନ ପ୍ରଦାନ କରନ୍ତି, ତା'ହେଲେ ତାଙ୍କର ବିୟୋଗ (ବିଚ୍ଛେଦ) ହୁଏ ନାହିଁ –

"ୟା ପୂର୍ବଂ ପତି ବିତ୍ୱାଥାନ୍ୟଂ ବିନ୍ଦତେ ପରମ୍
ପଂଚୋଦନଂ ଚତାବଜଂ ଦଦାତୋନ ବିୟୋଗତଃ।
ସମାନଲୋକୋ ଭବତି ପୁନର୍ଭୁବା ପରଃ ପତିଃ
ୟୋ ଦଂ ପଂଚୋଦନଂ ଦକ୍ଷିଣା ଜ୍ୟୋତିଷଂ ଦଦାତି ।।"(୧୬)

ଏଥିରୁ ମନେହୁଏ ଯେ ବିଧବାନାରୀ ଦ୍ୱିତୀୟ ସ୍ୱାମୀ ଗ୍ରହଣ କଲେ ମଧ୍ୟ ପ୍ରଥମ ସ୍ୱାମୀର ସ୍ମୃତି ଓ ଐତିହ୍ୟକୁ ଯେପରି ସେ ଦ୍ୱିତୀୟ ସ୍ୱାମୀଠାରେ ଆରୋପିତ କରୁଥିଲା। ଏହାହିଁ ଭାରତୀୟ ନାରୀର ବିଶେଷତ୍ୱ। ପୁଣି କେବଳ ନିଃସନ୍ତାନା ବିଧବା ଦ୍ୱିତୀୟ ସ୍ୱାମୀ ରୂପେ ନିଜର ଦେବରକୁ ବରଣ କରିବା ଆଦର୍ଶର ପ୍ରଖ୍ୟାପକ। ମନେହୁଏ ଦୈହିକ ବିଳାସ ପାଇଁ ନୁହେଁ; ନାରୀ ଜୀବନର ଚରମ ଅଭୀପ୍‌ସା ମାତୃତ୍ୱ ପ୍ରାପ୍ତି ନିମିତ୍ତ ସେ ପତିଙ୍କର ସହୋଦରକୁ ବରଣ କରୁଥିଲା। ସୁତରାଂ ତାର ପାତିବ୍ରତ୍ୟ ରହୁଥିଲା ନିଷ୍କଳଙ୍କ ।

ସେ କାଳରେ କନ୍ୟାର କୌଣସି ଦୁର୍ବଳତା (ଅସୁନ୍ଦରୀ କିମ୍ବା ବିକଳାଙ୍ଗ) ଥିଲେ କନ୍ୟାପିତାକୁ ଯୌତୁକ ତଥା ପୁତ୍ରର ଦୁର୍ବଳତା ଥିଲେ ତାକୁ କନ୍ୟାସୁନା (ଭକ୍ସୟର କ୍ଷୁକ୍ସମର) ଦେବାକୁ ପଡୁଥିଲା।(୧୭)

କୃଷିଭିତ୍ତିକ ପ୍ରାଚୀନ ବୈଦିକ ସଭ୍ୟତାରେ ପଶୁପାଳନ ଥିଲା ନାରୀ– ପୁରୁଷର ଅନ୍ୟତମ କର୍ମ। ମାତ୍ର ମଣିଷ ସଭ୍ୟତାର ଆଦିମକାଳରେ ନାରୀ ହିଁ ପ୍ରଥମେ ଆବିଷ୍କାର କଲା କୃଷି। ପୁରୁଷମାନେ ଫଳମୂଳ ସଂଗ୍ରହ ଓ ଶିକାର ନିମନ୍ତେ ବଣକୁ ଯାଉଥିବାବେଳେ, ନାରୀମାନେ ଘରେ ରହି କାଠ ବା ପଥରର ଖଣତି (କନିତ୍ର) ରେ ମାଟି ଖୋଳି ଚାଷ କରୁଥିଲେ। ବସ୍ତୁତଃ ''ପ୍ରାଥମିକ କୃଷି ଯୁଗରେ ଶସ୍ୟ ଉତ୍ପାଦନ କାମଟି ଥିଲା ସ୍ତ୍ରୀଲୋକ ମାନଙ୍କର ଏକଚାଟିଆ।''(୧୮) କେତେକ ଆଲୋଚକଙ୍କ ମତରେ ''ସେ ସମୟର ସମାଜ ବିନ୍ୟାସ ଥିଲା ମାତୃ ପ୍ରଧାନ। ନାରୀ ହିଁ ଥିଲା ସମାଜର ଅଧିଷ୍ଠାତ୍ରୀ। ଉଦ୍‌ବୃତ୍ତ ହେବାକୁ ଲାଗିଲା ପଶୁପାଳନ ପରେ। ପଶୁପାଳନ ମଣିଷର ଅବସ୍ଥାରେ ଆଣିଲା ବୈଷମ୍ୟ। ଧୀରେ ଧୀରେ ଗୋଷ୍ଠୀ ମଧ୍ୟରେ ଧନୀ ଦରିଦ୍ର, ପ୍ରଭୁ ଦାସ ଭେଦ ଦେଖାଦେଲା।"(୧୯)

ବୈଦିକ ଯୁଗରେ ପିଶୁମାନଙ୍କ ମଧ୍ୟରେ ଗାଈର ଏକ ସ୍ୱତନ୍ତ୍ର ସ୍ଥାନ ଥିଲା। ବେଦରେ ଗାଈକୁ ଦେବତା ଭାବେ ବର୍ଣ୍ଣନା କରାଯାଇ ଦେବରାଜ ଇନ୍ଦ୍ରଙ୍କର ପ୍ରତିନିଧି ବୋଲି କୁହାଯାଇଛି। ପୁଣି 'ଗାଈକୁ ଦିନକୁ ତିନିଥର ଦୁହାଁ ଯାଉଥିଲା। କନ୍ୟାମାନେ ଗୋ ଦୋହନ କରୁଥିବାରୁ ସେମାନଙ୍କୁ ଦୁହିତା ବୋଲି କୁହାଯାଉଥିଲା।(୨୦) ବିବାହ ପରେ ଏହି ଦୁହିତା ନାରୀର ଜାୟାତ୍ୱ ଓ ଜନନୀର ବିକଶିତ ହୁଏ। ବୈଦିକ ସାହିତ୍ୟରେ ତେଣୁ ନାରୀର ଜାୟା ଓ ଜନନୀ ରୂପ ଅଧିକ ନିର୍ମଳ ଓ ଶୋଭନୀୟ ରୂପେ ପ୍ରକଟିତ। ଅଥର୍ବବେଦରେ ମାତୃଭୂମିକୁ ମା' ରୂପେ ଅଭିବ୍ୟକ୍ତ କରିବା (ମାତା ଭୂମିଃ ପୁତ୍ରୋହଂ ପୃଥିବ୍ୟାଃ) ବା ଋକ୍‌ବେଦରେ ଗୃହିଣୀକୁ ଗୃହ ରୂପେ ପରିକଳ୍ପନା (ଜାୟେବ ମସ୍ତମ- ଗୃହିଣୀ ଗୃହମ୍ୟୁଚ୍ୟତେ) କରିବାରେ ନାରୀର ଜାୟାତ୍ୱ ଓ ମାତୃତ୍ୱର ମହାନତା ପ୍ରତିପାଦିତ। ପୁଣି ଗୃହପତ୍ନୀ ଭାବେ ସେ ସମ୍ମାନନୀୟ ଆସନରେ ଅଧିରୂଢ଼ା ତଥା ଗୃହପରିଚାଳନାରେ ସେ ମୁଖ୍ୟକର୍ତ୍ତା।(୨୧) ଭାରତୀୟ ଚେତନାରେ 'ଦମ୍ପତି' ଶବ୍ଦଟି ମଧ୍ୟ ଜାୟା ଓ ପତିଙ୍କର ଏକାତ୍ମବୋଧ ସୂଚକ। ସେହିପରି 'ଅର୍ଦ୍ଧାଙ୍ଗ ଈଶ୍ୱର', 'ଅର୍ଦ୍ଧାଙ୍ଗ ପାର୍ବତୀ'ର ପରିକଳ୍ପନା। ତେବେ ଭାରତୀୟ ଆଶ୍ରମଧର୍ମ ବ୍ୟବସ୍ଥାରେ ଦାର ପରିଗ୍ରହ ଗୃହସ୍ଥାଶ୍ରମର ଅୟମାରମ୍ଭ। ପରିଗୃହିତା ନାରୀର ଭରଣପୋଷଣ ଦାୟବହନକାରୀ ପରିଗ୍ରାହକ 'ଭର୍ତ୍ତା' ଏବଂ ପରିଗୃହୀତା 'ଭାର୍ଯ୍ୟା' ଭାବରେ ପରସ୍ପର ସଂବନ୍ଧିତ ହୁଅନ୍ତି। ମହର୍ଷି ମନୁଙ୍କ ଅନୁସାରେ–

'ପତି ଭାର୍ଯ୍ୟାଂ ସଂ ପ୍ରବିଶ୍ୟ ଗର୍ଭୋ ଭୂତ୍ୱେହ ଜାୟତେ
ଜାୟାୟା ସ୍ତଦ୍ଧି ଜାୟାତ୍ୱଂ ଯଦସ୍ୟା ଜାୟତେ ପୁନଃ।'

ସୁତରାଂ ପତିର ଆତ୍ମାକୁ ଧାରଣ କରି ସନ୍ତାନରୂପେ ଜାତ କରେ ପତ୍ନୀ। ତେଣୁ ବୈଦିକ ସମାଜରେ ନାରୀର ଦଶଟି ପୁତ୍ରକାମନା ସହିତ ତା'ର ସ୍ୱାମୀକୁ ଏକାଦଶ ପୁତ୍ରରୂପେ ଗଣନା କରି ଇନ୍ଦ୍ରଙ୍କ ପାଖରେ ପ୍ରାର୍ଥନା କରାଯାଉଥିଲା–

''ଦାଶାସ୍ୟାଂ ପୁତ୍ରାନ୍ ଆଧେହି ପତି ମେକାଦଶଂ କୃଧି।"(୨୨)

ବୈଦିକ ସମାଜରେ ପ୍ରତ୍ୟେକ ଧର୍ମାନୁଷ୍ଠାନ ତଥା। କୌଳିକ କ୍ରିୟାକର୍ମରେ ମଧ୍ୟ ନାରୀର ଅପରିହାର୍ଯ୍ୟତା ସ୍ୱୀକୃତ । ସେ କାଳରେ କୌଣସି ଧର୍ମ, ତପ ବା ଯଜ୍ଞ କାର୍ଯ୍ୟରେ ଅବିବାହିତ ପୁରୁଷ ପୁରୋଧା ହୋଇପାରୁ ନଥିଲା। କେବଳ ବିବାହିତ ପୁରୁଷ ହିଁ ସପତ୍ନୀକ ସେହି କାର୍ଯ୍ୟ ସଂପାଦନ କରୁଥିଲା। ପୁଣି ପ୍ରାଚୀନ ବୈଦିକ ସମାଜରେ ପ୍ରତ୍ୟେକ ଆଧ୍ୟାତ୍ମିକ ଚର୍ଚ୍ଚାରେ ନାରୀର ଅପରିହାର୍ଯ୍ୟ ଅଂଶ ଗ୍ରହଣ କଥା ସୂଚିତ । ଐତିହାସିକ ଐ.ଉ. ଜକ୍ଟଚମଷକ୍ଟଙ୍କୟଷବକ୍ସଚ ଏ ସମ୍ପର୍କରେ ଲେଖିଛନ୍ତି– "The women took part in the philosophical discussion with men. This is testified by discussion between Yagnavalkya and Gargi and as well as with his wife at the court of king Janaka of videha."(୨୩) ସେହିପରି ଡକ୍ଟର ଅବସ୍ଥୀ ମଧ୍ୟ ପାଣିନୀଙ୍କ ମତକୁ ଉଦ୍ଧାର କରି କହିଛନ୍ତି– ''ପାଣିନୀ କେ ମତ୍‌କେ ସାଥ୍ ଯଜ୍ଞାଦି ଧାର୍ମିକ କାର୍ଯ୍ୟୋସେ ଅନିବାର୍ଯ୍ୟ ରୂପ୍ ସେ ସମ୍ମିଲିତ୍ ହୋନେକୀ ଅଧିକାରିଣୀ ... ହୋନେ କେ କାରଣ ହିଁ ଭାର୍ଯ୍ୟା କୋ ପତ୍ନୀ କହାଯାତ୍ରା ହେ।"(୨୪) ତେବେ ଧର୍ମ, ଯଜ୍ଞ ଆଦି ପୁଣ୍ୟକର୍ମରେ ବିବାହିତା ନାରୀର ଅପରିହାର୍ଯ୍ୟ ଉପସ୍ଥିତି ତା'ର ପୂଣ୍ୟତୋୟା ସ୍ୱରୂପକୁ ଅଭିବ୍ୟକ୍ତ କରେ।

ବୈଦିକ ଯୁଗରେ ବିଭିନ୍ନ ପର୍ବପର୍ବାଣି ଓ ଯାନିଯାତ୍ରାଦିକୁ ମଧ୍ୟ ଯିବା ପାଇଁ ନାରୀ ପ୍ରତି କୌଣସି କଠୋର ଅନୁଶାସନ ନଥିଲା। ସେ ଗୃହାଙ୍ଗନରେ ଅଧୀଶ୍ୱରୀ ହେଲେ ମଧ୍ୟ ବିଭିନ୍ନ ପୂଜାପାର୍ବଣ, ଯାତ୍ରାପର୍ବରେ ଅଂଶ ଗ୍ରହଣ କରିବାରେ ବାଧା ନଥିଲା, ଯହିଁରୁ ତତ୍କାଳୀନ ସମାଜରେ ନାରୀ ସ୍ୱାଧୀନତାର ଆଭାସ ମିଳିଥାଏ। ମାତ୍ର ଶୃଙ୍ଖଳିତ ଦାମ୍ପତ୍ୟ ଜୀବନର ପରିଧି ମଧ୍ୟରେ ମୁଖ୍ୟତଃ ନାରୀର ସ୍ଥିତି ଉଜ୍ଜ୍ୱଳ ଥିବା ମନେହୁଏ। ସ୍ୱାମୀ ଓ ଶାଶୁଶ୍ୱଶୁର ସେବା, ପୁତ୍ରପାଳନ ଓ ବିନୟଶୀଳା ଗୁଣ ତାର ପତିବ୍ରତାର ଭୂଷଣ। ଏପରିକି ରଣାଙ୍ଗନରେ ନିଜର ପ୍ରିୟପତିଙ୍କୁ ସାହାଯ୍ୟ କରି ନାରୀ ଅପୂର୍ବ ଗୌରବର ଅଧିକାରିଣୀ ହେବା କଥା ଋଗ୍‌ବେଦରେ ଉଲ୍ଲିଖିତ। ଋଗ୍‌ବେଦର ପ୍ରଥମ ଓ ଦଶମ ମଣ୍ଡଳରେ ବିଶପଲୀ ନାମକ ନାରୀର ପରିଚୟ ମିଳେ। ସେ ରାଜା ଖେଳଙ୍କ ପତ୍ନୀ। ଯୁଦ୍ଧ ଭୂମିରେ ଯୁଦ୍ଧ କରୁଥିବା ଅବସ୍ଥାରେ ତାଙ୍କର ଜଂଘରେ ଆଘାତ ଲାଗିବା ଏବଂ ଅଶ୍ୱିନୀକୁମାରଙ୍କ ଦ୍ୱାରା ଆରୋଗ୍ୟ ଲାଭ କରିବା କଥା ପର୍ଯ୍ୟାପ୍ତ ଭାବେ ବର୍ଣ୍ଣିତ। ଋଷି ମୁଦ୍‌ଗଳଙ୍କ ପତ୍ନୀ ମୁଦ୍‌ଗ ଲାନୀ ମଧ୍ୟ ସ୍ୱୀୟ ସ୍ୱାମୀଙ୍କୁ ସାହାଯ୍ୟ କରିବା ନିମନ୍ତେ ଯୁଦ୍ଧଭୂମିରେ ଅବତରଣ କରିଥିଲେ। ସାରଥିର କାର୍ଯ୍ୟକରି ଏବଂ ପତିଙ୍କ ସହ ଧନୁ ଓ ବାଣ ଧାରଣ କରି ବିଜୟ ଲାଭ କରିଥିଲେ।''(୨୫) ବସ୍ତୁତଃ ବୀରତ୍ୱ ସହିତ ପତିପ୍ରାଣତା ହିଁ ବୈଦିକ ନାରୀର ଅନ୍ୟତମ ବୈଶିଷ୍ଟ୍ୟ।

ସମ୍ପତ୍ତି ମାଲିକାନା କ୍ଷେତ୍ରରେ କିନ୍ତୁ ନାରୀର ବିଶେଷ ଅଧିକାର ନଥିବା କଥା ଜଣାଯାଏ। ପିତାର ମୃତ୍ୟୁରେ ପୁତ୍ର ସାଧାରଣତଃ ତାର ପୈତୃକ ସଂପତ୍ତିର ମାଲିକାନା ଲାଭ କରୁଥିଲା। ତେବେ ''ଆପସ୍ତମ୍ଭ ଧର୍ମସୂତ୍ର ଅନୁସାରେ ପୁତ୍ର, ଗୁରୁ ଓ ଛାତ୍ର ନଥିଲେ ଝିଅ ହେଉଥିଲା ସଂପତ୍ତିର ଅଧିକାରିଣୀ। ମାତ୍ର ବିଧବା ସ୍ତ୍ରୀର ସଂପତ୍ତିଗତ ଅଧିକାର ନଥିବା କଥା ବୈଦିକ ସାହିତ୍ୟରେ ବର୍ଣ୍ଣିତ। କେବଳ ନିଜର ଆୟଅଳଂକାର ଓ ବନ୍ଧୁବାନ୍ଧବଙ୍କରଠାରୁ ପ୍ରାପ୍ତ ଉପହାର ଉପରେ ଥିଲା ତା'ର ଅଧିକାର।''(୨୬) ଭାରତୀୟ ସଂସ୍କୃତିରେ ବିଧବା ନାରୀ ଶ୍ରୀହୀନା। ପତିଙ୍କର ପରଲୋକ ଗମନରେ ତା'ର ସୁଖ ଓ ସୌଭାଗ୍ୟର ପରିସମାପ୍ତି। ସମ୍ଭବତଃ ସେଥିପାଇଁ ବୈଦିକ ସମାଜରେ ବିଧବା ନାରୀର ସଂପତ୍ତିଗତ ଅଧିକାର ନଥିଲା। ଅନ୍ୟପକ୍ଷରେ ପୁତ୍ର, ଗୁରୁ ବା ଛାତ୍ର ନଥିଲେ କନ୍ୟାର ସଂପତ୍ତି ପ୍ରତି ଅଧିକାର ବିଷୟ ନାରୀର ଅଧିକାରବୋଧକୁ ଗୌଣ କରିଦେଉଥିଲେ ମଧ୍ୟ ଭାଇ ବା ଗୁରୁଜନସ୍ଥାନୀୟ ପରିବାରର ବ୍ୟକ୍ତି ଏତାଦୃଶ କନ୍ୟାର ସମସ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ବହନ କରୁଥିବାରୁ ସମ୍ଭବତଃ ଏପରି ଚଳଣି ରହିଥିଲା।

ନାରୀର ବିଭିନ୍ନ ଅଳଂକାର ଓ କେଶବିନ୍ୟାସ ପରିପାଟୀ ସଂପର୍କରେ ମଧ୍ୟ ବେଦରୁ ପରିଚୟ ମିଳିଥାଏ। ରମଣୀମାନେ ସରୁସୂତା ଓ ରେଶମ ଲୁଗା ପରିଧାନ କରୁଥିବା କଥା ଜଣାପଡ଼େ। ଶାଢ଼ୀରେ ପୁଣି ସୁନ୍ଦର ଝାଲର ଲଗାଇବା, ପର୍ବପର୍ବାଣିରେ ନୂଆବସ୍ତ୍ର ପରିଧାନ କରିବା, ଏପରିକି ଯୁବତୀମାନେ ସରୁ ରଂଗୀନ ଶାଢ଼ୀ ବ୍ୟବହାର କରୁଥିବା କଥା ପୁରାଣବତୀ ''ଉଷା'' ର ବର୍ଣ୍ଣନାରୁ ସୂଚିତ ହୋଇଥାଏ। ମଣି ଓ ମୋତିକୁ ସୂତାରେ ଗୁନ୍ଥି ପିନ୍ଧିବା ତଥା ବେଣୀପକାଇ କେଶବିନ୍ୟାସ କରିବା ଆଦି ଋକବେଦରୁ ଜଣାଯାଏ। 'ବାୟସନେୟୀ' ସଂହିତାରେ ଉଲ୍ଲିଖିତ ''ସ୍ତ୍ରୀ ଭିଂ ଶଙ୍ଗାରାର୍ଥ ଆର୍ଯ୍ୟମାତା କନକାଭରଣ''ରୁ ମଧ୍ୟ ନାରୀର ଉନ୍ନତ ବେଶ ପରିପାଟୀର ସୂଚନା ମିଳିଥାଏ ।

ତତ୍କାଳୀନ ଶାସନ ପଦ୍ଧତିରେ ଅସହାୟା ନାରୀ ପ୍ରତି ସଂବେଦନଶୀଳ ଦୃଷ୍ଟିଭଂଗୀ ତଥା ନାରୀ ନିର୍ଯ୍ୟାତନା ପତି କଠୋର ଦଣ୍ଡବିଧାନ ରହିଥିବା ବିଷୟ ନାରୀର ସମ୍ମାନସ୍ପଦ ସ୍ଥିତି ସଂପର୍କରେ

ଧାରଣାଦିଏ। ଏହି ପରିପ୍ରେକ୍ଷୀରେ ସମ୍ବଳହୀନା ନାରୀ, ଅବିବାହିତା କନ୍ୟା ଓ ବିଧବା ପ୍ରତି କରଛାଡ଼ ବ୍ୟବସ୍ଥା ନାରୀ ପ୍ରତି ଉନ୍ନତ ଓ ବିଚାରଶୀଳ ଦୃଷ୍ଟିଭଂଗୀର ପରିଚାୟକ। ପୁଣି ନାରୀ ଅପହରଣ, ଅବୈଧ ପ୍ରଣୟ ଓ ନିରପରାଧ ସ୍ତ୍ରୀ ପ୍ରତି ଅତ୍ୟାଚାରକୁ ଜଘନ୍ୟ ଅପରାଧ ରୂପେ ଗଣନା କରାଯାଇ କଠିନ ଦଣ୍ଡ ବ୍ୟବସ୍ଥା କରାଯାଉଥିଲା।(୨୭) ତେବେ ଶାସନ କ୍ଷେତ୍ରରେ ମଧ୍ୟ ନାରୀକୁ ଯେ ଅବହେଳା କରାଯାଉ ନଥିଲା, ଏହା ନିଃସନ୍ଦେହ। ପୁନଶ୍ଚ ସେ କାଳରେ 'ପତ୍ନୀସଦନ' ନାମରେ ନାରୀର ସ୍ୱତନ୍ତ୍ର ଗୃହଥିବା କଥା ଅଥର୍ବବେଦରେ ବର୍ଣ୍ଣିତ। ସାଧାରଣତଃ ଏହା ଅନ୍ତଃପୁର ଭାବେ ବ୍ୟବହୃତ। ନାରୀମାନେ ପୁଣି ଓଢ଼ଣା ଦେଇ ଚଳପ୍ରଚଳ କରୁଥିବା କଥା ଅଭିବ୍ୟକ୍ତ।

ବିଭିନ୍ନ ସୂତିଗ୍ରନ୍ଥରେ ମଧ୍ୟ ନାରୀ ଜୀବନର ବିବିଧ କ୍ରିୟାକଳାପ ଓ ନାରୀର ମହତ୍ତ୍ୱ ବିଘୋଷିତ ହୋଇଛି। ନାରୀ ପ୍ରତି ସ୍ମୃତିକାରଙ୍କର ବିଚାର ବେଶ୍ ଉନ୍ନତ ଓ ଉତ୍କୃଷ୍ଟ ପରି ମନେହୁଏ।(୨୮) ମହର୍ଷି ମନୁ ନାରୀର ଗୁଣାଗୁଣ ସଂପର୍କରେ ନାନାକଥା ବୟାନ କରିଥିଲେ ମଧ୍ୟ ତାଙ୍କ ମତରେ ଯେଉଁ ଗୃହରେ ନାରୀ ପ୍ରତି ସମ୍ମାନ ଓ ଆଦର ରହିଛି, ସେଠି ଦେବତା ମଧ୍ୟ ପ୍ରସନ୍ନ ରହନ୍ତି। ମାତ୍ର ଯେଉଁଠି ନାରୀର ମର୍ଯ୍ୟାଦା କ୍ଷୁଣ୍ଣ ହୁଏ, ସେଠି ଗୃହର ସମସ୍ତ କର୍ମ ନିଷ୍ଫଳ ହୁଏ।

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ
ରମନ୍ତେ ତତ୍ର ଦେବତାଃ
ଯତ୍ରୋ ନାସ୍ତୁ ନ ପୂଜ୍ୟନ୍ତେ
ସର୍ବସ୍ତତ୍ରା ଫଳାଃ କ୍ରିୟାଃ।"

ପୁଣି ତାଙ୍କ ଅନୁସାରେ ସୃଷ୍ଟିଶୀଳତା ବା ପ୍ରଜନନ କ୍ଷମତାର ଅଧିକାରିଣୀ ହୋଇଥିବା ହେତୁ ନାରୀମାନେ ଭାଗ୍ୟବତୀ ଓ ପୂଜନୀୟା। ନାରୀ ଗୃହର ଶ୍ରୀ ଓ ଶୋଭାର ମୂର୍ତ୍ତିମତୀ ଦେବୀ। ଗୃହସ୍ତୀ ଓ ଗୃହଲକ୍ଷ୍ମୀ ମଧ୍ୟରେ କୌଣସି ପ୍ରଭେଦ ନାହିଁ।

"ପ୍ରଜନାର୍ଥ ମହାଭାଗାଃ ପୂଜାର୍ହା ଗୃହ ଦୀପ୍ତୟଃ।
ସ୍ତ୍ରୀୟଃ ଶ୍ରିୟଶ୍ଚ ଗେହେଷୁନ ବିଶେଷୋଽସ୍ତି କଶ୍ଚିନ୍।" (୨୯)

ମନୁଙ୍କ ଦୃଷ୍ଟିରେ କନ୍ୟା ସ୍ନେହର ପାତ୍ରୀ। ତେଣୁ ତାର ଦୋଷାଦୋଷ ମଧ୍ୟ ମାର୍ଜନୀୟ। ପୁଣି ନାରୀ ଓ ପୁରୁଷକୁ ସେ କ୍ଷେତ୍ର ଓ ବୀଜ ରୂପେ ପରିକଳ୍ପନା କରି ନାରୀର ମହନୀୟ ଭୂମିକାକୁ ସୂଚିତ କରିଛନ୍ତି। ସେହିପରି 'ବ୍ୟାସ ସୃ ତି'' ରେ ନାରୀର କର୍ତ୍ତବ୍ୟପରାୟଣତା ଉପରେ ଆଲୋକପାତ କରାଯାଇଛି।(୩୦) ବିଶେଷତଃ ସ୍ମୃତିଶାସ୍ତ୍ରଗୁଡ଼ିକରେ ପୁରୁଷ ଶୌର୍ଯ୍ୟର ଓ ସ୍ତ୍ରୀ ସୌନ୍ଦର୍ଯ୍ୟର ପ୍ରତୀକ ରୂପେ ବିବେଚିତ ହୋଇଛି। ନାରୀର ଏହି ସୌନ୍ଦର୍ଯ୍ୟ ସହିତ ଶୁଦ୍ଧତା ଓ ପତିପ୍ରାଣତା ଜଡ଼ିତ। ତେଣୁ 'ବୃହତ୍ ସଂହିତା' ରେ କୁହାଯାଇଛି–

"ବ୍ରାହ୍ମଣା ପାଦତୋ ମେ୍ନଃ ଗାବୋ ମେ୍ନଃ ତୁ ପୃଷ୍ଠତଃ
ଅଜାଶ୍ୱା ମୁଖତୋ ମେଧଃ ଗୀୟୋ ମେ୍ନସ୍ମେଃ ସ୍ତ୍ରୀୟୋ ମେ୍ନସ୍ ତୁ ସର୍ବତଃ।"

ଅର୍ଥାତ୍ ବ୍ରାହ୍ମଣର ପାଦ, ଗାଈର ପୃଷ୍ଠଭାଗ ଓ ଛେଳିର ମୁଖରେ ଶୁଦ୍ଧତା ରହିଥିବାବେଳେ, ନାରୀର ସର୍ବାଙ୍ଗରେ ଶୁଦ୍ଧତା ବିଦ୍ୟମାନ।

ସ୍ମୃତିକାରଙ୍କ ମତରେ ନାରୀ ମହୀୟସୀ। ପୁରୁଷଠାରୁ ମଧ୍ୟ ତାର ଗୌରବ ଓ ମହାନତା ଅଧିକ। ଏ ପ୍ରସଙ୍ଗରେ ମହର୍ଷି ବଶିଷ୍ଠଙ୍କ ଉକ୍ତି ସ୍ମରଣଯୋଗ୍ୟ–

"ଉପାଧ୍ୟାୟା ଦଶାଚାର୍ଯ୍ୟ ଆଚାର୍ଯ୍ୟାଣାଂ ଶତଂ ପିତା
ପିତୁର୍ଦ୍ଦଶ ଶତ ମାତା ଗୌରବେଣା ଚିରଚ୍ୟତେ।''

ନାରୀଶକ୍ତି ଓ ସତୀତ୍ୱର ମୂଳାଧାର। ସତୀ ନାରୀର ପାଦଦେଶରେ ସକଳ ତୀର୍ଥର ଅବସ୍ଥାନ। ତେଣୁ ତାର ପଦପାତରେ ବସୁନ୍ଧରା ପବିତ୍ର ହୋଇଉଠେ। 'ବ୍ରହ୍ମବୈବର୍ତ୍ତ ପୁରାଣ' ରେ ଏହାର ସତ୍ୟତା ପ୍ରମାଣିତ।(୩୧)

**ଉପସଂହାର :**

ବସ୍ତୁତଃ ବୈଦିକ ସାହିତ୍ୟରେ ନାରୀର ସ୍ଥିତି ଓ ସ୍ୱରୂପ ବହୁଳ ଭାବେ ଅଙ୍କିତ। ପରିବାରର ପରିସରଠାରୁ କଳାସଂଗୀତ ସାଧନା ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ତାର ଅପରିହାର୍ଯ୍ୟ ସ୍ଥିତି ଓ ବ୍ୟାପ୍ତି ବୈଦିକ ସାହିତ୍ୟକୁ କରିଛି ମଂଜୁଳ ଓ ପରିପୁଷ୍ଟ। ସାମାଜିକ ଦାୟିତ୍ୱବୋଧ ଦୃଷ୍ଟିରୁ କେବଳ ନୁହେଁ; ଅଧିକନ୍ତୁ ସଭ୍ୟତା ଓ ସଂସ୍କୃତିର ସ୍ରୋତାୟିତ ଧାରାରେ ନାରୀଜୀବନ ଚର୍ଯ୍ୟା ଘନିଷ୍ଠଭାବେ ସଂଶ୍ଲିଷ୍ଟ। ମାତ୍ର ସାମାଜିକ ବିଧି ବ୍ୟବସ୍ଥାରେ ପୁରୁଷର ଅନୁଗାମିନୀ ଭାବେହିଁ ସେ ଅଧିକ ସ୍ୱୀକୃତ ଏବଂ ପୁରୁଷର ସେବା ଓ ସୁଖଲାଭ ନିମିତ୍ତ ତାର ଜୀବନ ବ୍ୟୟିତ, ଏଥିରେ ସତ୍ୟର ଅପଳାପ ନାହିଁ।

**ସହାୟକ ଗ୍ରନ୍ଥସୂଚୀ :**


୧. ଶତପଥୀ, ଡ. ହରେକୃଷ୍ଣ– ''ସଂସ୍କୃତ ସାହିତ୍ୟର ଇତିହାସ'', କିତାବ ମହଲ, କଟକ, ପ୍ରଥମ ସଂସ୍କରଣ-୧୯୮୮, ପୃ.୩୪

୨. ବରାଇ, ଡଃ କୁମୁଦିନୀ– 'ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଶାର ନାରୀ' (ପ୍ରବନ୍ଧ) ବିଶ୍ୱ ଓଡ଼ିଆ ସମ୍ମିଳନୀ ସ୍ମାରକ ଗ୍ରନ୍ଥ– ଡିସେମ୍ବର, ୧୯୯୨, ପୃ. ୭୦

୩. ଅଥର୍ବ ବେଦ– ୧୧/୧୫/୧୮

୪. ଅବସ୍ଥୀ, ଡ ବିଶ୍ୱମ୍ଭର ଦୟାଲ୍– "ବୈଦିକ ସଂସ୍କୃତି ଔର ଦର୍ଶନ", ସରସ୍ୱତୀ ପ୍ରକାଶନ ମନ୍ଦିର, ଇଲାହାବାଦ, ପ୍ରଥମ ସଂସ୍କରଣ ୧୯୭୭, ପୃ.୧୪୨/୪୩

୫. ତତ୍ରୈବ-ପୃ. ୧୪୨

୬. ସହକାର– ପଞ୍ଚମବର୍ଷ– ୧ମ ସଂଖ୍ୟା– ଜାନୁୟାରୀ– ୧୯୭୭, ପୃ. ୬

୭. ଦାଶ, ଶ୍ରୀ ବିରଞ୍ଚି ନାରାୟଣ– ''ଭାରତୀୟ ଶିକ୍ଷାର ବିକାଶ ଧାରା''– (ନୀଳାଦ୍ରିଶ୍ ପବ୍ଲିକେଶନ୍ସ, ଖୋର୍ଦ୍ଧା)- ପ୍ରଥମ ପ୍ରକାଶନ (୧୯୯୨-ପୃ. ୪୬)

୮. Chopra, P.N.-(Editor)- India, society, religion and Literature-In ancient and medival periods-(First Edition ୧୯୮୧) Third reprented-୧୯୯୦-Page-୪)

୯. ସହକାର ୫ମ ବର୍ଷ, ୧ମ ସଂଖ୍ୟା, ଜାନୁୟାରୀ– ୧୯୭୭– ପୃ. ୬

୧୦. ଦାଶ, ଅଭିନ୍ନଚନ୍ଦ୍ର-ବୈଦିକ ସାହିତ୍ୟ ଓ ସଂସ୍କୃତି, ଗ୍ରନ୍ଥ ମନ୍ଦିର, କଟକ, ତୃତୀୟ ସଂସ୍କରଣ ୧୯୮୫- ପୃ.୧୧୧

୧୧. ତତ୍ରୈବ-ପୃ. ୧୧୫

୧୨. ସାମଲ୍, ଡଃ ବୈଷ୍ଣବ ଚରଣ – ''ନାରୀର ମୁହଁ''– ଓଡ଼ିଶା ବୁକ୍ ଷ୍ଟୋର, କଟକ, ୧ମ ପ୍ରକାଶ –୧୯୯୦, ପୃ.୨୨

୧୩.ଦେସାଇ, ନୀରା – 'ଭାରତୀୟ ସମାଜ ମେ ନାରୀ'' – ମ୍ୟାକମିଲନ ଇଣ୍ଡିଆ ଲିମିଟେଡ୍, ନଇଦିଲ୍ଲୀ, ପୃ. ୫

୧୪.ବୈଦିକ ସାହିତ୍ୟ ଓ ସଂସ୍କୃତି- ଗ୍ରନ୍ଥ ମନ୍ଦିର, କଟକ, ପୃ. ୧୧୨

୧୫.ଭାରତୀୟ ସମାଜ ମେ ନାରୀ –ପୃ. ୬

୧୬.ଅଥର୍ବ ବେଦ– ୯.୫.୨୭.୨୮

୧୭.ବୈଦିକ ସାହିତ୍ୟ ଓ ସଂସ୍କୃତି- ପୃ. ୧୧୨

୧୮.ରାଉତରାୟ, ଶ୍ରୀ ସଚ୍ଚିଦାନନ୍ଦ– 'ସାହିତ୍ୟର ମୂଲ୍ୟବୋଧ'– (ଅଗ୍ରଦୂତ, ବାଙ୍କାବଜାର, କଟକ) ପ୍ରଥମ ପ୍ରକାଶ-୧୯୭୪, ପୃ. ୧୬

୧୯.ତତ୍ରୈବ-ପୃ. ୧୭

୨୦.ଶତପଥୀ, ହରେକୃଷ୍ଣ– ସଂସ୍କୃତ ସାହିତ୍ୟର ଇତିହାସ- ପୃ. ୧୭୧

୨୧.Macdonell, A- "A History of Sanskrit Literature", Motilal Banarasi Dass, Delhi, Second Edition-୧୯୭୧ Reprint-୧୯୭୬- Page-୧୩୭

୨୨.ଋଗ୍ ବେଦ – ୧୦/୮୫/୪୬

୨୩.Roychoudhury, H.C- "Social, Cultural and Economic History of India", Surjit Publication, Delhi, Second Edition-୧୯୮୦, Page-୬୬

୨୪. ବୈଦିକ ସଂସ୍କୃତି ଔର ଦର୍ଶନ- ପୃ. ୧୪୪

୨୫. ସହକାର - ୫ମ ବର୍ଷ – ୧ମ ସଂଖ୍ୟା-ପୃ. ୭

୨୬. ବୈଦିକ ସାହିତ୍ୟ ଓ ସଂସ୍କୃତି- ପୃ. ୧୪୪

୨୭. ତତ୍ରୈବ- ପୃ. ୧୭୧

୨୮. କଲ୍ୟାଣ-ନାରୀ ଅଙ୍କ (ବାଇସବେ ବର୍ଷକୀ ବିଶେଷାଙ୍କ) ପୃ. ୧୧୧

୨୯. 'ମନୁ ସ୍ମୃତି'– ନବମ ଅଧ୍ୟାୟ– ୨୬ ଶ୍ଲୋକ

୩୦. 'କଲ୍ୟାଣ'– ନାରୀ ଅଙ୍କ-ପୃ. ୧୧୧/୧୧୨

୩୧. "ପୃଥିବ୍ୟାଂ ଯାନି ତୀର୍ଥାନି ସତୀ ପାଦେଷ୍ଣୁତାନ୍ୟପି ତେଜସ୍ଵ ସର୍ବଦେବାନାଂ ମୁନୀନାଂଚ ସତୀ ସୁବୈ ସତୀନାଂ ପାଦରଜସା ସଦ୍ୟଃ ପୂତା ବସୁନ୍ଧରା।" (ବ୍ରହ୍ମବୈବର୍ତ୍ତ ପୁରାଣ)

❖ ❖ ❖

DOI : https://doi.org/10.5281/zenodo.17553417

ମୂଳ ପ୍ରବନ୍ଧ

# ଓଡ଼ିଶାରେ ସମ୍ପାଦନାର ପରମ୍ପରା ଓ ଏଷଣାରେ ପତ୍ରାବଳୀ ସମ୍ପାଦନା

**ଲିକୁ ବେହେରା**

**ସଂକ୍ଷିପ୍ତସାର :**

ସମ୍ପାଦନା ସୃଜନଶୀଳ କଳା। କୌଣସି ଏକ ସାହିତ୍ୟ କୃତିର ସଂରକ୍ଷଣ ଓ ପ୍ରସାରଣ ପାଇଁ ସମ୍ପାଦନାର ଆବଶ୍ୟକତା ଲୋଡ଼ା ହୋଇଥାଏ । ଆଲୋଚ୍ୟ ପ୍ରବନ୍ଧଟିରେ ଓଡ଼ିଶାରେ ସମ୍ପାଦନା କାର୍ଯ୍ୟର ପରମ୍ପରାକୁ ଚର୍ଚ୍ଚା କରାଯିବା ସହ ଏଷଣା ପତ୍ରିକାରେ ପ୍ରକାଶିତ ପତ୍ରାବଳୀଗୁଡ଼ିକର ସମ୍ପାଦନା ସମ୍ପର୍କରେ ଆଲୋକପାତ କରାଯାଇଛି । ଆଲୋଚନାରେ ପ୍ରଥମେ ସମ୍ପାଦନା ଓ ଏହାର ଆବଶ୍ୟକତା କଥା କୁହାଯାଇଛି । ପରେ ସମ୍ପାଦନା କାର୍ଯ୍ୟର କଳା, ବିଦେଶୀ ବିଦ୍ୱାନମାନଙ୍କ ଦ୍ୱାରା ସମ୍ପାଦିତ ଭାରତୀୟ ବିଭିନ୍ନ ପ୍ରାଚୀନ ଗ୍ରନ୍ଥର ନାମ, ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାରେ କରାଯାଇଥିବା ସମ୍ପାଦନା କାର୍ଯ୍ୟର ଉଦ୍ୟମକୁ ପରିସରଭୁକ୍ତ କରାଯାଇ ତାହା ସମ୍ପର୍କରେ ବିଶେଷ ଚର୍ଚ୍ଚା କରାଯାଇଛି । ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ରଚନା ଗୁଡ଼ିକର ଉଦ୍ଧାର ନିମନ୍ତେ ପ୍ରତିଷ୍ଠିତ ପ୍ରାଚୀ ସମିତି, ତାହାର ଉଦ୍ଦେଶ୍ୟ ଓ ସମ୍ପାଦିତ ରଚନାର ବିବରଣୀ ପ୍ରଦାନ କରାଯାଇଛି। ପ୍ରାଚୀ ସମିତି ବିଲୟର ପରବର୍ତ୍ତୀ ସମୟରେ ଓଡ଼ିଶାରେ ସମ୍ପାଦନାର କାର୍ଯ୍ୟର ଉଦ୍ୟମ ଓ ବିକାଶ ଆଲୋଚିତ ହୋଇଛି। ୧୯୮୦ ମସିହା ବେଳକୁ ପ୍ରକାଶିତ ଏଷଣା ପତ୍ରିକାରେ ସମ୍ପାଦିତ ରଚନାର ଆଲୋଚନା ଶୈଳୀ, ଏଷଣାରେ ପ୍ରକାଶିତ ସମ୍ପାଦିତ ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ମାୟାଧର ମାନସିଂହ ଓ ପଠାଣି ସାମନ୍ତଙ୍କ ପତ୍ରାବଳୀଗୁଡ଼ିକୁ ଆଲୋଚନାର ପରିସରଭୁକ୍ତ କରାଯାଇଛି । ମୋଟ ଉପରେ କହିବାକୁ ଗଲେ ଆଲୋଚ୍ୟ ପ୍ରବନ୍ଧରେ ସମ୍ପାଦନା କଳା, ଓଡ଼ିଶାରେ ସମ୍ପାଦନା କାର୍ଯ୍ୟର ପ୍ରୟାସ ଓ ବିକାଶ ଏବଂ ଏଷଣାରେ ପ୍ରକାଶିତ ସମ୍ପାଦିତ ପତ୍ରବଳୀଗୁଡ଼ିକ ଆଲୋଚିତ ହୋଇଛି ।

**ପ୍ରମୁଖ ଶବ୍ଦାବଳୀ :**

ସମ୍ପାଦନାର ଆବଶ୍ୟକତା, ସମ୍ପାଦକର ଭୂମିକା, ସଂପାଦନାର ଲକ୍ଷ୍ୟ । ସଂପାଦନା ପାଇଁ ଆବଶ୍ୟକୀୟ ଜ୍ଞାନ, ବିଦେଶୀଙ୍କ ଉଦ୍ୟମ, ଓଡ଼ିଶାରେ ସମ୍ପାଦନାର ପ୍ରାରମ୍ଭିକ ଉଦ୍ୟମ, ପ୍ରାଚୀ ସମିତି, ସମ୍ପାଦିତ ପ୍ରାଚୀନ ଓଡ଼ିଆ ରଚନା, ସ୍ୱାଧୀନତା ପର ସଂପାଦନା କାର୍ଯ୍ୟ, ଏଷଣା, ସଂପାଦନା ଚର୍ଚ୍ଚା ଶୈଳୀ, ଫକୀର ମୋହନ ପତ୍ରାବଳୀ, ମାୟାଧର ପତ୍ରାବଳୀ, ଗଙ୍ଗାଧର ଓ ସାମନ୍ତ ପତ୍ରାବଳୀ ।

ସାହିତ୍ୟର ବିଭିନ୍ନ ବିଭାଗ ମଧ୍ୟରେ ସମ୍ପାଦନା ଏକ ସୃଜନଶୀଳ କଳା । କୌଣସି ଏକ ସାହିତ୍ୟ କୃତିର ସଂରକ୍ଷଣ ଓ ପ୍ରସାରଣ ପାଇଁ ଗ୍ରନ୍ଥ ସମ୍ପାଦନାର ଆବଶ୍ୟକତା ଲୋଡ଼ା ହୋଇଥାଏ । "କୌଣସି ସାହିତ୍ୟ ରଚନା କାଳକ୍ରମେ ବିସ୍ମୃତ ଓ ବିଲୁପ୍ତ ହୋଇଯିବା ଆଶଙ୍କାରୁ ତାହାର ସଂରକ୍ଷଣ ଓ ପ୍ରସାରଣ ଅତ୍ୟନ୍ତ ପ୍ରୟୋଜନ ବୋଧହୁଏ । ଅତୀତର ସମ୍ପଦକୁ ବର୍ତ୍ତମାନ ଓ ଭବିଷ୍ୟତର ଦାୟାଦମାନଙ୍କ ପାଇଁ ଯୋଗାଇ ଦେଲାବେଳେ ସମ୍ପାଦନାର କଥା ଉଠେ, ଅପ୍ରକାଶିତ ଲେଖା, ସଂଗ୍ରହ

**ଯୋଗାଯୋଗ :**
**ଲିକୁ ବେହେରା,** ଗବେଷକ, ଓଡ଼ିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**Email:** beheraliku051@gmail.com
**ORCID ID:** https://orcid.org/0009-0009-6050-2161

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୮.୦୬.୨୦୨୫ | ୦୧.୦୭.୨୦୨୫ | ୨୨.୦୯.୨୦୨୫ | ୧.୧୦.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, ଲିକୁ ; ୨୦୨୫। ଓଡ଼ିଶାରେ ସମ୍ପାଦନାର ପରମ୍ପରା ଓ ଏଷଣାରେ ପତ୍ରାବଳୀ ସମ୍ପାଦନା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଛ; ପୃଷ୍ଠା : ୪୨-୪୮ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.17553417
Article No - BPP00347

ଓ ସଂକଳନ କରି ଉପାଦେୟତା ଦୃଷ୍ଟିରୁ ପ୍ରକାଶ କଲାବେଳେ ମଧ୍ୟ ସମ୍ପାଦନା ଲୋଡ଼ା ହୋଇଥାଏ । ନିଜର ବା ଅନ୍ୟ କୌଣସି ଲେଖକଙ୍କର କୃତି ସମଗ୍ରର ନିର୍ବାଚନ, ବର୍ଗୀକରଣ ଏବଂ ଏକକ ଗ୍ରନ୍ଥନ ବେଳେ ସମ୍ପାଦନାର ଆଶ୍ରୟ ନିଆଯାଇଥାଏ ।"(୧) ସମ୍ପାଦନା ଏକ ଜଟିଳ କାର୍ଯ୍ୟ । ତେଣୁ ସମ୍ପାଦକ ସମ୍ପାଦନା କାର୍ଯ୍ୟ ତୁଲାଇବା ବେଳେ ସେହି ଦିଗ ପ୍ରତି ବିଶେଷ ଦୃଷ୍ଟି ଦେଇଥାନ୍ତି । ସମ୍ପାଦକ ପାଣ୍ଡୁଲିପିର ମୂଳ ଲେଖକ ଓ ପାଠକ ମଧ୍ୟରେ ଅବବୋଧର ସଂଯୋଗ ସେତୁ ସ୍ଥାପନ କରିଥାଏ ମୂଳକୃତିର ଯଥାଯଥ ଉପସ୍ଥାପନା ମାଧ୍ୟମରେ ।

ଯେକୌଣସି ସାହିତ୍ୟ କୃତିଟିର ରୂପକୁ ଚିର ଅମର କରି ରଖିବା ପାଇଁ ସଂକଳନ ଓ ସମ୍ପାଦନା କାର୍ଯ୍ୟ ତୁଲାଯାଏ । ସଂକଳନ ଓ ସମ୍ପାଦନା ଏକା କଥା ନୁହେଁ । ସଂକଳନକାରୀକୁ 'ସଙ୍କଳକ' କୁହାଯାଉଥିବା ବେଳେ, ସମ୍ପାଦନାକାରୀକୁ 'ସମ୍ପାଦକ' କୁହାଯାଇଥାଏ । "ସଙ୍କଳନର ପ୍ରାଣଶକ୍ତି ହେଉଛି ସମ୍ପାଦନା ସ୍ପର୍ଶ ବ୍ୟତିରେକେ ରଚନାବଳୀର ସଂକଳନ ଗୋପ୍ୟ ଥିଲା ପରି ମନେହୁଏ । ସମ୍ପାଦନାର ସାହାଯ୍ୟରେ ସଂକଳିତ ବସ୍ତୁ ତେଜଦୀପ୍ତ ହୋଇଉଠନ୍ତି । ସମ୍ପାଦନା କର୍ମ ଦୂରଦୃଷ୍ଟିର ଅପେକ୍ଷା ରଖେ । ଏହା ପୁଣି ବହୁପାଠିକା, ନିରପେକ୍ଷତା ଓ ମୂଲ୍ୟାୟନ କୌଶଳ ଉପରେ ନିର୍ଭର କରେ ।"(୨) ବହୁପାଠୀ ସମ୍ପାଦକ ଆଦୃତ ଜ୍ଞାନର ବିନିଯୋଗରେ ସଂକଳିତ ସାମଗ୍ରୀକୁ ସମ୍ପାଦନା କଲାବେଳେ ଲେଖାର ଗୁଣାଗୁଣ ବିକଶିତ ହୋଇଉଠେ । ଲେଖକ ନିକଟରେ ଏହା ଯେତିକି ମୂଲ୍ୟ ପାଇଥିଲା, ସମ୍ପାଦକର ମାନଦଣ୍ଡରେ ଏହାର ପରିଚୟ ବ୍ୟାପ୍ତି ସେତିକି ସାଧିତ ହେଲା । ନାନା ବିଦ୍ୟାର ତଥ୍ୟାନୁଷଙ୍ଗରୁ ମୂଳ ରଚନାଟିର ବ୍ୟକ୍ତିତ୍ୱ ବହୁଗୁଣିତ ହୋଇଗଲା କହିଲେ ଚଳେ । ଏପରି ସ୍ଥଳେ ସମ୍ପାଦକର ଭୂମିକା ହେଉଛି, ଜଣେ ବହୁଦର୍ଶୀ ସଚେତନ ପାଠକ ଓ ସମୀକ୍ଷକଙ୍କର ଭୂମିକା ସମ୍ପାଦକ ହେଉଛନ୍ତି ମୂଳ ରଚନାର ପ୍ରଥମ ବିଦଗ୍ଧ ପାଠକ ଓ ଦ୍ୱିତୀୟ ସ୍ରଷ୍ଟା ।"(୩) କାରଣ ସମ୍ପାଦକ ମୂଳ ଲେଖକର ସୃଷ୍ଟିକୁ ନୂତନ ଜୀବନ ଦେବାରେ ଏବଂ ପ୍ରତିଷ୍ଠାର ମାର୍ଗରେ ଆଗେଇ ନେବାର ମୁଖ୍ୟ ଭୂମିକା ନିର୍ବାହ କରିଥାଏ ।

ଗ୍ରନ୍ଥ ସମ୍ପାଦନା ଏକ ଜାତୀୟ କାର୍ଯ୍ୟ । ସମ୍ପାଦନା ମାଧ୍ୟମରେ ଗୋଟିଏ ଜାତିର ଇତିହାସକୁ ମଧ୍ୟ ଲୋକ ଲୋଚନକୁ ଅଣାଯାଇପାରେ । ସମ୍ପାଦନାର ପରିସର ଖୁବ୍ ବ୍ୟାପକ । "ପ୍ରାଚୀନ ଗ୍ରନ୍ଥ ସମ୍ପାଦନା ଠାରୁ ଆରମ୍ଭ କରି ଆଧୁନିକ କୃତି ସମ୍ପାଦନା, ପୁରାତନ ବିଲୁପ୍ତ ପତ୍ରପତ୍ରିକାର ପୁନଃ ସମ୍ପାଦନା, ସମ୍ବାଦ ସମ୍ପାଦନା, ଶିଳାଲେଖ ଓ ତାମ୍ରଫଳକ ସମ୍ପାଦନା, ଚଳଚ୍ଚିତ୍ର ସମ୍ପାଦନା ପର୍ଯ୍ୟନ୍ତ ବିସ୍ତୃତ ।"(୪) ସମ୍ପାଦନା ଏକକ ବା ଏକାଧିକ ଲେଖକଙ୍କୁ ଗ୍ରନ୍ଥ-ବିଶେଷରେ ସ୍ଥାନ ଦେଇପାରେ, ଆକାର ବା କୋଷଗ୍ରନ୍ଥ ପ୍ରଣୟନ ଅବସରରେ ବିଭିନ୍ନ ସ୍ୱାଦର ବହୁ ସନ୍ଦର୍ଭକୁ ମଧ୍ୟ ଗ୍ରନ୍ଥ କରିପାରେ । ସାହିତ୍ୟ, ସମାଜତତ୍ତ୍ୱ, ଦର୍ଶନ, ମନସ୍ତତ୍ତ୍ୱ, ଇତିହାସ, ରାଜନୀତି, ବିଜ୍ଞାନ, ଅର୍ଥନୀତି, ନୃତତ୍ତ୍ୱ ଇତ୍ୟାଦି ଜ୍ଞାନ-ବିଜ୍ଞାନର ନାନା ଭୂମିରୁ ସାର ଉପାଦାନ ସଂଗ୍ରହ କରି ସମ୍ପାଦନା କ୍ଷେତ୍ରକୁ ଅଣାଯାଇପାରେ । ସମ୍ପାଦନାର କ୍ଷେତ୍ର ବକ୍ର, ଉପାଦାନ ମଧ୍ୟ ବିପୁଳ ଓ ବୈଚିତ୍ରମୟ । ତଥାପି ବୈଚିତ୍ର ମଧ୍ୟରେ ଐକ୍ୟ ସ୍ଥାପନା ହିଁ ସମ୍ପାଦନାର ମୂଳ ଲକ୍ଷ୍ୟ ।"(୫)

ଯେ କୌଣସି ସାଧାରଣ ବ୍ୟକ୍ତି ଗ୍ରନ୍ଥ ସମ୍ପାଦନା କରିପାରିବେ ନାହିଁ । କାରଣ ସମ୍ପାଦନା ଏକ କଷ୍ଟସାଧ୍ୟ କାର୍ଯ୍ୟ । ଏହି ସମ୍ପାଦନା କାର୍ଯ୍ୟରେ ମନୋନିବେଶ କରିବା ପାଇଁ ହେଲେ ଜଣେ ବ୍ୟକ୍ତିର ସମ୍ପାଦନା ପ୍ରତି ଅଭିରୁଚି, ଭାଷା ସମ୍ପର୍କିତ ଜ୍ଞାନ, ଲିପି ସମ୍ବନ୍ଧିତ ଜ୍ଞାନ, ଇତିହାସ ଓ ଭୂଗୋଳ ସମ୍ପର୍କରେ ଧାରଣା, ସଙ୍ଗୀତ ଚିତ୍ରକଳା ଜ୍ଞାନ, ଶାରୀରିକ ଓ ମାନସିକ ସୁସ୍ଥଗତ କ୍ଷମତା ପ୍ରଭୃତି ସମ୍ପର୍କରେ ଧାରଣା ରହିବା ନିତାନ୍ତ ଆବଶ୍ୟକ । ଏହିସବୁ ଜ୍ଞାନରେ ବ୍ୟକ୍ତି ଯଦି ଦୁର୍ବଳ, ତାହାହେଲେ ସେ ସମ୍ପାଦନା କାର୍ଯ୍ୟରେ ମନ ବଳାଇବା ଅନୁଚିତ । ଏହି ସମ୍ପାଦନା ବିଧିର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିଛି । ସମ୍ପାଦନାର ଲକ୍ଷ୍ୟ ସମ୍ପର୍କରେ ଆଲୋଚକ ସୁଦର୍ଶନ ଆଚାର୍ଯ୍ୟ ମତ ଦିଅନ୍ତି- "ସମ୍ପାଦନାର ଲକ୍ଷ୍ୟ ହେଲା, ଲେଖକମାନଙ୍କ ମୂଳପାଠର ନିକଟତର ହେଲା । ବ୍ୟାସ, କାଳିଦାସ, ଭାରବୀ, ଶ୍ରୀହର୍ଷ, ଶିଶୁଶଙ୍କର, ଉପେନ୍ଦ୍ର ଭଞ୍ଜ ପ୍ରଭୃତିଙ୍କ ଗୃହସ୍ଥ ଲିଖିତ ପାଣ୍ଡୁଲିପି ଖୋଜି ପାଇବା ସମ୍ଭବ ନୁହେଁ । ବାଲ୍ମୀକି, ବ୍ୟାସଙ୍କ ପୁରାଣର କଥା ତ ସ୍ୱତନ୍ତ୍ର । ତେଣୁ ପ୍ରତିଲିପିକାରମାନଙ୍କ ଦୌରାତ୍ମ୍ୟରୁ ବିକୃତପାଠର ସମୀକ୍ଷା କରିବା ସମ୍ପାଦକମାନଙ୍କ କାର୍ଯ୍ୟ ।"(୬) ତେଣୁ ଗ୍ରନ୍ଥର ସମ୍ପାଦକ ସମ୍ପାଦନା ମାଧ୍ୟମରେ ମୂଳପାଠ ଲେଖା ପାଖରେ ପହଂଚିବା ପାଇଁ ପ୍ରୟାସୀ ହୋଇଥାନ୍ତି । ଏଥିରେ କେତେ ମାତ୍ରାରେ ସଫଳ ହୁଅନ୍ତି ତ, ପୁଣି କେତେକ ମାତ୍ରାରେ ବିଫଳ ହୋଇଥାନ୍ତି ।

ଓଡ଼ିଶାରେ ଗ୍ରନ୍ଥ ବା ପାଣ୍ଡୁଲିପି ସମ୍ପାଦନାର ଇତିହାସ ଖୋଜି ବସିଲେ ଦେଖାଯାଏ, ଏହା ବେଶୀ ପ୍ରାଚୀନ ନୁହେଁ । ଆଧୁନିକ ଓଡ଼ିଆ ସାହିତ୍ୟର ସୃଷ୍ଟିକାଳରୁ ଓଡ଼ିଶାରେ ପାଣ୍ଡୁଲିପି ସମ୍ପାଦନାର ପରମ୍ପରା ଆରମ୍ଭ ହୋଇଥିଲା । ଅବଶ୍ୟ ଏହାପୂର୍ବରୁ କିଂଚିତ୍ ପରିମାଣରେ ଭାରତର କେତେକାଞ୍ଚଳରେ ଗ୍ରନ୍ଥ ସମ୍ପାଦନାର ପରମ୍ପରାମ ପରିଦୃଷ୍ଟ ହୋଇଥିଲା । କେବଳ ଭାରତ ନୁହେଁ ବିଦେଶର ବହୁ ଆଲୋଚକ ଭାରତ ତଥା ବିଦେଶରେ ଥିବା ସଂରକ୍ଷିତ ସଂସ୍କୃତ, ପ୍ରାକୃତ ଓ ଆଧୁନିକ ଭାରତୀୟ ଭାଷାରେ ଲିଖିତ ହାତଲେଖା ଗ୍ରନ୍ଥକୁ ସମ୍ପାଦନା କରିବା ସହ ତା'ର ପାଠାଲୋଚନା ମଧ୍ୟ କରିଥିଲେ ।(୭) ବିଦେଶର ବିଦ୍ୱାନମାନେ ସମ୍ପାଦନା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ମଧ୍ୟ ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ

ପନ୍ଥା ଭାରତୀୟ ପରିବେଶ ପାଇଁ ଉପଯୋଗୀ ନଥିଲା । ତେଣୁ ଭାରତୀୟ ପରିବେଶ ଉପଯୋଗୀ ଗ୍ରନ୍ଥର ସମ୍ପାଦନା ନିମନ୍ତେ ଏକ ପ୍ରଣାଳୀକୁ ଡ. ସୁଖଠନକର ନିର୍ଦ୍ଧାରଣ କରିଥିଲେ । ଏହି ପ୍ରଣାଳୀ ନିର୍ଦ୍ଧାରଣ ପୂର୍ବରୁ ଆର.ଜି.ଭଣ୍ଡାରକର ଭବଭୂତିଙ୍କ 'ମାଳତୀ ମାଧବ' (୧୮୭୬), ଆର.ପିଶ୍ଚେଲ କାଳିଦାସଙ୍କ 'ଶକୁନ୍ତଳମ୍' (୧୮୭୭), ଷ୍ଟେନକୋନ୍ ରାଜଶେଖରଙ୍କ 'କର୍ପୂର ମଞ୍ଜରୀ' (୧୯୦୧), ଫ୍ରାଙ୍କଲିନ୍ ଏଡ଼ଗର୍ଟନ 'ପଞ୍ଚତନ୍ତ୍ର ରିଜନଷ୍ଟ୍ରକଟେଡ଼', ଟୋଡ଼ରମଲ ଭବଭୂତିଙ୍କ 'ମହାବୀର ଚରିତ' (୧୯୨୮), ଜାକୋବିଙ୍କ ଦ୍ୱାରା ବାଲ୍ମୀକି ରାମାୟଣ ଆଦି ଗ୍ରନ୍ଥର ସମ୍ଭାବ୍ୟ ପାଠ ଓ ପାଠାଲୋଚନା ହୋଇ ସାରିଥିଲା ।[୮]

୧୮୬୬ ମସିହାରେ 'ଉତ୍କଳ ସାହିତ୍ୟ ସମ୍ବାଦପତ୍ର' ବଙ୍ଗଳାର ବିଦ୍ୟାସୁନ୍ଦର ରଚନା ସହିତ ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ' ପୁସ୍ତକର ତୁଳନାତ୍ମକ ବିଚାର କରିବା ସଙ୍ଗେ ସଙ୍ଗେ ରସକଲ୍ଲୋଳକୁ ଉତ୍କୃଷ୍ଟ ଧରଣ ରଚନା କରିଥିଲେ। କେବଳ ସେତିକି ନୁହେଁ ଓଡ଼ିଶାରେ ମୁଦ୍ରଣଯନ୍ତ୍ରର ଅଭାବରେ ଅନେକ ପ୍ରାଚୀନ ଗ୍ରନ୍ଥ ଲୋପ ପାଉଥିବାର ମତ ମଧ ଦେଇଥିଲେ । ଏପରିକି ଓଡ଼ିଶାର କବିକୁଳ କେଶରୀ ଉପେନ୍ଦ୍ର ଭଞ୍ଜ ବାଉନ ଖଣ୍ଡ ଗ୍ରନ୍ଥ ରଚନା କରିଥିଲେ ମଧ ତା' ମଧ୍ୟରୁ ୨୦/୨୫ ଖଣ୍ଡରୁ ଅଧିକ ମିଳି ନଥିବା କଥା ପ୍ରକାଶ କରିଥିଲେ ।[୯] ପରବର୍ତ୍ତୀ ସମୟରେ ଓଡ଼ିଶାରେ ଲୁପ୍ତ ହେଉଥିବା ପ୍ରାଚୀନ ଗ୍ରନ୍ଥର ଉଦ୍ଧାର ନିମନ୍ତେ ୧୮୬୬ ମସିହାରେ ପ୍ରଥମେ ବାଲେଶ୍ୱରରେ 'ଉତ୍କଳ ଭାଷା ଉନ୍ନତି ବିଧାୟିନୀ' ନାମକ ସଭା ପ୍ରତିଷ୍ଠା ହୋଇଥିଲା । ପ୍ରାଚୀନ ପୋଥିଗୁଡ଼ିକର ସମ୍ପାଦନା ଓ ପ୍ରକାଶନ ନିମିତ୍ତ ଏହି ସଭା ଦ୍ୱାରା D.P. Das Company ନାମକ ଏକ ସଂସ୍ଥା ଗଠିତ ହୋଇ ବହୁ ଗ୍ରନ୍ଥ ଉଦ୍ଧାର କରିଥିଲା ।[୧୦] ଏହିବର୍ଷ କଟକଠାରେ କର୍ମଯୋଗୀ ଗୌରୀଶଙ୍କର ରାୟଙ୍କ ଉଦ୍ୟମରେ 'କଟକ ପ୍ରିଣ୍ଟିଂ କମ୍ପାନୀ' ପ୍ରତିଷ୍ଠା କରାଯାଇ ଓଡ଼ିଆ ସାହିତ୍ୟର ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ଲୋକଲୋଚନକୁ ଆଣିବା ପାଇଁ ଉଦ୍ୟମ ହୋଇଥିଲା ।

୧୮୬୬ ମସିହା ଜୁଲାଇ ମାସ ୧୯ ତାରିଖରେ ବାବୁ ରଙ୍ଗଲାଲ ବନ୍ଦୋପାଧ୍ୟାୟଙ୍କ ସଭାପତିତ୍ୱରେ କଟକଠାରେ ଓଡ଼ିଆ ଭାଷାର ପୁନଃ ଉଦ୍ଧାର ନିମନ୍ତେ ଗୋଟିଏ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ 'ଉତ୍କଳ ଭାଷା ଉଦ୍ଦିପନୀ ସଭା' ନାମକ ଗୋଟିଏ ଅନୁଷ୍ଠାନ ଗଢ଼ାଯାଇଥିଲା । ଏହି ଅନୁଷ୍ଠାନର ମୂଳ ଉଦ୍ଦେଶ୍ୟ ସମ୍ବନ୍ଧରେ ତା ୨୮.୫.୧୮୬୭ ମସିହାରେ ଏକ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା । ଏହି କାର୍ଯ୍ୟସୂଚୀରେ ଲେଖାଥିଲା– ପ୍ରାଚୀନ ପୁସ୍ତକର ଏକ ତାଲିକା, ଗ୍ରନ୍ଥାକାରକ ନାମ, ଯେଉଁ ବିଷୟ କି ଚିତ୍ର ତହିଁରେ ଲେଖାଅଛି ଏବଂ ଗ୍ରନ୍ଥାକାରଙ୍କ ଜୀବନ ବୃତ୍ତାନ୍ତ ସମ୍ପର୍କରେ ଯାହା ଜଣାଯାଇଛି, ତାହା ଉଲ୍ଲେଖ କରିବା ନିମନ୍ତେ ପଣ୍ଡିତ ଆର୍ତ୍ତତ୍ରାଣ, କପିଳେଶ୍ୱର ବିଦ୍ୟାଭୂଷଣ, ବନମାଳୀ ସିଂହ, ଗୋବିନ୍ଦଚନ୍ଦ୍ର ମହାପାତ୍ର ଓ ଗୌରୀଶଙ୍କର ରାୟଙ୍କୁ ସଭ୍ୟ ରୂପେ ମନୋନୀତ କରାଗଲା । କେବଳ ସେତିକି ନୁହେଁ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ନିମନ୍ତେ ବୈଦେହୀଶ ବିଳାସ, ସୁଭଦ୍ରା ପରିଣୟ ଓ ଭାଷା ଭାଗବତରୁ ଅଂଶବିଶେଷ ନେଇ ଏକ ପାଠ୍ୟପୁସ୍ତକ ରଚନା କରିବା ନିମନ୍ତେ ଆୟୋଜନ କରାଯାଇଥିଲା ।[୧୧] ୧୮୬୮ ମସିହାରେ ଫକୀର ମୋହନଙ୍କ ଉଦ୍ୟମରେ 'P.M. & Company' ନାମକ ଏକ ମୁଦ୍ରଣାଳୟ ସ୍ଥାପିତ ହୋଇ ମୁଦ୍ରିତ ଆକାରେ ଓଡ଼ିଆ ସାହିତ୍ୟକୁ ପ୍ରକାଶ କରାଇବା ଦିଗରେ ଚେଷ୍ଟା କରିଥିଲେ । ୧୮୮୦ ମସିହା ପୂର୍ବରୁ କାଳୀପଦ ବନ୍ଦୋପାଧ୍ୟାୟ ଓ ବୈଦ୍ୟନାଥ ପଣ୍ଡିତ ରାୟ ବାହାଦୂରଙ୍କ ଉଦ୍ୟମରେ ଗଠିତ 'ଓଡ଼ିଆ ତାଳପତ୍ର ସାହିତ୍ୟ ଉଦ୍ଧାରଣ କମ୍ପାନୀ' ପ୍ରାଚୀନ ଗ୍ରନ୍ଥର ସମ୍ପାଦନ ଓ ପ୍ରକାଶନ ଦାୟିତ୍ୱ ଗ୍ରହଣ କରିଥିଲେ ।[୧୨]

ପତ୍ରପତ୍ରିକାର ବିଜ୍ଞାପନରୁ ମିଳିଥିବା ସୂଚନାନୁଯାୟୀ ୧୮୭୦ ମସିହା ପୂର୍ବରୁ ବିଚିତ୍ର ରାମାୟଣ, ମଥୁରାମଙ୍ଗଳ ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ୧୮୭୦ ମସିହା ପରବର୍ତ୍ତୀ ସମୟରେ ମଧ୍ୟଯୁଗୀୟ କାବ୍ୟ 'ଲାବଣ୍ୟବତୀ', 'ରସକଲ୍ଲୋଳ', 'ସୁବର୍ଣ୍ଣରେଖା', 'ରାସପଞ୍ଚାଧାୟୀ', 'ଆର୍ତ୍ତତ୍ରାଣ ଚଉତିଶା', 'ପ୍ରେମ ସୁଧାନିଧି', 'ବୈଦେହୀଶ ବିଳାସ', 'ଦାର୍ଢ୍ୟତା ଭକ୍ତି', 'ଉଦ୍ଧବ ଚଉତିଶା', 'କୋଳାହଳ ଚଉତିଶା', 'ନାବକେଳି', 'ଲକ୍ଷ୍ମୀପୁରାଣ', 'ମୟୁରଚନ୍ଦ୍ରିକା' ଇତ୍ୟାଦି ଗ୍ରନ୍ଥ ପ୍ରକାଶ ଲାଭ କରିଥିଲା । ଏହି ସମୟରେ କେବଳ ପଦ୍ୟରେ ରଚିତ ଗ୍ରନ୍ଥର ସମ୍ପାଦନା କରାଯାଉଥିଲା। ଏହା ଥିଲା ଓଡ଼ିଶାରେ ଗ୍ରନ୍ଥ ସମ୍ପାଦନାର ପ୍ରାରମ୍ଭିକ ପର୍ଯ୍ୟାୟ ।

ମୁଖ୍ୟତଃ ଓଡ଼ିଆ ସାହିତ୍ୟରେ ପ୍ରାଚୀନ ଓ ମଧ୍ୟକାଳୀନ ଗ୍ରନ୍ଥଗୁଡ଼ିକର ପ୍ରକାଶନ ଓ ଶୁଦ୍ଧ ସମ୍ପାଦନା କାର୍ଯ୍ୟ ଊନବିଂଶ ଶତାବ୍ଦୀର ଶେଷଭାଗକୁ ଆରମ୍ଭ ହୋଇଥିଲେ ହେଁ, ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରୁ 'ପ୍ରାଚୀ ସମିତି' (୧୯୨୬) ମାଧ୍ୟମରେ ଲୁପ୍ତ, କୀଟଦ୍ରଷ୍ଟ ପ୍ରାଚୀନ ଗ୍ରନ୍ଥଗୁଡ଼ିକର ସଂଗ୍ରହ ଓ ଶୁଦ୍ଧ ସମ୍ପାଦନାରେ ବ୍ୟାପକତା ଦେଖିବାକୁ ମିଳିଥିଲା । ଆର୍ତ୍ତବଲ୍ଲଭ ମହାନ୍ତି ଏକ ବୃହତ୍ତ ଲକ୍ଷ୍ୟ ନେଇ 'ପ୍ରାଚୀ ସମିତି' ପ୍ରତିଷ୍ଠା କରିଥିଲେ । ଏହି ସମିତିରେ ଆର୍ତ୍ତବଲ୍ଲଭଙ୍କ ସହଯୋଗୀ ଭାବରେ ଗୁରୁଚରଣ ମହାନ୍ତି, ଭୀମ ରାଉତ, କରୁଣାକର କର, କୁଳମଣି ଦାସ, ଆକୁଳି ମିଶ୍ର, ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ଲକ୍ଷ୍ମୀକାନ୍ତ ଚୌଧୁରୀ, ଜଗଦାନନ୍ଦ ମହାନ୍ତି– ଏଇ ବ୍ୟକ୍ତିଗଣ ପ୍ରାଚୀନ ଗ୍ରନ୍ଥ ଉଦ୍ଧାର ଲକ୍ଷ୍ୟରେ 'ପ୍ରାଚୀ ସମିତି' ଅନୁଷ୍ଠାନ ଗଠନ କରିଥିଲେ । ପ୍ରାଚୀନ ପୋଥିକୁ କୀଟମୁଖରୁ ରକ୍ଷା କରି ଜାତୀୟ ସମ୍ପତ୍ତିକୁ ସଂରକ୍ଷଣ କରି ସାହିତ୍ୟର

ସାଧନା କରିବା ନିମନ୍ତେ ଏକ ଲକ୍ଷ୍ୟ ନେଇ ସେମାନେ ୧୯୨୬ ମସିହା ମାର୍ଚ୍ଚ ମାସରେ ଗୋଟିଏ 'ନିବେଦନ'ରେ କହିଥିଲେ- "ଏହି କାର୍ଯ୍ୟର ଗୁରୁତ୍ୱ ଉପଲବ୍ଧି କରି ଆମ୍ଭେମାନେ ଗୋଟିଏ ସମିତି ସ୍ଥାପନ କରିଅଛୁ; ଏହାର ନାମ 'ପ୍ରାଚୀ ସମିତି' । ଯେକୌଣସି ବ୍ୟକ୍ତି ବିନା ଚାନ୍ଦାରେ ଏହି ସମିତିରେ ସଭ୍ୟ ହୋଇପାରିବ ।[୧୩] 'ପ୍ରାଚୀ ସମିତି'ର ସମ୍ପାଦକ କରୁଣାକର କର ଗୋଟିଏ ପତ୍ରରେ 'ପ୍ରାଚୀ ସମିତି'ର ଲକ୍ଷ୍ୟ ଉପରେ କହିଥିଲେ- "ଜାତୀୟ ସାହିତ୍ୟର ଉଦ୍ଧାର ଓ ପ୍ରକାଶ ପ୍ରାଚୀ ସମିତିର ମୁଖ୍ୟ ଉଦ୍ଦେଶ୍ୟ । ଏ ସମିତି ସେହି କାର୍ଯ୍ୟକୁ ବ୍ରତ ରୂପେ ଗ୍ରହଣ କରିଅଛି । ସୁତରାଂ ଏହି ସମିତିର କାର୍ଯ୍ୟ ଏକ ଜାତୀୟ କାର୍ଯ୍ୟ ରୂପେ ଗୃହୀତ ହେବ । ବର୍ତ୍ତମାନ ପାଇଁ ଏହି ସମିତି ପ୍ରକାଶିତ ଓ ଅପ୍ରକାଶିତ ପୋଥିମାନଙ୍କର ତାଲିକା ସଂଗ୍ରହ କରିବା x x x ଯେଉଁମାନେ ଓଡ଼ିଶାରେ ଲୋପମୁଖୀ ଅମୂଲ୍ୟ ପୁରାତନ ସାହିତ୍ୟର ଉଦ୍ଧାରର ଉପକାରିତା ହୃଦୟଙ୍ଗମ କରି କାର୍ଯ୍ୟ କରିବେ ସେମାନେ ଏହି ସମିତିର ସଭ୍ୟ ହେବେ । ଏଥିରେ ଶିକ୍ଷିତ ଅଶିକ୍ଷିତ ଧନୀ ଦରିଦ୍ରର କିଛି ବାରଣ ନାହିଁ । ଯେ କେହି ନିୟମାନୁସାରେ କାର୍ଯ୍ୟ କଲେ ସଭ୍ୟ ହୋଇପାରିବେ ।"[୧୪] ତେଣୁ ଏଥିରୁ ଜଣାଯାଏ ଯେ, ଓଡ଼ିଆ ସାହିତ୍ୟର ଲୁପ୍ତ ଗୌରବକୁ ଉଦ୍ଧାର କରିବା ଦିଗରେ 'ପ୍ରାଚୀ ସମିତି'ର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ ।

'ପ୍ରାଚୀ ସମିତି' ପ୍ରତିଷ୍ଠା ହେବା ପୂର୍ବରୁ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ବ୍ୟକ୍ତିଗତ ଉଦ୍ୟମରେ ପାଞ୍ଚଟି ଗ୍ରନ୍ଥ ଯଥା- 'ବିଦଗ୍ଧ ଚିନ୍ତାମଣି' (୧୯୨୫, କେବଳ ମୂଳପାଠ), 'ସ୍ତୁତି ଚିନ୍ତାମଣି' (୧୯୨୫), 'ରହସ୍ୟ ମଞ୍ଜରୀ' (୧୯୨୫), 'ବ୍ରହ୍ମ ନିରୂପଣ ଗୀତା' (୧୯୨୬) ଓ ଭୀମ ଭୋଇଙ୍କ ଭଜନମାଳା- ପ୍ରଥମ ଶତକ (୧୯୨୬) ପରି ପୁସ୍ତକର ଶୁଦ୍ଧପାଠ ଅର୍ଥ ସହ ମୁଖବନ୍ଧ ପ୍ରକାଶ ପାଇଥିଲା । 'ବ୍ରହ୍ମଣା' କୁଳ ଓ 'ଅଣାକାର ସଂହିତା' (୧୯୨୬) ଠାରୁ ପ୍ରାଚୀନ ନମ୍ବର ଦେବା ଆରମ୍ଭ ହୁଏ ।"[୧୫] ପରେ ୧୯୨୭ ମସିହାରେ ଭୀମ ଭୋଇଙ୍କ ଭଜନମାଳା (୨ୟ ଶତକ), 'ନିର୍ଗୁଣ ମାହାତ୍ମ୍ୟ', 'ରସକଲ୍ଲୋଳ', 'ପୂର୍ଣ୍ଣତମ ଚନ୍ଦ୍ରୋଦୟ', 'ବିଷ୍ଣୁଗର୍ଭ ପୁରାଣ', 'ପ୍ରେମ ପଞ୍ଚାମୃତ' ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ ସମୟରେ 'ମଥୁରା ମଙ୍ଗଳ', 'ପରଚେ ଗୀତା', 'ଶିବ ସ୍ୱରୋଦୟ', 'ପ୍ରେମଭକ୍ତି ବ୍ରହ୍ମଗୀତା', 'ରସବାରିଧି', 'ଉଷାଭିଳେଷ', 'ନକ ଚରିତ', 'ଶଶିଶେଣା', 'ଗୋପୀଭାଷା', 'ରୁକ୍ମିଣୀ ବିଭା', 'ବଟ ଅବକାଶ' ପ୍ରକାଶିତ ହୋଇଥିଲା । ବିଚ୍ଛନ୍ଦଚରଣ ପଟ୍ଟନାୟକଙ୍କ ସମ୍ପାଦନାରେ 'ଗୁରୁଭକ୍ତି ଗୀତା' (୧ମ ଭାଗ), 'ଜୟକୃଷ୍ଣ ଭଜନ', 'ଚଉତିଶା ମଧୁଚକ୍ର'ର ଚାରଟି ଭାଗ (୧ମ ରୁ ୪ର୍ଥ) ପ୍ରକାଶିତ ହୋଇଥିଲା । ୧୯୩୨ ମସିହାରେ 'ପ୍ରାଚୀନ ଗଦ୍ୟପଦ୍ୟାଦର୍ଶ' ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦନାରେ ପ୍ରକାଶ ଲାଭ କରିଥିଲା । ୧୯୩୩ ବେଳକୁ ବିଚ୍ଛନ୍ଦଚରଣ ପଟ୍ଟନାୟକ 'ଚଉତିଶା ମଧୁଚକ୍ର' (୫ମ ଭାଗ) 'ଶଶିରେଖା' କାବ୍ୟ ପ୍ରକାଶ କରିଥିଲେ । ପରେ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପାଦନାରେ 'ବିଦଗ୍ଧ ଚିନ୍ତାମଣି' (୨ୟ ଭାଗ) (୧୯୩୩), 'ମାଦଳା ପାଞ୍ଜି' (୧୯୪୦), 'ବିଦଗ୍ଧ ଚିନ୍ତାମଣି' (୩ୟ, ୪ର୍ଥ, ୫ମ) (୧୯୪୨), 'ଲାବଣ୍ୟବତୀ' (୧ମ, ୨ୟ ଭାଗ) (୧୯୪୪), ଭୀମଭୋଇଙ୍କ 'ଚଉତିଶା ମଧୁଚକ୍ର' (୧୯୪୮), 'ଶ୍ରୀଚୈତନ୍ୟ ଭାଗବତ' (୧୯୫୩) ପ୍ରକାଶ ପାଇଥିବା ବେଳେ, କରୁଣାକର କରଙ୍କ ସମ୍ପାଦନାରେ 'ନାରାୟଣ ଶତକ' (ସଂସ୍କୃତ) (୧୯୩୪), ସୁଧାକର ପଟ୍ଟନାୟକଙ୍କ ସମ୍ପାଦନାରେ 'ଚତୁର ବିନୋଦ' (୧୯୪୬) ପ୍ରକାଶ ପାଇଥିଲା ।[୧୬] ଏହିପରି ଭାବେ 'ପ୍ରାଚୀ ସମିତି' ଆନୁକୂଲ୍ୟରେ ମୋଟ ୫୪ ଖଣ୍ଡ ପୁସ୍ତକର ଶୁଦ୍ଧପାଠ ସହ ମୁଖବନ୍ଧ ସମ୍ପାଦିତ ତଥା ପ୍ରକାଶିତ ହୋଇ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଥିଲା ।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ପୂର୍ବ 'ପ୍ରାଚୀ ସମିତି' ପରି ସମ୍ପାଦନା କାର୍ଯ୍ୟ ହୋଇପାରି ନଥିଲା । ଏହି ସମୟରେ କେତେକ ଅନୁଷ୍ଠାନ ପ୍ରାଚୀନ ଗ୍ରନ୍ଥ ସମ୍ପାଦନା ନିମନ୍ତେ ପଦକ୍ଷେପ ଗ୍ରହଣ କରିଥିଲେ । ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗ ଓ ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରି କେତେକ ବିଶ୍ୱବିଦ୍ୟାଳୟ ଗ୍ରନ୍ଥ ସମ୍ପାଦନା କାର୍ଯ୍ୟରେ ମନୋନିବେଶ କରି ପ୍ରାଚୀନ ଗ୍ରନ୍ଥର ସଂରକ୍ଷଣ କରିଥିଲେ । କେବଳ ଆନୁଷ୍ଠାନିକ ଉଦ୍ୟମରେ ନୁହେଁ, ବ୍ୟକ୍ତିଗତ ପ୍ରଚେଷ୍ଟାରେ ମଧ୍ୟ ସମ୍ପାଦନା କାର୍ଯ୍ୟ ନିର୍ବାହ କରାଯାଇଥିଲା । ଓଡ଼ିଆ ସାହିତ୍ୟରେ ଯେଉଁ ବରେଣ୍ୟ ଗବେଷକ ବା ସମ୍ପାଦକ ନିଜକୁ ସମ୍ପାଦନା କାର୍ଯ୍ୟ ନିର୍ବାହ କରାଯାଇଥିଲା । ଓଡ଼ିଆ ସାହିତ୍ୟର ଯେଉଁ ବରେଣ୍ୟ ଗବେଷକ ବା ସମ୍ପାଦକ ନିଜକୁ ସମ୍ପାଦନା କାର୍ଯ୍ୟରେ ମଗ୍ନ ରଖିଥିଲେ, ସେମାନଙ୍କ ମଧ୍ୟରେ କରୁଣାକର କର, କେଦାରନାଥ ମହାପାତ୍ର, ସତ୍ୟନାରାୟଣ ରାଜଗୁରୁ, ବାନାମ୍ବର ଆଚାର୍ଯ୍ୟ, ସୁଧାକର ପଟ୍ଟନାୟକ, ଗୌରୀକୁମାର ବ୍ରହ୍ମା, ପ୍ରହଲାଦ ପ୍ରଧାନ, କୃଷ୍ଣଚରଣ ସାହୁ, ନୀଳମଣି ମିଶ୍ର, ବାସୁଦେବ ସାହୁ, ରଘୁନାଥ ମହାପାତ୍ର, ଭଗବାନ ପଣ୍ଡା, ଆଶୁତୋଷ ପଟ୍ଟନାୟକ, ଜାନକୀବଲ୍ଲଭ ମହାନ୍ତି, ଦୁଃଖୀଶ୍ୟାମ ପଟ୍ଟନାୟକ, ପ୍ରମିଳା ମିଶ୍ର, ବୈଷ୍ଣବ ଚରଣ ସାମଲ, ସୁଦର୍ଶନ ଆଚାର୍ଯ୍ୟ, ଦେବେନ୍ଦ୍ର କୁମାର ଦାଶ, ଗୌରାଙ୍ଗ ଚରଣ ଦାଶ, ପ୍ରଦୀପ୍ତ କୁମାର ପଣ୍ଡା, ଫଣୀନ୍ଦ୍ର ଭୂଷଣ ନନ୍ଦ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ଉପରୋକ୍ତ କେତେକ ବ୍ୟକ୍ତି ସ୍ୱର୍ଗବାସୀ ହୋଇଥିବା ବେଳେ, ଆଉ କେତେକ ବ୍ୟକ୍ତି ଆଜି ମଧ୍ୟ

ସମ୍ପାଦନା କାର୍ଯ୍ୟରେ ଲିପ୍ତ ରହିଛନ୍ତି ।

ସ୍ୱାଧୀନତା ପରକାଳରେ ପତ୍ରପତ୍ରିକାରେ ସମ୍ପାଦନା କର୍ମ ଦେଖିବାକୁ ମିଳିଥିଲା । ୧୯୮୦ ମସିହା ବେଳକୁ ଓଡ଼ିଆ ଗବେଷଣା ପରିଷଦର ମୁଖପତ୍ର ଏଷଣା ପତ୍ରିକାରେ ଗ୍ରନ୍ଥ ସମ୍ପାଦନା କାର୍ଯ୍ୟ ଦେଖିବାକୁ ମିଳେ । 'ଏଷଣା' କେବଳ ଏକ ପତ୍ରିକା ନୁହେଁ, ଓଡ଼ିଆ ସାହିତ୍ୟ ଗବେଷଣାକୁ ଉଚ୍ଚରୁ ଆହୁରି ଉଚ୍ଚସ୍ତରକୁ ନେବାରେ ବଳିଷ୍ଠ ଭୂମିକା ଗ୍ରହଣ କରିଛି । ଏହି ଏଷଣାରେ ନିୟମିତ ପ୍ରକାଶ ବିଭାଗଗୁଡ଼ିକ ମଧ୍ୟରୁ 'ଆଲୋଚନା' ଅନ୍ୟତମ । "ପତ୍ରିକା ସହିତ ସଂପୃକ୍ତମାନେ ନିଶ୍ଚିତ କରି ଦେଇଛନ୍ତି ଯେ, ସାହିତ୍ୟ ବିଦ୍ୟା-ଶୃଙ୍ଖଳାର ଏକ ନିଃସଙ୍ଗ ଘର ନୁହେଁ- ଦକ୍ଷିଣ ଦୁଆରି । ସକଳ ବିଦ୍ୟାର ସରଘର । ତେଣୁ 'ଏଷଣା' ପୃଷ୍ଠାରେ ସାହିତ୍ୟ ଚର୍ଚ୍ଚା ସହିତ ରହିବ- ମାନବ ବିଦ୍ୟା ସମାଜଶାସ୍ତ୍ର, ମନୋବିଜ୍ଞାନ, ଇତିହାସ, ଧର୍ମ, ଦର୍ଶନ, ସଂସ୍କୃତି, ଭାଷା ଭୂଗୋଳ, ପ୍ରତ୍ନତତ୍ତ୍ୱ ଏପରିକି ପ୍ରାକୃତିକ ବିଜ୍ଞାନ । ଛବି ମାଧ୍ୟମରେ ଓଡ଼ିଶା ସହିତ ସମଗ୍ର ପୃଥିବୀକୁ ଯୋଡ଼ି ଦିଆଯିବ । ପୁଣି ଏଥିସହିତ ରହିବ ପ୍ରାଚୀନ ଓ ମଧ୍ୟକାଳୀନ ଅପ୍ରକାଶିତ ରଚନାଗୁଡ଼ିକର ସୁସମ୍ପାଦିତ ରୂପ । କାରଣ ପରିଷଦ ଅନୁଭବ କରିଛି ଏକ ଜନସମୁଦାୟର ଭାଷା, ସାହିତ୍ୟ, ସଂସ୍କୃତିର ଅବବୋଧ ଓ ଇତିହାସ ରଚନା ପାଇଁ ପ୍ରାଚୀନ ଓ ମଧ୍ୟକାଳୀନ ସାହିତ୍ୟର ଅଧ୍ୟୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।"[୧୭] ଏହି ଆଦର୍ଶ ପ୍ରତିଷ୍ଠା ଦେବା ନିମିତ୍ତ 'ଏଷଣା' ପତ୍ରିକା ନିଜ ପୃଷ୍ଠାରେ ମଣ୍ଡନ କରାଇଛି ପ୍ରାଚୀନ ସାହିତ୍ୟ ଠାରୁ ଆଧୁନିକ ସାହିତ୍ୟ ପର୍ଯ୍ୟନ୍ତ ବହୁ ସାହିତ୍ୟ ସାଧକଙ୍କ ନାନା ରଚନାର ସୁସମ୍ପାଦିତ ରୂପ ।

ସମ୍ପାଦନା ଦୃଷ୍ଟିରୁ ଏଷଣା ସ୍ୱତନ୍ତ୍ର ଏଷଣାରେ ସମ୍ପାଦିତ ଗ୍ରନ୍ଥର ଆଲୋଚନା ବିଭାଗରେ ପ୍ରଥମେ ରଚନାଟିର ନାମ ଓ ଲେଖକର ନାମ ଲେଖାଯାଏ । ପରେ ଉକ୍ତ ରଚନାଟିକୁ ସଂଗ୍ରହ ଓ ସମ୍ପାଦନା କରିଥିବା ବ୍ୟକ୍ତିଟିର ନାମ ଉଲ୍ଲେଖ ହୁଏ । ପରବର୍ତ୍ତୀ ସମୟରେ ସଂପୃକ୍ତ ରଚନାଟିର ସମ୍ପୂର୍ଣ୍ଣ ବିବରଣୀ ଆଲୋଚନାଟିରେ ଦିଆଯାଏ । ଏହି ବିବରଣୀ ମଧ୍ୟରେ ରହିଥାଏ ରଚନାଟିର ପ୍ରାପ୍ତି ଜନିତ ସ୍ୱୀକାରୋକ୍ତି, ରଚନାର ଲେଖକ ନାମ, ଠିକଣା, ତା'ର ଆଞ୍ଚଳିକ ଲୋକପ୍ରିୟତା ଏବଂ ସେହି ରଚନାଟିର ଆଙ୍ଗିକ ଓ ଆତ୍ମିକ ବିଶ୍ଳେଷଣ । ଆଲୋଚନାରେ ବିବରଣୀ ପରେ ସଂଗ୍ରହ ବା ଉଦ୍ଧାର କରାଯାଇଥିବା ମୂଳପାଠକୁ ଦିଆଯାଏ । ଏହାପରେ ସଂପୃକ୍ତ ରଚନାର ସଂକ୍ଷିପ୍ତ ଟିପ୍ପଣୀ, ଶବ୍ଦାର୍ଥ ଦିଆଯାଏ । ସମ୍ପାଦିତ ଗ୍ରନ୍ଥର ଆଲୋଚନା ପରେ ସବାଶେଷକୁ ପାଣ୍ଡୁଲିପିର ହସ୍ତଗତ ବିବରଣୀ ଉଭୟ ଓଡ଼ିଆ, ଇଂରାଜୀ ଭାଷାରେ ଦିଆଯାଏ । ସେହି ପାଣ୍ଡୁଲିପିକୁ ସଂଗ୍ରହ କରି ସମ୍ପାଦନା କରିଥିବା ବ୍ୟକ୍ତିଟିର ନାମ ସହ ପରିଚୟ ଠିକଣା ଲିପିବଦ୍ଧ ହୋଇଥାଏ । 'ଏଷଣା'ରେ ପ୍ରକାଶିତ ସୁସମ୍ପାଦିତ ରଚନା "ପ୍ରାଚୀନ ସାହିତ୍ୟ ଅଥବା ଆଧୁନିକ ସାହିତ୍ୟ- ଯେଉଁ ପର୍ଯ୍ୟାୟ ହେଉ, ପରିଚର୍ଚ୍ଚାକୁ ବିଜ୍ଞାନ ଦୃଷ୍ଟି ସମ୍ମତ କରାଯାଇଛି । ପ୍ରାଚୀ ସମିତିର ବିହୀନ ପରି ପରିଚର୍ଚ୍ଚାକୁ ଭାବପ୍ରବଣତା ଓ ଜାତୀୟତାବାଦୀ ଭାବାଦର୍ଶରେ ଆଦୌ କବଳିତ କରି ଦିଆଯାଇ ନାହିଁ । ପୁଣି ଅଧିକାଂଶ ଚର୍ଚ୍ଚା ଗବେଷଣା ଓ ସମ୍ପାଦନା ବିଧି ଆଧାରିତ ଟୀକା, ପାଠାନ୍ତର, ବ୍ୟାଖ୍ୟା ଓ ଆକାରସୂଚୀ- ସବୁ ରହିଛି ।"[୧୮]

'ଏଷଣା' ପ୍ରାଚୀନ ମଧ୍ୟକାଳୀନ କାବ୍ୟ କବିତା ଓ ଗୀତିକା ପରି ଆଧୁନିକ ସାହିତ୍ୟ ଓ ସାହିତ୍ୟିକଙ୍କ ପତ୍ରାବଳୀକୁ ସୁସଂପାଦନା କରିଛି । ଆଧୁନିକ ସାହିତ୍ୟର କିଛି ରଚନାବଳୀକୁ ସମ୍ପାଦନା ମାଧ୍ୟମରେ ଲୋକଲୋଚନକୁ ଆଣିଛି । ଦେବେନ୍ଦ୍ର କୁମାର ଦାଶ, ହରେକୃଷ୍ଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଶ୍ରୀଚରଣ ମହାନ୍ତି ଓ ଫଣୀନ୍ଦ୍ର ଭୂଷଣ ନନ୍ଦ 'ଏଷଣା' ପତ୍ରିକାରେ କରାଇଛନ୍ତି । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ 'ବଳରାମ ଦେବ' ଦୀର୍ଘ କବିତା, ପଣ୍ଡିତ ବୁଦ୍ଧିନାଥ କାବ୍ୟତୀର୍ଥ ଶର୍ମାଙ୍କ 'ଗୁଣାଦର୍ଶ', ଦାମୋଦର ମିଶ୍ର ଶର୍ମାଙ୍କ 'ଗୁଣାଦର୍ଶ'ର ସମାଲୋଚନା, ପଣ୍ଡିତ ଦାମୋଦର ମିଶ୍ରଙ୍କ 'ଦୋଷଦର୍ଶନ', ଅନନ୍ତ ଦାସଙ୍କ 'ଆତ୍ମଜୀବନୀ', ଗୋପବନ୍ଧୁଙ୍କ ଗଦ୍ୟ ରଚନାର ଆଦିପର୍ବ, 'ଭୀମଭୋଇ ଓ ମହିମାଧର୍ମ' ଆଦି ରଚନାର ସମ୍ପାଦନା କରାଯାଇଛି । 'ଏଷଣା'ରେ ସମ୍ପାଦିତ ପତ୍ରାବଳୀ ମଧ୍ୟରେ ରହିଛି- 'ଫକୀରମୋହନ ପତ୍ରାବଳୀ' (୧ମ ଗୁଚ୍ଛ), 'ଫକୀରମୋହନ ପତ୍ରାବଳୀ' (୨ୟ ଗୁଚ୍ଛ), ମାନସିଂହଙ୍କ ଚାରୋଟି ପତ୍ର ପ୍ରଭୃତି ପ୍ରଧାନ ପୁସ୍ତକ । ଗଦ୍ୟ ରଚନା ବ୍ୟତୀତ ଫକୀରମୋହନଙ୍କ ପତ୍ରାବଳୀ, ମାନସିଂହଙ୍କ ପତ୍ରାବଳୀ ଓ ପଠାଣି ସାମନ୍ତଙ୍କ ଚିଟାଉ ମଧ୍ୟ 'ଏଷଣା' ପତ୍ରିକାରେ ସମ୍ପାଦିତ ହୋଇଛି । ଅଧ୍ୟାପକ ଦେବେନ୍ଦ୍ର କୁମାର ଦାଶ ଫକୀରମୋହନଙ୍କ ପତ୍ରାବଳୀଗୁଡ଼ିକୁ ଦୁଇଟି ଭାଗ କରି 'ଏଷଣା'ରେ ସମ୍ପାଦନା କରିଛନ୍ତି । ଫକୀରମୋହନ ସେନାପତି ଓଡ଼ିଶାର ସୁସାହିତ୍ୟିକ ତଥା ଗୌରୀଶଙ୍କର ରାୟ, କବିବର ରାଧାନାଥ ରାୟ, ବୈକୁଣ୍ଠନାଥ, ସୁଦାମ ଚରଣ ନାୟକ, ଗଙ୍ଗାଧର ମେହେର, ବିଶ୍ୱନାଥ କର, ଚିନ୍ତାମଣି ମହାନ୍ତି, ନୀଳମଣି ବିଦ୍ୟାରତ୍ନ, ଚନ୍ଦ୍ରମୋହନ ମହାରଣା, ପଣ୍ଡିତ ଦାମୋଦର ମିଶ୍ର, ଜଗବନ୍ଧୁ ସିଂହ ପ୍ରଭୃତି ବ୍ୟକ୍ତିଙ୍କୁ ଯେଉଁ ପତ୍ର ଲେଖୁଥିଲେ, ସେହି ପତ୍ରଗୁଡ଼ିକ ସମ୍ପାଦିତ କରି ତାହାକୁ ସମୀକ୍ଷା କରିଛନ୍ତି ଦେବେନ୍ଦ୍ର ଦାଶ । ଫକୀରମୋହନ ପତ୍ର ଲେଖିଲା ବେଳେ ପତ୍ରର ଶୀର୍ଷରେ 'ଓଁ ତତସତ୍' ଲେଖୁଥିଲେ । ଏହି ପତ୍ରଗୁଡ଼ିକ ମଧ୍ୟରୁ ଅଧିକାଂଶ ପତ୍ର ଫକୀରମୋହନ ପତ୍ରିକାର ସମ୍ପାଦକ ମାନଙ୍କୁ ଲେଖୁଛନ୍ତି । ଏଷଣାର ୪୩ ଓ ୪୪ ଦୁଇଟି ଖଣ୍ଡରେ ଫକୀର ମୋହନଙ୍କ ପତ୍ରାବଳୀ ପ୍ରକାଶିତ ହୋଇଥିଲା । ଏଥିରେ ଶ୍ରୀ

ସେନାପତିଙ୍କ ବାଉନ ଖଣ୍ଡ ପୂର୍ଣ୍ଣାଙ୍ଗ ପତ୍ର ଓ ଏଗାରଟି ପତ୍ରର ଅଂଶବିଶେଷ ସଂଯୋଜିତ ତା' ସହ ତିନୋଟି ପୁସ୍ତକ ତଥା ରାମକୃଷ୍ଣ ସାହୁଙ୍କ 'ଶରୀରରକ୍ଷା', 'ସରଳ ଶରୀରପାଳନ' ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ 'ବାରବାଟୀ ଦୁର୍ଗ' ପୁସ୍ତକ ସମ୍ପର୍କରେ ଫକୀର ମୋହନ ଦେଇଥିବା ମନ୍ତବ୍ୟ ମଧ୍ୟ ପରିଶିଷ୍ଟରେ ସଂଯୁକ୍ତ ହୋଇଛି । ଫକୀର ମୋହନଙ୍କ ଏହିସବୁ ପତ୍ରଗୁଡ଼ିକୁ ଦେଖିଲେ ସେଥିରେ ସାହିତ୍ୟର ପାଣିପାଗ ଲକ୍ଷ୍ୟ କରିହୁଏ ।

ମାୟାଧର ମାନସିଂହଙ୍କ ଚାରିଗୋଟି ଦୁର୍ଲଭ ପତ୍ରକୁ ସଂଗ୍ରହ ଓ ସମ୍ପାଦନା କରିଛନ୍ତି ଫଣୀନ୍ଦ୍ର ଭୂଷଣ ନନ୍ଦ । ଏହି ପତ୍ରଗୁଡ଼ିକ ମଧ୍ୟରୁ ତିନୋଟି ଭାଷାରେ ଲିଖିତ ହୋଇଥିବାବେଳେ, ଗୋଟିଏ ଇଂରାଜୀ ଭାଷାରେ ଲିଖିତ ହୋଇଛି । ଏହି ପତ୍ରଗୁଡ଼ିକ ମାୟାଧର ମାନସିଂହ, ବିଚ୍ଛନ୍ଦ ଚରଣ ପଟ୍ଟନାୟକ, ବିନୋଦ କୁମାର ପାଣ୍ଡେୟ, ବୃନ୍ଦାବନ ନାଥଶର୍ମାଙ୍କୁ ଲେଖୁଥିଲେ । ମାନସିଂହ ବିଚ୍ଛନ୍ଦଚରଣଙ୍କୁ ଲେଖିଥିବା ପ୍ରଥମ ପତ୍ରଟିରେ ଓଡ଼ିଆ ସାହିତ୍ୟିକମାନଙ୍କ ପାରସ୍ପରିକ ସମ୍ପର୍କ, ସାହିତ୍ୟ ଅନୁଷ୍ଠାନ ବିଶେଷ କରି ଉତ୍କଳ ସାହିତ୍ୟ ସମାଜ ସମ୍ପର୍କରେ ଆଲୋକପାତ କରିଛନ୍ତି । ଏଥିରେ ସେ ସମୟର ସାହିତ୍ୟିକମାନଙ୍କ ପାରସ୍ପରିକ ସମ୍ପର୍କ ଓ ସଂକଳକଙ୍କ ଭିତରେ ମାନସିଂହ କେଉଁଠି ଛିଡ଼ା ହୋଇଛନ୍ତି ଓ ନିଜକୁ କ'ଣ ଭାବୁଛନ୍ତି, ତା'ର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳେ । ସେହିପରି ମାୟାଧର ବୃନ୍ଦାବନ ନାଥଶର୍ମାଙ୍କୁ ଲେଖିଥିବା ଦୁଇଟି ପତ୍ର ମଧ୍ୟରୁ ପ୍ରଥମଟିରେ ସେ ନାଥଶର୍ମା ଦର୍ଶାଇଥିବା ଭୁଲ୍‌କୁ ସ୍ୱୀକାର କରିବା ସହ ତାଙ୍କ ଦ୍ୱାରା ପଠାଯାଇଥିବା 'ଶତଚିନ୍ତା' ପୁସ୍ତକର ପ୍ରାପ୍ତି ସ୍ୱୀକାର କରିଛନ୍ତି । ମାୟାଧର ମାନସିଂହ ମଧୁସୂଦନ ରାଓଙ୍କ କୌଣସି ପୁସ୍ତକ ତାଲିକାରେ ସ୍ଥାନ ପାଇନଥିବା ଏକ ପ୍ରମାଦ ଓ ତାକୁ ପରବର୍ତ୍ତୀ ସମୟରେ ସଂଶୋଧନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଚତୁର୍ଥ ପତ୍ରରେ ମାନସିଂହ ବୃନ୍ଦାବନ ନାଥଶର୍ମାଙ୍କ ତିରୋଧାନରେ ମର୍ମାହତ ହୋଇ ଏହି ଶୋକପୂର୍ଣ୍ଣ ପତ୍ରଟି ବୃନ୍ଦାବନଙ୍କ ସାନପୁଅ ଭୁବନେଶ୍ୱର ନାଥଶର୍ମାଙ୍କୁ ଲେଖୁଛନ୍ତି । ଏ ପତ୍ରରେ ବୃନ୍ଦାବନଙ୍କ ଜୀବନବ୍ୟାପି ସାହିତ୍ୟ ସାଧନାକୁ ପ୍ରଶଂସା କରିବା ସହିତ ପରିବାର ଲୋକଙ୍କୁ ମାୟାଧର ମାନସିଂହ ସମବେଦନା ଜଣାଇଛନ୍ତି । ଏହି ଚାରୋଟି ପତ୍ରଗୁଡ଼ିକୁ ଅନୁଧ୍ୟାନ କଲେ, ସେଥିରୁ ମାନସିଂହଙ୍କ ଲୋକସଂପର୍କ, ବୃତ୍ତି ଜୀବନ, ସାହିତ୍ୟିକ ଦର୍ଶନର ଚିତ୍ର ମିଳିଥାଏ ।

ଏଥିସହିତ ସମ୍ପାଦକ ଫଣୀନ୍ଦ୍ର ଭୂଷଣ ନନ୍ଦ କବି ଗଙ୍ଗାଧର ମେହେରଙ୍କ ଅପ୍ରକାଶିତ ପୁସ୍ତକ ସମୀକ୍ଷା, ଭୂମିକା, ପୁସ୍ତକ ସମ୍ପର୍କିତ ମନ୍ତବ୍ୟ ଓ ପତ୍ରାଦି ଗଦ୍ୟ ରଚନାକୁ 'ଏଷଣା' ପୃଷ୍ଠାରେ ସମ୍ପାଦନା କରିଛନ୍ତି । ଏଥିରେ ସେ ଗଙ୍ଗାଧରଙ୍କ ପାଞ୍ଚଟି ପୁସ୍ତକ ସମାଲୋଚନା ଓ ଦୁଇଟି ପତ୍ରକୁ ସମ୍ପାଦନା କରିବା ସହ ତାହା ସମ୍ପର୍କରେ ଆଲୋଚନା ମଧ୍ୟ କରିଛନ୍ତି । କବି ଶେଖର ଚିନ୍ତାମଣି ମହାନ୍ତିଙ୍କୁ ଲେଖିଥିବା ଦୁଇଟି ପତ୍ର ସମ୍ବନ୍ଧରେ ସମ୍ପାଦକ ଆଲୋଚନା କରିଛନ୍ତି । ଗଙ୍ଗାଧରଙ୍କ ପ୍ରଥମ ପତ୍ରଟି ପଦ୍ମପୁର, ୨୭.୧୧.୧୯୧୫ରେ ଲିଖିତ କଳ୍ପଲତା କାବ୍ୟର ପ୍ରାପ୍ତି ସ୍ୱୀକାର ସହିତ ଏହାର ଉତ୍କର୍ଷକୁ ଗଙ୍ଗାଧର ପ୍ରଶଂସା କରିଛନ୍ତି । 'ତପସ୍ୱିନୀ', 'ଅଯୋଧ୍ୟା ଦୃଶ୍ୟ' ଚିନ୍ତାମଣିଙ୍କୁ ପ୍ରେରଣ କରିବା କଥା କବି ଲେଖିଛନ୍ତି ଜଣେ ସତ୍ କବିଙ୍କ ଅନାବିଳ ଉକ୍ତି, ସ୍ନେହ ଓ ସୌହାର୍ଦ୍ଦ୍ୟର ଭାଷାରେ ପତ୍ରଟି ରସସିକ୍ତ। ଦ୍ୱିତୀୟ ପତ୍ରଟି ପଦ୍ମପୁରରୁ ୨୫.୭.୧୯୧୫ ତାରିଖରେ ରଚିତ । ଏଥିରେ ଚିନ୍ତାମଣିଙ୍କ 'ତୀର୍ଥକାଳ' ପୁସ୍ତକ ପ୍ରାପ୍ତିରେ ଆନନ୍ଦ ପ୍ରକାଶ କରାଯାଇଛି । ଏହି ପତ୍ର ଦୁଇଟି ଚିନ୍ତାମଣି ଓ ଗଙ୍ଗାଧରଙ୍କ ଅନାବିଳ ସଂପର୍କର ଅନନ୍ୟ ଦଲିଲ। ପତ୍ରରେ ସଂଯୋଜିତ ଗଙ୍ଗାଧରଙ୍କ ଗଦ୍ୟଭାଷା ତାଙ୍କର ଉଚ୍ଚକୋଟୀର ଚିନ୍ତନ ଶକ୍ତିର ପରିପ୍ରକାଶ ଗଙ୍ଗାଧରଙ୍କ ଗଦ୍ୟରଚନା ସୀମିତ । ସେହି ସୀମିତ ରଚନା ମଧ୍ୟରୁ ଅଳ୍ପମାତ୍ର ଲୋକଲୋଚନକୁ ଆସିଛି । ସଂପାଦକ ନନ୍ଦ ଏହି ଆଲୋଚନା ପ୍ରସ୍ତୁତିରେ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ, କବି ବ୍ରଜନାଥ ରଥ ଓ ଗବେଷକ ଦେବେନ୍ଦ୍ର କୁମାର ଦାଶଙ୍କ ସହଯୋଗକୁ କୃତଜ୍ଞତାର ସହିତ ସ୍ୱୀକାର କରିଥିବାର ଆଲୋଚନାରେ ଦେଖାଯାଏ । ସେହିପରି ପଠାଣି ସାମନ୍ତ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଲେଖିଥିବା ଚାରୋଟି ଚିଟାଉକୁ ହରେକୃଷ୍ଣ ପାତ୍ର ସମ୍ପାଦନା କରିଛନ୍ତି । ଯୋଗେଶଚନ୍ଦ୍ର ରାୟଙ୍କୁ ତିନୋଟି ଚିଟାଉ, ରୁଦ୍ରନାରାୟଣ ଜ୍ୟୋତିଭୂଷଣଙ୍କୁ ଗୋଟିଏ ଚିଟାଉ ପଠାଣି ସାମନ୍ତ ଲେଖୁଥିଲେ । ଏହି ଚିଟାଉ ଗୁଡ଼ିକୁ ଅନୁଧ୍ୟାନ କଲେ, ପଠାଣି ସାମନ୍ତଙ୍କ ଓଡ଼ିଆ ଓ ସଂସ୍କୃତ ସାହିତ୍ୟ ପ୍ରତି ଥିବା ଅନୁରାଗ ଜଣାପଡ଼େ ସମ୍ପାଦକ ହରେକୃଷ୍ଣ ପାତ୍ର ପଠାଣି ସାମନ୍ତଙ୍କ ପତ୍ରଗୁଡ଼ିକୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରୁ ଅନୁମତି କ୍ରମେ ସଂଗ୍ରହ କରି 'ଏଷଣା' ପୃଷ୍ଠାରେ ପ୍ରକାଶ କରିଛନ୍ତି।

ଓଡ଼ିଆ ଗବେଷଣା ପରିଷଦ ଓଡ଼ିଆ ସମ୍ପାଦନା ସାହିତ୍ୟ ନିମନ୍ତେ ଗ୍ରହଣ କରିଥିଲା ଏକ ଯୁଗାନ୍ତକାରୀ ପଦକ୍ଷେପ । ବିସ୍ମୃତ ସମୟ ସ୍ରୋତରେ ଧୀରେ ଧୀରେ ଲୀନ ହୋଇ ଯାଉଥିବା କେତେକ ପ୍ରାଚୀନ କୃତିଗୁଡ଼ିକୁ ଉଦ୍ଧାର କରି ତାହାକୁ ଆଲୋକର ମାର୍ଗ ଦେଖାଇଥିଲା । କେବଳ ପ୍ରାଚୀନ ନୁହେଁ ଦୁଷ୍ପ୍ରାପ୍ୟ ଆଧୁନିକ ରଚନା ଗୁଡ଼ିକୁ ମଧ୍ୟ ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିଲା । ଗବେଷଣା ପରିଷଦ ସହ ଜଡ଼ିତ ସଦସ୍ୟ-ସଦସ୍ୟାମାନେ ମଧ୍ୟ ଏଥିନିମିତ୍ତ କମ୍ ଉଦ୍ୟମ କରିନଥିଲେ । ସେମାନେ ଓଡ଼ିଶାର କୋଣ ଅନୁକୋଣର ଅଞ୍ଚଳ ଭିତ୍ତିରେ ଲୁଚି ରହିଥିବା ଲୋକ-ସାହିତ୍ୟ ଓ ସଂସ୍କୃତିକୁ ଉଦ୍ଧାର, ସଂଗ୍ରହ ଓ ସମ୍ପାଦନା କରି

ଏଷଣା ପୃଷ୍ଠାରେ ପ୍ରକାଶ କରିଥିଲେ । ଏଷଣା ଓଡ଼ିଆ ଗ୍ରନ୍ଥ ସମ୍ପାଦନାକୁ ଦେଖାଇଛି ନୂତନ ମାର୍ଗ । ଓଡ଼ିଶାର ସାହିତ୍ୟ, ସଂସ୍କୃତି, ଇତିହାସ ପ୍ରଭୃତି ଚିତ୍ର ଏହି ସମ୍ପାଦନା କର୍ମ ମଧ୍ୟରେ ନିହିତ ରହିଛି । ପୂର୍ବର 'ପ୍ରାଚୀ ସମିତି' ପରେ ଗବେଷଣା ପରିଷଦ ସମ୍ପାଦନାକୁ ମୁଖ୍ୟ କର୍ମ ରୂପେ ଗ୍ରହଣ କରିଛି । ଏହିପରି ଭାବରେ ଓଡ଼ିଆ ଗବେଷଣା ପରିଷଦର ମୁଖପତ୍ର 'ଏଷଣଶ' ୧୯୮୦ ମସିହା ତା' ଜନ୍ମକାଳରୁ ସମ୍ପାଦନା ସାହିତ୍ୟରେ ପାଦ ଥାପିଥିଲା । ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ଗଦ୍ୟରଚନା ସହ ବ୍ୟକ୍ତି ବିଶେଷଙ୍କ ପତ୍ରାବଳୀକୁ ସୁସମ୍ପାଦିତ କରି ପାଠକ ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ପାରିଥିଲା । ଯାହା 'ଏଷଣା'ରେ ସମ୍ପାଦନା କର୍ମକୁ ଦେଖିଲେ ବାରିହୁଏ ।

## ସହାୟକ ଗ୍ରନ୍ଥସୂଚୀ :


୧. ଏଷଣା-୪ର୍ଥ ଖଣ୍ଡ : ମାର୍ଚ୍ଚ ୧୯୮୨, କଟକ, ଓଡ଼ିଆ ଗବେଷଣା ପରିଷଦ, ପୃଷ୍ଠା-୧୪୨

୨. ପଟ୍ଟନାୟକ, ଆଶୁତୋଷ, ପ୍ରାଚୀନ ପୋଥି ଶୁଦ୍ଧ ସମ୍ପାଦନା ଓ ଅନୁବାଦ କୌଶଳ, ଅମିତ ବିକ୍ରମ ପଟ୍ଟନାୟକ, ପ୍ରଥମ ସଂସ୍କରଣ, ୧୯୮୮, ପୃଷ୍ଠା-୧

୩. ଏଷଣା-୪ ଖଣ୍ଡ : ମାର୍ଚ୍ଚ ୧୯୮୨, କଟକ, ଓଡ଼ିଆ ଗବେଷଣା ପରିଷଦ, ପୃଷ୍ଠା-୧୪୪

୪. ଏଷଣା- ୭୨ ଖଣ୍ଡ : ଜୁନ୍ ୨୦୧୬, କଟକ, ଓଡ଼ିଆ ଗବେଷଣା ପରିଷଦ, ପୃଷ୍ଠା-୧୫୭

୫. ଏଷଣା-୪ ଖଣ୍ଡ : ମାର୍ଚ୍ଚ ୧୯୮୨, କଟକ, ଓଡ଼ିଆ ଗବେଷଣା ପରିଷଦ, ପୃଷ୍ଠା-୧୪୪

୬. ଏଷଣା-୭୨ ଖଣ୍ଡ : ଜୁନ୍ ୨୦୧୬, କଟକ, ଓଡ଼ିଆ ଗବେଷଣା ପରିଷଦ, ପୃଷ୍ଠା-୧୬୧

୭. ମିଶ୍ର, ପୂର୍ଣ୍ଣଚନ୍ଦ୍ର; ପାଠାଲୋଚନାର ଭୂମିକା, ପୁରୀ, ଜୟନ୍ତୀ ମିଶ୍ର, ୧ମ ସଂସ୍କରଣ, ୧୯୯୦, ପୃଷ୍ଠା-୬୧

୮. ତତ୍ରୈବ, ପୃଷ୍ଠା-୬୧

୯. ଉତ୍କଳ ଦୀପିକା, ୧ମ ଭାଗ, ୧୨ ସଂଖ୍ୟା, ତା- ୨୦.୧୦.୧୮୬୬ (ସୌଜନ୍ୟ- ମିଶ୍ର, ପୂର୍ଣ୍ଣଚନ୍ଦ୍ର, ପାଠାଲୋଚନାର ଭୂମିକା, ପୁରୀ, ଜୟନ୍ତୀ ମିଶ୍ର, ୧ମ ସଂସ୍କରଣ, ୧୯୯୦, ପୃଷ୍ଠା-୬୪)

୧୦.ଉତ୍କଳ ଦୀପିକା, ୧ମ ଭାଗ, ୧୩ ସଂଖ୍ୟା, ତା- ୩.୧୧.୧୮୬୬ (ସୌଜନ୍ୟ- ପଟ୍ଟନାୟକ, ଆଶୁତୋଷ, ପ୍ରାଚୀନ ପୋଥି ଶୁଦ୍ଧ ସମ୍ପାଦନା ଓ ଅନୁବାଦ କୌଶଳ, ଅମିତ ବିକ୍ରମ ପଟ୍ଟନାୟକ, ପ୍ରଥମ ସଂସ୍କରଣ, ୧୯୮୮, ପୃଷ୍ଠା-୫୭)

୧୧.ଉତ୍କଳ ଦୀପିକା, ୨/୩୨, ତା- ୧୦.୦୮.୧୮୬୭ (ସୌଜନ୍ୟ- ମିଶ୍ର ପୂର୍ଣ୍ଣଚନ୍ଦ୍ର, ପାଠାଲୋଚନାର ଭୂମିକା, ପୁରୀ, ଜୟନ୍ତୀ ମିଶ୍ର, ୧ମ ସଂସ୍କରଣ, ୧୯୯୦, ପୃଷ୍ଠା-୬୫)

୧୨.ବାଲେଶ୍ୱର ସମ୍ବାଦବାହିକା, ତା- ୧.୫.୧୮୭୭ (ସୌଜନ୍ୟ- ପଟ୍ଟନାୟକ, ଆଶୁତୋଷ, ପ୍ରାଚୀନ ପୋଥି ଶୁଦ୍ଧ ସମ୍ପାଦନା ଓ ଅନୁବାଦ କୌଶଳ, ଅମିତ ବିକ୍ରମ ପଟ୍ଟନାୟକ, ପ୍ରଥମ ସଂସ୍କରଣ, ୧୯୮୮, ପୃଷ୍ଠା-୫୭)

୧୩. ସମାଜ, ତା- ୧୩.୩.୧୯୨୬ (ସୌଜନ୍ୟ-ସାମନ୍ତରାୟ, ନଟବର, ଓଡ଼ିଆ ସାହିତ୍ୟକୁ ଅଧ୍ୟାପକ ଆର୍ତ୍ତବଲ୍ଲଭଙ୍କ ଦାନ, ଭୁବନେଶ୍ୱର-୨, ବଡ଼ଦାଣ୍ଡ ସାହି, ଗନ୍ଧର୍ବ ଶତପଥୀ, ପୃଷ୍ଠା-୩୪)

୧୪.ତତ୍ରୈବ, ପୃଷ୍ଠା-୩୪

୧୫.ତତ୍ରୈବ, ପୃଷ୍ଠା-୩୨

୧୬.ତତ୍ରୈବ, ପରିଶିଷ୍ଟ (୧)

୧୭.ଏଷଣା-୭୫ ଖଣ୍ଡ : ଡିସେମ୍ବର ୨୦୧୭, କୃଷ୍ଣଚରଣ ବିଶେଷାଙ୍କ, କଟକ, ଓଡ଼ିଆ ଗବେଷଣା ପରିଷଦ, ପୃଷ୍ଠା-୮୫

୧୮.ତତ୍ରୈବ, ପୃଷ୍ଠା-୮୫


❖ ❖ ❖

DOI : https://doi.org/10.5281/zenodo.17553442

ମୂଳ ପ୍ରବନ୍ଧ

# ବିଦ୍ର ମିଶ୍ରଙ୍କ 'ମଣିଷ ଭାଲୁ' ରମ୍ୟରଚନାରେ ସାମାଜିକ ମୂଲ୍ୟବୋଧ

**କାମାକ୍ଷା ବେହେରା**

**ସଂକ୍ଷିପ୍ତସାର :**

ରମ୍ୟରଚନା ସାହିତ୍ୟ ହେଉଛି ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଅନ୍ୟତମ ପ୍ରକୃଷ୍ଟ ବିଭାଗ। ସଂପ୍ରତି ଏହା ନିଜର ଆଙ୍ଗିକ ଓ ଆତ୍ମିକ ବିଭବ ଦ୍ୱାରା ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଦେଶ ତଥା ଜାତିର ବିଭିନ୍ନ ଦିଗ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଅତି ସରଳ, ସାବଲୀଳ ଭାଷାରେ ପାଠକମାନଙ୍କ ନିକଟରେ ପହଂଚାଇଥାଏ। ଏଥିରେ ଥାଏ ସାମାଜିକ ଅସଙ୍ଗତି କାର୍ଯ୍ୟ କରୁଥିବା ମଣିଷମାନଙ୍କ ପାଇଁ ବ୍ୟଙ୍ଗ-ବିଦ୍ରୂପର ସ୍ୱର ଓ ସମାଜରେ ଶାନ୍ତି ଓ ଆଦର୍ଶ ପ୍ରଣୟନ ପାଇଁ ପ୍ରଚେଷ୍ଟା। ଉତ୍ତରଅଶୀ ପରବର୍ତ୍ତୀ ସମୟରେ ତତ୍‌କାଳୀନ ସମାଜର ବିଭିନ୍ନ ଦିଗ ଓ ମଣିଷମାନଙ୍କ ବିଚିତ୍ର କାର୍ଯ୍ୟାକଳାପକୁ ରମ୍ୟରଚକ ବିଦ୍ର ମିଶ୍ର ଅତି ଚମତ୍କାର ରୂପେ ଚିତ୍ରିତ କରିଛନ୍ତି। ତାଙ୍କ ରମ୍ୟସଙ୍କଳନଗୁଡ଼ିକ ମଧ୍ୟରୁ 'ମଣିଷ ଭାଲୁ' ରମ୍ୟସଙ୍କଳନଟି ସାମାଜିକ ଚେତନାଧର୍ମୀ ଏକ ସାର୍ଥକ ଗ୍ରନ୍ଥ।

**ପ୍ରମୁଖ ଶବ୍ଦାବଳୀ :**

ରମ୍ୟରଚନା, ହାସ୍ୟରସ, ବ୍ୟଙ୍ଗ, ବିଦ୍ରୂପ, ବ୍ୟକ୍ତିଗତ ଦୃଷ୍ଟିକୋଣ, ଲାଳିତ୍ୟ, ସମାଜ, ରାଜନୀତି, ସଂସ୍କୃତି ।

**ଉପକ୍ରମ :**

ଅଶୀ ପରବର୍ତ୍ତୀ ରମ୍ୟରଚନା ସାହିତ୍ୟ ଜଗତର ଅନ୍ୟତମ ବିଶିଷ୍ଟ ରମ୍ୟରଚନାକାର ଭାବେ ବିଦ୍ର ମିଶ୍ର ସୁପରିଚିତ। ବ୍ୟଙ୍ଗ ବିଦ୍ରୂପ ମାଧ୍ୟମରେ ଦେଶର ଭାରତୀୟ ଶାସନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବା ନିମନ୍ତେ ସେ ପ୍ରଚେଷ୍ଟା କରିଥିଲେ । କଥାକୁ ପ୍ରତ୍ୟକ୍ଷ ଭାବରେ ନକହି ତୀର୍ଯ୍ୟକ ଭାବେ ପ୍ରକାଶ କରିବାରେ ସେ ଖୁବ୍ ସିଦ୍ଧହସ୍ତ। ତାଙ୍କ ବ୍ୟଙ୍ଗ ବା ରମ୍ୟରଚନାଗୁଡ଼ିକ ପରୋକ୍ଷରେ ଆଧୁନିକ ମଣିଷ ପାଇଁ ଗୋଟିଏ ଗୋଟିଏ ଚେତାବନୀ। ତାଙ୍କ ଦୃଷ୍ଟିରେ ହାସ୍ୟରସ ପ୍ରବାହ ବିହୀନ ଆମ ସାମାଜିକ ଓ ସାହିତ୍ୟିକ ଜୀବନ ଆଜି କେବଳ ଶୁଷ୍କ, ରୁକ୍ଷ, ନିର୍ଜୀବ ଓ ରଙ୍ଗହୀନ; କାରଣ ଏହା ମଣିଷର ମନକୁ ଓ ବୁଦ୍ଧିକୁ ନିର୍ମଳ ଓ ସୁସ୍ଥସୁନ୍ଦର କରିଥାଏ। ଯେତେବେଳେ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ହାସ୍ୟରସର ପ୍ରବାହ ନଥାଏ, ସେ ଜାତି ଓ ସେ ଜାତିର ବ୍ୟକ୍ତିତ୍ୱ ମଳିନ ହୋଇପଡ଼େ ବୋଲି ସେ ବିଶ୍ୱାସ କରନ୍ତି। ତେଣୁ ସାହିତ୍ୟ ବା ରମ୍ୟରଚନା ମାଧ୍ୟମରେ ସେ ହାସ୍ୟରସକୁ ପ୍ରସାରିତ କରିବାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଥିଲେ।

ରମ୍ୟରଚକ ମିଶ୍ରଙ୍କ ହାସ୍ୟରସ, ବ୍ୟଙ୍ଗ-ବିଦ୍ରୂପ ଓ ଶ୍ଳେଷ ଆଦି ବିଷୟରେ ଗଭୀର ପ୍ରବେଶ ରହିଥିଲା। ବ୍ୟକ୍ତି ଓ ସମାଜ ଜୀବନର ନାନା ହାସ୍ୟକର ଅସଂଗତିକୁ ସେ ନିଜସ୍ୱ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ବିଶ୍ଳେଷଣ କରଛନ୍ତି। ନିଜର ପ୍ରତ୍ୟେକ ବିଷୟବସ୍ତୁ ସେ ଅତି ସ୍ୱଚ୍ଛଳ ଓ କୌତୁକମୟ ଭାଷାରେ ପ୍ରକାଶ କରିଛନ୍ତି। ତାଙ୍କ ରମ୍ୟରଚନା ମଧ୍ୟରେ କୌଣସି ଅଶ୍ଳୀଳତା ବା ନିର୍ଲଜତାକୁ ଦେଖିବାକୁ ମିଳିନଥାଏ, ପ୍ରତିବଦଳରେ ରହିଥାଏ ମାର୍ଜିତ ଉଦ୍‌ଭବ୍ୟ ସୁରୁଚିପୂର୍ଣ୍ଣ ଅଭିବ୍ୟକ୍ତି ।

**ଯୋଗାଯୋଗ : କାମାକ୍ଷା ବେହେରା,** ଗବେଷକ, ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି
**Email:** beherakamakhya@gmail.com
**ORCID ID:** https://orcid.org/0009-0004-6821-5670

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୫.୦୫.୨୦୨୫ | ୧୨.୦୬.୨୦୨୫ | ୨୫.୦୯.୨୦୨୫ | ୧.୧୦.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବେହେରା, କାମାକ୍ଷା; ୨୦୨୫। ବିଦ୍ର ମିଶ୍ରଙ୍କ 'ମଣିଷ ଭାଲୁ' ରମ୍ୟରଚନାରେ ସାମାଜିକ ମୂଲ୍ୟବୋଧ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଛ, ପୃଷ୍ଠା : ୪୯-୫୨ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

**Available online at :** https://pracheenews.com/

**DOI:** https://doi.org/10.5281/zenodo.17553442
Article No - BPP00348

ରମ୍ୟରଚକ ଅପ୍ରିୟ ସତ୍ୟ କଥା କହି ଓ ଲେଖି ଅନେକଙ୍କର ଘୃଣାର ପାତ୍ର ସାଜିଥିଲେ ହେଁ, ସେ କେବେ ଏ କ୍ଷେତ୍ରରୁ ପଛାଇନଥିଲେ। ତାଙ୍କ ଦୃଷ୍ଟିରେ ହୃଦୟରେ କବିତା(ବ୍ୟଙ୍ଗଧର୍ମୀ) ଲେଖିବା ପାଇଁ ଏକ ପ୍ରକାର ଧୃଷ୍ଟତା ନଥିଲେ ପୁସ୍ତକଟି ପୂର୍ଣ୍ଣାଙ୍ଗ ହୁଏ ନାହିଁ। ବ୍ୟଙ୍ଗ ସାହିତ୍ୟର ଅକ୍ଷାଂଶ ଦ୍ରାଘିମାରେ ସେ ଯେଉଁ ସଂସ୍କୃତି ଉପରେ ଅପସଂସ୍କୃତିର ଆକ୍ରମଣକୁ ଦେଖିଥିଲେ ତାହାକୁ ଅତି ଚମତ୍କାର ଭାବେ ରୂପ ଦେଇଥିଲେ ନିଜ ରମ୍ୟରଚନା ମଧ୍ୟରେ।

୧୯୯୫ ମସିହାରେ ବିଦ୍ର ମିଶ୍ରଙ୍କ ପ୍ରଥମ ରମ୍ୟରଚନା ଗ୍ରନ୍ଥ 'କ୍ୟାପିଟାଲିଆ ହଡା' ପ୍ରକାଶ ପାଏ । ସାମ୍ପ୍ରତିକ ଆମ ସମାଜରେ ରାଜନୀତି, ଧର୍ମ, ବାଣିଜ୍ୟ ଓ ସାହିତ୍ୟ-ସଂସ୍କୃତିର ଶୋଚନୀୟ ଅଧୋଗତିର ଚିତ୍ର ଏଥିରେ ପ୍ରଦତ୍ତ। ତାଙ୍କର 'ମଣିଷ ଭାଲୁ' ୨ୟ ରମ୍ୟରଚନା ଗ୍ରନ୍ଥ ଭାବେ ପ୍ରକାଶ ପାଏ ୧୯୯୭ ମସିହାରେ । ପ୍ରଗତି ଓ ଅଗ୍ରଗତି ବାହାନାରେ ବ୍ୟକ୍ତି ତଥା ସମାଜର ଅଧୋଗତିଧର୍ମୀ ଦିଗଗୁଡ଼ିକୁ ସେ ଏହି ଗ୍ରନ୍ଥରେ ସଫଳ ଭାବେ ରୂପ ପ୍ରଦାନ କରିଛନ୍ତି। ରମ୍ୟରଚକ ଦୈନନ୍ଦିନ ଜୀବନରେ ପ୍ରତ୍ୟକ୍ଷ ଭାବେ ଅଙ୍ଗେ ନିଭାଇଥିବା ସମାଜର ପ୍ରତ୍ୟେକ ଅନ୍ଧକାର ଦିଗକୁ ପାଠକ ଆଗରେ ଉପସ୍ଥାପନା କରିଛନ୍ତି। ଭାରତର ପ୍ରତ୍ୟେକ ଅମଣିଷମାନଙ୍କୁ ମଣିଷ କରିବା ପାଇଁ ତାଙ୍କର ଏହି ରଚନା ସଚେଷ୍ଟିତ। ସେ ସମାଜର କିଛି ଅମଣିଷମାନଙ୍କ ସଂସ୍ପର୍ଶରେ ଆସି ଏହି ବହିଟିକୁ ଲେଖିଥିଲେ ଓ ଏହା ଗ୍ରନ୍ଥ ରଚନାରେ ମଧ୍ୟ ତାଙ୍କୁ ସାହାର୍ଯ୍ୟ କରିଥିଲା। ସମୁଦାୟ 'ମଣିଷ ଭାଲୁ' ଗ୍ରନ୍ଥଟିରେ ସ୍ଥାନିତ ୧୨ ଗୋଟି ରମ୍ୟରଚନାରେ ଶ୍ରୀ ମିଶ୍ର ସାମ୍ପ୍ରତିକ ସମୟର କଳୁଷିତ ରାଜନୀତି, ସାମାଜିକ ଅବକ୍ଷୟତା, ଆଧୁନିକ ମଣିଷର ପତନ ଏବଂ ସାଂପ୍ରତିକ କାଳର କୁଟିଳ ଗତିକୁ ବିଶ୍ଳେଷଣ କରିଛନ୍ତି।

ସଂପ୍ରତି ଭାରତ ସାରା ବିଶ୍ୱରେ ଏକ ଧର୍ମ ନିରପେକ୍ଷ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ବିଜୟର ପତାକା ଉଡ଼ାଉଛି, ମାତ୍ର ଦେଶର ଏହି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ମଧ୍ୟରେ ପ୍ରବେଶ କରିଛି କଳୁଷିତ ରାଜନୀତି। ସମକାଳୀନ ସମୟରେ ଭାରତର ରାଜନୀତି ପରିଣତି ହୋଇଛି ପାଂଚବର୍ଷିଆ କୋଟିପତି ଯୋଜନାରେ ଏବଂ ରାଜନୈତିକ ନେତାଗଣ ଜନତାଙ୍କ ସେବା ପରିବର୍ତ୍ତେ ମାତିଛନ୍ତି ନିଜ ସ୍ୱାର୍ଥ ହାସଲରେ। ମଣିଷ ଭାଲୁ ସଙ୍କଳନର ପ୍ରଥମ ରମ୍ୟରଚନା 'ମନ୍ତ୍ରୀଙ୍କ ଭାଗବତ ଟୁଙ୍ଗୀ'ରେ ସାମ୍ପ୍ରତିକ ରାଜନୀତି ବ୍ୟବସ୍ଥା ଖଳ ଓ ଗୁଣ୍ଡା ଲୋକଙ୍କ ଦ୍ୱାରା କବଳିତ ହୋଇଛି। ଏଥିରେ ସାଧୁ ମଣିଷଟିଏ ପ୍ରାର୍ଥୀ ଭାବେ ତିଷ୍ଠି ରହିବା ଅସମ୍ଭବ ହୋଇପଡ଼ିଛି ତାହା ପ୍ରତିପାଦିତ। କେବଳ ଶାସନ ବ୍ୟବସ୍ଥା କାହିଁକି ସାହିତ୍ୟକ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖିବାକୁ ମିଳିଛି। ସାହିତ୍ୟ ରଚନା ଓ ପ୍ରକାଶନ ଏକ ପବିତ୍ର କର୍ମ ହୋଇଥିଲେ ହେଁ ଆଜି ଏହା ନୈତିକ ପଥରୁ ବିଚ୍ୟୁତ ହୋଇଛି। ପଣ୍ଡିତ ମିଶ୍ରଙ୍କ 'ଟୁଟୁ ବୋଉର ପାଦ' ରମ୍ୟରଚନାରେ ସାହିତ୍ୟ ପରିଣତ ହୋଇଛି ଏକ ବ୍ୟବସାୟରେ, ଯେଉଁଥିରେ ସାହିତ୍ୟର ରକ୍ଷା ଓ ବିକାଶ ନିମନ୍ତେ ପୁସ୍ତକ ମେଳାର ଆୟୋଜନ ପୂର୍ବକ ଶିଳ୍ପପତିଙ୍କୁ ଆମନ୍ତ୍ରିତ କରି ଖାଇବା ପିଇବାକୁ ଦେବା, ଶିଳ୍ପପତିଙ୍କୁ ଡାକି କବିତା ଆସର କରିବା ଓ ସେଥିରେ ମହାପ୍ରସାଦର ବ୍ୟବସ୍ଥା କରିବା ଓ ଯୁବ ସାହିତ୍ୟିକଙ୍କ ଠାରୁ ଅର୍ଥ ସଂଗ୍ରହ କରି ସେମାନଙ୍କୁ ପୁରସ୍କାର ଦେବା ଆଦି ଚିତ୍ର ଦେଖିବାକୁ ମିଳିଛି। ଏହା ସହ ନାୟକ 'ରୁଦ୍ରପ୍ରସାଦ'ଙ୍କ କବିତାରେ 'ଟୁଟୁବୋଉ'ର ପାଦ ସମାଜର ହିତ ପାଇଁ ତ୍ୟାଗ କରିବାର ଯେଉଁ ବର୍ଣ୍ଣନା ରହିଛି ତାହା ଅତ୍ୟନ୍ତ ହାସ୍ୟଉଦ୍ଦୀପକ ହୋଇଛି।

ଶ୍ରୀ ମିଶ୍ରଙ୍କ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଆମ ଭାରତୀୟ ପ୍ରଶାସନିକ ବ୍ୟବସ୍ଥାର ଅବହେଳିତ ଦିଗଟି ବାଦ୍ ପଡ଼ିନାହିଁ। ପ୍ରଶାସନିକ କ୍ଷେତ୍ରରେ ସରକାରୀ କର୍ମଚାରୀଙ୍କ ଅବହେଳା ଓ ଉଚ୍ଚପଦସ୍ଥ ଅଫିସରଙ୍କୁ ନିମ୍ନପଦସ୍ଥ କର୍ମଚାରୀଙ୍କ ତେଲ ମାରିବା ପ୍ରସଙ୍ଗକୁ ସେ ତାଙ୍କ 'ତେଲ ଓ ପ୍ରତିମୂର୍ତ୍ତୀ ଉନ୍ମୋଚନ' ରମ୍ୟରଚନାରେ ବିଶ୍ଳେଷଣ କରିଛନ୍ତି। ଏଥିରେ ଅଧିନସ୍ଥ କର୍ମଚାରୀ ଓ ଅଫିସରମାନଙ୍କ ବଡ଼ ଅଫିସରମାନଙ୍କୁ ବିଭିନ୍ନ ଦ୍ରବ୍ୟ ଦେଇ, ମିଥ୍ୟା ପ୍ରଶଂସା କରି ନିଜ ସ୍ୱାର୍ଥ ହାସଲ କରିଥାନ୍ତି ତାହା ପ୍ରତି ଲେଖକଙ୍କ ବ୍ୟଙ୍ଗାତ୍ମକ ଦୃଷ୍ଟିକୋଣ ପ୍ରକାଶ ପାଇଛି, ଲେଖକଙ୍କ ଭାଷାରେ- "ମୋର ଏବେ ବି ନାଥ ଅଜାଙ୍କ କଥା ମନେ ଅଛି। ଖଦଡ଼ ଧୋତି, 'ତେଇ ସହ ଗାନ୍ଧୀ ଟୋପି ପିନ୍ଧି ବଙ୍କୁଲିବାଡ଼ି ଧରି ଗାଁର, ରବିବାରିଆ ଦାଣ୍ଡରେ ଯାଉ ଯାଉ, ସହର ଫେରନ୍ତା ଚାକିରିଆ ଟୋକାଙ୍କୁ ଅଜା, ଡାକ ଛାଡୁଥିଲେ- 'ଆରେ ଗୋଲାମ ନଗରୀର ଚାକର ପୁଏ, ଆରେ ତେଲ ମରାମରି କରିପାରୁଛ ନା ନାହିଁରେ? ଆରେ ବ୍ରିଟିଶବାଲା ପରା ଧରି ଆସିଥିବା ତେଲଟାକୁ ଆମ ଦେଶଟା ଯାକ ଢାଳି ଦେଇଛନ୍ତି। ଆରେ ତେଲମାରି ଚାକିରୀ ବଂଚାଇ ରଖରେ, ନହେଲେ ଚକି କାଟିଲା ମାର୍କେ, ନାଟ୍ ଖାଇ ଖାଇ କେତେବେଳେ ତଳେ ପଡ଼ି ଯିବଟି।"(୧)

ସେହିପରି ସାମ୍ପ୍ରତିକ ସମାଜ/ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ 'ସମ୍ବାଦ'ର ଅବକ୍ଷୟର ଚିତ୍ରକୁ ସେ ଆକର୍ଷଣୀୟ ଭାବେ ନିଜ ରଚନାରେ ପ୍ରତିପାଦିତ କରିଛନ୍ତି। ତାଙ୍କ 'ସ୍ମୃତିଚାରଣ କମିଟି'ରେ ଆଜି ସମ୍ବାଦ (ସାମ୍ବାଦିକ ଓ ସଂପାଦକ) ଅର୍ଥଲୋଭର ବଶବର୍ତ୍ତୀ ହୋଇ ସତ୍ୟ ଉନ୍ମୋଚନ ଦିଗରେ ଗୁରୁତ୍ୱ ନଦେଇ ନିଜକୁ ଏକ ବ୍ୟବସାୟର ରୂପ ଦେଇଛି। ଏହା ସହ ସମ୍ବାଦ ସହ ଜଡ଼ିତ ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ମଧ୍ୟ ଏଥିରେ ସୁଧାର ଆଣିବା ପରିବର୍ତ୍ତେ ଏହି ଚତୁର୍ଥ ସ୍ତମ୍ଭ ଉପରେ ଅର୍ଥର ଭାର ଲଦିଦେଇ ଶୋଷଣ କରିବାକୁ କିପରି ପଛାଇନାହାନ୍ତି ତାହା ଦର୍ଶାଇ ଦେଇଛନ୍ତି।

ମାନବର ଇତିହାସ ପ୍ରତି ଦୃଷ୍ଟିପାତ କଲେ ଆମେ ଜାଣିବାକୁ ପାଇବା ଯେ, ସମୟକ୍ରମେ ମଣିଷ ତାର ଆଦିମ ଅବସ୍ଥାରୁ ବାହାରି ଆସି ଏକ ଗୋଷ୍ଠିମୟ, ସରଳ ଓ ନୈତିକଧର୍ମୀ ସାମାଜିକ ଜୀବନକୁ

ଗ୍ରହଣ କରିଥିଲା; କିନ୍ତୁ ଆଜିର ମଣିଷ ଆଧୁନିକତା ନାମରେ ନିଜ ମଧ୍ୟରୁ ସରଳତା, ନୈତିକତା ଓ ଆଦର୍ଶବାଦ ଆଦିରୁ ଦୂରେଇ ଦେଇ ଏକ ଛଳନାତ୍ମକ ମୁଖା ପରିଧାନ କରିଛି। ଆଧୁନିକ ସମାଜର ଏହି ଛଳନାଧାରୀ ମଣିଷମାନଙ୍କ ପ୍ରତାରଣା ଛଳଆଚରଣ ଓ କାର୍ଯ୍ୟକଳାପକୁ ନେଇ ତାଙ୍କ 'ଜମିକିଣା ବ୍ୟାପାର', 'ମଣିଷ ଭାଲୁ', 'ଆଶ ଶହୀଦ୍ ହେବା', 'ବାହାଘର ମାର୍କା ଘରପ୍ରତିଷ୍ଠା', 'କରିଦେ ଭିକାରୀ ମୋତେ' ଓ 'ମେଡ୍ ଇନ୍ ଇଣ୍ଡିଆ' ଆଦି ରମ୍ୟରଚନାଗୁଡ଼ିକର ସୃଷ୍ଟି।

ଆଧୁନିକ ଜୀବନରେ ମଣିଷ ପରସ୍ପରକୁ ପ୍ରତ୍ୟେକ କ୍ଷେତ୍ରରେ କେବଳ ଠକିବାରେ ଲାଗିଛି। ସରଳତାର ମୁଖା ପରିଧାନ ପୂର୍ବକ ସାଧାରଣ ଦ୍ରବ୍ୟ କ୍ରୟ-ବିକ୍ରୟ ଠାରୁ ଆରମ୍ଭ କରି ଭଗବତ୍ ପ୍ରାପ୍ତି ପର୍ଯ୍ୟନ୍ତ ଏହି ଖେଳକୁ ଦେଖିବାକୁ ମିଳିଛି। ଶ୍ରୀ ମିଶ୍ରଙ୍କ 'ଜମିକିଣା ବ୍ୟାପାର' ରଚନାଟିରେ ସମକାଳୀନ ଜମି କିଣା-ବିକା ପ୍ରସଙ୍ଗକୁ ଅବତାରଣ କରିଛନ୍ତି। ଏଥିରେ ସେ ଜମି କିଣା-ବିକା ସମୟରେ ସାଧାରଣ ଲୋକଟିଏ କିପରି ଅନେକ ସମୟରେ ମାଲିକ ତଥା ମଧ୍ୟସ୍ଥି ଦ୍ୱାରା ପ୍ରତାରିତ ହୋଇଥାଏ, ମଧ୍ୟସ୍ଥି ତାର ଅର୍ଥ ଲୋଭରେ ଗୋଟିଏ ଜମିକୁ ଅନେକ ସରଳ ଲୋକଙ୍କୁ ବିକି ପ୍ରତାରିତ କରିଥାଏ ଓ ସରଳ ଲୋକଟି ଏହି କ୍ଷେତ୍ରରେ ପ୍ରତାରଣା ଶିକାର ହୋଇ ନିଜର ସର୍ବସ୍ୱ ହରାଇ ବସେ ଏହି ସବୁ ପ୍ରସଙ୍ଗକୁ ଅବତାରଣ କରିଛନ୍ତି।

ସମଧର୍ମୀ 'ମଣିଷ ଭାଲୁ' ରମ୍ୟରଚନାରେ 'ଧର୍ମ'କୁ ମାଧ୍ୟମ କରି ଧର୍ମ ସେବକମାନଙ୍କର ନୀରିହ ଲୋକମାନଙ୍କୁ ଶୋଷଣ କରିବାର ଚିତ୍ର ପ୍ରତିଫଳିତ ହୋଇଛି। ସରଳ ଜନତା ପ୍ରତି ଏହି ସେବକମାନଙ୍କ ଛଳନାମୟ ବ୍ୟବହାର, ପ୍ରତାରଣା, ନିର୍ଯ୍ୟାତନା ଓ ଶୋଷଣର ଚିତ୍ରକୁ ସେ 'ମେଘମହ୍ଲାର' ବାବୁଙ୍କ ପୁରୀ ଗମନ ଦୃଶ୍ୟ ମାଧ୍ୟମରେ ପାଠକକୁ ଦର୍ଶାଇ ଦେଇଛନ୍ତି। ରଚନାଟିରେ ମେଘମହ୍ଲାର ବାବୁଙ୍କ ମନସ୍ତତ୍ତ୍ୱକୁ ଏଠାରେ ଶ୍ରୀ ମିଶ୍ର ଅତି ଚମତ୍କାର ଭାବେ ପ୍ରକାଶ କରିଛନ୍ତି, "ତାଙ୍କର ମନେ ପଡୁଥିଲା, ପିଲାଦିନ ବହିର କବିତା- ଏଇ ଦିନ ଆମେ ସ୍ୱାଧୀନ ହେଲୁ। ବିଦେଶୀ ହାତରୁ ଶାସନ ନେଲୁ। ତେବେ ଏ ଶୋଷଣ, ନିର୍ଯ୍ୟାତନା, କ'ଣ ବ୍ରିଟିଶ୍ ଠାରୁ କମ୍!! ଏଇ ସେହି ଧର୍ମର ସହର, ଯେଉଁଠି ରହିବା, ଖାଇବା ସେବା, ଧର୍ମ ସବୁଥିରେ ଚାଲିଛି, କିଛି ଲୋକଙ୍କ ଲୁଟ୍‌ରାଜ। ଏଇ ସେଇ ପବିତ୍ର ସହର, ଯେଉଁଠି କିଛି ଚାକିରିଆ ପ୍ରବଚକ, ଧର୍ମ ବିକ ପଇସା କମାଉଛନ୍ତି। ଏଇ ସେହି ପୁଣ୍ୟ କ୍ଷେତ୍ର ଯେଉଁଠି ସହରର ପ୍ରବେଶରେ ପରିବେଶ ଶୁଦ୍ଧି ପାଇଁ ପଚାଚିଙ୍ଗୁଡ଼ିର ଗନ୍ଧ। ମନ୍ଦିର ଦୁଆରେ ନଗ୍ନନାରୀ, ଶହ ଶହ ଭିକାରୀ, ଅବହେଳିତ ଡାକ୍ତରଖାନା। ଏଇ ସେହି ଶୋଭାମୟ ସମୁଦ୍ରର ସହର, ଯେଉଁଠି ନାଳପାଣି, କୁକୁର ମଳ ସମୁଦ୍ରର ଶ୍ରୀବୃଦ୍ଧି କରେ।"(୨)

ଓଡ଼ିଶା ତଥା ଭାରତ ସାରା ବିଶ୍ୱରେ ତାର ପରମ୍ପରା, ଆଦର୍ଶ ଓ ମାନବିକତା ପାଇଁ ଖୁବ୍ ପରିଚିତ। ସମୟର ପ୍ରବାହରେ ଆଜିର ମଣିଷ କିନ୍ତୁ ସେହି ପରମ୍ପରା ଓ ଆଦର୍ଶ ଠାରୁ ଆଜି ଧୀରେ ଧୀରେ ଦୂରେଇ ଯାଉଛି। ଆଜି ଏକ ପକ୍ଷରେ ଭାରତୀୟ ନାରୀଟିଏ ତା'ର ଆଦର୍ଶକୁ ଭୁଲିଯାଇ ପଶ୍ଚାତ୍ୟ ଚଳଣୀକୁ ଗ୍ରହଣ କରିଛି ତ', ଅନ୍ୟ ପକ୍ଷେ ଆମ ସମାଜର ମାଙ୍ଗଳିକ କାର୍ଯ୍ୟଗୁଡ଼ିକ ଶ୍ରଦ୍ଧା, ସ୍ନେହ, ପ୍ରେମ ଓ ଆନନ୍ଦ ଶୂନ୍ୟ ଏକ ବ୍ୟବସାୟରେ ପରିଣତ ହୋଇଛି। ଶ୍ରୀ ମିଶ୍ରଙ୍କ 'ମେଡ୍ ଇନ୍ ଇଣ୍ଡିଆ' ରଚନାଟିରେ ଭାରତୀୟ ନାରୀଟି ପାଶ୍ଚାତ୍ୟ ଚଳଣୀଦ୍ୱାରା ପ୍ରଭାବିତ ହୋଇ ନିଜର ପରମ୍ପରା ଓ ପାରିବାରିକ ଦାୟିତ୍ୱକୁ ପାଦରେ ଦଳିଦେଇ ଅର୍ଦ୍ଧଲଗ୍ନ ଭାବେ ସଜ୍ଜିତ ହୋଇ ମଡ଼େଲ ପ୍ରତିଯୋଗିତା ପାଇଁ ଆଗେଇ ଆସିଛି ତାହା ପ୍ରକାଶ ପାଇଛି, "ମୁଁ ଦେଖୁଥିଲି କେବଳ ବିନି ଭାଉଜ ନୁହେଁ, ସହର, ଗ୍ରାମର ଶହ ଶହ ଝିଅ-ବୋହୂ, ମଡ଼େଲ ସୋ' ରେ ଭାଗନେବା ପାଇଁ କେମିତି ସହରର ଅତ୍ୟାଧୁନିକ ହୋଟେଲ୍‌ମାନଙ୍କରେ ଧସେଇ ପଶୁଛନ୍ତି। ସହରୀ ସଭ୍ୟତାର ଏ ଅଶ୍ଳୀଳ ଆୟୋଜନ ଭିତରେ, ସଂସ୍କୃତିମୟ ଭାରତର ନଗ୍ନ ପାଶ୍ଚାତ୍ୟ ଅନୁକରଣ ଭିତର, ହଜି ଯାଉ ଯାଉ, ମୁଁ ଖୋଜୁଥିଲି ମୋର ଅତୀତର ବିନି ଭାଉଜଙ୍କୁ। ହତବାକ୍ ହୋଇ ମୁଁ ଦେଖୁଥିଲି ମୋର ପୂଜ୍ୟା ଭାଉଜ କିପରି ଆଲିଶା ଚିନାଇଙ୍କ 'ମେଡ୍ ଇନ୍ ଇଣ୍ଡିଆ' ଗୀତର ତାଳେ ତାଳେ ବିନୀତା ମିଶ୍ର ହୋଇ ରକ୍ ଡ୍ୟାନସ୍ କରୁଛନ୍ତି।"(୩) ସେହିପରି ଭାବେ ନାୟକ-ନାୟିକାଙ୍କଦ୍ୱାରା ଯୋଜିତ ଘରପ୍ରତିଷ୍ଠାରେ ସ୍ନେହ, ପ୍ରେମ ଅପେକ୍ଷା ଫୁଲତୋଡ଼ା, ଖାମ୍, ଓ ଖାଦ୍ୟପେୟର ଭୂମିକା କିପରି ଉଚ୍ଚରେ ରହିଥାଉ ତାହା ତାଙ୍କ 'ବାହାଘର ମାର୍କା ଘର ପ୍ରତିଷ୍ଠା' ରଚନାଟିରେ ପ୍ରଦତ୍ତ ହୋଇଛି।

ଆଧୁନିକ ମଣିଷମାନଙ୍କ ଅନ୍ୟ ସ୍ଖଳିତ ଦିଗଗୁଡ଼ିକ ତାଙ୍କ 'ଗବେଷଣିଆ ବାବୁ', 'ଆସ ଶହୀଦ୍ ହେବା' ଓ 'କରିଦେ ଭିକାରୀ ମତେ' ଆଦି ରମ୍ୟରଚନାଗୁଡ଼ିକରେ ରୂପ ପାଇଛି। ଅର୍ଥଲୋଭ ତଥା ମର୍ଯ୍ୟାଦା ହାସଲ ନିମନ୍ତେ ମଣିଷ ସମାଜିକ ଜୀବନରେ ଏକ ଭଦ୍ରମୁଖାର ବ୍ୟବହାର କରିଛି। 'ମୁଖା' ଭିତରେ ସେ ନିଜର ଅସଲ ଖଳ ବ୍ୟକ୍ତିତ୍ୱକୁ ଲୁଚାଇ ଜନତା ଓ ଦେଶକୁ ନିରନ୍ତର ଲୁଟିବାରେ ଲାଗିଛି। ଅର୍ଥ ଓ ପ୍ରତିପତ୍ତି ପାଇଁ ସେ ସବୁବେଳେ ପାଶ୍ଚାତ୍ୟ ଆଦର୍ଶ, ତେଲ ମାରିବା, ହଜୁର୍ ଓ ସାହେବ ଆଦି ସମ୍ବୋଧନ କରିବା, ବିଭିନ୍ନ ବସ୍ତୁ ଓ ମହାପ୍ରସାଦର ଆଦାନ-ପ୍ରଦାନକୁ ଗ୍ରହଣ କରିଛି। ପୁନଶ୍ଚ ମଣିଷର ନୀଚଧର୍ମୀ କାର୍ଯ୍ୟାକଳାପ ହେତୁ ଆଜି ବିଭିନ୍ନ ପାରମ୍ପରିକ ମୂଲ୍ୟବୋଧ ଓ ସମ୍ମାନସ୍ପଦ ଆସନର ମର୍ଯ୍ୟାଦାର ଅବକ୍ଷୟ ଘଟିଛି; ଅସତ୍ ଉପାୟରେ ମଣିଷମାନଙ୍କର ଏସବୁକୁ ହତେଇବାର ପ୍ରଚେଷ୍ଟା ଆଜି ସବୁ ସ୍ତରରେ ଦେଖିବାକୁ ମିଳିଛି।

ତା'ର ଏହି ଅସତ୍ କାର୍ଯ୍ୟପ୍ରଣାଳୀ ତାକୁ ଏତେ ତଳକୁ ଖସାଇଦେଇଛି ଯେ ସେ ଦରିଦ୍ରମାନଙ୍କ ଅର୍ଥ ଓ ତା'ର ବୃତ୍ତକୁ ମଧ୍ୟ ସେମାନଙ୍କଠାରୁ ଛଡ଼ାଇ ଆଣିବାକୁ ପଛାଉ ନାହିଁ।

'କରିଦେ ଭିକାରୀ ମତେ' ରଚନାଟିରେ ଦରିଦ୍ର, ନିରାଶ୍ରୟୀ, ଅକ୍ଷମ ଓ ସର୍ବହରାଙ୍କ ଜୀବନ ବଂଚିବାର ମାଧ୍ୟମ ଭିକ୍ଷାବୃତ୍ତକୁ ଅର୍ଥଲୋଭୀ ମଣିଷ ବ୍ୟବସାୟ ଭାବେ ଗ୍ରହଣ କରିଛି। ରଚନାଟିର ନାୟକ 'ମକରଧ୍ୱଜ' ଭିକ୍ଷାବୃତ୍ତିକୁ ନିଜ ଅର୍ଥ ଉପାର୍ଜନର ପ୍ରକୃଷ୍ଟ ମାଧ୍ୟମ ରୂପେ ଗ୍ରହଣ କରିଛି। ଲେଖକଙ୍କ ଭାଷାରେ- "ହସିଲେ ମକରଧ୍ୱଜ ବାବୁ। ହସୁ ହସୁ କହିଲେ- 'ବୁଝିଲ ସାର୍, ତୁମର ବୁଦ୍ଧି ବୋଲି ଟିକିଏ ନାହିଁ। ଭିକାରୀ-ଚାକିରୀ, ଏବେ ଖୁବ୍ ଭଲ ଚାକିରୀ। ତାକୁ ବସ୍, ଟ୍ରେନରେ ଟିକଟ ଲାଗେନି। ତାକୁ ସବୁଆଡ଼େ ଛାଡ଼। କଥାରେ ଅଛି- ଭିକାରୀ ଦିନେ ସମ୍ରାଟ ହୁଏ। ଭିକାରୀ ହୃଦୟର ଦୟା, କ୍ଷମା, ସ୍ନେହ, ଭକ୍ତି ରାଜାଙ୍କ ପାଖରେ ଥାଏ। ଆଜିକାଲି ଭିକାରୀମାନେ କେବଳ ଧନୀ।"(୪) ଏହା ବ୍ୟତୀତ ତାଙ୍କର 'ସର୍ବଦଳୀୟ ଭିକାରୀ ୟୁନିଅନ' ଗଠନ କରିବା, ଅନୁମତି ବିନା ଭିକ୍ଷାବୃତ୍ତରେ କଟକଣା ଲଗାଇବା ଓ ନିର୍ବାଚନରେ ସଂରକ୍ଷିତ ସ୍ଥାନ ରଖିବା ଆଦି ଲେଖକଙ୍କ ଲେଖନୀରେ ଅତି କରୁଣସ୍ପର୍ଶୀ ଭାବେ ପ୍ରକାଶ ପାଇଛି।

ରମ୍ୟରଚକ ବିନ୍ଦ୍ର ମିଶ୍ର ଥିଲେ ସମାଜସଂସ୍କାର ଆନ୍ଦୋଳନର ଜଣେ ମୁଖ୍ୟ ପୁରୋଧା। ସମାଜର ଏହି ସବୁ ଅସଙ୍ଗତି ଓ ଅବକ୍ଷୟକୁ ଦେଖି ସେ କେବେ ମନରୁ ପାଶୋରି ଦେଇ ନଥିଲେ, ବରଂ ତା'ର ନିରାକରଣ ଦିଗରେ ସେ ନେଇଥିଲେ ଦୃଢ଼ ପଦକ୍ଷେପ। ଆଧୁନିକ ଅବକ୍ଷୟକାରୀ ମଣିଷମାନଙ୍କୁ ପୁନଶ୍ଚ ସଠିକ୍ ମାର୍ଗକୁ ଆଣିବା ନିମନ୍ତେ ତାଙ୍କର ଉଦ୍ୟମ ପ୍ରଶଂସନୀୟ। ତାଙ୍କର ପ୍ରତେକଟି ରମ୍ୟରଚନା ଗୋଟିଏ ଗୋଟିଏ ସିଡ଼ି ସାଜି ମଣିଷକୁ ଏଇ ସବୁ ଦିଗରୁ ମୁକ୍ତ କରି ଉପରକୁ ଉଠାଇବା ପାଇଁ ହାତ ବଢ଼ାଇଛି। ସରଳ ଓ ବୋଧଗମ୍ୟ ଭାଷାଶୈଳୀର ଅପୂର୍ବ ସଂଯୋଗରେ ତାଙ୍କ ରମ୍ୟରଚନା ଅପୂର୍ବ ସୌନ୍ଦର୍ଯ୍ୟ ଲାଭ କରିଛି। ପୁଣି ଥରେ ମଣିଷ ସାମାଜିକ ଓ ସଭ୍ୟ ରୂପେ ନିଜକୁ ଗଢ଼ିତୋଳିବ ଏହି ଆଶା ନେଇ ତାଙ୍କ ଲେଖନୀ ସଦା ଚଳନମୁଖୀ।

**ସହାୟକ ଗ୍ରନ୍ଥସୂଚୀ :**


୧. ମିଶ୍ର, ବିନ୍ଦ୍ର- ତେଲ ଓ ପ୍ରତିମୂର୍ତ୍ତୀ ଉନ୍ମୋଚନ, ମଣିଷ ଭାଲୁ। ରମା ପ୍ରେସ୍, ପ୍ରଥମ ସଂସ୍କରଣ, ୧୯୯୭, ପୃ-୧୭।

୨. ମିଶ୍ର, ବିନ୍ଦ୍ର- ମଣିଷ ଭାଲୁ, ମଣିଷ ଭାଲୁ। ରମା ପ୍ରେସ୍, ପ୍ରଥମ ସଂସ୍କରଣ, ୧୯୯୭, ପୃ-୩୮।

୩. ମିଶ୍ର, ବିନ୍ଦ୍ର- ମେଡ୍ ଇନ୍ ଇଣ୍ଡିଆ, ମଣିଷ ଭାଲୁ। ରମା ପ୍ରେସ୍, ପ୍ରଥମ ସଂସ୍କରଣ, ୧୯୯୭, ପୃ-୬୩।

୪. ମିଶ୍ର, ବିନ୍ଦ୍ର- କରିଦେ ଭିକାରୀ ମତେ, ମଣିଷ ଭାଲୁ। ରମା ପ୍ରେସ୍, ପ୍ରଥମ ସଂସ୍କରଣ, ୧୯୯୭, ପୃ-୫୬।


❖ ❖ ❖

DOI : https://doi.org/10.5281/zenodo.17553472

ମୂଳ ପ୍ରବନ୍ଧ

# ଭାରତୀୟ ବାଙ୍ମୟରେ ଆଦର୍ଶ ଓ ମହନୀୟତାର ସମୀକ୍ଷଣ: ଶିଳାପଦ୍ମ ଏକ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ

**ମମତା ରାଣୀ ବାରିକ୍**

**ସଂକ୍ଷିପ୍ତସାର :**

ଏକ ଜାତି ବଂଚିରହେ ତାର ଆଦର୍ଶ ଓ ମୂଲ୍ୟବୋଧକୁ ଧାରଣ କରି। ସେଥିରେ ପରିସ୍ଫୁଟିତ ହୁଏ ତାର ସ୍ୱାତନ୍ତ୍ରତା। ଭାରତପରି ମହାନ ସଂସ୍କୃତି ସଂପନ୍ନ ରାଷ୍ଟ୍ରର ମହନୀୟତାର ଗାଥା ସୁଦୂରପ୍ରସାରୀ। ଦିଗନ୍ତରୁ ଦିଗନ୍ତବ୍ୟାପୀ ତାର ଜୀବନବୋଧ। ଏହି ଜୀବନବୋଧ ଓ ମାନବତାବାଦକୁ କଳାତ୍ମକ ରୂପ ଦେଉଥିବା ଜଣେ ବିଶିଷ୍ଟ ସାରସ୍ୱତ ରୂପକାର ହେଉଛନ୍ତି ପ୍ରତିଭା ରାୟ। ତାଙ୍କର ଗୌରବଦୀପ୍ତ ଲେଖନୀର ଏକ ଉଜ୍ଜ୍ୱଳତମ ନକ୍ଷତ୍ର ହେଉଛି ଶିଳାପଦ୍ମ ଉପନ୍ୟାସ। ଉତ୍କଳର ସୂର୍ଯ୍ୟ ଉପାସନାର ପୀଠ କୋଣାର୍କ ଏବଂ ଉତ୍କଳର ଗାଥାକୁ ଉଚ୍ଚକୋଟୀର ରୂପଦେଇ ପ୍ରକାଶ କରାଯାଇଛି ଆଲୋଚ୍ୟ ଉପନ୍ୟାସରେ। ତେବେ ଭାରତୀୟ ମହାନତାର ଗାଥା ତଥା ଆଦର୍ଶବୋଧ ସୂକ୍ଷ୍ମରୂପରେ ବିଶ୍ଳେଷିତ ହୋଇଛି ଉକ୍ତ ଉପନ୍ୟାସର ଛତ୍ରେ ଛତ୍ରେ ଏବଂ ତାହାକୁ ବିଶ୍ଳେଷଣ କରିବାକୁ ଉକ୍ତ ନିବନ୍ଧରେ ପ୍ରୟାସ କରାଯାଇଛି।

**ପ୍ରମୁଖ ଶବ୍ଦାବଳୀ:**

ଆଦର୍ଶ, ମୂଲ୍ୟବୋଧ, ମହନୀୟତା, ଉତ୍ସର୍ଗ, ଗୌରବଦୀପ୍ତ, ସ୍ୱାତନ୍ତ୍ରତା, ବୈଚିତ୍ର୍ୟ, ଉଜ୍ଜ୍ୱଳ, ଭାରତୀୟ, ପ୍ରେମ,ନାରୀ,କମନୀୟ,ଶିଳ୍ପ,ଶିଳ୍ପୀ।

## ଉପକ୍ରମ :

ଓଡ଼ିଆ ସାହିତ୍ୟର ପରିପାଟୀକୁ ଓଡ଼ିଶାର ଭୌଗୋଳିକ ବଳୟ ମଧ୍ୟରୁ ମୁକ୍ତକରି ବିଶ୍ୱ ଦରବାରରେ ପରିଚିତ କରିବା କ୍ଷେତ୍ରରେ ଯେଉଁ କେତେଜଣ ସାରସ୍ୱତ ଦିଗ୍‌ଗଜମାନଙ୍କର ମହନୀୟ ଅବଦାନ ରହିଥିଲା,ସେମାନଙ୍କ ମଧ୍ୟରୁ ଯାଜ୍ଞସେନୀ ଉପନ୍ୟାସର ରଚୟିତା ପ୍ରତିଭା ରାୟ ଅନ୍ୟତମ। କ୍ଷୁଦ୍ରଗଳ୍ପଠାରୁ ଉପନ୍ୟାସ,ଭ୍ରମଣ କାହାଣୀଠାରୁ ଜୀବନର ଅଭିଜ୍ଞତାମୂଳକ କାହାଣୀ ଆତ୍ମଜୀବନୀ ପର୍ଯ୍ୟନ୍ତ ପ୍ରତିକ୍ଷେତ୍ରରେ ତାଙ୍କର ସ୍ୱାତଂତ୍ରତା ବାରିହୋଇପଡ଼େ। ହେଲେ ଉପନ୍ୟାସ ଜଗତରେ ସେ ଯେଉଁ ଆଲୋଡ଼ନ ସୃଷ୍ଟି କରିଥିଲେ,ତାହା ତାଙ୍କୁ ଏକ ବିଶେଷ ମର୍ଯ୍ୟାଦାର ଅଧିକାରୀ କରି ବିଶ୍ୱଦରବାରରେ ଗୌରବାନ୍ୱିତ କରିପାରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ନିଜକୁ ଜଣେ ମାନବବାଦୀ ରୂପେ ପରିଚୟ ଦେଉଥିବା ଏହି ସାରସ୍ୱତ ସ୍ରଷ୍ଟାଙ୍କ ସୃଷ୍ଟି ମଧ୍ୟରେ ବାସ୍ତବରେ ମଣିଷର ଜୀବନର କଥା ରୂପ ପାଇଛି। ହେଲେ ତାଙ୍କର ବଳୟ କେବଳ ଏତିକି ମଧ୍ୟରେ ସୀମିତହୋଇ ରହିଯାଇନାହିଁ। ସାମ୍ପ୍ରତିକ ଜଗତର କଥାଠାରୁ ପ୍ରାଚୀନ ପୁରାଣର କଥାବଳୀ,ଇତିହାସର ବାସ୍ତବ ଅଧ୍ୟାୟଠାରୁ ପ୍ରକୃତିର କୋଳରେ ଜୀବନ ଜୀଉଁଥିବା ମଣିଷର କାହାଣୀ ରୂପାୟିତ ତାଙ୍କ ସୃଷ୍ଟିରେ। ତାଙ୍କ ସୃଷ୍ଟିରେ ସୂକ୍ଷ୍ମଭାବରେ ଲୁଚିରହିଥାଏ ଏକ ବିଦ୍ରୋହର ସ୍ଫୁଲିଙ୍ଗ। ଦୁଇଟି ଢେଉ(୧୯୬୪),ବର୍ଷା ବସନ୍ତ ବୈଶାଖ(୧୯୭୪) ଆଦି ଉପନ୍ୟାସ ରଚନାରୁ ଏହି ଯାତ୍ରାର ଅୟମାରମ୍ଭ ହୋଇଥିଲେ ମଧ୍ୟ ସେହି ଲେଖନୀ ସାରସ୍ୱତ ଜଗତକୁ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ
Quick Response Code:
Available online at : https://pracheenews.com/
DOI: https://doi.org/10.5281/zenodo.17553472
Article No - BPP00349

**ଯୋଗାଯୋଗ : ମମତା ରାଣୀ ବାରିକ୍, ଗବେଷିକା**
ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର
**Email :** barikmamata2001@gmail.com
**ORCID ID:** https://orcid.org/0009-0001-2204-8481

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୦୬.୨୦୨୫ | ୧୪.୦୭.୨୦୨୫ | ୨୦.୦୯.୨୦୨୫ | ୧.୧୦.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ବାରିକ୍, ମମତା ରାଣୀ: ଭାରତୀୟ ବାଙ୍ମୟରେ ଆଦର୍ଶ ଓ ମହନୀୟତାର ସମୀକ୍ଷଣ: ଶିଳାପଦ୍ମ ଏକ ସୂକ୍ଷ୍ମ ପର୍ଯ୍ୟବେକ୍ଷଣ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଛ, ପୃଷ୍ଠା :୫୩-୬୦।

ଦାନ କରିଛି ଯାଜ୍ଞସେନୀ(୧୯୮୫), ଆଦିଭୂମି(୧୯୯୩), ମଗ୍ନମାଟି(୧୯୯୪),ମହାମୋହ(୧୯୯୭),ମହାରାଣୀ ପୁତ୍ର(୨୦୦୪)ପରି କୃତି। ତେବେ ସର୍ବଭାରତୀୟ ସ୍ତରରେ ଯାଜ୍ଞସେନୀର ରଚୟିତା ରୂପେ ଗୌରବାନ୍ୱିତ ହୋଇଥିବା ଏହି ସ୍ରଷ୍ଟାଙ୍କର ଅନ୍ୟତମ ଉଜ୍ଜ୍ୱଳ ତଥା ମହନୀୟ କୃତି ହେଉଛି ଶିଳାପଦ୍ମ(୧୯୮୩) ଉପନ୍ୟାସ।

## ବିଷୟ ପ୍ରବେଶ:

୧୯୮୫ ମସିହାପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀଦ୍ୱାରା ପୁରସ୍କୃତ ଅନ୍ୟତମ ଶ୍ରେଷ୍ଠ ସାରସ୍ୱତ କୃତି ହେଉଛି ଶିଳାପଦ୍ମ ଉପନ୍ୟାସ। ଭାରତୀୟ ଶିଳ୍ପକଳା ସଂପର୍କରେ ଗବେଷଣାରତ ଆମେରିକାନ ଗବେଷକ ଚାର୍ଲସ ଓ ଇତିହାସର ଗବେଷିକା ପ୍ରାଚୀକୁ ଆଧାରକରି ସମଗ୍ର କଥାବସ୍ତୁର ଉପସ୍ଥାପନା କରାଯାଇଛି ଆଲୋଚ୍ୟ ଉପନ୍ୟାସରେ। ସୂର୍ଯ୍ୟ ଉପାସନାର ପୀଠ କୋଣାର୍କର ଗୌରବମୟ ତଥା କରୁଣ ଏବଂ ଆତ୍ମୋତ୍ସର୍ଗର କାହାଣୀର ରୂପ ହେଉଛି ଶିଳାପଦ୍ମ। ଏଥିରେ ବାରଶହ ବଢେଇଙ୍କ ଜୀବନର ବ୍ୟଥା, ରାଜା ଲାଙ୍ଗୁଳା ନରସିଂହଙ୍କର ଗୌରବର ଗାଥା, ଶିଳ୍ପୀକୂଳର ବଳିଦାନ ତଥା ଆତ୍ମୋତ୍ସର୍ଗ, ଦୈନ୍ୟ, ବେଦନା ଏବଂ ଜଗନ୍ନାଥ ଚେତନାର ମହନୀୟତା ରୂପାୟିତ। ଇତିହାସ, କିମ୍ବଦନ୍ତୀ ଓ ଜନଶୃତିର ଏକ ସମନ୍ୱିତ କଳାକୃତି ହେଉଛି ଆଲୋଚ୍ୟ ଉପନ୍ୟାସ। ତେବେ କଳ୍ପନା ଓ ବାସ୍ତବତାର ସଫଳ ରୂପାୟନ ହୋଇଥିବା ଏହି ସାରସ୍ୱତ ଉଦ୍ୟମରେ ସୂକ୍ଷ୍ମ ଭାବରେ ଭାରତୀୟ ଆଦର୍ଶ ତଥା ମୂଲ୍ୟବୋଧ ଏବଂ ନୈସର୍ଗିକ ପ୍ରେମର ଗୌରବଗାଥା ଚିତ୍ରିତ ହୋଇଛି ସଫଳ ରୂପରେ।

## ବିଷୟାନୁସାରୀ ବଶ୍ଳେଷଣ:

ଆଦର୍ଶ ତଥା ମୂଲ୍ୟବୋଧରେ ଗରିମାମୟ ହୋଇଥିବା ଶ୍ରେଷ୍ଠ ଭୂଖଂଡ଼ ହେଉଛି ଭାରତବର୍ଷ। ନିଜର ଉଚ୍ଚକୋଟୀର ଚିନ୍ତନ, ମନନ, ତଥା ଉପଯୁକ୍ତ ପଥ ନିଦର୍ଶନ ପାଇଁ ସେ ସମଗ୍ର ବିଶ୍ୱରେ ପରିଚିତ। ଏହାର ଅନ୍ୟତମ ଆଦର୍ଶମୟ ଦିଗନ୍ତ ହେଉଛନ୍ତି ମୈତ୍ରୀଦେବ ଜଗନ୍ନାଥ। ହତାଶ, କ୍ଳାନ୍ତ ଏବଂ ନିଃସଙ୍ଗତାପୂର୍ଣ୍ଣ ଆଧୁନିକ ଜୀବନରେ ସବୁ ଦ୍ୱନ୍ଦ, ସଂଶୟକୁ ନିର୍ମୂଳ କରି ଏକ କୋମଳ ଓ ସୁଦୃଢ ସମାଧାନର ମାଧ୍ୟମ ହେଉଛନ୍ତି ଏହି ବିଶ୍ୱନିୟନ୍ତା। ତେଣୁ ବିଜ୍ଞାନର ପ୍ରଭାବରେ ବହୁ ଘଟଣା ତଥା ଜୀବନଶୈଳୀର ପରିବର୍ତ୍ତନ ହୋଇଥିଲେ ମଧ୍ୟ ଭାରତମଧ୍ୟରେ ସେହି ମହୀମାମୟ ଓ ଆଦର୍ଶବନ୍ତ ଭାରତୀୟ ସତତା ଅଦ୍ୟାବଧି ବିରାଜିତ ହୋଇ ରହିଛି ଏବଂ ସମଗ୍ର ବିଶ୍ୱକୁ ସମାଧାନର ପଥ ନିର୍ଦ୍ଦେଶ କରୁଛି ଠିକ ଯେପରି ସମୟର ସ୍ରୋତରେ ନଦୀ ବଦଳାଏ ତାର ଗତିପଥ, କିନ୍ତୁ ସ୍ଥିର ରହେ ତାର ଲକ୍ଷ୍ୟ। ଭାରତ ମଧ୍ୟ ରୂପ, ରଙ୍ଗରେ ରୂପାନ୍ତର ହୋଇଛି, କିନ୍ତୁ ତାର ଆତ୍ମା ଆଜିବି ପୂର୍ବପରି ମହାନ, ପବିତ୍ର ତଥା ନିଷ୍କଳଙ୍କ।

ବୈଚିତ୍ର୍ୟମୟ ଭାରତବର୍ଷର ପ୍ରତି ବସ୍ତୁ ବା ସତତା ମଧ୍ୟରେ ବୈଚିତ୍ରତା ତଥା ସ୍ୱାତଂତ୍ରତା ଲୁକ୍କାୟିତ ହୋଇ ରହିଥାଏ। ଶିଳ୍ପଠାରୁ ଶିଳ୍ପୀ,କଳାଠାରୁ କୀର୍ତିତୀ, ପୂର୍ଣ୍ଣରୁ ଅପୂର୍ଣ୍ଣ, କରୁଣରୁ କରୁଣା ଆଦି ସମସ୍ତ ପ୍ରସଙ୍ଗରେ ଯେପରି କେବଳ ମୌଳିକତାର ଛାପ ରହିଯାଇଛି ଚିରକାଳପାଇଁ। ତେଣୁ ଏଠି ଅପୂର୍ଣ୍ଣତାରେ ସଂପୂର୍ଣ୍ଣତା ବିଦ୍ୟମାନ, କରୁଣାରେ କମନୀୟତାର ରଙ୍ଗ, ଭଗ୍ନାବଶେଷରେ ଅତୁଳନୀୟ ଦିବ୍ୟ ସୌନ୍ଦର୍ଯ୍ୟ ବିମଂଡ଼ିତ। ତେବେ ଭଗ୍ନାବଶେଷରେ ମଧ୍ୟ ଶ୍ରେଷ୍ଠ କମନୀୟତା ବିଦ୍ୟମାନ ଥିବା ଗୌରବମଂଡ଼ିତ କୀର୍ତ୍ତିସ୍ତମ୍ଭ ହେଉଛି କୋଣାର୍କ। ସୂର୍ଯ୍ୟ ଉପାସନାର ଅନ୍ୟତମ ଶ୍ରେଷ୍ଠ ଆଧ୍ୟାତ୍ମିକ ପୀଠ ହେଉଛି କୋଣାର୍କ। ନିଷ୍ଠା ଏବଂ ସମର୍ପଣର ଏକ ଜ୍ୱଳନ୍ତ କୀର୍ତ୍ତୀ ହେଉଛି ଏହି ଅର୍କକ୍ଷେତ୍ର। ଭାରତପରି ଅନେକ ଗୌରବ ଓ କରୁଣମୟ କାହାଣୀକୁ ବକ୍ଷଦେଶରେ ସାଇତିରଖି ଏକ ମୁକସାକ୍ଷୀରୂପେ ସାଧନାରତ ରୂପରେ ସେ ଦଂଡ଼ାୟମାନ। ମୁଖ୍ୟ ମନ୍ଦିର ଆଜି ଭଗ୍ନ, ବାକି ରହିଯାଇଛି କେବଳ ମୁଖଶାଳା, ସେହି ଗୌରବର ପ୍ରତ୍ୟକ୍ଷଦର୍ଶୀ ରୂପରେ। କିନ୍ତୁ ସେହି ଜୀର୍ଣ୍ଣ,ଶୀର୍ଣ୍ଣ ଓ ଭଗ୍ନରୂପର ମାଧୁରୀ ଆଜିବି ବିଭୋର କରେ ମନୁଷ୍ୟର ହୃଦୟତନ୍ତ୍ରୀକୁ ଏବଂ ପୃଥିବୀର କୋଣ ଅନୁକୋଣରୁ ଦର୍ଶକ ଓ ଗବେଷକମାନଙ୍କୁ ନିଜଆଡ଼କୁ ଆକର୍ଷିତକରେ। କେହି ତାମଧ୍ୟରେ ଦେଖେ ମୈଥୁନ ମୂର୍ତ୍ତୀର ଭାସ୍କର୍ଯ୍ୟ, ପୁଣି କେହି ଦେଖେ ଭାସ୍କର୍ଯ୍ୟ ମଧ୍ୟରେ ଉଚ୍ଚକୋଟୀର ଜ୍ଞାନ ତଥା ଉନ୍ନତ ଶିଳ୍ପକୌଶଳ, ପୁଣି କେହି ଦେଖେ ସ୍ରଷ୍ଟାର ଦକ୍ଷତା ତ ପୁଣି କେବେ ସେଠି ଦୃଶ୍ୟମାନ ହୁଏ ପ୍ରେମର ଏକନିଷ୍ଠତା । ବିବିଧତ୍ୱ ମଧ୍ୟରେ ଐକତ୍ୱର ପ୍ରତୀକ ଏହି କୋଣାର୍କ ତେଣୁ ଭାରତୀୟ ଆଦର୍ଶର ଏକ ଶ୍ରେଷ୍ଠ ପ୍ରତୀକ। ତେଣୁ ତାହାର କାହାଣୀ ରୂପାୟିତ ହୋଇଥିବା ଆଲୋଚ୍ୟ ଉପନ୍ୟାସରେ ମଧ୍ୟ ଭାରତୀୟ ମହନୀୟତାର ଜୟଗାନ କରାଯାଇଛି ପ୍ରତିସ୍ଥଳରେ। ଉପନ୍ୟାସର ଚରିତ୍ର ବିଦେଶୀ ଗବେଷକ ଚାର୍ଲସ ତେଣୁ ସେହି ଅପୂର୍ଣ୍ଣରେ ପୂର୍ଣ୍ଣତା ତଥା ଭଗ୍ନତାରେ କମନୀୟତାକୁ ଦେଖି ଜୀବନକୁ ଏକ ଭିନ୍ନ ଦୃଷ୍ଟିକୋଣରୁ ଦେଖିବାକୁ ଆରମ୍ଭ କରିଛନ୍ତି ଏବଂ ଜୀବନର ପ୍ରଶ୍ନକୁ ସାମ୍ନାକରିବାକୁ ହୋଇଛନ୍ତି ସକ୍ଷମ। ତେବେ ଉପନ୍ୟାସର ସ୍ଥଳବିଶେଷରେ ସୂକ୍ଷ୍ମରୂପେ ରୂପାୟିତ ହୋଇଥିବା ମହାଭାରତୀୟ ଆଦର୍ଶବର୍ତ୍ତାକୁ ଏଠାରେ ବିଶ୍ଳେଷଣ କରାଯାଇଛି ।

## ପାରିବାରିକ ସମ୍ବନ୍ଧ :

ଭାରତୀୟ ଆଦର୍ଶର ଶ୍ରେଷ୍ଠତମ ନିଦର୍ଶନ ହେଉଛି ତାର ପାରିବାରିକ ଜୀବନ। ପାଶ୍ଚାତ୍ୟ ଜୀବନଧାରାରୁ ଏହା ସଂପୂର୍ଣ୍ଣ ଭିନ୍ନ। ଜୀବନକୁ ସୁନିୟନ୍ତ୍ରିତ ତଥା ଏକ ନୂତନ ସ୍ୱାଦ ଦେବାରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେବେ ପରିବାର ବିନା ଭାରତ ଏବଂ ଭାରତରେ ପାରିବାରିକ ଜୀବନର ଶୂନ୍ୟତାକୁ କେବେ କଳ୍ପନା କରାଯାଇପାରେନା। ଭାରତୀୟ ଆଦର୍ଶବର୍ତ୍ତା ଦୃଷ୍ଟିରୁ ସମଗ୍ର ବିଶ୍ୱକୁ ଏକ କୁଟୁମ୍ବ ବା ପରିବାର

ବୋଲି ଗ୍ରହଣ କରାଯାଇଥାଏ । ଏହି ପାରିବାରିକ ବନ୍ଧନର ଡ଼ୋରକୁ ଆମେରିକୀୟ ଗବେଷକ ଚାର୍ଲସର ବକ୍ତବ୍ୟ ମାଧ୍ୟମରେ ମହୀୟାନ କରାଯାଇଛି ଆଲୋଚ୍ୟ ଉପନ୍ୟାସରେ । ପ୍ରାଚୀପ୍ରଭାର ସାମାନ୍ୟ ଅସୁସ୍ଥତା ପାଇଁ ବ୍ୟସ୍ତବିବ୍ରତ ହୋଇପଡ଼ିଛନ୍ତି ଚାରୁକଳା ତଥା ଦୀନବନ୍ଧୁ । ସମ୍ପର୍କରେ ଝିଆରୀ ହେଲେ ମଧ୍ୟ ଏପରି ଗଭୀର ସ୍ନେହ ଓ ନିଜରପଣ ତଥା ଶ୍ରଦ୍ଧାରେ ଅକପଟତା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛି ଚାର୍ଲସ । ଏହିପରି ଏକ ପରିବାର ମଧ୍ୟରେ ରହୁଥିବା ବ୍ୟକ୍ତି ତେଣୁ ତା ନିକଟରେ ଦୁନିଆର ଶ୍ରେଷ୍ଠ ଭାଗ୍ୟବାନ ବୋଲି ଦୃଶ୍ୟ ହୋଇଛି ।

**ତୀର୍ଥାଟନର ପ୍ରାସଙ୍ଗିକତା :**

ସନାତନର ଦେଶ ଭାରତ ନିଜର ସ୍ୱାତନ୍ତ୍ର୍ୟତାପାଇଁ ସର୍ବଦା ଅଲୋଚନାର ପ୍ରସଙ୍ଗ ପାଲଟିଥାଏ । ତେବେ ଏହାର ପ୍ରତି ଘଟଣାମଧ୍ୟରେ ଲୁଚିରହିଥାଏ ଏକ ବିଜ୍ଞାନ ସୁଲଭ ଆଦର୍ଶ । ମାତ୍ର ଏହାକୁ ସଂପୂର୍ଣ୍ଣ ରୂପେ ବୁଝିନପାରି କେହି କେହି ଏହାକୁ ଅନ୍ଧବିଶ୍ୱାସର ଆଖ୍ୟା ଦେଇଥାନ୍ତି । କିନ୍ତୁ ଏହି ବିଜ୍ଞାନସୁଲଭ ତତ୍ତ୍ୱକୁ ବୁଝିବାକୁ ହେଲେ ହୃଦୟରେ ଜିଜ୍ଞାସାର ଆବଶ୍ୟକତା ରହିଛି । ଚାର୍ଲସ ସନାତନ ଧର୍ମର ତୀର୍ଥ ପ୍ରସଙ୍ଗକୁ ସଠିକ ରୂପେ ହୃଦୟଙ୍ଗମ କରିପାରିଛି ଭାରତକୁ ଆସି । ତୀର୍ଥଯାତ୍ରାମଧ୍ୟରେ ନିହିତ ଥିବା ଉଚ୍ଚ ମାନସିକତାକୁ ଗ୍ରହଣକରି ନିଜର ଯାତ୍ରାକୁ ସେ ଏକ ତୀର୍ଥଯାତ୍ରା ରୂପେ ସ୍ୱୀକାର କରିଛନ୍ତି । ଏହା ଯେ କେବଳ ଧର୍ମୀୟ ବିଶ୍ୱାସର ବେଷ୍ଟନୀ ମଧ୍ୟରେ ସୀମାବଦ୍ଧ ନୁହେଁ ତାହାକୁ ସେ ଉପଲବ୍ଧି କରିଥିଲେ । ଏହାର ମହନୀୟ ଦିଗଟି ଯେ ମଣିଷକୁ ମଣିଷ ସହ ସଂଯୋଗ କରିବା ଏବଂ ଆପଣାର ଜୀବନକୁ ଅଗଣିତ ଜୀବନର ମହସ୍ରୋତରେ ମିଶାଇଦେଇ ଏକପ୍ରାଣ ଓ ଏକଭାବ ହୋଇଯିବା ତାହାକୁ ସେ ପ୍ରତ୍ୟକ୍ଷ ଅନୁଭବ କରିଛି ମୈତ୍ରୀଦେବ ଜଗନ୍ନାଥଙ୍କ ଘୋଷଯାତ୍ରାରେ ଯୋଗଦେଇ । ଆପଣା ଜାତିର ଏହି ଉଚ୍ଚଚିନ୍ତନ, ତତ୍ତ୍ୱ ଓ ଇତିହାସ ଆଦି ସମ୍ପର୍କରେ ବ୍ୟାଖ୍ୟା ତାହା ପୁଣି ବିଦେଶୀ ପର୍ଯ୍ୟଟକଙ୍କ ମୁଖରୁ ଶୁଣିବା ଏବଂ ତାଠାରୁ ଯୁକ୍ତିରେ ହାରିଯିବାରେ ମଧ୍ୟ ଗୌରବ ନିହିତ ରହିଛି ବୋଲି ହୃଦବୋଧ କରେ ପ୍ରାଚୀ । ଏହା ମଧ୍ୟରେ ନିଜର ଐତିହ୍ୟ ଓ ପରମ୍ପରାର ମହନୀୟତାକୁ ସେ ଦେଖିପାରେ କାରଣ ତାର ସଭ୍ୟତା ଓ ସଂସ୍କୃତି ସେପରି ମହୀୟାନ ହୋଇ ନଥିଲେ ଏହା ବିଦ୍ୱାନ ପର୍ଯ୍ୟଟକଙ୍କୁ ଆକର୍ଷିତ କରିନଥାନ୍ତା ବୋଧହୁଏ । ତେଣୁ ଏହା ଯେ ଏହି ଜାତିର ଗୌରବ ତାହାକୁ ସେ ସ୍ୱୀକାର କରେ ।

**ଜୟ ପରାଜୟକୁ ଏକାକାର ରୂପେ ଗ୍ରହଣ:**

ଭାରତୀୟ ପରମ୍ପରାରେ ବିଜୟର ଗୁରୁତ୍ୱ ରହିଛି ଅନନ୍ୟ । ତାହା ଅନ୍ୟ ସଭ୍ୟତାରେ ମଧ୍ୟ ଦୃଶ୍ୟ ।ହେଲେ ହାରିବା ମଧ୍ୟରେ ଆନନ୍ଦ ସାଉଁଟିବାର କଳା କେବଳ ଭାରତୀୟ ଆଦର୍ଶ ମଧ୍ୟରେ ନିହିତ । ଇତିହାସ ଓ ପୁରାଣ ମଧ୍ୟରେ ଏପରି ବହୁ କାହାଣୀ ବିଦ୍ୟମାନ ଯେଉଁଥିରେ ବହୁ ମହାନାୟକ ସଂଘର୍ଷରେ ହୁଏତ ପରାଜୟ ବରଣ କରିଛନ୍ତି,ହେଲେ ସମୟସ୍ରୋତରେ ସେ ହୋଇଯାଇଛନ୍ତି ଅମର । ତେବେ ନାରୀ ଚରିତ୍ରରେ ଏହାର ମହନୀୟତା ଅଧିକ ପ୍ରସ୍ଫୁଟିତ ହୋଇଥାଏ । ସମଗ୍ର ଜୀବନ ଅପ୍ରାପ୍ତିର ସୁଅରେ ଭାସି ଚାଲିଥିଲେ ମଧ୍ୟ ସେ ସାରା ଜୀବନ ନିଜକୁ ଶାନ୍ତ୍ୱନା ଦେବାର କ୍ଷମତା ରଖିଥାଏ ।ବୋଧହୁଏ ଏଥିପାଇଁ ସେ ବହୁଦୁଃଖକୁ ନିଜର ମନରେ ସାଇତି ରଖିବାର ସାମର୍ଥ୍ୟ ରଖେ । ଏହି ନପାଇବାର ଶାନ୍ତ୍ୱନା ମଧ୍ୟରେ ସେ ଖୋଜିନିଏ ନିଜର ସୁଖକୁ । ଚନ୍ଦ୍ରଭାଗା ଏବଂ ପ୍ରାଚୀପ୍ରଭା ହେଉଛନ୍ତି ଏହି ଆଦର୍ଶବୋଧର ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

**ଦୟାର ପାତ୍ର ହେବାକୁ ଅସ୍ୱୀକାର:**

ଭାରତୀୟ ଦୃଷ୍ଟିକୋଣରୁ ଦୟାର ପାତ୍ର ହେବାକୁ ସହଜରେ ସ୍ୱୀକାର କରାଯାଇ ନଥାଏ । କାରଣ ପରକୁ ଆପଣାର କରିବା ଏବଂ ଶ୍ରଦ୍ଧାର ସହ ସମସ୍ତଙ୍କର ନିକଟତର ହେବା ହେଉଛି ଭାରତୀୟ ଆଦର୍ଶ । କିନ୍ତୁ ଦୟା ଏଥିରେ ଅନ୍ତରାୟ ସୃଷ୍ଟି କରିଥାଏ । ଦୟାକରି କେହି କାହାର ନିକଟତର ହୁଏନାହିଁ ବା କାହାକୁ ଆପଣାର କରିପାରିନଥାଏ । ଏହାଦ୍ୱାରା କେବଳ ମଣିଷ ଦାତା ହୋଇ ରହିଯାଏ ଏବଂ ଏହି ଦାତା ଉଭୟ ଅହଂକାର ଓ ହୃଦୟହୀନତାର ପ୍ରତିଭୂତି । ସ୍ୱୟଂ ବିଶ୍ୱନିୟନ୍ତା ପରମାତ୍ମା ତେଣୁ କରୁଣାର ଭଂଡ଼ାର ଖୋଲି ଦାତା ହୋଇଥିଲେ ମଧ୍ୟ ସେ ପୁଣି ଭକ୍ତି ଓ ପ୍ରୀତି କାଙ୍ଗାଳ ହୋଇଥାନ୍ତି । କେବଳ ଦାତା ରୂପେ ଜଗତକୁ ଦାନ ନକରି ଗ୍ରହୀତାର ଦୃଷ୍ଟିରେ ମଧ୍ୟ ସେ ଜଗତକୁ ଚାହିଁ ରହିଥାନ୍ତି ଅପଲକ ନୟନରେ ଭକ୍ତି, ପ୍ରୀତି ଓ ଆଦର ପାଇବାପାଇଁ । ତେଣୁ ପ୍ରାଚୀମଧ୍ୟ ଚାର୍ଲସର ଦୟାର ଅନୁଗ୍ରହ ହେବାକୁ ସ୍ପଷ୍ଟରୂପେ ବାରଣ କରିଛି ।

**ଜୀବନକୁ ମଧୁମୟ କରି ଗଢିତୋଳିବାର ଦୃଷ୍ଟିଭଙ୍ଗୀ:**

ପାଶ୍ଚାତ୍ୟ ସଭ୍ୟତାରେ ଜୀବନ ଏକ ବୋଝପରି । ପୂର୍ଣ୍ଣ ପ୍ରାଚୁର୍ଯ୍ୟମଧ୍ୟରେ ସେମାନେ ସଂପୂର୍ଣ୍ଣ ନିସଙ୍ଗ । ତେଣୁ ଏହି ବୋଝକୁ ହାଲୁକା କରିବା ପାଇଁ ସେମାନେ ସର୍ବଦା ବ୍ୟସ୍ତତା ମଧ୍ୟରେ ରହିବାକୁ ଉପଯୁକ୍ତ ମଣନ୍ତି । କିନ୍ତୁ ଭାରତୀୟ ଦର୍ଶନରେ ସ୍ନେହ , ପ୍ରେମ ଓ ହୃଦୟର ବୁଝାମଣା ଜୀବନ ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ । ଆଉ ଏହି ଜୀବନକୁ ଅଧିକ ସାଫଲ୍ୟ ମଂଡ଼ିତ କରେ ତ୍ୟାଗ ଓ ଉତ୍ସର୍ଗ । ଏହି ଉଚ୍ଚ ସମ୍ବେଦନଶୀଳ ଗୁଣାବଳୀକୁ ଆଧାର କରି ଭାରତୀୟ ଜୀବନସ୍ରୋତ ଆଗକୁ ବଢିଥାଏ ଠିକ ପ୍ରାଚୀର ପରିବାର ତଥା ଜୀବନଧାରା ପରି ।

**ପ୍ରେମର ଅତୀନ୍ଦ୍ରିୟ ଅନୁଭୂତି :**

ବନ୍ଧୁତା ଏବଂ ପ୍ରେମିକାକୁ ନେଇ ଭାରତୀୟ ଦୃଷ୍ଟିକୋଣ ସଂପୂର୍ଣ୍ଣ ଭିନ୍ନ । ପାଶ୍ଚାତ୍ୟ ଦୃଷ୍ଟିକୋଣରୁ ପ୍ରେମ କେବଳ ଶରୀରର ସମ୍ପର୍କ ମଧ୍ୟରେ ସୀମିତ । ବୋଧହୁଏ ଏହାଠାରୁ ଅଧିକ ଚିନ୍ତନ ସେଠାରେ

କରାଯାଇନଥାଏ ପ୍ରେମକୁ ନେଇ। ମାତ୍ର ଭାରତୀୟ ଆଦର୍ଶରେ ପ୍ରେମ ଏକ ପବିତ୍ର ଅନୁଭୂତି। ଯେଉଁଠି ଶରୀରର ସମ୍ପର୍କ କେବଳ ଉଦ୍ଦେଶ୍ୟ, ସେଠାରେ ବନ୍ଧୁତା ବା ପ୍ରେମ ନଥାଏ।ଏହି ସଂକୀର୍ଣ୍ଣତାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ ଭାରତୀୟ ଦର୍ଶନ। ଏହି ପବିତ୍ର ପ୍ରେମର ପ୍ରତୀକ ହେଉଛି ପଦ୍ମ ଏବଂ ସୂର୍ଯ୍ୟର ସମ୍ପର୍କ। ସେମାନଙ୍କ ମଧ୍ୟରେ କେବଳ ଅପେକ୍ଷା ହିଁ ଅପେକ୍ଷା। ସେଠାରେ କେବେ ସ୍ପର୍ଶର ଆବଶ୍ୟକତା ନଥାଏ , କେବଳ ଉପସ୍ଥିତି ହିଁ ଯଥେଷ୍ଟ ହୋଇଥାଏ। ସୂର୍ଯ୍ୟର ଉପସ୍ଥିତିରେ ପଦ୍ମ ହସୁଥାଏ , ନଚେତ ହୋଇପଡ଼େ ମ୍ଳାନ। ଏହାହିଁ ପ୍ଲାଟୋନିକ ଲଭ ବା ନିଷ୍କାମ ସମର୍ପଣ। ଶୁଦ୍ଧପୂତ ପ୍ରେମର ନିଦର୍ଶନ ହେଉଛି କୋଣାର୍କ। ତେଣୁ ଏହି କୋଣାର୍କ ମନ୍ଦିର ଗଢ଼ିବା ପାଇଁ ନିଷ୍କାମ ଚିତ୍ତରେ ଦୀର୍ଘ ବାରବର୍ଷ କାଳ ଶିଳ୍ପୀକୂଳ ବ୍ରହ୍ମଚର୍ଯ୍ୟ ଗ୍ରହଣ କରିଥିଲେ ଏବଂ ଜୀବନର ଯୌବନଦୀପ୍ତ ବୟସକୁ ଅତିକ୍ରାନ୍ତ କରିଯାଇଥିଲେ କେବଳ ନିଷ୍ଠା ଓ ପବିତ୍ରତା ମାଧ୍ୟମରେ। ପଦ୍ମର ଏକନିଷ୍ଠ ସମର୍ପଣର ପ୍ରତୀକ ଏଠାରେ ହୋଇଛନ୍ତି ଉଭୟ ଚନ୍ଦ୍ରଭାଗା ଓ ପ୍ରାଚୀପ୍ରଭା।

### ଶିଳ୍ପକଳାର ଉତ୍କର୍ଷତା :

କୁହାଯାଏ ଭାରତ ସରସେ ଉତ୍କଳ କମଳ ଅର୍ଥାତ ଭାରତ ଯଦି ଏକ ପୁଷ୍କରିଣୀ ତୁଲ୍ୟ ହୁଏ ତେବେ ଏହାର ସୌନ୍ଦର୍ଯ୍ୟ ତଥା ସୁଗନ୍ଧର ଉତ୍ସ ପଦ୍ମ ହେଉଛି ଉତ୍କଳ ପ୍ରଦେଶ। ତେଣୁ ଏହାର ଐତିହ୍ୟ ଓ ପରମ୍ପରା କେବେ ନଗଣ୍ୟ ହେବ ନାହିଁ ମଧ୍ୟ। ଉତ୍କଳର ପ୍ରାଚୀନତା ତଥା ପ୍ରାଚୁର୍ଯ୍ୟତା ଖୁବ ଐଶ୍ୱର୍ଯ୍ୟମୟ। ତାହା ସ୍ପଷ୍ଟ ରୂପେ ପ୍ରମାଣିତ ହୋଇଥାଏ ଏହାର କାରୁକାର୍ଯ୍ୟ ଓ କମନୀୟତାରୁ। ଏହାର ଶ୍ରେଷ୍ଠ ନିଦର୍ଶନ ହେଉଛି ତାର ଶିଳ୍ପକଳା। କେବଳ ସ୍ଥାପତ୍ୟ ଶିଳ୍ପରେ ଏହା ସୀମିତ ନଥିଲା। ବାଣିଜ୍ୟ ,ନୃତ୍ୟ, ସଙ୍ଗୀତ,ଉତ୍କୃଷ୍ଟ ଶାସନ ଆଦି ସମସ୍ତ କ୍ଷେତ୍ରରେ ଉତ୍କଳ ଥିଲା ଉତ୍କର୍ଷ। ପ୍ରାଚୀନ ମନ୍ଦିର ମାଳା ହିଁ ଏହାର ଶିଳ୍ପକଳାର ପ୍ରମାଣ। ତେବେ ଭଗ୍ନାବଶେଷରେ ଏତେ କମନୀୟ ହୋଇଥିବା ମନ୍ଦିରର ପୂର୍ଣ୍ଣାବୟବ ସମ୍ପର୍କରେ ଚିନ୍ତାକଲେ ଏହାର ଶିଳ୍ପନୈପୁଣ୍ୟ ସମ୍ପର୍କରେ ସ୍ପଷ୍ଟ ପ୍ରମାଣ ମିଳିଥାଏ।ତେଣୁ ଏହା ସ୍ପଷ୍ଟରୂପେ ଅନୁମାନ କରାଯାଇପାରେ ଯେ, ଜ୍ଞାନର ବିବିଧ କ୍ଷେତ୍ରରେ ଏତେ ପ୍ରାଚୁର୍ଯ୍ୟ ଲାଭ କରିଥିବା ଓଡ଼ିଶା ନିଶ୍ଚିତ ରୂପେ କେବେ ଅନୁନ୍ନତ ହୋଇପାରେନା ନା ଅତୀତରେ ନା ଭବିଷ୍ୟତରେ। ଉତ୍କଳର ଏହି ଗୌରବଦୀପ୍ତ କାହାଣୀର ବାସ୍ତବ ନିଦର୍ଶନ ହେଉଛି ଏହି ଶିଳାପଦ୍ମର ପ୍ରତ୍ୟେକ ବାକ୍ୟ।

### ସମ୍ପର୍କର ସୁସ୍ଥ ଓ ସୁଦୃଢ଼ ମାନସିକତା:

ଭାରତର ସାମାଜିକ ରୀତି , ନୀତି , ନିୟମ , ଶୃଙ୍ଖଳା ତଥା ଖାଦ୍ୟବସ୍ତ୍ରରେ ସ୍ୱକୀୟତା ପରି ଏଠାକାର ସଂପର୍କରେ ମଧ୍ୟ ଭିନ୍ନତା ପରିଲକ୍ଷିତ। ସେଥିପାଇଁ ଆମେରିକାନ ଗବେଷକ ଚାର୍ଲସର ଶାରୀରିକ ସୁସ୍ଥତା ସମ୍ପର୍କରେ ଉପଦେଶ ଦେବାକୁ ପଶ୍ଚାତପଦ ହୋଇନାହିଁ ଭାରତମଧ୍ୟରେ ଥିବା ଓଡ଼ିଶା ରାଜ୍ୟର ଏକ ଦରିଦ୍ରତମ ବୃଦ୍ଧା କୁଶଭଦ୍ରା। ଏହା ମଧ୍ୟ ଭାରତୀୟ ପ୍ରବୃତ୍ତିର ଅନ୍ୟତମ ବୈଶିଷ୍ଟ୍ୟ। ଭାରତରେ ସନ୍ତାନ ଯେତେବଡ଼ ହେଲେ ମଧ୍ୟ ପିତାମାତାଙ୍କ ସାମ୍ନାରେ ସେ ସେଇ ବାଳୁତ ହୋଇ ରହିଥାନ୍ତି ଚିରକାଳ ପାଇଁ। ସେଥିପାଇଁ ପିଲାମାନଙ୍କ ସମସ୍ତ ବ୍ୟକ୍ତିଗତ କଥା ବୁଝିବା ତାଙ୍କର ସ୍ୱଭାବ ସେପଟେ ପିଲା ବୟସରେ ଯେତେ ବଡ଼ ହୋଇଥାଉ ନା କାହିଁକି ? ତେଣୁ ଚାର୍ଲସର ଜର ଶର୍ଦ୍ଧି,ଭଲ ମନ୍ଦ ଆଦି କ୍ଷେତ୍ରରେ କୁଶଭଦ୍ରା ବୁଢ଼ୀର ମୁଂଡ଼ ଖେଳାଇବା ଚକିତ କରିଛି ଚାର୍ଲସକୁ। ଏପରିକି ଅଭ୍ୟାସ ବଶତଃ ନିଜର ମଇଳା ପଣତଟିକୁ ମଧ୍ୟ ସାହେବକୁ ବଢ଼ାଇଦେବାରେ ସେ କୁଣ୍ଠାବୋଧ କରିନାହିଁ। ଏହି ମା'ର ପଣତ ଏବଂ ତାର ଆଢ଼ଟ ହିଁ ଭାରତୀୟ ନାରୀର ଶ୍ରେଷ୍ଠ ମହାନତା ଯାହା ଏକ ବିଦେଶୀ ଗବେଷକୁ ମଧ୍ୟ ଭାବବିହ୍ୱଳ ହେବାକୁ ବାଧ୍ୟ କରିପକାଇଛି। ଭାରତୀୟ ମା'ର ହୃଦୟ ବୋଧହୁଏ ଏପରି ବିସ୍ତୀର୍ଣ୍ଣ ଯାହା ମଧ୍ୟରେ ସନ୍ତାନର ଜାତି, ଗୋତ୍ର, ନାମ ଓ ପରିଚୟର ଆବଶ୍ୟକତା ନଥାଏ। ଜଣଙ୍କ ବ୍ୟକ୍ତିତ୍ୱକୁ ବିକୃତ କରିପାରୁଥିବା ଗାଳି ମଧ୍ୟ ମା'ର ଓଠରେ ଅମୃତଭଳି ମଧୁର ହୋଇପାରେ। ପାଗଳା, ବାୟା, ଆଦି ସମ୍ବୋଧନ ମୂଳକ ଶବ୍ଦର ମହନୀୟତାକୁ ଚାର୍ଲସ ପ୍ରଥମଥର ଅନୁଭବ କରିବା ମାଧ୍ୟମରେ ଭାରତୀୟ ମା'ର ଅନନ୍ୟତାକୁ ସ୍ପଷ୍ଟ ପରିଚୟ ଦିଆଯାଇଛି ଉପନ୍ୟାସରେ।

### ବିଶ୍ୱାସବୋଧ:

ଭାରତୀୟତାର ଅନ୍ୟତମ ନିଦର୍ଶନ ହେଉଛି ବିଶ୍ୱାସବୋଧ । ପତିପ୍ରତି ପତ୍ନୀର, ଭାଇପ୍ରତି ଭଉଣୀର, ବନ୍ଧୁପ୍ରତି ବନ୍ଧୁର ବିଶ୍ୱାସ ରହିବା ସ୍ୱାଭାବିକ ଏଠାରେ। ମାତ୍ର କୌଣସି ସମ୍ପର୍କ ନଥିବା ଅପରିଚିତ ବ୍ୟକ୍ତି ପ୍ରତି ଅନ୍ୟ ବ୍ୟକ୍ତିର ମଧ୍ୟ ଏକ ବିଶ୍ୱାସର ସୂତ୍ର ରହିଛି ଭାରତରେ। କୁହାଯାଏ ବିଶ୍ୱାସ ବିନା ସଂସାର ରଥ ଆଗକୁ ବଢ଼େନା।ବୋଧହୁଏ ସେହି ନ୍ୟାୟରେ ପ୍ରତି ମଣିଷ ଏଠାରେ ଅନ୍ୟ ମଣିଷକୁ ବିଶ୍ୱାସ କରେ। ଅବିଶ୍ୱାସ ଓ ସନ୍ଦେହର ବଳୟ ମଧ୍ୟରେ ବଢ଼ିଆସିଥିବା ଆମେରିକାନ ଗବେଷକ ଚାର୍ଲସ ତେଣୁ ବିଶ୍ୱାସର ଏପରି ମହିମାମୟ ରୂପକୁ ଦେଖି ଚକିତ ହୋଇଛି। ଏଠାରେ ଗ୍ରାହକ ବିକ୍ରେତାକୁ ବିଶ୍ୱାସ କରେ,ପଥିକ ମଧ୍ୟ ବିଶ୍ୱାସ କରେ ପଥକୁ। ସେ ହୃଦୟରେ ଏତିକିହିଁ ଗ୍ରହଣ କରିଥାଏ ଯେ ଏହି ପଥ ନିଶ୍ଚୟ ତାକୁ ଅପଥକୁ ଯିବାକୁ ଦେଇପାରେନା। ଏହି ବିଶ୍ୱାସର ବଳିଷ୍ଠତା ଯୋଗୁଁ ହିଁ ପ୍ରକୃତିର ଉପାଦାନ ନିକଟରେ ମଣିଷ ନିଜର ମନର କଥାକୁ ଉନ୍ମୋଚନ କରିପାରେ ନିଦ୍ୱନ୍ଦରେ। ତେଣୁ ଚିତ୍ରୋତ୍ପଳା ମଧ୍ୟ ବିଶ୍ୱାସ କରିଛି ଯେ, ଚାର୍ଲସ ତାପାଇଁ ନିଶ୍ଚୟ କିଛି ମଙ୍ଗଳମୟ ବାର୍ତ୍ତା ପ୍ରଦାନ କରିଥିବ। ଏହି ବିଶ୍ୱାସର ପରାକାଷ୍ଠା ପାଇଁ ଚାର୍ଲସ ଦୃଷ୍ଟିରେ 'ଇଂଡ଼ିଆ ଗ୍ରେଟ'।

### ଜନ୍ମାନ୍ତରବାଦ:

ଜନ୍ମଜନ୍ମାନ୍ତରବାଦରେ ବିଶ୍ୱାସ ଭାରତୀୟ ପରମ୍ପରାର ଅନ୍ୟତମ ନିଦର୍ଶନ। ମୃତ୍ୟୁପରର ଜୀବନ ସମ୍ପର୍କରେ ଏଠାରେ ଏକ ଗଭୀର ବିଶ୍ୱାସ ରହିଛି। ସେମାନଙ୍କ ମତରେ ଶରୀରର ସୂକ୍ଷ୍ମସତ୍ତା ହେଉଛି ଆତ୍ମା। ତାହା ଅବିନଶ୍ୱର, ଅଜର, ଅମର। ତେଣୁ ଏହାର ବିଲୟ କେବେ ସମ୍ଭବ ନୁହେଁ। ଏହା ଚାର୍ଲସଙ୍କୁ ଗଭୀର ଭାବରେ ପ୍ରଭାବିତ କରିଛି। ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କାର ଫଳରେ ମୃତ୍ୟୁରେ ହିଁ ଜୀବନର ଶେଷ ବୋଲି ଧାରଣା ଥିଲା। କିନ୍ତୁ ଭାରତୀୟ ଦର୍ଶନ ପ୍ରଭାବରେ ପ୍ରଭାବିତ ହୋଇ ପ୍ରତି ଶିଳାଖଂଡ଼ ମଧ୍ୟରେ ଜୀବସତ୍ତା ଥିବା ମଧ୍ୟ ସେ ହୃଦବୋଧ କରିପାରିଛି। ପ୍ରତିରାତିରେ ତେଣୁ ସେ ଉଜାଗର ରହିଛି କୋଣାର୍କ କନ୍ୟାର ଜୀବନ୍ୟାସ ରୂପକୁ ଦେଖିବା ପାଇଁ ଏବଂ ଅଶରୀରୀ ଆତ୍ମାର ଅନ୍ୱେଷଣ କରିକରି ରାତିସାରା ସମୁଦ୍ରକୂଳ, ଝାଉଁବଣ ଆଦି ମଧ୍ୟରେ ଶୋଇଯାଇଛି। ଏହା ଯେ ଭାରତୀୟ ବିଶ୍ୱାସବୋଧରେ ଗଭୀର ବିଶ୍ୱାସ, ତାହା ସ୍ୱୀକାର କରାଯାଇପାରେ।

**ଆତିଥେୟତା :**

ଆତିଥ୍ୟତା ପାଇଁ ସମଗ୍ର ବିଶ୍ୱରେ ବନ୍ଦନୀୟ ହୋଇଥାଏ ଭାରତ। 'ଅତିଥି ଦେବ ଭବଃ' ଅର୍ଥାତ ଅତିଥିଙ୍କୁ ଦେବତୁଲ୍ୟ ମନେକରି ଉପଯୁକ୍ତ ସତ୍କାର କରିବା ପ୍ରତି ଭାରତୀୟର ରକ୍ତକଣାରେ ବିଦ୍ୟମାନ। ଅତିଥି ସତ୍କାର ପାଇଁ ନିଜ ଜୀବନ ଉତ୍ସର୍ଗ କରିବାର ଅନେକ କାହାଣୀ ମଧ୍ୟ ଭାରତରେ ଉପଲବ୍ଧ। ଏହା ସଂପୂର୍ଣ୍ଣ ଭାବରେ ନିସ୍ୱାର୍ଥମୂଳକ। କୌଣସି ପ୍ରତିଆଶା ରଖି ଏହା କରାଯାଇନଥାଏ। ତେବେ ଏହି ନିସ୍ୱାର୍ଥଭାବରେ ଆନ୍ତରିକ ଆଗ୍ରହର ସହ ଅପରକୁ ସହାୟତା ପ୍ରଦାନ , ପ୍ରତି ପାଶ୍ଚାତ୍ୟ ପର୍ଯ୍ୟଟକଙ୍କୁ ନୂତନ ମନେହୁଏ ଠିକ ଚାର୍ଲସ ପରି। ଦେଶର ପର୍ଯ୍ୟଟକଙ୍କୁ ମଧ୍ୟ ଅତିଥି ଭାବରେ ଗ୍ରହଣ କରି ପ୍ରାଚୀର ସହାୟତା କରିବା ମନୋବୃତ୍ତି ଚାର୍ଲସଙ୍କୁ ବାଧ୍ୟକରିଛି ଭାରତୀୟ ଆଦର୍ଶ ନିକଟରେ ମୁଂଡ଼ ନୁଆଁଇବାକୁ।

**ଆତ୍ମମଗ୍ନତା :**

ଆତ୍ମମଗ୍ନତା ଭାରତୀୟ ନାରୀ ଚରିତ୍ରର ଅନ୍ୟତମ ବିଶେଷତ୍ୱ। ଭାରତୀୟମାନେ ମୁଖ୍ୟତଃ ନିଜ ଅପେକ୍ଷା ଅନ୍ୟପାଇଁ ଚିନ୍ତା କରିଥାନ୍ତି। ଏ କ୍ଷେତ୍ରରେ ନାରୀମାନଙ୍କ ଭୂମିକା ବିଶେଷ ଭାବରେ ରହିଥାଏ। ପରିବାର କ୍ଷେତ୍ରରେ ପ୍ରତିନାରୀ ପ୍ରଥମେ ନିଜକୁ ଭୁଲିଯାଏ ଏବଂ ସର୍ବଦା ପରିବାରଜନଙ୍କ ପାଇଁ ଚିନ୍ତା କରେ। କଥା ସମାଜର ଅବା ଜାତିର ଆସିଲେ ମଧ୍ୟ ସେ ତଦ୍ରୁପ ନିଜକୁ ନଗଣ୍ୟ ବା ହେୟ ମନେକରେ ଏବଂ ଅପରକୁ ପ୍ରାଥମିକ ପ୍ରାଧାନ୍ୟ ଦେଇଥାଏ। ତେଣୁ ଉପନ୍ୟାସରେ ପ୍ରାଚୀପ୍ରଭା ମଧ୍ୟ ନିଜ ଜାତିର ଗୌରବର କଥା ଶୁଣି ଖୁସି ହୋଇଉଠେ। ଜାତିର ବିଜୟ ମଧ୍ୟରେ ଦେଖେ ନିଜର ବିଜୟ।

**ନାରୀର ଆଦର୍ଶବତ୍ତା :**

ଭାରତୀୟ ନାରୀର ସ୍ୱଭାବ ସମ୍ପର୍କରେ ପ୍ରସଙ୍ଗ ଉଠିଲେ ମନରେ ଏକ ସ୍ପଷ୍ଟ ଧାରଣା ପ୍ରସ୍ତୁତ ହୋଇଯାଏ ତାର ଗୁଣାବଳୀକୁ ନେଇ। ରକ୍ଷଣଶୀଳତା, ଲଜ୍ଜା, କୁଂଠା, କୋମଳତା ଆଦି ଭାବରେ ସେ ଅଧିକ ମହୀୟାନ ହୋଇପଡ଼େ। ତେବେ ଆଧୁନିକତାର ପ୍ରଭାବରେ ତଥା ଉଚ୍ଚଶିକ୍ଷା ଲାଭକଲେ ମଧ୍ୟ ତାହା ତାର ଅନ୍ତଃକରଣରେ ସେହିପରି ସୂକ୍ଷ୍ମଭାବରେ ରହିଆସିଛି। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ହେଉଛି ଉପନ୍ୟାସର ନାୟିକା ପ୍ରାଚୀ। ଏହି ଗୁଣାବଳୀ ହିଁ ବାସ୍ତବରେ ଭାରତୀୟ ନାରୀକୁ ଅଧିକ ଆକର୍ଷଣୀୟା ଓ ମହନୀୟା କରିଥାଏ। ଏହା ସତେ ଯେପରି ଭାରତୀୟ ସଂସ୍କୃତିର ଅନ୍ୟତମ ପ୍ରତୀକ। ତେଣୁ ପ୍ରାଚୀ ମଧ୍ୟ ଭାରତୀୟ ସଂସ୍କୃତିର ପ୍ରତୀକ ରୂପେ ଦଂଡ଼ାୟମାନ ହୋଇଛି ଚାର୍ଲସ ସମ୍ମୁଖରେ। ତେବେ ଏହି ଗୁଣାବଳୀ ଅଧିକ ସ୍ପଷ୍ଟ ହୋଇଛି ପାଶ୍ଚାତ୍ୟ ନାରୀ ସହ ଭାରତୀୟ ନାରୀର ତୁଳନା ମାଧ୍ୟମରେ। ଚାର୍ଲସ ନିଜର ପାଶ୍ଚାତ୍ୟ ବନ୍ଧୁ ଲିଲିଆନ ସହ ପ୍ରାଚୀର ତୁଳନା କରି ଭାରତୀୟ ନାରୀର ପ୍ରତୀକ ପ୍ରାଚୀ ମଧ୍ୟରେ ଦେଖିଛି ଏକ ଶାନ୍ତ ଶୀତଳଛାୟାପ୍ରଦ ବୃକ୍ଷ ଅଥବା ଏକ ସ୍ଥିର ଆଲୋକ ଶିଖା ଯାହା କେବଳ ଅନ୍ୟମାନଙ୍କ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିପାରେ।

**ବିବାହ ଏବଂ ଦାମ୍ପତ୍ୟ ଜୀବନ:**

ବିବାହ ଏବଂ ଦାମ୍ପତ୍ୟ ଜୀବନକୁ ନେଇ ମଧ୍ୟ ଭାରତୀୟ ମାନଙ୍କର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ଭିନ୍ନ। ପାଶ୍ଚାତ୍ୟ ସମାଜରେ ପ୍ରେମ ସହ ବିବାହକୁ ଜଡ଼ିତ କରାଯାଇ ନଥାଏ। ଅର୍ଥାତ ଜଣେ ଜଣକୁ ପ୍ରେମ କଲେ ତାକୁ ବିବାହ କରିବାକୁ ବାଧ୍ୟ ହୋଇନଥାଏ। ମାତ୍ର ଭାରତୀୟ ସଂସ୍କୃତିରେ ତାହା ସଂପୂର୍ଣ୍ଣ ବିପରୀତ। ପ୍ରାଚୀ ମାଧ୍ୟମରେ ତେଣୁ ଲେଖିକା ପ୍ରକାଶ କରିଛନ୍ତି "ଦୁଇଟି ଯୁବକ ଯୁବତୀ ପରସ୍ପରକୁ ପ୍ରେମକଲେ ବିବାହ କରିବା ଯେପରି ସ୍ପୃହଣୀୟ- ଦୁଇଟି ସମ୍ପର୍କ ବିହୀନ ନରନାରୀ ବିବାହ ପରେ ପରସ୍ପରକୁ ପ୍ରେମ କରିବା ସେମିତି ବିବାହିତ ଜୀବନର ଧର୍ମ।"(୧) ଏହା ମାଧ୍ୟମରେ ଭାରତୀୟ ବିବାହର ଧର୍ମ ସମ୍ପର୍କରେ ଏକ ସ୍ପଷ୍ଟ ଧାରଣା ଆସୁଅଛି। ଭାରତରେ ଥରେ କେହି ପ୍ରେମ କଲେ ସେମାନଙ୍କ ବିବାହକୁ ସମସ୍ତେ ଗ୍ରହଣ କରିଥାନ୍ତି। ସେହିପରି ଦୁଇ ଅପରିଚିତ ମଧ୍ୟ ବିବାହ ବନ୍ଧନରେ ଆବଦ୍ଧ ହେଲାପରେ ପରସ୍ପରକୁ ପ୍ରେମ କରିବା ଆରମ୍ଭ କରନ୍ତି। ଏହି ବିବାହ ହିଁ ସେମାନଙ୍କ ଜୀବନର ଶେଷକଥା ହୋଇଯାଏ। ତେଣୁ ପାଶ୍ଚାତ୍ୟ ସମାଜ ପରି ଏଠାରେ ବିବାହକୁ ନେଇ ପରୀକ୍ଷା ନିରୀକ୍ଷା କରାଯାଇ ନଥାଏ। ସେହି ବିବାହ ହିଁ ହୋଇଯାଏ ଜୀବନର ସର୍ବପ୍ରଥମ ଓ ସର୍ବଶେଷ ବିବାହ। ପତ୍ନୀର ସୀମନ୍ତରେ ସିନ୍ଦୂର ରୂପେ ସ୍ୱାମୀ ଶୋଭାପାଏ ଏବଂ ଏହା ଭାରତୀୟ ସ୍ୱାମୀତ୍ୱର ଏକ ଅହଙ୍କାର ରୂପେ ମଧ୍ୟ ଗ୍ରହଣ କରାଯାଏ। ଏହି ସ୍ୱାମୀର ପ୍ରତୀକ ଥରେ ମଥାରେ ଲାଗିଗଲା ପରେ ସାରାଜୀବନ ସେ ତା

ବାଟକୁ ଚାହିଁ ବଂଚିଥାଏ। ଏହି ପ୍ରତୀକ୍ଷା ହିଁ ତାର ଉତ୍ସର୍ଗପଣର ପ୍ରମାଣ। ପ୍ରତୀକ୍ଷା ଓ ଉତ୍ସର୍ଗ – ଏହି ଦୁଇଟି କଥାକୁ ଛାଡ଼ି ସତେ ଯେପରି ପ୍ରେମ କେବେ ସମ୍ଭବ ହୋଇପାରେନା ଭାରତୀୟ ଦୃଷ୍ଟିରେ। ତେଣୁ କୁହାଯାଇଛି – "ଯେଉଁଠି ପ୍ରତୀକ୍ଷା ନାହିଁ, ଉତ୍ସର୍ଗ ନାହିଁ, ସେଠି ପ୍ରେମ କେବଳ ବିଡ଼ମ୍ବନା ମାତ୍ର।"(୨) ତେବେ ଭାରତୀୟ ପତ୍ନୀ ପଦ୍ମକୁ ଆଦର୍ଶ ଭାବରେ ଗ୍ରହଣ କରି ଏହିପରି ନୈସର୍ଗିକ ପ୍ରେମରେ ମଜ୍ଜିପାରେ। ତେଣୁ ସୂର୍ଯ୍ୟଙ୍କ ଉପାସନା ପାଇଁ ନିର୍ମିତ ପୀଠରେ କାର୍ଯ୍ୟରତ ଶିଳ୍ପୀଙ୍କ ପତ୍ନୀମାନେ ସେହି ପଦ୍ମର ନିଷ୍ଠା ନେଇ ଅପେକ୍ଷାରତ ଥିଲେ ଦୀର୍ଘ ବାରବର୍ଷ କାଳ। ତେଣୁ ଲେଖିକା ପ୍ରକାଶ କରିଛନ୍ତି- "ଭାରତୀୟ ନାରୀ ପଦ୍ମର ନିଷ୍ଠା ନେଇ ଏମିତି ଚାହିଁରହେ ତାର ସ୍ୱାମୀକୁ। ସେ ସ୍ୱାମୀ ଦେବତା ହୋଇଥାଉ ବା ଦାନବ ହୋଇଥାଉ ଏକନିଷ୍ଠ ପ୍ରେମନେଇ ଭାରତୀୟ ନାରୀ ବଂଚିରହେ। କୋଣାର୍କ ହେଉଛି ଏକନିଷ୍ଠ ପ୍ରେମର ପୀଠ। ବାରଶହ ବଢେଇଙ୍କର ପତ୍ନୀମାନେ ଷୋଳବର୍ଷ ଧରି ଏମିତି ଏକନିଷ୍ଠ ପ୍ରେମ ନେଇ ସ୍ୱାମୀର ବାଟ ଚାହିଁ ବସିଥିଲେ।"(୩) ଏହି ପ୍ରତୀକ୍ଷା ସଫଳ ହୋଇପାରେ ଅଥବା ବିଫଳ ହୋଇପାରେ, କିନ୍ତୁ ଏହି ବିଫଳତା ମଧ୍ୟରେ ମଧ୍ୟ ଏକ ସୂକ୍ଷ୍ମ ଆନନ୍ଦ ଲୁଚି ରହିଥାଏ। ତେଣୁ କୁହାଯାଏ "ବିଫଳ ପ୍ରତୀକ୍ଷାରେ ବି ଏ ଦେଶର ନାରୀର ଏକ ଗୌରବ ଅଛି।"(୪)

**ନାରୀଙ୍କୁ ଦେଖିବାର ଦୃଷ୍ଟିଭଙ୍ଗୀ:**

ଭାରତୀୟ ନାରୀମାନଙ୍କୁ ନେଇ ସମାଜରେ ଅନେକ ଅଲିଖିତ ନିୟମ ପ୍ରସ୍ତୁତ ହୋଇଯାଇଛି। ଭାରତୀୟ ସଂସ୍କୃତିରେ ସ୍ୱୀକାର କରାଯାଇଛି ଯେ, "ଯତ୍ର ନାର୍ଯ୍ୟେସ୍ତୁ ପୂଜ୍ୟନ୍ତେ, ରମ୍ୟନ୍ତେ ତତ୍ର ଦେବତାଃ" ଅର୍ଥାତ ନାରୀମାନଙ୍କର ବନ୍ଦନା ଯେଉଁଠାରେ କରାଯାଏ, ସେଠାରେ ଦେବତା ମାନେ ବାସ କରନ୍ତି। ତେଣୁ ପ୍ରତି ନାରୀ ତାର ଗୃହରେ ଏକ ରାଣୀ ବା ରାଜକୁମାରୀର ମାନ୍ୟତା ଲାଭ କରିଥାଏ। ଅନେକ ସମୟରେ ତେଣୁ ନାରୀକୁ ଗୃହର ଅନ୍ୟତମ ପରାମର୍ଶଦାତା ଭାବରେ ଗ୍ରହଣ କରାଯାଏ। ଏତେ ଉଚ୍ଚକୋଟୀର ସ୍ଥାନରେ ଅଧିଷ୍ଠିତ ନାରୀକୁ ତେଣୁ କେହି ଅସଭ୍ୟଙ୍କ ପରି ଚାହିଁବା ଭାରତର ନିୟମ ବିରୁଦ୍ଧ। ଏହାଦ୍ୱାରା ସେମାନଙ୍କର ଅସମ୍ମାନ ହୋଇଥାଏ। ସେମାନଙ୍କ ଅତୀତକୁ ନେଇ ପ୍ରଶ୍ନ କରିବା ମଧ୍ୟ ଏକ ପ୍ରକାର ଅଭଦ୍ରାମୀ ଭାବରେ ଗ୍ରହଣ କରାଯାଏ ଭାରତୀୟ ଦୃଷ୍ଟିରେ।

**ସ୍ୱାଭିମାନ:**

ଏକ ଜାତି ବଂଚିରହେ ନିଜର ସ୍ୱାଭିମାନ ବଳରେ।ବ୍ୟକ୍ତି କ୍ଷେତ୍ରରେ ମଧ୍ୟ ତାହା ସମାନ। ତେବେ ଏକ ନାରୀର ସ୍ୱାଭିମାନ ତାର ସ୍ୱାମୀ। ସ୍ୱାମୀର ସାମାନ୍ୟ ସନ୍ତକ ମଧ୍ୟ ତାକୁ ସମଗ୍ର ଜୀବନ ବଂଚିବାକୁ ଶକ୍ତି ଓ ସାଧନ ଯୋଗାଇପାରେ। କୁଶଭଦ୍ରା ମାଉସୀ ହିଁ ଏହାର ବାସ୍ତବ ପ୍ରତୀକ। ବିବାହର ଅର୍ଥ ବୁଝିବା ଆଗରୁ ବିଧବା ହୋଇଯାଇ ସ୍ୱାମୀ ହାତର କେତୋଟି ଅକ୍ଷରକୁ ସାରା ଜୀବନ ଆଶ୍ରା କରି ବଂଚିବା ବୋଧହୁଏ କେବଳ ଭାରତୀୟ ନାରୀଦ୍ୱାରା ହିଁ ସମ୍ଭବ ହୋଇପାରେ। ଏହାହିଁ ବୋଧହୁଏ ଭାରତୀୟ ଦୃଷ୍ଟିରେ ପତ୍ନୀତ୍ୱର ଶ୍ରେଷ୍ଠ ନିଦର୍ଶନ। ତେଣୁ ଚାର୍ଲସ ମୁହଁରେ ଲେଖିକା ପ୍ରକାଶ କରିଛନ୍ତି "ସାତବର୍ଷର ବାଳିକା ବିଭା ହୋଇପାରେ- ନଅବର୍ଷରେ ସେ ପୁଣି ହୋଇପାରେ ବିଧବା। ପୁଣି ସାରା ଜୀବନ ସ୍ୱାମୀ ହାତର କେତେ ଫର୍ଦ୍ଦ ଅବୁଝା ଅକ୍ଷରକୁ ସମ୍ବଳ କରି ସେ ସାରା ଜୀବନ ବି କାଟିଦେଇପାରେ କାମ, କ୍ରୋଧ, ଲୋଭ, ମୋହକୁ ଜୟକରି।ଏସବୁ କେବଳ ଯେମିତି ଇଂଡ଼ିଆରେ ହିଁ ସମ୍ଭବ। ଇଂଡ଼ିଆ ଅଲୌକିକ, ଇଂଡ଼ିଆ ରହସ୍ୟମୟ,ଇଂଡ଼ିଆ ମହାନ।"(୫) ସ୍ୱାମୀଙ୍କ ହାତଲେଖା କେତୋଟି ପୋଥି ତାଙ୍କପାଇଁ ଇଷ୍ଟଦେବ। ତେଣୁ ସେହି ସନ୍ତକକୁ ଆଶ୍ରାକରି ସେ ସାରା ଜୀବନ ବଂଚିଛନ୍ତି। କେବେ ବି ଦୁର୍ବଳ ହୋଇପଡ଼ି ନାହାନ୍ତି। ଏହି ପୋଥି ନିମିତ୍ତ ବହୁ ବ୍ୟକ୍ତି ଅନେକ ଅର୍ଥ ଦେବାକୁ ପ୍ରସ୍ତାବ ଦେଇଥିଲେ ମଧ୍ୟ ସେ ସେଥିରେ କେବେବି ରାଜି ହୋଇ ନାହାନ୍ତି। ତେଣୁ ସ୍ୱାମୀର ସନ୍ତକ ପତ୍ନୀର ଶ୍ରେଷ୍ଠ ସ୍ୱାଭିମାନ ହୋଇଯାଏ ସାରା ଜୀବନ। କୌଣସି ବି ଅର୍ଥ ତାର ସମକକ୍ଷ ହୋଇପାରେନା ଭାରତରେ।

**ଜ୍ଞାନ କୌଶଳରେ ଆଧୁନିକତା :**

ଭାରତୀୟ ଶିଳ୍ପକଳାର ମହନୀୟତା ମଧ୍ୟ ଭାରତୀୟ ଆଦର୍ଶର ଅନ୍ୟତମ ନିଦର୍ଶନ। ବିଶେଷ ରୂପେ କୋଣାର୍କ ଶିଳ୍ପୀର ଉଚ୍ଚକୋଟୀର ନିର୍ମାଣ କୌଶଳ ହିଁ ଆଚମ୍ବିତ କରିଦିଏ ପ୍ରତି ଗବେଷକମାନଙ୍କୁ। ଶହଶହ ମାଇଲ ଦୂରରୁ ବିରାଟକାୟ ପଥରକୁ ଆଣି ମନ୍ଦିର ଉପରକୁ ଉଠାଇବା ପରି ଜ୍ଞାନ ବାସ୍ତବରେ ଦର୍ଶାଇ ଦିଏ ଯେ ଭାରତୀୟ ଜ୍ଞାନକୌଶଳ କେତେ ଆଧୁନିକ। ପୁଣି ବିଭିନ୍ନ ଶିଳ୍ପୀଙ୍କ ଦ୍ୱାରା ଭିନ୍ନ ଭିନ୍ନ ଅଂଶ ପ୍ରସ୍ତୁତ କରାଯାଇ ତାହାକୁ ଏକତ୍ର ସଂଯୋଜନା କରାଯାଇ ଯେଉଁ ମନ୍ଦିର ପ୍ରସ୍ତୁତ ହୋଇଛି ତାହାର ଶିଳ୍ପୀମାନଙ୍କର ଏକାଗ୍ରତା ,ତଥା ପରାକାଷ୍ଠା ସତେ ଯେପରି କଳ୍ପନାତୀତ।

**ଆଦର୍ଶ ଶାସନ ପଦ୍ଧତି :**

ଭାରତୀୟ ଶାସନ ପଦ୍ଧତିରେ ଆଧୁନିକ ଗଣତନ୍ତ୍ର ଓ ସାମ୍ୟବାଦର ସ୍ୱର ଅନାଦିକାଳରୁ ରହି ଆସିଛି। ଏଠାରେ ଶାସକ ସାମ୍ନାରେ ଧନୀ, ଦରିଦ୍ର, ଉଚ୍ଚନୀଚର ଭେଦ ନଥାଏ। ପ୍ରତି ପ୍ରଜାର ଇଚ୍ଛାକୁ ଉପଯୁକ୍ତ ସମ୍ମାନ ଦିଆଯାଏ ଏବଂ ପ୍ରତ୍ୟେକଙ୍କ ମତାମତକୁ ଆଦର କରାଯାଏ। ଏହି ପ୍ରଥା ପୁରାଣଠାରୁ ଇତିହାସ ଯାଏଁ ଲମ୍ବିଥିବା ଦେଖାଯାଏ। ତେଣୁ ସ୍ୱୟଂ ଅନ୍ତର୍ଯ୍ୟାମୀ ରାମଚନ୍ଦ୍ର ଏଠି ଏକ ସାଧାରଣ ରଜକର କଥାକୁ ସମ୍ମାନ ଦେଇ ସୀତାଙ୍କୁ ନିର୍ବାସନ ଦଂଡ଼ ଦେଇପାରନ୍ତି ଏବଂ ସର୍ବ ସମ୍ମୁଖରେ ଅଗ୍ନିପରୀକ୍ଷା ଦେବାକୁ ଆହ୍ୱାନ ଦିଅନ୍ତି। ନିଜକୁ ସେହି ପ୍ରଭୁଙ୍କର ଭୃତ୍ୟ ମନେକରୁଥିବା ରାଜା ନରସିଂହଦେବ ମଧ୍ୟ ଏକ ଶିଳ୍ପୀପତ୍ନୀର କଥାକୁ ଗ୍ରହଣ କରି ବାରବର୍ଷ କାଳ ସନ୍ନ୍ୟାସ ବ୍ରତ

ଗ୍ରହଣ କରିପାରେ । ସେଥିପାଇଁ ଭାରତ ଚିରକାଳ ଅଦ୍ଭୁତ ଓ ବିସ୍ମୟକର ଥିଲା ଏବଂ ରହିଥିବ ମଧ୍ୟ ।

**ଶିଳ୍ପକଳାର ନିୟମବଦ୍ଧତା :**

ଭାରତୀୟ ମନ୍ଦିର ମାନଙ୍କରେ ଖୋଦିତ କାମ ମୂର୍ତ୍ତି ମାନଙ୍କୁ ଦେଖି ଏହାକୁ ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ବିଚାର କରିଥାନ୍ତି । ହେଲେ ଭାରତୀୟ ଶିଳ୍ପକଳା ମଧ୍ୟରେ ନିହିତ ନିୟମ ଏବଂ ଚିନ୍ତନକୁ ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ । ଜଗତର ସମସ୍ତ ଜାତିପ୍ରଜାତିକୁ ସନ୍ତୁଷ୍ଟ କରିବାର ଉଦ୍ଦେଶ୍ୟ ନେଇ ଧର୍ମପୀଠ ପ୍ରସ୍ତୁତ ହୁଏ ଭାରତରେ । କେବଳ ଦେବାର୍ଚ୍ଚନା ମଧ୍ୟରେ ସୀମିତ ହୋଇ ରହେନହିଁ ମନ୍ଦିର ।ଦେବ,ଦାନବ, ଗାନ୍ଧର୍ବ, ଯକ୍ଷ, କିନ୍ନର, ମନୁଷ୍ୟ, ପଶୁ, ପକ୍ଷୀ, ନାଗ, ଭୂତ, ପ୍ରେତ, ପିଶାଚ ଆଦି ସମସ୍ତଙ୍କୁ ଏଠାରେ ସନ୍ତୁଷ୍ଟ କରିବାପାଇଁ ପ୍ରୟାସ କରାଯାଇଥାଏ । ପୁନଶ୍ଚ ଏହି ଦେବ ମନ୍ଦିରର କାମ ମୂର୍ତ୍ତି ଦ୍ୱାରା ଉପାସକର ନିଷ୍ଠା, ସାଧନା ଓ ସଂଯମତାକୁ ପରୀକ୍ଷଣ କରିବା ହୋଇଥାଏ ସମ୍ଭବ ।

**ସରଳ ବିଶ୍ୱାସବୋଧ :**

ସାମ୍ପ୍ରତିକ ସମାଜର ଜଟିଳତା ମଧ୍ୟରେ ସରଳ ବିଶ୍ୱାସର ପ୍ରତିଭୂ ହେଉଛନ୍ତି ଓଡ଼ିଆ ଘରର ସ୍ତ୍ରୀମାନେ । ସ୍ୱାମୀ ଓ ସନ୍ତାନଙ୍କ ମଙ୍ଗଳ ମନାସି ଓଷାବ୍ରତ ପାଳନ କରିବାକୁ ସେମାନେ ନିଜର ସୌଭାଗ୍ୟ ମଣନ୍ତି । ଏହି ବିଶ୍ୱାସ ନିକଟରେ ପ୍ରକୃତିର ଛୋଟ ଜୀବଠାରୁ ନିର୍ଜୀବ ଆସବାବପତ୍ର ମଧ୍ୟ ହୋଇଯାଆନ୍ତି ଦେବତାର ସ୍ୱରୂପ । ମାଟି, ଗୋଡ଼ି, ପଥର, କୁଲା, ଛାଂଚୁଣୀ, ଶିଳ, ଶିଳପୁଆ, ଗୁଆ, ନଡ଼ିଆ , ଗଛବୃଛ , ଭୂତପ୍ରେତ , ନାଗସାପ , ବଳଦ , ଗାଈ , ଚିଲ , ଶିଆଳ , ଗେଂଡ଼ା ଆଦି ସମସ୍ତେ ଆଶିଷ ପ୍ରଦାନ କରନ୍ତି ସୁନ୍ଦର ଜୀବନଧାରଣ ପାଇଁ । ସେହି ନାରୀ ଅନ୍ୟମାନଙ୍କ ମଙ୍ଗଳ ପାଇଁ ଉତ୍ସର୍ଗୀକୃତ ହୋଇଥିଲେ ମଧ୍ୟ କେବେ ସ୍ୱାମୀ ନିକଟରେ ଉପଯାଚିକା ହୁଏନାହିଁ । କାମନାର ଉଦଗ୍ର ଜ୍ୱାଳାଠାରୁ ନାରୀତ୍ୱର ଅଭିମାନ ତାପାଇଁ ବଳୀୟାନ । ଏହି ସରଳ ବିଶ୍ୱାସ ଓ ନାରୀତ୍ୱର ଅଭିମାନର ସମନ୍ୱୟ ପାଇଁ ସେ ପୁରୁଷ ନିକଟରେ ହୋଇଥାଏ ବନ୍ଦନୀୟା ଚିରକାଳ ପାଇଁ । ତେଣୁ ସ୍ୱୟଂ ବିଶ୍ୱନିୟନ୍ତା ଜଗନ୍ନାଥ ମଧ୍ୟ ଶ୍ରୀରାଧାଙ୍କ ପଦବନ୍ଦନା କରିବାକୁ ପଶ୍ଚାତପଦ ହୋଇନଥାନ୍ତି ଭାରତୀୟ ପୁରାଣରେ ।

**ମୂଲ୍ୟବୋଧ :**

ଆଦର୍ଶ ଏବଂ ମୂଲ୍ୟବୋଧର ପ୍ରସଙ୍ଗ ଏ ଦେଶରେ ରହି ଆସିଥିଲା ଏବଂ ଏହା କେବେ ସମ୍ପୂର୍ଣ୍ଣ ରୂପେ ଲୋପ ପାଇପାରିବନି ମଧ୍ୟ । ତେଣୁ ଗୋଟିଏ ଜାତିର ଗୌରବ ଓ ଗାରିମା ପାଇଁ ଶିଳ୍ପୀ କେବେ ସଂକୀର୍ଣ୍ଣମନା ହୋଇ ଶିଳ୍ପ ମଧ୍ୟରେ ନିଜର ନାମ ଉତ୍କୀର୍ଣ୍ଣ କରେନା କିମ୍ବା ଅଶୀବର୍ଷର ବୃଦ୍ଧ ପୂଜକ ନିଜପାଇଁ କିଛି ଭିକ୍ଷା ନକରି ମନ୍ଦିର ମରାମତି ପାଇଁ ନିବେଦନ କରେ । ସମସ୍ତଙ୍କ ଚିର ମଙ୍ଗଳ ମନାସୁଥିବା ନାରୀ କେବେ ସ୍ୱାମୀ ନିକଟରେ ଉପଯାଚିକା ହୁଏନା କିମ୍ବା ପ୍ରଚୁର ଅର୍ଥର ସୁଯୋଗ ଥିଲେ ମଧ୍ୟ ଜାତିର ଶିଳ୍ପ କୌଶଳକୁ କେହି ବିଦେଶୀ ନିକଟରେ ବିକ୍ରୀ କରିପାରେନା । ନିଜ ଦେଶର ପବିତ୍ର ଜଳରେ ତାକୁ ସମାଧି ଦେଇ ଦେବାକୁ ସେ ଶ୍ରେୟସ୍କର ମଣେ ।

**ଜୀବନର ଉଚ୍ଚ ଦର୍ଶନ :**

ଜୀବନର ଦୁଇଟି ସତ୍ୟ ଭାରତର ପ୍ରତି ଗ୍ରାମମୁଣ୍ଡରେ ପହଂଚିବାପରେ ସ୍ମରଣ ଆସେ ପ୍ରତି ମଣିଷକୁ । ଗୋଟିଏ ହେଉଛି ମୃତ୍ୟୁ ଏବଂ ଅପରଟି ଈଶ୍ୱର । ପ୍ରତି ଗାଁମୁଂଡ଼ରେ ଥାଏ ଏକ ମଶାଣୀ ଏବଂ ତାପରେ ଥାଏ ଭାଗବତ ଟୁଙ୍ଗୀ ନଚେତ ଗ୍ରାମଦେବତୀ । ଗୋଟିଏ ଜୀବିତ ଅବସ୍ଥାରେ ଆଧ୍ୟାତ୍ମିକ ଉପଲବ୍ଧି ପରି ଶୀତଳତା ପ୍ରଦାନକରେ ଏବଂ ଅନ୍ୟଟି ସମସ୍ତ କଳୁଷ କାଳିମାରୁ ମୁକ୍ତକରି ଉର୍ଦ୍ଧ୍ୱତର ଗମନର ପଥକୁ ସ୍ପଷ୍ଟ କରି ଜୀବନର ବାସ୍ତବତାକୁ ସୂଚାଇଦିଏ । ବିଭ୍ରାନ୍ତ ପଥିକଟିଏ କ୍ଳାନ୍ତ ହୋଇ ଆସି ଗାଁମୁଂଡ଼ରେ ବସି ପଡ଼ିଲେ ଜୀବନକୁ ଅତି ସହଜରେ ଉପଲବ୍ଧି କରିପାରେ । ତେବେ ଏପରି ଉଚ୍ଚତର ଦର୍ଶନ ଅତିସରଳରେ କେବଳ ଭାରତରେ ହିଁ ଉପଲବ୍ଧ ହୋଇପାରେ । ଏହା ହୁଏତ ଜୀବନର ବାସ୍ତବତାକୁ ବିସ୍ମରଣ ନକରିବାପାଇଁ ଏକ ଅଭିନବ ମାଧ୍ୟମ ।

**ଭକ୍ତିବୋଧ :**

ଭାରତୀୟ ଭକ୍ତିମାନସର ପରିଚୟ ମିଳେ ପଥର ଉପରେ ଥିବା ଅତୁଟ ବିଶ୍ୱାସରୁ । ମନର କଥାକୁ ଅନ୍ୟପାଖରେ ଉପସ୍ଥାପନା କରିହୁଏନା ମୁକ୍ତରୂପରେ । ତେଣୁ ଏଠି ମଣିଷମାନେ ନିଜର କଥାକୁ ଅନ୍ୟପାଖରେ ପହଂଚାଇବା ପାଇଁ ପଥରକୁ ମାଧ୍ୟମ ଭାବରେ ଗ୍ରହଣ କରନ୍ତି । କିନ୍ତୁ ସେ ପଥର ସେମାନଙ୍କ ପାଇଁ ନିର୍ଜୀବ ନୁହେଁ । ତା ମଧ୍ୟରେ ରହିଛି ଏକ ଶୁଦ୍ଧ ଆତ୍ମା ତଥା ଦୈବୀଶକ୍ତୀ । ପରମାତ୍ମାଙ୍କର ସତ୍ତାକୁ ସେ ସେହି ପଥର ମଧ୍ୟରେ ଅନୁଭବି ପାରନ୍ତି ।ଏହି ଭକ୍ତିମାନସର ଅଧିକାରୀ ପ୍ରତ୍ୟେକ ଭାରତୀୟ ତେଣୁ ଏକ ପୂଜାରୀ ବା ପୂଜାରିଣୀ ପରି ମନେହୁଅନ୍ତି ।

**ଉପସଂହାର :**

ଭାରତର ମହନୀୟତା ତଥା ମୂଲ୍ୟବୋଧର ସ୍ରୋତ ଏତେ ବିସ୍ତୀର୍ଣ୍ଣ ଯେ, ଏହାକୁ ସାମଗ୍ରିକ ରୂପେ ବୁଝାଇବା ହୁଏତ ଅତ୍ୟନ୍ତ ଦୁସାଧ୍ୟର ପ୍ରସଙ୍ଗ । ଏହାକୁ କେବଳ ଏକ ଅନୁଭବି ହିଁ ଅନୁଭବ କରିପାରେ ।ଏକ ହୃଦୟବାନ ଏହାକୁ ଉପଲବ୍ଧି କରିପାରେ ।ଏହି ଭାରତୀୟ ସଂସ୍କୃତିର ଚିତ୍ରକୁ ସୂକ୍ଷ୍ମରୂପେ ଚିତ୍ରିତ କରିଥିବା ଆଲୋଚ୍ୟ ଶିଳାପଦ୍ମ ଉପନ୍ୟାସ ତେଣୁ ଏକ ଆଦର୍ଶର ସ୍ତମ୍ଭ ହୋଇପାରିଛି, ଏହାକୁ ଅସ୍ୱୀକାର କରାଯାଇ ପାରେନା । ଭାରତୀୟ ମହାନତାକୁ ସ୍ୱୀକାର କରି ତେଣୁ ଏହା ଗ୍ରହଣ କରାଯାଇପାରେ ଯେ, ଭାରତରେ ଥିବା

ଅନେକ କିଛି ହୁଏତ ଅନ୍ୟ ପାଶ୍ଚାତ୍ୟ ସମାଜରେ ଉପଲବ୍ଧ ହେଉଛି ,ମାତ୍ର ଏପରି ଅନେକ ଦୁର୍ଲ୍ଲଭ କିଛି ରହିଛି ଯାହା କେବେ ଅନ୍ୟତ୍ର କେଉଁଠି ନଥିଲା ବା ଏବେ ମଧ୍ୟ ନାହିଁ। ତେଣୁ ଏହାର ଭୌଗୋଳିକ ରୂପ ହୁଏତ ବଦଳିପାରିଛି,ହେଲେ ତାର ସୂକ୍ଷ୍ମ ପବିତ୍ର ସତ୍ତା ଆଜିବି ଅପରିବର୍ତ୍ତନୀୟ। ଭାରତ ନା କେବେ କୌଣସି କ୍ଷେତ୍ରରେ ପଛୁଆ ଥିଲା,ନା ଏବେ ଅଛି। ସ୍ୱୟଂ ପ୍ରଭୁ ବିଶ୍ୱନିୟନ୍ତା ଜଗନ୍ନାଥଙ୍କୁ ଅନୁସରଣ କରୁଛି ଯେଉଁ ଜାତି, ସେ ଯେ ସର୍ବଦା ମଧୁମୟ,ମହିମାମୟ ଓ ଗୌରବମୟ ହୋଇଥିବ ଏହା ନିଃସନ୍ଦେହ। ତେଣୁ ଏଠି ସଭିଙ୍କ ମଧ୍ୟରେ ଏକ ଅଦୃଶ୍ୟ ସ୍ରୋତ ରହିଛି ଯୋଡ଼ିହୋଇ ଯାହା ଫଳରେ ଜଣେ ଏଠାରେ ପଛେଇ ଗଲେ ଅନ୍ୟମାନେ ହୁଏତ ତା ସହ ପଛେଇ ଯାଆନ୍ତି ନଚେତ ସମସ୍ତେ ମିଳିତ ହୋଇ ତାକୁ ସାଙ୍ଗରେ ଘେନି ଆଗକୁ ଅଗ୍ରସର ହୁଅନ୍ତି। ଏହାହିଁ ଏଠାକାର ପାରିବାରିକ ଧର୍ମର ପରାକାଷ୍ଠା। ହୁଏତ ଅନ୍ୟମାନଙ୍କ ଦୃଷ୍ଟିରେ ଏଠାରେ ଜଣେ ଅନ୍ୟ ଜଣଙ୍କ ଉପରେ ବୋଝପରି ପ୍ରତୀତ ହୋଇପାରେ ,ମାତ୍ର ଏଠାରେ କେହି କାହାକୁ ନିଃସଙ୍ଗ କରିପାରେନା। କେବଳ ସ୍ମୃତିକୁ ସାଥୀ କରି ଜୀବନ ଜୀଇଁବା ମଧ୍ୟ ଏକ ଉଜ୍ଜ୍ୱଳ ଆଦର୍ଶ ରୂପେ ଏଠାରେ ଗ୍ରହଣ କରାଯାଇପାରିଛି। ସ୍ନେହ, ପ୍ରେମ, ତ୍ୟାଗ, ଉତ୍ସର୍ଗ ଆଦିକୁ ଧାରଣ କରି ଏ ଜାତି ହୋଇଛି ମହାନ। ତେଣୁ ଏଠାରେ ଅପୂର୍ଣ୍ଣତାରେ ଥାଏ ସଂପୂର୍ଣ୍ଣତା, ଅସୁନ୍ଦରରେ ଥାଏ ସୁନ୍ଦରତା, ଅସଫଳ ମଧ୍ୟରେ ଥାଏ ସଫଳତା ଏବଂ ନୈରାଶ୍ୟ ମଧ୍ୟରେ ଥାଏ ଆଶାର ଆଲୋକ। ତେଣୁ ଏ ଜାତି ବା ଦେଶ କେବେ ବିଲୁପ୍ତ ହୋଇପାରେନା କାରଣ ଏହା ବ୍ୟବସାୟୀର ଦେଶ ନୁହେଁ, ଏହା ଶିଳ୍ପୀର ଦେଶ। ବାସ୍ତବିକ ଏପରି ଉଚ୍ଚକୋଟୀର ଆଦର୍ଶବୋଧକୁ ଧରିରଖି ଭାରତୀୟ ମୂଲ୍ୟବୋଧ ସହ ଏକ ଉନ୍ନତ ତଥା ମନୋମୁଗ୍ଧକର ରୂପରେ ଆଲୋଚ୍ୟ ଉପନ୍ୟାସ ପ୍ରସ୍ତୁତ ହୋଇ ଏକ ଉଜ୍ଜ୍ୱଳ ଭାରତୀୟ ଜୀବନବୋଧକୁ ବ୍ୟାଖ୍ୟା କରିବାରେ ସଫଳ ହୋଇଛି ପାଠକ ସାମ୍ନାରେ। ଜାତୀୟ ମୂଲ୍ୟବୋଧ ଓ ବିଶ୍ୱମାନବତାବୋଧର ମଧ୍ୟ ଏହା ଏକ ଶ୍ରେଷ୍ଠ କୀର୍ତ୍ତିସ୍ତମ୍ଭ। ବାସ୍ତବରେ ଏ ଦେଶ ମହାନ, ମହାନ ଏହାର ଜନତା, ମହାନ ଏହାର ଶିଳ୍ପୀ,ମହାନ ସେହି ଶିଳ୍ପୀର ଗାଥାକୁ ଶବ୍ଦରେ ରୂପ ଦେଇଥିବା ସାରସ୍ୱତ ସ୍ରଷ୍ଟା।

**ସଙ୍କେତ ସୂଚୀ :**

୧. ରାୟ ପ୍ରତିଭା, ଶିଳାପଦ୍ମ, ନାଳନ୍ଦା, ବିନୋଦବିହାରୀ, କଟକ, ଷଷ୍ଠ ମୁଦ୍ରଣ- ୧୯୯୮, ପୃ-୪୫ ।

୨. ତତ୍ରୈବ, ପୃ - ୭୫।

୩. ତତୈବ, ପୃ- ୧୦୧।

୪ ତତୈବ, ପୃ - ୧୨୨ ।

୫ ତତୈବ, ପୃ - ୬୯ ।

**ସହାୟକ ଗ୍ରନ୍ଥସୂଚୀ :**

୧. ତ୍ରିପାଠୀ ସନ୍ତୋଷ, ଆଧୁନିକ ଓଡିଆ ସାହିତ୍ୟର ବିକାଶଧାରା, ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦ ବିହାରୀ କଟକ , ନୂତନ ସଂସ୍କରଣ - ୨୦୨୦ ।

୨. ପାଣିଗ୍ରାହୀ ସୁରେନ୍ଦ୍ରନାଥ, ଓଡିଆ ଉପନ୍ୟାସ ସାହିତ୍ୟର ଇତିହାସ, ସତ୍ୟନାରାୟଣ ବୁକ୍‌ଷ୍ଟୋର୍, ବିନୋଦ୍ ବିହାରୀ କଟକ, ତୃତୀୟ ସଂସ୍କରଣ - ୨୦୨୨ ।

୩. ପ୍ରଧାନ ସବିତା, ଓଡିଆ ଉପନ୍ୟାସ (ସଂ), ସାହିତ୍ୟ ଅକାଦେମି, ପ୍ରଥମ ପ୍ରକାଶ - ୨୦୨୧।

❖ ❖ ❖

DOI : https://doi.org/10.5281/zenodo.17553496

ମୂଳ ପ୍ରବନ୍ଧ

# ଉତ୍ତର ଓଡ଼ିଶାରେ ଦଧିନାଟର ପ୍ରଭାବ

**ଦମୟନ୍ତୀ ଜେନା**

**ସଂକ୍ଷିପ୍ତସାର :**

ଓଡ଼ିଶାର ଭୌଗୋଳିକ ପରିଚୟ ଦୃଷ୍ଟିରେ ଉତ୍ତର ଓଡ଼ିଶା କହିଲେ ବାଲେଶ୍ୱର, ମୟୂରଭଞ୍ଜ, ତତ୍ ସଂଲଗ୍ନ ପଶ୍ଚିମ ବଙ୍ଗଳାର ମେଦିନୀପୁର ଜିଲ୍ଲାନ୍ତର୍ଗତ ଦକ୍ଷିଣ-ପଶ୍ଚିମାଂଶ ଓ ଝାଡ଼ଖଣ୍ଡ ରାଜ୍ୟର ସିଂହଭୂମି ଜିଲ୍ଲାର କିଛି ଅଞ୍ଚଳକୁ ବୁଝାଏ । ଭାରତର ଉତ୍ତର ପୂର୍ବ ଦିଗରେ ଅବସ୍ଥିତ ଯାଯାବର ଗୋପାଳ ଜାତି, ଭାରତକୁ ବୈଶ୍ୟବୃତ୍ତି ହେତୁ ଆସାମ-ବେଙ୍ଗଲ ମଧ୍ୟଦେଇ ପ୍ରବେଶ କରିଥିବା ଐତିହାସିକ ବିବର୍ତ୍ତନ କଲେ ଜଣାଯାଏ । ଦକ୍ଷିଣ ଏସିଆରୁ 'ଆଭୀର' ସମ୍ପ୍ରଦାୟର ଆଗମନ ଓଡ଼ିଶାକୁ ହୋଇଥିବା କଥା ସମାଲୋଚକ ଡକ୍ଟର ପ୍ରଦୀପ୍ତ ପଣ୍ଡା, 'ରାସ ପଞ୍ଚାଧ୍ୟାୟୀ' ପୁସ୍ତକରେ ମତ ପ୍ରଦାନ କରିଥାନ୍ତି । ଆଭୀରମାନଙ୍କ ଭଗବତ୍ ମାର୍ଗ ଥିଲା ଭକ୍ତି କୈନ୍ଦ୍ରିକ ସରଳ ମାର୍ଗ । ଭାରତକୁ ପଶ୍ଚିମ ଦିଗରୁ ଆଗତ ଦ୍ରାବିଡ଼ ମାନଙ୍କ ପବନ ଆଧାରୀ ସାଧନା ଶୈବ ମାର୍ଗ, ଉତ୍ତରରୁ ଆଗତ ଆର୍ଯ୍ୟମାନଙ୍କର ଜ୍ଞାନ ମାର୍ଗ, ଦକ୍ଷିଣର ଅଷ୍ଟ୍ରିକମାନଙ୍କ ତନ୍ତ୍ର ମାର୍ଗ ବେଶ୍ କଠିନ ମାର୍ଗ ଲାଗୁଥିବା ବେଳେ ଏହି ଭକ୍ତି ମାର୍ଗକୁ ସରଳ ମଣିଷ ଅଧିକ ଗ୍ରହଣ କରିଥିବା କଥା କୁହାଯାଇପାରେ। ଏହି ଭକ୍ତି ଧର୍ମକୁ କୃଷ୍ଣକୈନ୍ଦ୍ରିକ ବୈଷ୍ଣବ ମାର୍ଗ ବୋଲି ମଧ୍ୟ କୁହାଯାଏ । ବୈଷ୍ଣବ ଧର୍ମର ଭାକ୍ତିକ ବିଭାଗରେ କୃଷ୍ଣ ଲୀଳାକୁ ପ୍ରାଧାନ୍ୟ ଦିଆଯାଉଥିବା ବେଳେ ଲୋକନାଟକରେ ଦଧିନାଟର ପରମ୍ପରା ଭିତରେ ଏହା ଜଡ଼ିତ ହେବା ସ୍ୱାଭାବିକ । ଯେହେତୁ ଲୋକ ନାଟକ ଦୃଶ୍ୟ ଏବଂ ଶ୍ରବ୍ୟ ଏଣୁ ଅଧିକ ଲୋକାଦୃତ । ଏଣୁ ଧର୍ମ ପରମ୍ପରାକୁ ପ୍ରଚାର ପ୍ରସାର କରିବା ଅର୍ଥରେ ଲୋକ ନାଟକ ଥିଲା ଶ୍ରେଷ୍ଠ ଅବଲମ୍ବନ । ଏଥିପାଇଁ କୁହାଯାଇପାରେ ଦଧିନାଟ ହେଉଛି ଭକ୍ତି ଧର୍ମ ପ୍ରଚାରର ଏକ ପାରମ୍ପରିକ ଅଙ୍ଗ ।

**ପ୍ରମୁଖ ଶବ୍ଦାବଳୀ:**

ଆଭୀର, ଦଧିନାଟ, ଗୋପାଳ, ଭାଣ୍ଡ, ସଂକୀର୍ତ୍ତନ, ଆମ୍ଭଡାହି, ଗଉଡ଼, ବୈଶ୍ୟଚେତନା, ପ୍ରଲେପ, କନ୍ଦଳ, ବୃଷ୍ଣି, ଲନ୍ଦବଂଶ, ଶ୍ରାଦ୍ଧକର୍ମାଣି, କଉଡ଼ି, ମୃତାହ, ଭର୍ଝା ।

ମଣିଷ ସାଧାରଣ ଗୋଷ୍ଠୀଗତ ଜୀବନରୁ ଯାଯାବର ଜୀବନଯାପନ କରୁଥିଲା ବେଳେ ଯେତେବେଳେ ସମଷ୍ଟିଗତ ଜୀବନ ଭିତରକୁ ଗଲା ବିଭିନ୍ନ ଗୋଷ୍ଠୀର ଜୀବନ ପ୍ରଣାଳୀର ସମ୍ମିଶ୍ରଣ ଘଟିଲା । ଯାହା ଫଳରେ ଏକ ସୁସ୍ଥ ସମାଜ ପ୍ରକ୍ରିୟା ତିଆରି ହୋଇପାରିଲା । ଏହି ସୁସ୍ଥ ସମାଜ ପ୍ରକ୍ରିୟାରେ ଭିନ୍ନ ଭିନ୍ନ ଜୀବନ ଦର୍ଶନ ସମ୍ମିଶ୍ରଣ ହେଲା । ସଂସାରର ପ୍ରତ୍ୟେକ ଜୀବ ପାଇଁ ଆହାର, ନିଦ୍ରା, ଭୟ, ମୈଥୁନ ଏକ ପ୍ରାକୃତିକ କ୍ରିୟା ହୋଇଥିବା ବେଳେ ଆହାର ପ୍ରସ୍ତୁତି ପ୍ରଣାଳୀ ଖାଦ୍ୟ ଅନ୍ୱେଷଣ ସୁସଂଗଠିତ ହେଲା । ନିରାପଦ ନିଦ୍ରା ହେତୁ ସୁସ୍ଥ ବିଶ୍ରାମ କରିଲା । ସଙ୍ଗଠିତ ଗୋଷ୍ଠୀ ଜୀବନ ହେତୁ ନିର୍ଭୟ ହେଲା ଓ ସମାଜ ସଂହିତା ହେତୁ ପ୍ରକୃତିକୁ ନିୟନ୍ତ୍ରଣ କରିପାରିଲା । ଯାହାର ଫଳ ସ୍ୱରୂପ ମଣିଷର ମସ୍ତିଷ୍କରେ ଉର୍ଜା ବୃଦ୍ଧି ହେଲା । କ୍ରମ ବିବର୍ତ୍ତନ ରୂପରେ ଆଜିର ପ୍ରଜ୍ଞାଶୀଳ ମଣିଷର ରୂପାନ୍ତରଣ ହୋଇଛି । ଯେଉଁମାନଙ୍କୁ ଦୁର୍ଲଭ ଜୀବ ବୋଲି କୁହାଯାଏ ।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢ଼ିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.17553496

Article No - BPP00350

**ଯୋଗାଯୋଗ :**
**ଦମୟନ୍ତୀ ଜେନା,** ଗବେଷିକା,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
**Email**: jenadamayanti321@gmail.com
**ORCID ID:** https://orcid.org/0009-0002-6927-5902

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୦୬.୨୦୨୫ | ୧୮.୦୭.୨୦୨୫ | ୨୫.୦୯.୨୦୨୫ | ୧.୧୦.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ଜେନା, ଦମୟନ୍ତୀ, ୨୦୨୫ । ଉତ୍ତର ଓଡ଼ିଶାରେ ଦଧିନାଟର ପ୍ରଭାବ । ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା: ଛ, ପୃଷ୍ଠା : ୬୧-୬୪ ।

ମଣିଷର ଗୋଷ୍ଠୀଗତ ଜୀବନର ଅନୁଭୂତି ଓ ଜୀବନଚର୍ଯ୍ୟାର ପାରିଭାଷିକ ରୂପ ଭାବେ ଆମେ ମୌଖିକ ଲୋକସାହିତ୍ୟକୁ ଦେଖିଥାଉ । କଥିତ ଭାଷାର ଅନ୍ତରାଳରେ ଏହି ଲୋକସାହିତ୍ୟ ଧାରା ସମୟ କ୍ରମେ ଗତିଶୀଳ ହେବା ସ୍ୱାଭାବିକ । ବିଶେଷତଃ ଲୋକସାହିତ୍ୟର ଉଦ୍ଦେଶ୍ୟ ଥିଲା ସମାଜରେ ଏକ ସାଂସ୍କୃତିକ, ଧାର୍ମିକ, ବିଚାର ଶକ୍ତିଯୁକ୍ତ ଓ ପାରମ୍ପରିକ ଇତିକଥାକୁ ପ୍ରଚାର ପ୍ରସାର କରିବା ଲୋକସାହିତ୍ୟରେ ଲୋକଗୀତ, ଲୋକ ଗଳ୍ପ, ଲୋକ କାହାଣୀ, ଲୋକ ନାଟକ, ଢଗଢମାଳି, ନାଁ ଦିଆ, ପ୍ରହେଳିକା, ପ୍ରବାହ, ପ୍ରବଚନ ଆଦିକୁ ଲୋକସାହିତ୍ୟ ସମୀକ୍ଷକମାନେ ଆଲୋଚନା କରିଥାନ୍ତି । ସେହି ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଲୋକଗୀତ ସାଧାରଣ ଜୀବନଚର୍ଯ୍ୟାକୁ ନେଇ ଗଢ଼ି ଉଠିଥିଲା । ଲୋକ ଗଳ୍ପ ବା ଲୋକକାହାଣୀ ପିଲାଙ୍କର ବୌଦ୍ଧିକ ବିକାଶ ଦିଗରେ ସହାୟକ ହୋଇଥିଲା । ଜୀବିକାର ବ୍ୟସ୍ତବହୁଳ ସ୍ଥିତିରୁ ନୃତ୍ୟ, ସଙ୍ଗୀତ, ସଂଳାପ ସଂଯୋଜିତ ହୋଇ ଲୋକନାଟକ ସୃଷ୍ଟି ହେଲା । ଏ ପର୍ଯ୍ୟନ୍ତ ସଂଗୃହତୀ ପ୍ରତ୍ୟେକ ଲୋକନାଟକର ମୌଳିକ ଉଦ୍ଦେଶ୍ୟକୁ ଖୋଜିଲେ ତାହା ଆମ ସମାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଧାର୍ମିକ ବିଧି ବ୍ୟବସ୍ଥାର ମହତ୍ତ୍ୱ ଉଦ୍ଦେଶ୍ୟକୁ ନମନୀୟ କଳା ମାଧ୍ୟମରେ ପ୍ରଦର୍ଶନ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ସେ ଦୃଷ୍ଟିରୁ କେତେବେଳେ ଶୈବ ଧର୍ମ, କେତେବେଳେ ଶାକ୍ତ ଧର୍ମ, କେତେବେଳେ ଜ୍ଞାନ ଧର୍ମ ପୁଣି କେତେବେଳେ ଭକ୍ତି ଧର୍ମକୁ ଲୋକକଳା ମାଧ୍ୟମରେ ସାଇତି ରଖିଛନ୍ତି ଲୋକ ସାହିତ୍ୟକାରମାନେ । ଯାହା ଫଳରେ ଲୋକ ସାହିତ୍ୟରେ ଯୋଡ଼ି ହୋଇଗଲା ରାମଲୀଳା, କୃଷ୍ଣଲୀଳା, ପାଲା, ଦାସକାଠିଆ, ଘୋଡ଼ା ନାଚ, ଚଇତି ପର୍ବ, ଦଧିନାଟ ଇତ୍ୟାଦି ।

ଦଧିନାଟ ପରମ୍ପରା ଭକ୍ତି ମାର୍ଗରେ ବୈଷ୍ଣବ ଧର୍ମ ତତ୍ତ୍ୱକୁ ପ୍ରସାର କରିବା ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିଲା ବୋଲି କୁହାଯାଇପାରେ। ଏହି ଦଧିନାଟ ଓଡ଼ିଶାର ପୂର୍ବ ପଡ଼ୋଶୀ ରାଜ୍ୟ ବେଙ୍ଗଲରୁ ଓଡ଼ିଶାକୁ ପ୍ରବେଶ କରିଥିଲା । ଭକ୍ତି ଧର୍ମ ପ୍ରଚାର କରିବା ଥିଲା ଏହାର ଉଦ୍ଦେଶ୍ୟ । ବିଶେଷତଃ ମୃତାହ କର୍ମରେ ଯେଉଁ ଦଧିନାଟ କରାଯାଏ ତାହା ପାରମ୍ପରିକ । ଭାଣ୍ଡରେ ଦଧି ରଖି ସେଥିରେ ଯେଉଁ ଆମ୍ବଡାହି ରଖାଯାଇ ଭାଣ୍ଡରେ ଚୂନ ପ୍ରଲେପ ଲଗେଇ ଭିତରେ କଉଡ଼ି ପକେଇ ମୃତକ ପରିବାରର ମଙ୍ଗଳ କାମନା କରାଯାଉଥିଲା । ଭାଣ୍ଡକୁ ଶରୀର, ଦଧିକୁ ସମର୍ପଣ, କଉଡ଼ିକୁ ବ୍ରହ୍ମ ପୁରୁଷ ଓ ଆମ୍ବଡାହିକୁ ପ୍ରକୃତିର ପ୍ରତୀକ ରୂପରେ ଗ୍ରହଣ କରାଯାଉଥିଲା । ତେଣୁ ଦଧିନାଟ ବୈଶ୍ୟ ଚେତନାକୁ ସାଇତି ରଖିବାର ଏକ ପାରମ୍ପରିକ ବିଧି ବ୍ୟବସ୍ଥା ବୋଲି କୁହାଯାଏ ।

## ଆଭୀର ସମ୍ପ୍ରଦାୟ ସହ ଦଧିନାଟର ସମ୍ପୃକ୍ତି :

ଭକ୍ତିଯୁଗରୁ ଦଧିନାଟ ସୃଷ୍ଟି ହୋଇଛି । ଏହି ଦଧି ସଂସ୍କୃତି ଗୋପାଳ ଜାତିର ଏକ ଜୀବିକାଯୁକ୍ତ ପାରିବେଶିକ ପରମ୍ପରା । ଗୋପାଳ ଜାତିର ଇତିହାସ ଦେଖିଲେ ଜଣାଯାଏ ଏହି ଜାତି ଏକ ଯାଯାବର ଜାତି । ମହାଭାରତ ଯୁଗର ବହୁ ପୂର୍ବରୁ ଏମାନେ ଭାରତର ବିଭିନ୍ନ ସ୍ଥାନରେ ବସତି କରି ନିଜର ବ୍ୟାପାର କରି ଶେଷରେ ଅନେକ ଅଂଚଳକୁ ଦଖଲ କରି ରାଜୁତି କରୁଥିବାର ପ୍ରମାଣ ମିଳେ । ଗୋପାଳକୁ ଗଉଡ଼ ଜାତି ବୋଲି କୁହାଯାଏ । ଗୃହପାଳିତ ଜୀବ ଛେଳି, ମେଣ୍ଢା, ଗୋରୁ ଗାଇ, ଏପରିକି ମଇଁଷିମାନଙ୍କ ପାଖରୁ ଦୁଗ୍ଧ ସଂଗ୍ରହ କରି ସେମାନେ ବିଭିନ୍ନ ଦୁଗ୍ଧଜାତ ସାମଗ୍ରୀ ପ୍ରସ୍ତୁତ କରି ବିଭିନ୍ନ ସ୍ଥାନରେ ହାଟ ବସେଇ ସେହି ସାମଗ୍ରୀ ବିକ୍ରୟ କରି ନିଜର ଜୀବିକା ମେଣ୍ଟାଉ ଥିଲେ । ବିଶେଷ କରି ଗଉଡ଼ ଗୋଷ୍ଠୀର ଝିଅ ବୋହୂମାନେ ଏଇ ସବୁ ସାମଗ୍ରୀ ପ୍ରସ୍ତୁତ କରୁଥିବା ବେଳେ ପୁରୁଷମାନେ ବିଭିନ୍ନ ବଜାରକୁ ନେଇ ଏହାକୁ ବିକ୍ରୟ କରୁଥିଲେ ଓ ନିଜେ ଲହୁଣି ବା ଲବଣିକୁ ପାନୀୟ ଭାବେ ବ୍ୟବହାର କରୁଥିଲେ। ଗ୍ରୀଷ୍ମ ଋତୁରେ ପାଣିର ଅଭାବକୁ ମେଣ୍ଟାଇବା ପାଇଁ କ୍ଷୀରକୁ ଦୁହାଁଇ ସେଥିରୁ ବାହାରୁ ଥିବା ପାଣି ଅଂଶ ଘୋଳକୁ ସର୍ବସାଧାରଣ ପାନୀୟ ଭାବେ ବ୍ୟବହାର କରୁଥିଲେ । ଧୀରେ ଧୀରେ ଏମାନଙ୍କ ସଂଖ୍ୟା ବୃଦ୍ଧି ହେବାରୁ ବିଭିନ୍ନ ସ୍ଥାନରେ ବସତି କରି ରହିଥିବା କଥା ପ୍ରମାଣ ମିଳେ । କ୍ରମେ ଏମାନଙ୍କ ମଧ୍ୟରେ କନ୍ଦଳ ହେବାରୁ ଏହି ଜାତି ଦୁଇ ଭାଗରେ ବିଭକ୍ତ ହୋଇଥାଇ ପାରନ୍ତି । ଏଣୁ ଆମ ପୁରାଣ ପୋଥିରେ ଗଉଡ଼ ବା ଗୋପାଳ ଜାତି ବୃଷ୍ଣି ବଂଶ ଅନ୍ୟ ଏକ ଲନ୍ଦ ବଂଶ ଭାବରେ ବର୍ଣ୍ଣିତ ହୋଇଛି । ଲନ୍ଦ ବଂଶରେ ଗୋପାଳମାନେ ଥିଲେ ବୁଦ୍ଧିମାନ । ଦଳପତି ବା ସର୍ଦ୍ଦାରଙ୍କ ନିର୍ଦ୍ଦେଶକୁ ଅକ୍ଷର ଅକ୍ଷର ପାଳନ କରୁଥିଲେ । ବିଭିନ୍ନ ଜାତି ସହିତ ସେମାନଙ୍କ ସମ୍ବନ୍ଧ ହୋଇଥିଲା । ସୋମବଂଶୀ ରାଜାମାନେ ସେମାନଙ୍କୁ ପ୍ରଶୟ ଦେଇଥିବା ମହାଭାରତରେ ପ୍ରମାଣ ଅଛି । ବିଭିନ୍ନ ଜାତିର କନ୍ୟାମାନଙ୍କୁ ଗ୍ରହଣ କରି ଯାଦବ ଜାତି ସହ ମିଶ୍ରଣ କରାଇଥିବା କୃଷ୍ଣ ଚରିତ୍ରକୁ ଐତିହାସିକ ଚରିତ୍ର ଭାବେ ଗ୍ରହଣ କରାଯାଏ । ମହାଭାରତ ସମରରେ କୃଷ୍ଣଙ୍କ ବୁଦ୍ଧି ଓ ଶକ୍ତି ପ୍ରଦର୍ଶନ ସେମାନଙ୍କୁ ଭାରତରେ ଏକ ସ୍ୱତନ୍ତ୍ର ଅଧିକାର ଦେଇଥିଲା ।

ଏହି ଗୋପାଳ ଜାତିକୁ କେତେକ ସମାଲୋଚକ ଆଭୀର ସଂପ୍ରଦାୟ ସହିତ ଜଡ଼ିତ କରନ୍ତି । ଏମାନଙ୍କ ମଧ୍ୟରେ ଦଳପତିଙ୍କୁ ଲନ୍ଦ ବୋଲି କୁହାଯାଉଥିଲା । ଏହି ଲନ୍ଦ ଶବ୍ଦଟି ଅପଭ୍ରଂଶ ହୋଇ ନନ୍ଦ ଶବ୍ଦରେ ରୂପାନ୍ତରିତ ହୋଇଥାଇପାରେ । ଦଳପତିଙ୍କ ପୁତ୍ରକୁ କ୍ରିଷ୍ ବୋଲି କୁହାଯାଉଥିଲା । କ୍ରିଷ୍ ଶବ୍ଦଟି ପରବର୍ତ୍ତୀ ପର୍ଯ୍ୟାୟରେ

କୃଷ୍ଣ ବୋଲି ନାମିତ ହୋଇଛି । ଦଳପତି ବା ସର୍ଦ୍ଦାରଙ୍କ ପୁତ୍ରଙ୍କୁ ଯୁବରାଜ ବୋଲି କୁହାଯାଉଥିଲା । କୃଷ୍ଣ ଶବ୍ଦଟି ଯୁବରାଜ ଭାବେ ଗ୍ରହଣୀୟ । ଯିଏକି ଆକର୍ଷଣର ମୂଳବିନ୍ଦୁ । ଦଳପତିଙ୍କ ପୁତ୍ର ଭାବେ ସମସ୍ତ ଆଭୀର ସମ୍ପ୍ରଦାୟର କୃଷ୍ଣ ଥିଲେ ସ୍ନେହର ଅଧିକାରୀ । ପରବର୍ତ୍ତୀ କାଳରେ କୃଷ୍ଣର କର୍ମକାର ଜୀବନ ତାଙ୍କୁ କେବଳ ଆଭୀର ସମ୍ପ୍ରଦାୟର ପ୍ରଭୁତ୍ୱ ଦାନ କରିନି ବରଂ ବୈଷ୍ଣବ ସମ୍ପ୍ରଦାୟରେ ପ୍ରଭୁ ଭାବେ ରୂପାନ୍ତରଣ କରାଇଛି । ଏହି କୃଷ୍ଣ କୈନ୍ଦ୍ରିକ ଧର୍ମଧାରା କ୍ରମେ ଭକ୍ତିବାଦ ଓ କର୍ମବାଦର ପ୍ରତୀକ ଭାବେ ଲୋକ ସାହିତ୍ୟକାରଙ୍କ କଥନରେ ପ୍ରବେଶ କରିବା ସ୍ୱାଭାବିକ । କେତେକ ବିବରଣୀ ଅନୁଯାୟୀ ଏହି ଆଭୀର ସମ୍ପ୍ରଦାୟ ଜ୍ଞାନମାର୍ଗୀ ମୁନି, ଋଷିମାନଙ୍କ ଯଜ୍ଞ ବିଧିରେ ଆବଶ୍ୟକୀୟ ଘୃତ ଯୋଗାଇ ଦେଉଥିବା କଥା ଦେଖିବାକୁ ମିଳିଥାଏ ।

ବୈଷ୍ଣବ ପରମ୍ପରା ଓଡ଼ିଶାରେ ପ୍ରବେଶ କାଳ ପ୍ରାୟତଃ ପଞ୍ଚମ ଶତାବ୍ଦୀ ବୋଲି ଅନୁମାନ କରାଯାଏ । ଆର୍ଯ୍ୟ ନୀତିରେ ସମାଜ ଗଠନ ପାଇଁ ଯେଉଁ ସଂହିତା ପ୍ରସ୍ତୁତ ହେଲା ସେଥିରେ ଅନେକ ବୈଷ୍ଣବ ପନ୍ଥୀ ରହିଥିବାର ଜଣାଯାଏ । ସାମାଜିକ ଜୀବନ ଗଠନ ସହ ଧାର୍ମିକ ଜୀବନ ପ୍ରଣାଳୀରେ ଭକ୍ତି ଧର୍ମର ପ୍ରବେଶ ହେତୁ ଦଶମ, ଏକାଦଶ ଶତାବ୍ଦୀ ବେଳକୁ ଓଡ଼ିଶାରେ ବୈଷ୍ଣବ ଚେତନାର ପ୍ରବେଶ ଘଟିଲା । ଦ୍ୱାଦଶ ଶତାବ୍ଦୀ ବେଳକୁ ଏହାର ଏକ ପୂର୍ଣ୍ଣ ରୂପ ଓଡ଼ିଶାରେ ବିକଶିତ ହୋଇଥିବା କଥା ଯାଜପୁର ଜନ୍ମିତ ଜୟଦେବଙ୍କ ଲିଖିତ ସଂସ୍କୃତ 'ଗୀତ ଗୋବିନ୍ଦ'ରେ ଦେଖିବାକୁ ମିଳେ ।

**ସମର୍ପିତ ଭକ୍ତି ଧର୍ମ :**

ଆଭୀର ସମ୍ପ୍ରଦାୟ ଥିଲେ ସମର୍ପିତ ପ୍ରୀତିର ଆଧାରୀ । କୃଷ୍ଣଙ୍କୁ ଈଶ୍ୱର ଜ୍ଞାନ କରି ତାଙ୍କ ପାଖରେ ସମର୍ପିତ ହୋଇ ଶାନ୍ତି ଓ ସୁରକ୍ଷା ସେମାନେ ଖୋଜୁଥିଲେ । କୃଷ୍ଣଙ୍କୁ ମଝିରେ ରଖି ରାସ କରିବା ବା ନୃତ୍ୟ କରିବା ପରମ୍ପରା ଏମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା । ଋତୁଚକ୍ରର ପରିବର୍ତ୍ତନ ସହ ତାଳଦେଇ ଏମାନେ ବିଭିନ୍ନ ପ୍ରକାର ପରମ୍ପରା ସୃଷ୍ଟି କରିଥିଲେ । ଓଡ଼ିଶାର ତନ୍ତ୍ର କୈନ୍ଦ୍ରିକ ଶାକ୍ତ ଉପାସନା ବିଧି ସହ ବୈଷ୍ଣବ ଧର୍ମ ବିଧିର ମିଳନରେ ଏହାର ସମୃଦ୍ଧି ଘଟିଥିବା କୁହାଯାଇପାରେ । ନାରୀମାନେ ଥିଲେ ଆଭୀର ଜାତିର ପୂଜ୍ୟ । ଭକ୍ତି ଧର୍ମ ନାରୀମାନଙ୍କ ପାଖରେ ସ୍ଥାପିତ ହୋଇ ପୁରୁଷଙ୍କୁ କର୍ମ ସମ୍ପାଦନର ମୂଳ ବୋଲି କୁହାଯାଉଥିଲା । କର୍ମ ସହିତ ଭକ୍ତି ଓ ପରେ ଜ୍ଞାନ ଦର୍ଶନ ଓ ଯୋଗ ଦର୍ଶନ ମିଳିତ ହୋଇ ସନାତନତ୍ୱ ସୃଷ୍ଟି ହେବା କଥା ଅସ୍ୱୀକାର କରାଯାଇ ପାରେନା ।

ସଂକୀର୍ତ୍ତନ ଶବ୍ଦକୁ ବ୍ୟାଖ୍ୟା କଲେ ଜଣାଯାଏ (ସମ୍-କୃତ=ପ୍ରଶଂସା କରିବା-ତନ) ବା ସମ୍ୟକ ରୂପେ ଗୁଣାଦି କଥନ, ଗୁଣ କଥନ ଜନିତ ବନ୍ଦନା, ନାମୋଚ୍ଚାରଣ, ଇଷ୍ଟନାମ ବନ୍ଦନା ଇତ୍ୟାଦିକୁ ବୁଝାଏ । ଓଡ଼ିଆରେ କୃଷ୍ଣାଦି ଦେବଲୀଳା ବିଷୟକ ଯଥା ନାମଗାୟନକୁ ସଂକୀର୍ତ୍ତନ କୁହାଯାଏ । ଏହି ସଂକୀର୍ତ୍ତନ ପରମ୍ପରା ସମର୍ପଣକୁ ମୂଳ ଆଧାରୀ ତତ୍ତ୍ୱ ଭାବେ ଗ୍ରହଣ କରାଯାଇଥାଏ । ମୃଦଙ୍ଗ ବଜାଇ, କୃଷ୍ଣ ନାମ ସଙ୍ଗୀତ ଗାଇ ନୃତ୍ୟ ପ୍ରଦର୍ଶନ କରି ବିଭିନ୍ନ ଗୃହରେ କୃଷ୍ଣ ଲୀଳା ବର୍ଣ୍ଣନା କରିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା । କୀର୍ତ୍ତନ ଶେଷରେ ଦଧି ନୃତ୍ୟ ଓ ଦଧିଭାଣ୍ଡ ଧରି ସ୍ୱଳ୍ପ ବୟସର ପୁଅ ଝିଅଙ୍କୁ କୃଷ୍ଣ ରାଧାର କଳ୍ପିତ ରୂପ ନେଇ ଗୃହକର୍ତ୍ତାଙ୍କ ପରିବାରର ମଙ୍ଗଳ କାମନା କରିବା ଏକ ପ୍ରକାର ବିଧାତା ପରିବାରର କଲ୍ୟାଣ ପାଇଁ ସମସ୍ତ ସଦସ୍ୟଙ୍କ ମୁଣ୍ଡରେ ଦଧି ସିଞ୍ଚନ କରିବା ଓ ପ୍ରଣାମୀ ନେବା ଭିତରେ ଏକ ପ୍ରକାର ଗୁଜୁରାଣ ମେଣ୍ଟାଉଥିବା ବେଳେ ଭକ୍ତି ଧର୍ମର ପ୍ରଚାର ପ୍ରସାର ମଧ୍ୟ ହୋଇପାରୁଥିଲା ।

ବିନିମୟ ମୁଦ୍ରା ଭାବେ କଉଡ଼ି ପ୍ରଚଳନ କାଳରୁ ଏହି ପରମ୍ପରା ହୋଇଥିବା କୁହାଯାଇପାରେ । ବିନିମୟ ମାଧ୍ୟମ ଭାବେ ମୁଦ୍ରା ପ୍ରଚଳନ ପରେ ଦଧିଭାଣ୍ଡରେ ମୁଦ୍ରା ପକାଇବା ବିଧି ଆସିଲା । ପ୍ରଥମେ ଅସାମ ଓ ବେଙ୍ଗଲରେ ଏହି ପରମ୍ପରାର ଗ୍ରହଣୀୟତା ଥିବା ବେଳେ ପଡ଼ୋଶୀ ଜିଲ୍ଲା ଭାବେ ଉତ୍ତର ଓଡ଼ିଶାରେ ଏହି ପରମ୍ପରାର ପ୍ରଚଳନ ଦେଖାଗଲା । ଗୌଡ଼ ଦେଶରୁ ଆଗତ ମହାପ୍ରଭୁ ଚୈତନ୍ୟଙ୍କ ବୈଷ୍ଣବ ଧର୍ମ ମାଧ୍ୟମରେ ଭକ୍ତି ଧର୍ମକୁ ପ୍ରଚାର କରିବା ହେତୁ ଓଡ଼ିଶାରେ ବୈଷ୍ଣବ ଧର୍ମ ପ୍ରସାର ହୋଇଥିଲେ ବି ସଂକୀର୍ତ୍ତନ ପରମ୍ପରାରେ ପ୍ରଣୀତ ଦଧିନୃତ୍ୟ ବା ଦଧିଭାଣ୍ଡ ଭଙ୍ଗା ପ୍ରକ୍ରିୟା କେବଳ ଉତ୍ତର ଓଡ଼ିଶାରେ ପ୍ରଚଳିତ ହେବା ସ୍ୱାଭାବିକ ।

ସଂକୀର୍ତ୍ତନ ବିଧିରେ କୃଷ୍ଣନାମ ଗାୟନ ସହିତ ଶେଷ ପର୍ଯ୍ୟାୟରେ ଦଧିଭାଣ୍ଡ ଧରି ରାଧା କୃଷ୍ଣ ନାଚିବା ସହିତ ଗୃହର ସମସ୍ତ ସଦସ୍ୟ ନାଚୁଥିଲେ । କୃଷ୍ଣ ବିଗ୍ରହ ସମ୍ମୁଖରେ ଦଧି ଭଙ୍ଗାଯାଇ ନିର୍ଗତ ପାଣି ଉପରେ ସମସ୍ତ ସଦସ୍ୟ ଗଡ଼ି ଯାଉଥିଲେ । ଏହା ହିଁ ଭକ୍ତି ମାର୍ଗର ଏକ ବିଶେଷ ଲକ୍ଷଣ । ବିଶେଷତଃ ମୃତାହ କର୍ମର ଏକାଦଶ, ଦ୍ୱାଦଶ ଦିବସ, ବାର୍ଷିକୀ ପାଳନ ଓ ଶ୍ରାଦ୍ଧ କର୍ମାଣୀରେ ଏହି ସଂକୀର୍ତ୍ତନ ବିଧି ଜରୁରୀ କରାଯାଇଥିବା ବେଳେ ଏବେ ଗୃହ ଶାନ୍ତି, ଗ୍ରାମଶାନ୍ତି କିମ୍ବା ଗୋଷ୍ଠୀ ଶାନ୍ତି ପାଇଁ ସଂକୀର୍ତ୍ତନକୁ ଗୁରୁତ୍ୱ ଦେବା ସହିତ ଦଧି ନୃତ୍ୟକୁ ବହୁମୁଖୀ କରାଯାଇଛି । ସମ୍ପ୍ରତି ଏହା ଲୋକନୃତ୍ୟ ନରହି ସମଷ୍ଟି ନୃତ୍ୟ ଭାବେ ପରିଗଣିତ ହୋଇଗଲାଣି । ବସ୍ତୁବାଦୀ ଜଗତରେ ଅସୂୟା କବଳିତ ବିଜ୍ଞାନୀ ମଣିଷ ଭିତରେ ବ୍ରହ୍ମ ସମର୍ପିତ ଚେତନାର ଜାଗୃତି ପାଇଁ ଏହି ଦଧିନାଟ ପରମ୍ପରାର ବିଶେଷ ମୂଲ୍ୟ ଆଧୁନିକ ସମାଜ ଗ୍ରହଣ କଲେ ଓ ଦଧିନାଟର ମୌଳିକ ଉଦ୍ଦେଶ୍ୟକୁ ବୁଝିପାରିଲେ

ଭକ୍ତି ହିଁ ଶକ୍ତିର ମାଧ୍ୟମ ହୋଇ ପାରିବ । ଏହା ଅନସ୍ୱୀକାର୍ଯ୍ୟ ।

**ସହାୟକ ଗ୍ରନ୍ଥସୂଚୀ :**

୧. ଡକ୍ଟର ପାଢ଼ୀ ବେଣୁଧର, ଲୋକସାହିତ୍ୟ ଓ ଲୋକସାହିତ୍ୟ ତତ୍ତ୍ୱ, ପ୍ରାଚ୍ୟ ସାହିତ୍ୟ ପ୍ରତିଷ୍ଠାନ, ଦ୍ୱିତୀୟ ସଂସ୍କରଣ-୨୦୨୧ ।

୨. ଡକ୍ଟର ମିଶ୍ର ଅଜୟ କୁମାର, ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି, ବିଜୟିନୀ ପବ୍ଲିକେଶନ୍ସ, ଦ୍ୱିତୀୟ ସଂସ୍କରଣ-୨୦୧୭ ।

୩. ପ୍ରଧାନ କୃଷ୍ଣଚନ୍ଦ୍ର, ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି, ବିଦ୍ୟାପୁରୀ, ସପ୍ତମ ସଂସ୍କରଣ-୨୦୧୭ ।

**ସାକ୍ଷାତକାର :**

୧. ଅଧ୍ୟାପକ ସାହୁ ଦୟାନିଧି, ପାଲାଗାୟକ, ପ୍ରବଚକ, ଓଡ଼ିଆ ବିଭାଗ ମୁଖ୍ୟ, ଜଗାଇ କଲେଜ, ବାଲେଶ୍ୱର ।

୨. ଗିରି ବଜେନ୍ଦ୍ର ନାଥ - ଶିଶୁ ସାହିତ୍ୟିକ, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ, ପାଳବେଗୁନିଆ, ବାଲେଶ୍ୱର ।

❖ ❖ ❖

DOI : https://doi.org/10.5281/zenodo.17553533 ମୂଳ ପ୍ରବନ୍ଧ

# କଳାହାଣ୍ଡିଜିଲ୍ଲାର ପ୍ରସିଦ୍ଧ ଛତର ଯାତ୍ରା

**ମମୀ ମାଝୀ**

**ସଂକ୍ଷିପ୍ତସାର :**

ମଣିଷ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ତା'ର ଶୃଙ୍ଖଳିତ ଜୀବନଯାପନ ପାଇଁ ବିଭିନ୍ନ ନୀତିନିୟମ ସେ ନିଜେ ହିଁ ତିଆରି କରିଥାଏ। ତା'ର ସମସ୍ତ କାର୍ଯ୍ୟକଳାପରେ ସେ ଅନୁଭବ କରେ କେଉଁ ଗୋଟିଏ ଅଦୃଶ୍ୟ ସତ୍ତାକୁ ଯାହାକି ତା'ର ଦୃଷ୍ଟି ଅନ୍ତରାଳରେ ଥାଇ ତା'କୁ ସହାୟତା କରୁଥିବାର ବିଶ୍ୱାସ କରେ। ସେହି ଶକ୍ତିକୁ ସନ୍ତୁଷ୍ଟକଲେ ତା'ର କାର୍ଯ୍ୟରେ କୌଣସି ବାଧାଆସିବନି ଭାବି ବିଭିନ୍ନ ପ୍ରକାରର ପୂଜାପାଠ ମାଧ୍ୟମରେ ସେଇ ଅଦୃଶ୍ୟସତ୍ତାକୁ ଆରାଧନା କରେ ଏବଂ ଏଥିରୁ ସୃଷ୍ଟିହୁଏ ଅନେକ ପ୍ରକାରର ଉପାସନା ପଦ୍ଧତି । ଆଂଚଳିକ ଭିତ୍ତିରେ ଉପାସନା ପଦ୍ଧତି ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ। ଏହି ପ୍ରବନ୍ଧରେ ସଂକ୍ଷିପ୍ତ ଭାବରେ କଳାହାଣ୍ଡିଜିଲ୍ଲା, ମାଁ ମାଣିକେଶ୍ୱରୀଙ୍କୁ ରାଜାମାନଙ୍କର ଉପାସନା ଏବଂ ଛତରଯାତ୍ରା ବିଷୟରେ ବର୍ଣ୍ଣନା କରାଯାଇଛି ।

**ପ୍ରମୁଖ ଶବ୍ଦାବଳୀ :**

କଳାହାଣ୍ଡି, ମାଁ ମାଣିକେଶ୍ୱରୀ, ଛତରଯାତ୍ରା ଉପାସନା, ବିଶ୍ୱାସ।

ଭାରତର ପୂର୍ବାଞ୍ଚଳୀୟ ରାଜ୍ୟ ଓଡ଼ିଶାର ଦକ୍ଷିଣ-ପଶ୍ଚିମାଞ୍ଚଳରେ କଳାହାଣ୍ଡି ଜିଲ୍ଲା ଅବସ୍ଥିତ । ବିଭିନ୍ନ ସମୟରେ କଳାହାଣ୍ଡିର ନାମ ଭିନ୍ନ ଭିନ୍ନ ଥିଲା । ଏହା କେତେବେଳେ ସାମଗ୍ରିକ ରୂପରେ ତ କେତେବେଳେ ଅନ୍ୟ ଅଞ୍ଚଳ ସହିତ ଆଂଶିକ ଭାବରେ ମିଶି ବିଭିନ୍ନ ନାମ ପରିଗ୍ରହଣ କରିଆସିଛି । ଯେପରିକି ଏହା ତୈତିଳକ ଜନପଦ, ଆଟବିକ, ମହାକାନ୍ତାର, କାନ୍ତାର, ଆନ୍ଧ୍ର ଜନପଦ, ତ୍ରିକଳିଙ୍ଗ, କମଳମଣ୍ଡଳ, କାରୁଣ୍ଡମଣ୍ଡଳ, ଦକ୍ଷିଣ କୋଶଳ, କାରୁଣ୍ଡ ଇତ୍ୟାଦି ନାମରେ ପରିଚିତ ହୋଇ ପରବର୍ତ୍ତୀ ସମୟରେ କଳାହାଣ୍ଡି ନାମରେ ପରିଚିତ ହୋଇଛି । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଅନୁସାରେ ଏହି ଅଞ୍ଚଳର ନାମ ଇନ୍ଦ୍ରବନ ଥିଲା ।

କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ରେ ଉଲ୍ଲେଖ ଅଛି -

"ସଭାରାଷ୍ଟ୍ରକଂ ମ୍ମରାଷ୍ଟ୍ରକଂ କାଷ୍ଠିରରାଷ୍ଟ୍ରକଂ

ଶ୍ରୀ କଟନକଂ ମଣିମନ୍ତକମ୍ ଇନ୍ଦ୍ରବାନକଂ ଚ ବଜ୍ରମ ... ।'

ଏହି ଶ୍ଳୋକରେ ଇନ୍ଦ୍ରବନ ସମେତ ଦେଶର କେତେକ ପ୍ରମୁଖ ରତ୍ନପ୍ରାପ୍ତି ସ୍ଥାନ ବିଷୟରେ ନିର୍ଦ୍ଦେଶିତ ହୋଇଛି । 'The Association of Asian studies' ଦ୍ୱାରା ପ୍ରକାଶିତ Historical Atlas of South Asia ର ୧୮ପୃଷ୍ଠାରେ ଅର୍ଥଶାସ୍ତ୍ର ବର୍ଣ୍ଣିତ ଇନ୍ଦ୍ରବନକୁ ଇନ୍ଦ୍ରାବତୀ ଓ ତେଲନଦୀର ମଧ୍ୟବର୍ତ୍ତୀ ଉପତ୍ୟକାକୁ ଚିହ୍ନଟ କରାଯାଇଛି । ଏହା ସଂପୂର୍ଣ୍ଣ ଭାବେ କଳାହାଣ୍ଡି ଅଞ୍ଚଳ । ଆଗ୍ନେୟ, ଗ୍ରାନାଇଟ୍ ଓ ପେରାମେଟାଇଟ ଚଟାଣ ଥିବା କାରଣରୁ ମାଣିକ୍ୟ, ବୈଦୁର୍ଯ୍ୟ, ନିଲମ୍,

**ଯୋଗାଯୋଗ : ମମୀ ମାଝୀ,** ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ (ବିଦ୍ୟାବିହାର), ଭୁବନେଶ୍ୱର
**E mail :** majhimami677@gmail.com
**Orcid Id :** https://.org/0009-0000-7661-8761

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୪.୦୬.୨୦୨୫ | ୧୧.୦୭.୨୦୨୫ | ୨୫.୦୯.୨୦୨୫ | ୧.୧୦.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମାଝୀ, ମମୀ; ୨୦୨୫। କଳାହାଣ୍ଡିଜିଲ୍ଲାର ପ୍ରସିଦ୍ଧ ଛତର ଯାତ୍ରା। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : ଛ, ପୃଷ୍ଠା :୬୫-୬୮।

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

**Available online at :**
https://pracheenews.com/

**DOI:**
https://doi.org/10.5281/zenodo.17553533
Article No - BPPP00351

ପାନ୍ନା, ଗୋମେଦ, ପୁଷ୍ପରାଗ, ଆଲେକଜାଣ୍ଡ୍ରିଆ ଆଦି ମୂଲ୍ୟବାନ ରତ୍ନପଥର ଖଣି ସବୁର ସନ୍ଧାନ ମିଳେ । ତେଣୁ କଳାହାଣ୍ଡି ହିଁ ଅର୍ଥଶାସ୍ତ୍ରରେ ବର୍ଣ୍ଣିତ ଇନ୍ଦ୍ରବନ ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ । କଳାହାଣ୍ଡି ଜିଲ୍ଲାର ଇଷ୍ଟଦେବୀ ହେଉଛନ୍ତି ମାଁ ମାଣିକେଶ୍ୱରୀ । ମାଣିକେଶ୍ୱରୀଙ୍କ ନାମକରଣକୁ ଆଲୋଚନା କଲେ ଜଣାଯାଏ ଯେ କଳାହାଣ୍ଡି ଅଞ୍ଚଳରେ ବିଭିନ୍ନ ପ୍ରକାର ରତ୍ନପଥର ସହିତ ମାଣିକ୍ୟ ପଥର ବହୁଳ ପରିମାଣରେ ମିଳୁଥିବାରୁ ଦେବୀଙ୍କ ନାମ ମାଣିକେଶ୍ୱରୀ ହୋଇଥିବା ବିଶ୍ୱାସ କରାଯାଏ । ଏହି ଅଞ୍ଚଳରେ ବିଭିନ୍ନ ପର୍ବପର୍ବାଣି ପାଳିତ ହୋଇଥାଏ; ସେଥିମଧ୍ୟରୁ ମାଁ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ଅନ୍ୟତମ । ମାଁ ମାଣିକେଶ୍ୱରୀ ଦେବୀ ହେଉଛନ୍ତି ବିଶ୍ୱାସର ଉତ୍ସ । ସେଥିପାଇଁ ଶ୍ରୀ ସତ୍ୟବାଦୀ ବଳିୟାରସିଂହ ଲେଖିଛନ୍ତି –

କମଳମଣ୍ଡଳ ସେ କାରୁଣ୍ଡ ଦେଶ  
କଳାହାଣ୍ଡି ଜିଲ୍ଲା ଖ୍ୟାତ,  
କାହିଁ କେଉଁକାଳୁ ଭିନ୍ନ ଭିନ୍ନ ଜାତି  
ଆଦିବାସୀ ଅଧ୍ୟୁଷିତ ।

ସରଳ ପ୍ରାଣର ପ୍ରକୃତି ସାଧକ  
ଭକ୍ତଜନ ଚିତ୍ତହାରୀ,  
ଅଟଳ ଅଚଳ ବିଶ୍ୱାସର ଉତ୍ସ  
ଶ୍ରୀଦେବୀ ମାଣିକେଶ୍ୱରୀ ।

(କଳାହାଣ୍ଡିର ମାଁ ମାଣିକେଶ୍ୱରୀ – ସତ୍ୟବାଦୀ ବଳିୟାରସିଂହ)

ଶକ୍ତି ଭୂମି କଳାହାଣ୍ଡିରେ ଶକ୍ତି ଉପାସନା ବହୁ ପ୍ରାଚୀନ। 'ମାନିକ ସାଇରୋ' ନାମକ ଏକ ଦେବୀକୁ କନ୍ଧମାନେ ଧରନୀପେନୁଙ୍କ ଭଉଣୀ ବୋଲି ବିଶ୍ୱାସ କରନ୍ତି । ଆଦିବାସୀ କନ୍ଧମାନଙ୍କର 'ମାନିକ୍ ସାଇରେ' ଦେବୀ କଳାହାଣ୍ଡି ଇନ୍ଦ୍ରାବତୀ ନଦୀ ଉପତ୍ୟକାରେ ଗଠିତ ହୋଇଥିବା 'ଚକ୍ରକୋଟ ମଣ୍ଡଳ' ରାଜ୍ୟର ଚିନ୍ଦକ ନାଗବଂଶୀ ରାଜାମାନଙ୍କ ଦ୍ୱାରା ମାଣିକ୍ୟ ଦେବୀ ରୂପେ ପୂଜିତ ହେଉଥିଲେ । ସୋମେଶ୍ୱର ଦେବଙ୍କ କୁସୁରପାଲ ଶିଳାଲିପି ଅନୁସାରେ ଚିନ୍ଦକନାଗଙ୍କ ଇଷ୍ଟଦେବୀ ମାଣିକ୍ୟ ଦେବୀ । ଚିନ୍ଦକନାଗ ରାଜା ସୋମେଶ୍ୱର ଦେବଙ୍କ ବସ୍ତରରୁ ପ୍ରାପ୍ତ ଶିଳାଲିପିରେ ସେ ମାଣିକ୍ୟ ଦେବୀଙ୍କ ସାଧକ ଥିବା କଥା ଲିପିବଦ୍ଧ ହୋଇଛି । ଚିନ୍ଦକନାଗଙ୍କ ରାଜଧାନୀ 'ଚକ୍ରକୋଟ' କାଳଚୁରୀ ରାଜାମାନଙ୍କ ଦ୍ୱାରା ଧ୍ୱସ୍ତ ହୋଇଥିଲା । ପରବର୍ତ୍ତୀ ସମୟରେ କାଳଚୁରୀ ଓ ସୋମବଂଶର ପତନ ପରେ ଚିନ୍ଦକନାଗ ବଂଶର ବନ୍ଧୁଶକ୍ତି ଗଙ୍ଗରାଜାମାନେ ମାଣିକ୍ୟ ଦେବୀଙ୍କୁ ନିଜର ଆରଧ୍ୟା ଭାବେ ଗ୍ରହଣ କରିଥିଲେ । କିମ୍ବଦନ୍ତୀ ଅନୁସାରେ ଗଙ୍ଗବଂଶର ଜଣେ ସାମନ୍ତ ରାଜା ଜଗନ୍ନାଥ ଦେବଙ୍କ ଏକମାତ୍ର କନ୍ୟା ସନ୍ତାନ ଥିଲେ ସୁରେଖା । ଛୋଟନାଗପୁର ଅ*ଳରୁ କଳାହାଣ୍ଡି ଅ*ଳକୁ କିଛି କାର୍ଯ୍ୟ ସନ୍ଧାନରେ ଆସିଥିବା ନାଗବଂଶର ଦୁଇଭାଇ ଙ୍କ ମଧ୍ୟରୁ ବଡ଼ଭାଇର ରୂପ ଓ ଗୁଣରେ ମୁଗ୍ଧ ହୋଇ ରାଜା ନିଜର ଝିଅ ସୁରେଖା କୁ ତାଙ୍କ ସହିତ ବିବାହ କରିଦେଲେ । ଦୁଇଭାଇ ରାଜକାର୍ଯ୍ୟରେ ରାଜାଙ୍କୁ ସହାୟତା କରୁଥିଲେ। ଥରେ ରାଜାରାଣୀ ଜ୍ୱାଇଁଙ୍କୁ ରାଜ୍ୟଭାର ଦେଇ ତୀର୍ଥ ଭ୍ରମଣରେ ଗଲାପରେ ଜ୍ୱାଇଁ ଷଡ଼ଯନ୍ତ୍ର କରି ରାଜାରାଣୀ ଙ୍କୁ ଆଉ ରାଜ୍ୟରେ ପ୍ରବେଶ କରାଇଦେଲେ ନାହିଁ ଏବଂ ସେ ନିଜେ ରାଜଗାଦି ମାଡିବସି ରାଜ୍ୟ ଶାସନ କଲେ । ଏହି ପରି ଭାବେ ନାଗବଂଶର ଶାସନ ଆରମ୍ଭ ହେଲା। ଏହି ଘଟଣା ପରେ ପ୍ରଜା ମହଲରେ ଅସନ୍ତୋଷ ଲାଗି ରହିଲା। ନାଗବଂଶର ୬ଷ୍ଠ ରାଜା ହରିଶ୍ଚନ୍ଦ୍ର ଦେଓଙ୍କ ଶାସନ ସମୟରେ ପୂର୍ବରୁ ଥିବା ଅସନ୍ତୋଷ ବାତାବରଣ ତୀବ୍ର ରୂପ ଧାରଣ କରିଥାଏ । ଏପରିସ୍ଥିତିରେ ଅତ୍ୟଧିକ ମାନସିକ ଚାପ ଯୋଗୁଁ ରାଜାଙ୍କର ମୃତ୍ୟୁ ହୁଏ ଏବଂ ବିଦ୍ରୋହ ସ୍ଥିତିକୁ ଲକ୍ଷ୍ୟ କରି ରାଜାଙ୍କର ଗର୍ଭବତୀ ରାଣୀ ତାଙ୍କର ଗଙ୍ଗବଂଶଜ ପିତ୍ରାଳୟ ଗଦାପୁରକୁ ପଳାୟନ କରନ୍ତି । ସେଠି ତାଙ୍କର ଏକ ପୁତ୍ର ସନ୍ତାନ ରାମଚନ୍ଦ୍ର ଦେଓ ଜନ୍ମ ହୁଅନ୍ତି । ଏହାରି ମଧ୍ୟରେ କାରୁଣ୍ଡ ରାଜ୍ୟ ରାଜାବିହୀନ ହୋଇ ଗୃହଯୁଦ୍ଧ, ଅରାଜକତା ଓ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଲା । ଏଣୁ କନ୍ଧସର୍ଦ୍ଦାରଗଣ ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ରାଣୀଙ୍କ ସନ୍ଧାନ ନେଇ ଗଦାପୁରରେ ପହଞ୍ଚିଲେ । ରାଣୀ ଓ ତାଙ୍କ ନାବାଳକ ପୁତ୍ର ରାମଚନ୍ଦ୍ର ଦେଓଙ୍କୁ ସଂପୂର୍ଣ୍ଣ ସୁରକ୍ଷା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇ ରାଜ୍ୟକୁ ଫେରାଇ ଆଣିଲେ। ରାମଚନ୍ଦ୍ର ଦେଓ ଆସିବା ବେଳେ ସାଙ୍ଗରେ ମାମୁଁ ଘର ଇଷ୍ଟଦେବୀ ମାଁ ମାଣିକେଶ୍ୱରୀଙ୍କୁ ନେଇ ଆସିଲେ । ଯୁଗସାଇପାଟଣାରେ ଯୁବରାଜ ରାମଚନ୍ଦ୍ର ଦେଓଙ୍କ ରାଜ୍ୟାଭିଷେକ ସହିତ କନ୍ଧ ପାଟମାଝୀ ନିଜ କନ୍ୟାକୁ ତାଙ୍କ ସହିତ ବାହା କରାଇ ଜ୍ୱାଇଁ ଭାବରେ ବରଣ କଲେ। ରାଜ୍ୟାଭିଷେକ ଓ କନ୍ଧକନ୍ୟା ସହିତ ବିବାହ ପରେ ରାଜା ରାମଚନ୍ଦ୍ର ଦେଓ ଭଣ୍ଡେଶିର୍ ଗଡ଼ (ବର୍ତ୍ତମାନର ଭବାନୀପାଟଣା) ରେ ମା ମାଣିକେଶ୍ୱରୀଙ୍କୁ ପ୍ରତିଷ୍ଠା କରି ଶକ୍ତି ସଂଚୟ କରି ପୂର୍ବତନ ରାଜଧାନୀ ଜେନାବଳିପାଟଣା (ଜୁନାଗଡ଼)ରୁ ରାଜ୍ୟଶାସନ କଲେ । ପରବର୍ତ୍ତୀ ସମୟରେ ନାଗବଂଶର ୨୭ତମ ରାଜା ଫତେନାରାୟଣ ଦେଓଙ୍କ ଶାସନ ସମୟରେ ଭୟଙ୍କର ମହାମାରୀ ଦେଖାଦେଲା । ଏହି ସମୟରେ ରାଜାଙ୍କର ଦ୍ୱିତୀୟ ପୁତ୍ର ଉଦିତ ପ୍ରତିପ ଦେଓ ଏହି ମହାମାରୀର ଶିକାର ହୋଇଥିଲେ । ରାଜା ତାଙ୍କୁ ନେଇ ମାଣିକେଶ୍ୱରୀଙ୍କ ନିକଟରେ ଅଧିଆ ପଡ଼ିଥିଲେ । ଯୁବରାଜ ଆରୋଗ୍ୟ ଲାଭ କଲାପରେ ୧୮୪୯ ମସିହାରେ ଜେନାବଳିପାଟଣାରୁ ଭବାନୀପାଟଣାକୁ ରାଜଧାନୀ ସ୍ଥାନାନ୍ତରିତ କରିଥିଲେ । ସେହି ଦିନଠାରୁ ମାଣିକେଶ୍ୱରୀ ରାଜଇଷ୍ଟଦେବୀ ରୂପେ ଗୃହୀତ ହେଲେ । ମହାରାଜା ଉଦିତ ପ୍ରତାପ ଦେଓଙ୍କ ଦ୍ୱାରା ୧୮୫୩ ରୁ ୧୮୮୧ ଖ୍ରୀଷ୍ଟାବ୍ଦ ମଧ୍ୟରେ ଭବାନୀପାଟଣାର ରାଜପ୍ରାସାଦ ପରିସରରେ ମାଁ ମାଣିକେଶ୍ୱରୀଙ୍କ ମନ୍ଦିର ନିର୍ମାଣ ହୋଇଥିଲା । ଏହି ମନ୍ଦିରର ମଣ୍ଡପ ଓ ମୁଖ୍ୟଦ୍ୱାର ୧୯୩୫

ମସିହାରେ ବ୍ରଜମୋହନ ଦେଓଙ୍କ ଶାସନ କାଳରେ ନିର୍ମାଣ କରାଯାଇଥିଲା । ମନ୍ଦିରଟି ଏକ ସୁଦୃଶ୍ୟ ରେଖାଦେଉଳ, ଏହାର ଉଚ୍ଚତା ୫୬ ଫୁଟ ଓ ପଞ୍ଚାୟତନ ନକ୍ସାରେ ନିର୍ମିତ । ନିମ୍ନଅଂଶ ବୃତ୍ତାକାର ସଦୃଶ ହୋଇଥିବା ବେଳେ ଉପରର ଅଂଶ ଅମଳକ ଯାଏଁ କ୍ରମଶଃ ସମଗୋଲାକାର ଦୀର୍ଘ ଘନରରୂପ ନେଇଛି । ମନ୍ଦିରର ଗର୍ଭଗୃହ ଦ୍ୱାରା ସମ୍ମୁଖରେ ସ୍ତମ୍ଭବିଶିଷ୍ଟ ଏକ ବିଶାଳ ମଣ୍ଡପ ଅଛି । ମଣ୍ଡପର ୨ଟି ସମାନ୍ତରାଳ ଧାଡ଼ି ରେ ୬ଟି ଲେଖା ସ୍ତମ୍ଭ ଅଛି । ମାଣିକେଶ୍ୱରୀଙ୍କ ମନ୍ଦିରକୁ ସଂଲଗ୍ନ ହୋଇ ଚାରୋଟି ପାର୍ଶ୍ୱମନ୍ଦିର ରହିଛି । ଏଥି ମଧ୍ୟରୁ ମନ୍ଦିରର ମଣ୍ଡପକୁ ଲାଗି ଉତ୍ତରଦ୍ୱାରରେ ପୂର୍ବକୁ ମୁହଁ କରି ଏକ ପିଢା ଦେଉଳ ଅଛି । ଏହି ଦେଉଳର ଅଧିଷ୍ଠାତା ଦେବ ହେଉଛନ୍ତି ବୁଢ଼ାରଜା ବା ମହାକାଳ ଭୈରବ । ପାର୍ଶ୍ୱଦେବତା ବୁଢ଼ାରଜାଙ୍କ ମନ୍ଦିର ବର୍ଷ ସାରା ବନ୍ଦରହି ମହାସପ୍ତମୀ ରାତ୍ରରେ ଖୋଲି ନବମୀ ଦିନ ନବାନ୍ନ ଅର୍ପଣ କରି ଦଶମୀ ଦିନ ପୁଣି ବନ୍ଦ ହୋଇଥାଏ । ଅନ୍ୟ ତିନୋଟି ସଂଲଗ୍ନ ପାର୍ଶ୍ୱମନ୍ଦିରରେ ବୈଷ୍ଣବୀ, ବାରାହୀ ଓ ନାରସିଂହୀ ପ୍ରଭୃତି ମାତୃକାଙ୍କ ପୂଜା କରାଯାଏ । ମାଁ ମାଣିକେଶ୍ୱରୀଙ୍କର କୌଣସି ପାରମ୍ପରିକ ପ୍ରତିମା ନାହିଁ । ଏକ ସମଗୋଲାକାର ସିଲିଣ୍ଡର ଆକୃତିର ସ୍ତମ୍ଭ ଦେହରେ ବସ୍ତ୍ରଘୋଡାଇ ଉପରିଭାଗରେ ରତ୍ନଖଚିତ ଏକ ମୃଣ୍ମୟ ମସ୍ତକ ସ୍ଥାପିତ ହୋଇଛି ଏବଂ ତାହା ଉପରେ ସ୍ୱର୍ଣ୍ଣ, ରୌପ୍ୟ ମୁଣ୍ଡମାଳା ଓ ଅନ୍ୟାନ୍ୟ ଅଳଙ୍କାରରେ ସଜ୍ଜିତ କରାହୋଇଥାଏ । ନିମ୍ନଭାଗରେ ଶବାସନ ଓ ଯନ୍ତ୍ର ଉପରେ ଏହି ସ୍ତମ୍ଭଥିବା କୁହାଯାଏ । ଦେବୀଙ୍କ ସିଂହାସନର ବାମପାର୍ଶ୍ୱରେ ପିତ୍ତଳରେ ନିର୍ମିତ ଏକ ଚଳନ୍ତି ପ୍ରତିମା ରହିଛି ଏବଂ ପାର୍ଶ୍ୱରେ ରୂପା ରେ ନିର୍ମିତ ଦକ୍ଷିଣକାଳୀଙ୍କ ଯନ୍ତ୍ର ତତ୍ ସହିତ କୋଣକୁ ମାଣିକେଶ୍ୱରୀଙ୍କ ଛତ୍ର ଓ ଦେବୀଙ୍କ ଖଡ୍ଗ, ତ୍ରାସ ଆଦି ଆୟୁଧ ରହିଛି । ମାଣିକେଶ୍ୱରୀଙ୍କ ଛତ୍ର ହେଉଛି ଜୀବନ୍ୟାସ ପ୍ରାପ୍ତ ଏକ ବେଲକାଠର ଦଣ୍ଡ ଉପରେ ରୂପାର ଛତ୍ର । ଏଥିରେ ଦଶମହାବିଦ୍ୟାଙ୍କ ଚିତ୍ର ଓ ଦେବୀଙ୍କ ଯନ୍ତ୍ର ଖୋଦିତ ହୋଇଛି । ଏହି ରୌପ୍ୟ ଛତ୍ର ଉପରେ ଜରିକାମ ହୋଇଥିବା ସୁନେଲି ରଙ୍ଗର ବସ୍ତ୍ରର ଘୋଡ଼ଣୀ ଥାଏ ।

ଆଶ୍ୱିନ ମାସ ଶୁକ୍ଳପକ୍ଷ ଅଷ୍ଟମୀ (ମୂଳାଷ୍ଟମୀ) ରୁ ମାଣିକେଶ୍ୱରୀଙ୍କ ଶାରଦୀୟ ଉତ୍ସବ ଆରମ୍ଭ ହୁଏ । ଏହି ଦିନ ଦେବୀଙ୍କ ନବକଳେବର ହୁଏ। ଏହି ଦିନ ଦେବୀଙ୍କ ନୂତନ ମୃଣ୍ମୟ ମସ୍ତକ ଯାହା କି ରତ୍ନଖଚିତ ମାଟିମୁଣ୍ଡ ପାରମ୍ପରିକ ରୀତିରେ ସ୍ଥାପିତ କରାଯାଇଥାଏ । ଦେବୀଙ୍କର ଏହି ମୃଣ୍ମୟ ମସ୍ତକ ତିଆରି ପାଇଁ ବେହେରାଗୁଡା ଗ୍ରାମର ଏକ ନିର୍ଦ୍ଦିଷ୍ଟ କୁମ୍ଭାର ପରିବାର ଓ ଭବାନୀପାଟଣାର ଏକ ସୁନାରୀ(ବଣିଆ) ପରିବାରର ପ୍ରମୁଖ ଭୂମିକା ରହିଛି । ମଧ୍ୟରାତ୍ରରେ ଦଶମହାବିଦ୍ୟା ଅନ୍ତର୍ଗତ ଛିନ୍ନମସ୍ତା ମହାକାଳୀରୂପେ ବୈଦିକ ରୀତିରେ ମାଁ ମାଣିକେଶ୍ୱରୀଙ୍କ ପୂଜାର୍ଚ୍ଚନା କରାଯାଇ ମସ୍ତକ ପରିବର୍ତ୍ତନ କରାଯାଇଥାଏ । ମୂଳ ମସ୍ତକକୁ ସ୍ଥାନାନ୍ତରିତ କରି ବେଦିପଛପଟେ ଉଦ୍ଦିଷ୍ଟ ସ୍ଥାନରେ ରଖନ୍ତି । ମସ୍ତକ ପରିବ[illegible]ନ ଯୋଗୁଁ ଛିନ୍ନମସ୍ତା ହେଉଥିଲେ ମଧ୍ୟ ଦକ୍ଷିଣକାଳୀଙ୍କ ଯନ୍ତ୍ର ଓ କାଳୀଙ୍କ ବୀଜମନ୍ତ୍ରରେ ତନ୍ତ୍ର ବିଧିବିଧାନରେ ପୂଜାପାଇଥାନ୍ତି। ମାଣିକେଶ୍ୱରୀଙ୍କ ଏହି ମୁଣ୍ଡବସା ପର୍ବ ବ୍ୟତୀତ ଅନ୍ୟ ମୁଖ୍ୟ ପର୍ବ ସବୁ ହେଲା - ଅଙ୍କୁରାରୋପଣ ପର୍ବ, ଶୟନ ପର୍ବ , ନବାନ୍ନ ପର୍ବ, ଛତରଯାତ୍ରା, ଲାଖବିନ୍ଧା ବାସନ୍ତିକ ଉତ୍ସବ ଇତ୍ୟାଦି । ଏହା ବ୍ୟତୀତ ପ୍ରତି ସଂକ୍ରାନ୍ତି ଓ ଅମାବାସ୍ୟାରେ ମଧ୍ୟ ବିଶେଷ ପୂଜା ହୋଇଥାଏ । ମାଁ ମାଣିକେଶ୍ୱରୀଙ୍କ ନିତ୍ୟ ପୂଜାର୍ଚ୍ଚନା ପାଇଁ ବ୍ରାହ୍ମଣ ପୂଜାରୀ ଓ ବିଶେଷ ପୂଜା ପାଇଁ ତନ୍ତ୍ରବିତ୍ ବ୍ରାହ୍ମଣ ନିୟୋଜିତ ହୋଇଥାଆନ୍ତି।

ମାଁ ମାଣିକେଶ୍ୱରୀଙ୍କ ଛତରଯାତ୍ରା ସମସ୍ତ ପର୍ବ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଓ ଏହା ଜନଜୀବନ ଉପରେ ଅଧିକ ପ୍ରଭାବ ପକାଇଥାଏ। ମହାଷ୍ଟମୀ ରାତ୍ରିରେ ସନ୍ଧିପୂଜା ପରେ ଓ ବୁଢ଼ାରଜାଙ୍କ ପୂଜା ପରେ ଛତର ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୁଏ । ଦେବୀଙ୍କ ପ୍ରତୀକ ଭାବେ ତାଙ୍କ ଛତ୍ରକୁ ଜେନାଖାଲକୁ ନିଆଯାଏ। ପୂଜକ ପାରମ୍ପରିକ ରୀତିନୀତି ଅନୁସାରେ ମାଣିକେଶ୍ୱରୀଙ୍କ ଛତ୍ରକୁ ଗର୍ଭଗୃହରୁ ଆଣି ମନ୍ଦିର ପାହାଚ ତଳେ ଛତ୍ରବାହକଙ୍କ ହାତରେ ଅର୍ପଣ କରନ୍ତି । ଛତ୍ରବାହକ ଛତ୍ରକୁ ଧରି ପାଟଖଣ୍ଡା, ତ୍ରାସ, ଜେନାବାଦ୍ୟ, ବାହୁକ, ନରିଆ, ମୁଣ୍ଡଛିନା ଓ ଦଣ୍ଡସେନାଙ୍କ ଗହଣରେ ବସ୍ତ୍ରାବୃତ ଜେନା ବା ଏକ ଅଣ୍ଡିରା ମେଣ୍ଢା ସହ ଚାରି କିଲୋମିଟର ଦୂରରେ ଥିବା ଜେନାଖାଲ ଅଭିମୁଖେ ଯାତ୍ରା ଆରମ୍ଭ କରନ୍ତି। ଯିବା ସମୟରେ ଛତ୍ରର ସମ୍ମୁଖ ଭାଗକୁ ଆସିବା ପାଇଁ ବାରଣ କରାଯାଇଛି। ଗୋପନୀୟ ଭାବେ ସମସ୍ତ ପୂଜା କରିବାର ନିୟମ ରହିଛି। ସେଥିପାଇଁ ଆଗରେ ଜେନାବାଦ୍ୟ ବାଜି ଜନସାଧାରଣଙ୍କୁ ସମ୍ମୁଖକୁ ନଆସିବାକୁ ସଚେତନ କରାଇ ଦେଉଥାଏ। କୁହାଯାଏ ଯେ ଏହା ଅତୀତରେ ନରବଳୀ ପ୍ରଥାର ଏକ ନିଦର୍ଶନ। ମହାନବମୀ ପ୍ରତ୍ୟୁଷରେ ଜେନାଖାଲ ସମ୍ମୁଖଭାଗରେ ଥିବା ପବିତ୍ର ପଥର ଓ ଜେନାଖାଲ ମଝିରେ ଏକ ଛାମୁଣ୍ଡିଆ ତିଆରି କରାଯାଇଥାଏ ଏବଂ ବେଲକାଠର ତିନୋଟି ସ୍ତମ୍ଭ ରୋପଣ କରାଯାଏ । ମଝି ସ୍ତମ୍ଭରେ ଦେବୀଙ୍କ ଛତର ରଖାଯାଏ ଏବଂ ଉଭୟ ପଟ ପାର୍ଶ୍ୱ ସ୍ତମ୍ଭରେ ଦେବୀଙ୍କ ଖଡ୍ଗ ଓ ତ୍ରାସ ରଖାଯାଏ । ଜେନାଖାଲରେ ପାରମ୍ପରିକ ଗୁପ୍ତରୀତିରେ ପୂଜା ଓ ବଳି ସମାପ୍ତ ପରେ ମନ୍ଦିର ଅଭିମୁଖେ ଛତର ବାହୁଡ଼ା ଯାତ୍ରା ଆରମ୍ଭ ହୁଏ । ଏହି ଯାତ୍ରାଟି ଛତରଯାତ୍ରା ଭାବରେ ସୁପ୍ରସିଦ୍ଧ । ଜେନାବାଦ୍ୟ, ବୀରବାଦ୍ୟ ଘୁମୁରା, ନିଶାଣ, ଘଣ୍ଟ, ଶଙ୍ଖ, ଭେରୀ, ତୁରୀର ତାଳରେ ଛତ୍ରବାହକ ଛତ୍ରଧାରଣ କରି ମନ୍ଦିର ଅଭିମୁଖେ ଧିରେ ଧିରେ ଆଗେଇ ଚାଲନ୍ତି । ଏହି ସମୟରେ ଦେବୀଙ୍କ ଛତ୍ରକୁ ଦର୍ଶନ କରିବା ପାଇଁ ରାସ୍ତାରେ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ । ଭିଡ଼ ଭିତରେ ଛତ୍ରବାହକ ଆଗେଇ ଚାଲୁଥା'ନ୍ତି । ଦେବୀଙ୍କ ଶାକ୍ତ ଭକ୍ତ ମାନେ ମାନସିକ ଅନୁସାରେ ସହସ୍ରାଧିକ ବୋଦା(ଛେଳି), ମେଣ୍ଢା,

ପାରା ଓ କୁକୁଡ଼ା ଆଦି ବଳି ଉତ୍ସର୍ଗ କରିଥାନ୍ତି ଦେବୀଙ୍କ ଉଦ୍ଦେଶ୍ୟରେ ଏବଂ ଶୁକ୍ଳ ମତରେ ଭକ୍ତ ମାନେ ନଡ଼ିଆ ଭାଙ୍ଗି ଦେବୀଙ୍କୁ ନୈବେଦ୍ୟ ଅର୍ପଣ କରନ୍ତି । କେତେକ ପାରାକୁ ବଳି ନଦେଇ ଦେବୀଙ୍କ ଉଦ୍ଦେଶ୍ୟରେ ଛତ୍ରକୁ ଲକ୍ଷ୍ୟ କରି ଉପରେ ଉଡ଼ାଇ ଦିଅନ୍ତି । ଏମିତିରେ ଆକାଶ ପାରାମୟ ହୋଇଯାଏ । ଅନେକ ପାରା ନିର୍ଭୟରେ ଛତ୍ର ଉପରେ ବସିଥିବାର ଦୃଶ୍ୟ ଅତୀବ ମନୋରମ ଓ ଖୁବ୍ ହୃଦୟସ୍ପର୍ଶୀ ହୋଇଥାଏ । ଛତ୍ର ଆସିବା ଉଭୟ ପାର୍ଶ୍ୱରେ ଘରେ ଘରେ ଶ୍ରଦ୍ଧାଳୁମାନେ ଘିଅଦୀପ ପୂର୍ଣ୍ଣକୁମ୍ଭ ସ୍ଥାପନ କରି ଛତ୍ରକୁ ସ୍ୱାଗତ କରିଥାନ୍ତି । ମନ୍ଦିର ସମ୍ମୁଖରେ ଛତ୍ର ପହଞ୍ଚିବା ପରେ ବଂଶାନୁକ୍ରମିକ ଭାବରେ ମହାରାଜା ଛତ୍ରକୁ ସ୍ୱାଗତ କରି, ଛତ୍ରବାହକଙ୍କ ଠାରୁ ଛତ୍ର ଗ୍ରହଣ କରି ମନ୍ଦିର ଭିତରକୁ ନେଇଯାଆନ୍ତି ଏବଂ ମନ୍ଦିରରେ ଯଥା ସ୍ଥାନରେ ଦେବୀଙ୍କର ଏହି ଛତ୍ରଟିକୁ ସ୍ଥାପନା କରାଯାଏ । ଏହାପରେ ମନ୍ଦିର ଭିତରେ ପୂଜାପାଉଥିବା ରୌପ୍ୟଯନ୍ତ୍ର ଓ ଯନ୍ତ୍ରଗୃହରେ ସ୍ଥାପିତ ସ୍ୱର୍ଣ୍ଣ ଯନ୍ତ୍ରର ମହାନବମୀ ହୋମ ଅନୁଷ୍ଠିତ ହୁଏ । ମାଣିକେଶ୍ୱରୀ ଛତରଯାତ୍ରା ସମାପନ ପରେ ପାର୍ଶ୍ୱଦେବତା 'ବୁଢ଼ାରଜା' ଙ୍କୁ ନବାନ୍ନ ଅର୍ପଣ କରାଯାଇଥାଏ । ମାତ୍ର ଅଳ୍ପ କିଛି ସମୟର ଏହି ଛତରଯାତ୍ରା ହେଲେ ମଧ୍ୟ ଜନସାଧାରଣ ଠାରେ ଏହାର ପ୍ରଭାବ ଅଧିକ ।

ଭବାନୀପାଟଣା ରାଜପ୍ରାସାଦ ପରିସରରେ ଥିବା ମାଁ ମାଣିକେଶ୍ୱରୀଙ୍କ ମନ୍ଦିର ବ୍ୟତୀତ କଳାହାଣ୍ଡିର ଥୁଆମୂଳ ରାମପୁର ଓ ଯୁଗସାଇପାଟଣାରେ ମନ୍ଦିର ଅଛି । ପାରଳାଖେମୁଣ୍ଡି, ସାନଖେମୁଣ୍ଡି, ବଡ଼ଖେମୁଣ୍ଡି, କାଶୀପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ ଜିଲ୍ଲାର ହେମଗିରି, କନ୍ଧମାଳର କୋଟଗଡ଼ ଓ ରାୟଗଡ଼ାର ଡାଙ୍ଗସୁରଡାଠାରେ ମଧ୍ୟ ମାଁ ମାଣିକେଶ୍ୱରୀ ପୂଜା ପାଉଛନ୍ତି ।

ମାଁ ମାଣିକେଶ୍ୱରୀ ଦେବୀଙ୍କ ପ୍ରସିଦ୍ଧ ଛତରଯାତ୍ରା ଆରମ୍ଭ ସଂପର୍କରେ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରିବା କଷ୍ଟସାଧ୍ୟ ହେଲେ ମଧ୍ୟ ବହୁ ପ୍ରାଚୀନକାଳରୁ ଆଦିବାସୀ ମାନଙ୍କ ଦ୍ୱାରା ଏହିଭଳି ଅଭିନବ ଓ ସ୍ୱତନ୍ତ୍ର ଶୈଳୀରେ ଯାତ୍ରା ଆରମ୍ଭ ହୋଇଥିବା ଅନୁମିତ ହୁଏ । ସମୟକ୍ରମେ ରାଜପୃଷ୍ଠପୋଷକତା ଓ ସାର୍ବଜନୀନ କରଣ ପ୍ରକ୍ରିୟା ସହ ଆଧ୍ୟାତ୍ମିକ ଚେତନା ର କେନ୍ଦ୍ରବିନ୍ଦୁ ସାଜିଥିବା ମାଣିକେଶ୍ୱରୀଙ୍କ ଛତରଯାତ୍ରା କଳାହାଣ୍ଡିର ସୀମା ସରହଦ ପାରିହୋଇ ପଡୋଶୀ ଜିଲ୍ଲାମାନଙ୍କର ଜନସାଧାରଣ ଙ୍କୁ ଆକୃଷ୍ଟ କରିଛି । ଶ୍ରୀକ୍ଷେତ୍ର ପୁରୀ ଠାରେ ଅନୁଷ୍ଠିତ ହେଉଥିବା ଜଗନ୍ନାଥଙ୍କର ରଥଯାତ୍ରା ପରି ଭବାନୀପାଟଣାରେ ଆୟୋଜିତ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତରଯାତ୍ରା ଯେ ଓଡ଼ିଶାର ଅଦ୍ୱିତୀୟ ବୃହତ୍ତମ ଶାକ୍ତଯାତ୍ରା କହିଲେ ଅତ୍ୟୁକ୍ତି ହେବନାହିଁ ।

**ସହାୟକ ଗ୍ରନ୍ଥସୂଚୀ :**


୧. କର, ଉମାଶଙ୍କର – କାଳାନ୍ତରରେ କାନ୍ତାରକ, ପଶ୍ଚିମା ପବ୍ଲିକେଶନ୍ସ ୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର

୨. ପ୍ରଧାନ, ଡ଼ଃ କୃଷ୍ଣଚନ୍ଦ୍ର - ପଶ୍ଚିମ ଓଡ଼ିଶାର ଲୋକସଂସ୍କୃତି ଏକ ସାଂସ୍କୃତିକ ଅନୁଶୀଳନ, ବିଦ୍ୟାପୁରୀ ବାଲୁବଜାର, କଟକ ୭୫୩୦୦୨

୩. ବଳିୟାରସିଂହ,ସତ୍ୟବାଦୀ -କଳାହାଣ୍ଡିର ମାଁ ମାଣିକେଶ୍ୱରୀ (ପର୍ଯ୍ୟଟନରେ ପଶ୍ଚିମ ଓଡ଼ିଶା – ସଂପାଦନା- ଡକ୍ଟର ସୁଶୀଳ କୁମାର ବାଗ୍, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ ବିନୋଦବିହାରୀ, କଟକ-୨)


❖ ❖ ❖

Regd. No.: 23717/65

# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣ ଟିକିଏ ହାତ ବଢ଼ାନ୍ତୁ
## ବହୁତ ବାଟ ଚାଲିଯିବି



**ଦିବ୍ୟାଙ୍ଗଟିକୁ ସାହାଯ୍ୟ କରନ୍ତୁ * HELP A DIBYANGA**

## ଖୁସିର ସହିତ ଜଣାଉଛୁ ଯେ,
## ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
## ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।









# PRACHEE SAHITYA SAMAJ PUBLICATION


At-Niladri Vihar. Po-Naya Bazar, Dist.-Cuttack-753004 (Odisha)
Mob. : 88957 07011

## ଖୁସିର ସହିତ ଜଣାଉଛୁ ଯେ,
## ପ୍ରାଚୀ ସାହିତ୍ୟ ସମାଜ ପ୍ରକାଶନ ତରଫରୁ
## ଦୁଇଟି ପୁସ୍ତକ ପ୍ରକାଶ ପାଇଛି ।




**PRACHEE SAHITYA SAMAJ PUBLICATION**

At-Niladri Vihar. Po-Naya Bazar, Dist.-Cuttack-753004 (Odisha)

Mob. : 88957 07011

Regd. No.: 23717/65

# VOICE FOR VOICELESS

**INDIVIDUAL PARTICIPATION IN SOCIAL SERVICE**

Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011

## ଆପଣଙ୍କର ମୁଠାଏ ଦାନା
## ଆମର ଗୋଟାଏ ପେଟ



**ପକ୍ଷୀମାନଙ୍କୁ ଦାନା ଦିଅନ୍ତୁ * FEED THE BIRDS**



# VOICE FOR VOICELESS

## INDIVIDUAL PARTICIPATION IN SOCIAL SERVICE


Niladri Vihar, Naya Bazar, Cuttack-753004 (Odisha)
E-mail : voiceforvoiceless2013@gmail.com
Visit us : www.voiceforvoiceless.in

+91 88957 07011


# ଆପଣଙ୍କର ଟିକିଏ କଷ୍ଟ
# ଆମର ଗୋଟିଏ ପେଟ



**ବୁଲା ପଶୁଙ୍କୁ ଖାଦ୍ୟ ଦିଅନ୍ତୁ * FEED THE STRAY ANIMAL**

# PRACHEE PATRIKA

ISSN: 2583-147X (P)
ISSN: 3048-8958 (O)

**Back Cover (Colour)**
**Rs. 2,000/-**

**2nd Inner Cover (Colour)**
**Rs. 1,000/-**

**3rd Inner Cover (Colour)**
**Rs. 1,000/-**

**Ordinary Colour Page**
**Rs. 500/-**

**Black & White**
**(News Print)**
**Full Page : Rs. 2,000/-**
**Half Page : Rs. 1000/-**
**Quarter page:Rs. 500/-**

**For Space booking please contact :**
**The Advertising Manager**
**Niladri Vihar, Naya Bazar, Cuttack - 753004**
**Whatsapp : 8895707011**

## THE RULES AND REGULATION

The fact presented and views expressed in 'Prachee Patrika' are author's and not those of the editor, the editorial board and the institution **'Prachee Centre for Cultural Relations (PCCR)'**. The authors are solely responsible for the presentation of data and their opinion. Authors shall submit on undertaking in writing with the article to the effect that their respective submitted article has not been published earlier anywhere and if found so, not the publishers of Prachee Patrika but they themselves shall be held responsible.

The manuscript should follow the following criteria;

**i)** Font size should be 12

**ii)** Font type should be Ori Sarala 99 Akruti

**iii)** Line gap should be 1.5

**iv)** American Psychological Association (APA) style of writing of manuscript in which the in-text and end-text citation should be strictly followed. Manuscript not written in APA style will be rejected.

**v)** Author(s) Name, Correspondence Address, Designation, WhatsApp No, ORCID ID and e-mail should be provided in the manuscript.

vi) Research article should include Titel, Abstract, Key Word, Introduction, Background, Materials & Methods, Result, Discussion. Conclusion. Acknowledgements. Authors' Contributions. Funding. Availability of Data and Materials, Ethical Statement, Ethical Approval, Informed Consent, Financial Support and Sponsorship, Conflicts of Interest and References.

**vi)** Two copies of the manuscript including the abstract along with the soft copy (CD/Floppy) must be submitted.

All rights reserved. No part of this publication may be reproduced or transmitted in any form or by any means, electronic or mechanical, without permission in writing from the **Prachee Centre for Cultural Relations (PCCR).**

Editorial correspondence, contribution of Articles, Book Reviews, Advertisements and Subscriptions should be addressed to Dr Bibhudatta Khandayatray, Editor, **Prachee Patrika**, Niladri Vihar, Naya Bazar, Cuttack-4.

**E-Mail:** pracheepatrika@rediffmail.com
**Web Site: https://pracheenews.com/**
All communications should be addressed to the Editor.

## RATES OF SUBSCRIPTION

The prachee patrika is the official journal of the, **Prachee Centre for Cultural Relations (PCCR)** is published monthly. All the members of the association are entitled to receive a free copy of the journal. The subscription rates for others are as follows**:**

| | India (INR) | | Overseas (USD $) | |
|---|---|---|---|---|
| | Individual | Institute | Individual | Institute |
| Print | 5000 | 10000 | 150 | 300 |
| Online | N/A | N/A | N/A | N/A |
| Print+Online | N/A | N/A | N/A | N/A |
| Single Issue | 500 | 1000 | 45 | 94 |

If you want to annual subscriber please Xerox this coupon and send us!!!

Name.......................................................................................................................

Address..........................................................................................Pin code ..........................

Mobile No..........................................E-Mail..................................................................................

I am sending, Rs......................,(Bank Draft) Postal extra

Check Number...........................................................................Date..........................................

Bank..........................................................Place...............................................................................

Date...............................................Signature....................................................................................

Prachee Centre for Cultural Relations (PCCR), Niladri Vihar, Naya Bazar, Cuttack-4.
E-Mail: pracheepatrika@rediffmail.com, Web Site: https://pracheenews.com

RNI No. : ODIODI/2015/64435 • P.R. No. : CK(C)/96/2025-2027 • www.pracheenews.com

### ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ